

**ଶ୍ରୁତିଙ୍କ ଗୁପ୍ତ ବିବାହ**

▶ପୃଷ୍ଠା ୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-184 ◆BHUBANESWAR ◆FRIDAY ◆29 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୮୪ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୯ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦


**୨୪୭୩ ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀ ଦେଲେ ସେବାର ମନ୍ତ୍ର**

# ପ୍ରତିଟି ଜୀବନ ମୂଲ୍ୟବାନ



- **ରାଜ୍ୟର ପ୍ରତ୍ୟେକ ଲୋକଙ୍କୁ ଛୁଇଁବ ରୂପାନ୍ତରଣର ଚମକ**
- **ସବୁ କ୍ଷେତ୍ରରେ ରୂପାନ୍ତରଣ ଲକ୍ଷ୍ୟ ନେଇ ଆମେ କାମ କରୁଛୁ**
- **ଲୋକଙ୍କ ଟଙ୍କାରେ ମିଳୁଛି ଦରମା, ନିର୍ମାଣ ହେଉଛି କୋଠା**
- **ବର୍ଷକରେ ୩୭୦୦ ଡାକ୍ତର ଓ ୪୦୦୦ ନର୍ସିଂ ଅଫିସରଙ୍କୁ ନିଯୁକ୍ତି**
- **୬ ବର୍ଷରେ ୮ ମେଡିକାଲ କଲେଜ, ୨ ପିଜି ଇନଷ୍ଟିଚ୍ୟୁଟ୍**

■ **ଭୁବନେଶ୍ୱର, ୨୮ ।୧୨ (ସମିସ):** ଶିକ୍ଷା, ସ୍ୱାସ୍ଥ୍ୟ, କୀଡ଼ା, ଭିତ୍ତିଭୂମି, ସବୁ କ୍ଷେତ୍ରରେ ଓଡ଼ିଶା ରୂପାନ୍ତରଣ ସୁନିଶ୍ଚିତ କରୁଛି। ତେବେ ଏହି ରୂପାନ୍ତରଣ ଯେପରି ରାଜ୍ୟର ପ୍ରତ୍ୟେକ ଲୋକଙ୍କ ଜୀବନକୁ ପ୍ରତ୍ୟେକ ପର୍ଯ୍ୟାୟରେ ସ୍ପର୍ଶ କରିବ ତାହା ରାଜ୍ୟ ସରକାରଙ୍କ ମୂଳ ଆଭିମୁଖ୍ୟ। ଏହା ହେଉଛି ଆମ '୫-ଟି' ଉପକ୍ରମର ଆଧାର। ସେଥିପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାରେ ବଡ଼ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଅବିଶ୍ରାନ୍ତ କାମ କରୁଛନ୍ତି। ଆମପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ତେଣୁ ଆପଣମାନେ ଉତ୍ସର୍ଗୀକୃତ ଭାବନା ନେଇ ଓଡ଼ିଶାବାସୀଙ୍କ ସେବା କରନ୍ତୁ ଓ ଏହି ସେବାରେ ମାନବିକତାର ସ୍ପର୍ଶ ରହୁ। ଆପଣମାନଙ୍କ ପାଖକୁ ଯେବେ କୌଣସି ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି, ସେତେବେଳେ ସେମାନଙ୍କ ମନରେ ଏକ ସକାରାତ୍ମକ ଭାବନା ରହିବା ଜରୁରୀ। ବୃତ୍ତିଗତ ଜୀବନ ସହିତ ଆପଣମାନେ ନିଜର ଅମାୟିକ ବ୍ୟବହାର ଦ୍ୱାରା ▶ପୃଷ୍ଠା-୯

> **'ନବୀନ ଓଡ଼ିଶା'ର ଅଂଶୀଦାର ଭାବେ ନିଃସ୍ୱାର୍ଥ ସେବାରେ ବ୍ରତୀ ହୁଅନ୍ତୁ: ପାଣ୍ଡିଆନ**

**ଧର୍ମେନ୍ଦ୍ରଙ୍କ ଜନ୍ମମାଟିରେ ପାଣ୍ଡିଆନଙ୍କ ସିଂହନାଦ**

# ପ୍ରଶ୍ନବାଣରେ ଘାଇଲା କଲେ

- **ଜିଲ୍ଲାରେ କେତେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହୋଇଛି**
- **କେତେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ କରାଯାଇଛି**
- **କାହିଁକି ଠିକ୍ ହେଉନି ୫୫ ନଂ ଜାତୀୟ ରାଜପଥ**
- **ଜନ୍ମମାଟି ପାଇଁ ଧ୍ୟାନ ଦେବାକୁ ଧର୍ମେନ୍ଦ୍ରଙ୍କୁ ପରାମର୍ଶ**
- **ନିଜ ଅଞ୍ଚଳ ପାଇଁ କର୍ତ୍ତବ୍ୟର ଆତ୍ମସମୀକ୍ଷା ଲାଗି ଆହ୍ୱାନ**
- **ଠିକ୍ କାମକଲେ ୨ ଲକ୍ଷ ଭୋଟ ବ୍ୟବଧାନରେ ଜିତିବେ**

■ **ଅନୁଗୋଳ, ୨୮ ।୧୨ (ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ନିଜ ଜିଲ୍ଲାରେ ଘେରିଛନ୍ତି ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଅନୁଗୋଳ ଜିଲ୍ଲାର ଗଡ଼ସନ୍ତ୍ରୀଠାରେ ଆୟୋଜିତ ଏକ ସମାବେଶରେ ନିଜ ଅଞ୍ଚଳର ବିକାଶ କାର୍ଯ୍ୟ ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନଙ୍କର କି ଅବଦାନ ରହିଛି ବୋଲି ସେ ସିଧାସଳଖ ପ୍ରଶ୍ନ କରିଛନ୍ତି ପାଣ୍ଡିଆନ। କେନ୍ଦ୍ରମନ୍ତ୍ରୀଙ୍କ ନିଜ ଜିଲ୍ଲା ଅନୁଗୁଳ ମାଟିରେ ଠିଆହୋଇ ବିକାଶ ସମ୍ପର୍କିତ ଗୋଟିକ ପରେ ଗୋଟିଏ ପ୍ରଶ୍ନବାଣରେ ସେ ଧର୍ମେନ୍ଦ୍ରଙ୍କୁ ଘାଇଲା କରି ଦେଇଛନ୍ତି। ଦୀର୍ଘଦିନ ଧରି ଉଚ୍ଚ କ୍ଷମତାରେ ଥାଇ ମଧ୍ୟ ଢେଙ୍କାନାଳ-ଅନୁଗୋଳ ବିକାଶରେ କେନ୍ଦ୍ରମନ୍ତ୍ରୀଙ୍କ ଅବଦାନ କ'ଣ ବୋଲି ସିଧାସଳଖ ସେ ପ୍ରଶ୍ନ କରିଛନ୍ତି। ଜନ୍ମମାଟି ପାଇଁ ଧ୍ୟାନ ଦେବାକୁ ପରାମର୍ଶ ଦେବାସହ ନିଜ ଅଞ୍ଚଳ ପାଇଁ କର୍ତ୍ତବ୍ୟର ଆତ୍ମସମୀକ୍ଷା ନିମନ୍ତେ ଆହ୍ୱାନ ଦେଇଛନ୍ତି। ଆପଣ ନିଜ ଅଞ୍ଚଳର ବିକାଶ ପାଇଁ ପ୍ରୟାସ କଲେ ମୁଖ୍ୟମନ୍ତ୍ରୀ ସବୁ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି। ଏହା ସହିତ କାହା ହାତରେ କେତେ କ୍ଷମତା ରହିଛି ତାହା ଲୋକେ ସବୁ ମନେ ରଖିବେ ବୋଲି ▶ପୃଷ୍ଠା-୯





**ଧର୍ମେନ୍ଦ୍ରଙ୍କୁ ପାଣ୍ଡିଆନଙ୍କ ସିଧା ପ୍ରଶ୍ନ**

## ନିଜ ଅଞ୍ଚଳ ପାଇଁ ଅବଦାନ କ'ଣ?

■ **ଅନୁଗୋଳ, ୨୮ ।୧୨ (ସମିସ):** କେନ୍ଦ୍ରମନ୍ତ୍ରୀ ଭାବରେ ନିଜ ଅଞ୍ଚଳ ପାଇଁ ଅବଦାନ ପ୍ରସଙ୍ଗରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶ୍ନର କାଠଗଡ଼ାରେ ଠିଆ କରିଛନ୍ତି ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସେ କହିଛନ୍ତି, ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ ଦଳର ବହୁ ନେତା କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି। ବିଜୁବାବୁଙ୍କଠାରୁ ଆରମ୍ଭ କରି ବିଶ୍ୱେଶ୍ୱରଙ୍କ ପର୍ଯ୍ୟନ୍ତ ଅନେକ କେନ୍ଦ୍ର ସରକାରରେ ମନ୍ତ୍ରୀ ଥିବାବେଳେ ରାଜ୍ୟ ଓ ନିଜ ଅଞ୍ଚଳ ପାଇଁ କିଛି ନା କିଛି କରିଛନ୍ତି। କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ଓ ପରବର୍ତ୍ତୀ ସମୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସୁନାବେଡ଼ାରେ ହାଲ୍, ପାରାଦ୍ୱୀପ ଠାରେ ବନ୍ଦର ପ୍ରତିଷ୍ଠା ଭଳି ଉଲ୍ଲେଖନୀୟ କାମ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରରେ ମନ୍ତ୍ରୀ ଥିବାବେଳେ ପାରାଦ୍ୱୀପ ଠାରେ ଆଇଓସିଏଲ୍‌ର ବଡ଼ କାରଖାନା ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ଆଉ ସଫଳତା ମଧ୍ୟ ପାଇଲେ। ସେହିପରି ବିଶ୍ୱେଶ୍ୱର ଟୁଡୁ ଓ ଜୁଏଲ୍ ଓରାମ ନିଜ ନିଜ ଅଞ୍ଚଳରେ ଏକଲବ୍ୟ ସ୍କୁଲ ପ୍ରତିଷ୍ଠା କରିଛନ୍ତି। କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ ଥାଇ ଚନ୍ଦ୍ରଶେଖର ସାହୁ ଗଞ୍ଜାମ ଜିଲ୍ଲାକୁ ତିନି ତିନିଟି କେନ୍ଦ୍ରୀୟ ବିଦ୍ୟାଳୟ ଆଣିପାରିଥିଲେ। କାମାକ୍ଷା ପ୍ରସାଦ ସିଂଦେଓ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ଢେଙ୍କାନାଳରେ ଆଇଆଇଏମ୍‌ସି ପ୍ରତିଷ୍ଠା କରିଥିଲେ। କିନ୍ତୁ କେନ୍ଦ୍ରମନ୍ତ୍ରୀ ଭାବେ ନିଜ ଅଞ୍ଚଳ ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ କ'ଣ ବୋଲି ପ୍ରଶ୍ନ କରିବା ସହ ବିରୋଧୀଙ୍କୁ ସିଧା ନିଶାଣ କରିଛନ୍ତି ଶ୍ରୀ ପାଣ୍ଡିଆନ।

> **ଜୁଏଲ, ବିଶ୍ୱେଶ୍ୱର, ଚନ୍ଦ୍ରଶେଖର ଓ କାମାକ୍ଷାଙ୍କୁ ପ୍ରଶଂସା**








● କାୟା ମେଲାଉଛି କରୋନା

# ୨୪ ଘଣ୍ଟାରେ ୬ ଆକ୍ରାନ୍ତ ମୃତ ; ୬୯୨ ନୂଆ ମାମଲା



**ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି):** ଦିନକୁ ଦିନ ଦେଶର ବିଭିନ୍ନ ଭାଗରେ କରୋନା ସଂକ୍ରମଣ ବଢିବାରେ ଲାଗିଛି । ବିଶେଷକରି କରୋନା ଭୂତାଣୁର ଉପପ୍ରଜାତି ଜେଏନ୍.୧ ଦ୍ୱାରା ସଂକ୍ରମଣ ବଢୁଥିବାରୁ ବିଭିନ୍ନ ମହଲରେ ଚିନ୍ତା ପଶିଛି । ଗତ ୨୪ ଘଣ୍ଟା ମଧ୍ୟରେ ୬୯୨ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା ବେଳେ ୬ ଆକ୍ରାନ୍ତଙ୍କ ମୃତ୍ୟୁ ହେବା ଘଟଣା ଚିନ୍ତାର କାରଣ ହୋଇଛି । ଏହି ନୂଆ ମାମଲାକୁ ମିଶାଇ ବର୍ତ୍ତମାନ ଦେଶରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪,୦୯୭ରେ ପହଞ୍ଚିଛି । ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରିଥିବା ୬ଜଣ ଆକ୍ରାନ୍ତଙ୍କୁ ମିଶାଇ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୫,୩୩,୩୪୬ରେ ପହଞ୍ଚିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି । ୬ ମୃତକଙ୍କ ମଧ୍ୟରେ ମହାରାଷ୍ଟ୍ରରୁ ୨ଜଣ ଏବଂ ଦିଲ୍ଲୀ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଓ କେରଳରୁ ଜଣେ ଲେଖାଏଁ ଥିବା ଜଣାପଡ଼ିଛି । ଗତ ବୁଧବାର ଦିଲ୍ଲୀରେ 'ଜେଏନ୍.୧' ସଂକ୍ରମିତ ପ୍ରଥମ ମାମଲା ଚିହ୍ନଟ କରାଯାଇଥିଲା । ଏହବ୍ୟତୀତ କେରଳ ସମେତ ଅନ୍ୟ କିଛି ରାଜ୍ୟରେ ମଧ୍ୟ ସଂକ୍ରମଣ ବଢିଥିବା କୁହାଯାଇଛି । ସୂଚନାଯୋଗ୍ୟ, 'ଜେଏନ୍.୧' କୋଭିଡ୍ ଉପପ୍ରଜାତି ଭୂତାଣୁ 'ଓମିକ୍ରନ୍'ର ଉପପ୍ରଜାତି 'ବିଏ.୨.୮୬' ବା 'ପାଇରୋଲା'ରୁ ସୃଷ୍ଟି ହୋଇଥିଲା ବେଳେ ପ୍ରଥମେ ଏହାକୁ କେରଳରେ ଚିହ୍ନଟ କରାଯାଇଥିଲା । ୨୦୨୦ ଜାନୁଆରୀରେ ଦେଶରେ ପ୍ରଥମେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ବର୍ତ୍ତମାନ ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୫୦,୧୦୯୪୪ରେ ପହଞ୍ଚିଥିବା କୁହାଯାଇଛି ।

# ଆଖି ବୁଜିଲେ କରୋନା ଆକ୍ରାନ୍ତ ବିଜୟକାନ୍ତ



କିଛି ଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା କଲିଉଡ୍ ସୁପରଷ୍ଟାର ତଥା ଡିଏମଡିକେ ନେତା ବିଜୟକାନ୍ତଙ୍କ ଗୁରୁବାର ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା । ନିଶ୍ୱାସ ନେବାରେ ଅସୁବିଧା ହେତୁ ତାଙ୍କୁ ଚେନ୍ନାଇର ଏକ ଘରୋଇ ଡାକ୍ତରଖାନାରେ ଭେଣ୍ଟିଲେଟରରେ ରଖାଯାଇଥିଲା । କିନ୍ତୁ ଗୁରୁବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ମୃତ୍ୟୁ ଖବର ଆସିବାପରେ ଡାକ୍ତରଖାନା ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି । ୧୯୫୨ ମସିହାରେ ଜନ୍ମ ଗ୍ରହଣ କରିଥିବା ବିଜୟକାନ୍ତ ୧୯୭୯ରେ ତାମିଲ ଚଳଚିତ୍ର ଜଗତରେ ପ୍ରବେଶ କରିଥିଲା ବେଳେ ପରବର୍ତ୍ତୀ ସମୟରେ ଶତାଧିକ ଚଳଚିତ୍ରରେ ଅଭିନୟ କରି ସୁପରଷ୍ଟାର ପାଲଟିଥିଲେ । ଏହାପରେ ବିଜୟକାନ୍ତ ୨୦୦୫ରେ ଦେଶିଆ ମୁରପକୁ ଦ୍ରାବିଡ କଳଗାମ(ଡିଏମଡିକେ) ଦଳ ଗଠନ କରିଥିଲେ । ୨୦୧୧ ରୁ ୨୦୧୬ ପର୍ଯ୍ୟନ୍ତ ତାମିଲନାଡୁର ଡିଏମଡିକେ ମୁଖ୍ୟ ବିରୋଧୀ ଦଳ ଥିଲା ଏବଂ ବିଜୟକାନ୍ତ ବିଧାନସଭାରେ ବିରୋଧୀ ଦଳର ନେତା ଥିଲେ । ବିଜୟକାନ୍ତଙ୍କ ପରଲୋକ ପରେ ତାମିଲନାଡୁରେ ଅଭିନେତାରୁ ରାଜନେତା ପାଲଟିବାର ଧାରା ଏକପ୍ରକାର ଶେଷ ହୋଇଛି ବୋଲି କୁହାଯାଉଛି ।

# 'ଆମର ପ୍ରିୟ ବନ୍ଧୁଙ୍କୁ ଦେଖିଲେ ଖୁସି ହେବୁ'

## ମୋଦୀଙ୍କୁ ରୁଷିଆ ଆମନ୍ତ୍ରଣକଲେ ପୁତିନ୍



**ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି):** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରୁଷିଆ ଯିବାକୁ ଆମନ୍ତ୍ରଣ କରିଛନ୍ତି । ମୋଦୀଙ୍କୁ ରୁଷିଆ ଆସିବାକୁ ଆମନ୍ତ୍ରଣ କରି ' ଆମେ ଆମର ପ୍ରିୟ ବନ୍ଧୁଙ୍କୁ ଏଠାରେ ଦେଖିଲେ ଖୁସି ହେବୁ' ବୋଲି ପୁତିନ୍ କହିଛନ୍ତି । ଭାରତ ଏବଂ ରୁଷିଆ ମଧ୍ୟରେ ଆସନ୍ତାବର୍ଷ ପ୍ରାରମ୍ଭରେ ଦ୍ୱିପାକ୍ଷିକ ବାର୍ଷିକ ବୈଠକ ହେବାକୁ ଯାଉଥିଲା ବେଳେ ଏହି ବୈଠକରେ ମୋଦୀଙ୍କ ଉପସ୍ଥିତି ଆମକୁ ଆନନ୍ଦିତ କରିବ ବୋଲି ପୁତିନ କହିଛନ୍ତି । ସବୁଠାରୁ ବଡ଼ କଥା ହେଲା ରାଷ୍ଟ୍ରପତି ପୁତିନ ସଂପ୍ରତି ରୁଷ ଗସ୍ତରେ ଥିବା ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ମୋଦୀଙ୍କ ଆମନ୍ତ୍ରଣ ନେଇ ପ୍ରତ୍ୟକ୍ଷ ବାର୍ତ୍ତା ଦେଇଛନ୍ତି । ଏପରିକି ୨୦୨୪ରେ ଭାରତରେ ଲୋକସଭା ନିର୍ବାଚନ ହେବାକୁ ଯାଉଥିଲା ବେଳେ ଏଥିପାଇଁ ମଧ୍ୟ ସେ ମୋଦୀଙ୍କ ଉଦ୍ଦେଶ୍ୟରେ ଶୁଭ ବାର୍ତ୍ତା ଦେଇଛନ୍ତି । ଜୟଶଙ୍କର ୫ ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ବର୍ତ୍ତମାନ ରୁଷିଆ ଯାଇଥିଲା ବେଳେ ସେ ପୁତିନଙ୍କୁ ଭେଟି ଦ୍ୱିପାକ୍ଷିକ କାରବାର ସହ ୟୁକ୍ରେନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ରାଷ୍ଟ୍ରପତି ପୁତିନ କୌଣସି ରାଷ୍ଟ୍ରମୁଖ୍ୟଙ୍କ ବିନା ବୈଠକରେ ଉପସ୍ଥିତ ରହୁ ନଥିବା ବେଳେ ଜୟଶଙ୍କର ସହ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିବା ବୈଶ୍ୱିକ ରାଜନୀତିକ ମହଲରେ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି । ସେ ତୈଳ କାରବାର ଠାରୁ ଆରମ୍ଭ କରି ବୈଷୟିକ କ୍ଷେତ୍ର ଏବଂ ଭାରତରେ ଆଣବିକ କାରଖାନା ପ୍ରତିଷ୍ଠା ନେଇ ଜୟଶଙ୍କରଙ୍କ ସହ ଆଲୋଚନା କରିଥିବାରୁ ପାକିସ୍ତାନ ଏବଂ ଚୀନ ଭଳି ଭାରତ ବିରୋଧୀ ରାଷ୍ଟ୍ର ଏହାକୁ ସହଜରେ ହଜମ କରିପାରି ନାହାନ୍ତି ।

● ୮ ଭାରତୀୟ ନୌସେନା ଅଧିକାରୀଙ୍କୁ ଆଶ୍ୱସ୍ତି

# ମୃତ୍ୟୁଦଣ୍ଡ ଉପରେ ରୋକ୍ ଲଗାଇଲେ କାତାର କୋର୍ଟ

ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି)

କାତାରରେ ଗୁଇନ୍ଦାଗିରି ଅଭିଯୋଗରେ ଭାରତୀୟ ନୌସେନାର ୮ ପୂର୍ବତନ ଅଧିକାରୀଙ୍କୁ ମିଳିଥିବା ମୃତ୍ୟୁଦଣ୍ଡ ଉପରେ ରୋକ୍ ଲାଗିଛି । ପ୍ରାୟ ଏକବର୍ଷ ହେଲା ଏହି ୮ ଅଧିକାରୀ ଜେଲରେ ରହିଥିଲା ବେଳେ ଗତ ଅକ୍ଟୋବର ୨୬ ତାରିଖରେ କତାରର ଏକ ଅଦାଲତ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ସମସ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଭାରତ ସରକାରଙ୍କ ଚିନ୍ତା ବଢିଥିଲା । କିନ୍ତୁ ଏବେ ଏହି ପ୍ରସଙ୍ଗରେ ବଡ଼ ଆଶ୍ୱସ୍ତି ମିଳିଛି । କାତାର କୋର୍ଟ ଗୁରୁବାର ସମସ୍ତଙ୍କ ଫାଶୀ ଦଣ୍ଡାଦେଶ ଉପରେ ରୋକ୍ ଲଗାଇଛନ୍ତି । ଏହି ବିଷୟକୁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ବେଳେ କତାର କୋର୍ଟଙ୍କ ଏହି ରାୟକୁ ଭାରତର କୂଟନୀତିକ ବିଜୟ ବୋଲି କୁହାଯାଇଛି । ଗୁରୁବାର ଏହି ମାମଲାର ଶୁଣାଣି ବେଳେ ଏଠାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଏହି ୮ ଅଧିକାରୀଙ୍କ ପରିବାର ସଦସ୍ୟ କୋର୍ଟରେ ଉପସ୍ଥିତ ଥିଲେ । ଏହି ମାମଲାକୁ ନେଇ ପ୍ରଥମେ କାତାର କୋର୍ଟଙ୍କ ରାୟ ଆସିବା ପରେ ଭାରତୀୟ ନୌସେନାର ଏହି ୮ ପୂର୍ବତନ ଅଧିକାରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଥିଲା । କିନ୍ତୁ ପ୍ରଥମ ସ୍ତରରୁ ହିଁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ସମସ୍ୟାର ସମାଧାନ ଦିଗରେ ପ୍ରୟାସ କରାଯାଇଥିଲା । ତେବେ ଗୁରୁବାର କାତାର କୋର୍ଟଙ୍କ ରାୟ ଆସିବା ପରେ ଏହି ମାମଲାର ସମ୍ପୂର୍ଣ୍ଣ ସମାଧାନ ନେଇ ଉଦ୍ୟମ ଜାରି ରହିବ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଏହି ମାମଲା ଅତ୍ୟନ୍ତ ଗମ୍ଭୀର ଏବଂ ଗୁପ୍ତ ହୋଇଥିବାରୁ ଏହା ସମ୍ପର୍କରେ ଅଧିକ କିଛି ତଥ୍ୟ ପ୍ରକାଶ କରିବା ସମ୍ଭବ ନୁହେଁ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଯେଉଁ ୮ ପୂର୍ବତନ ନୌ ଅଧିକାରୀଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା ସେମାନେ ହେଲେ କ୍ୟାପ୍ଟେନ ନବତେଜ ସିଂ ଗିଲ୍, କ୍ୟାପ୍ଟେନ ସୌରଭ ବଶିଷ୍ଠ, କ୍ୟାପ୍ଟେନ ବୀରେନ୍ଦ୍ର କୁମାର ବର୍ମା, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କମାଣ୍ଡର ସୁଗ୍ନାକର ପକାଲା, କମାଣ୍ଡର ସଞ୍ଜୀବ ଗୁପ୍ତ, କମାଣ୍ଡର ନାଗପାଲ ଓ ସେଲର ରାଗେଶ । ଏହି ସମସ୍ତ ଅଧିକାରୀ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତୀୟ ନୌସେନାର ବହୁ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ଜାହାଜର କମାଣ୍ଡିଂ ଦାୟିତ୍ୱରେ ରହିଥିଲେ । ତେବେ ଅବସର ପରେ ସେମାନେ କତାରର 'ଦୋହା ଗ୍ଲୋବାଲ୍ ଟେକ୍ନୋଲଜି ଆଣ୍ଡ କନସଲଟେନ୍ସି' ନାମକ ଏକ କମ୍ପାନୀରେ ଯୋଗ ଦେଇ କାମ କରୁଥିଲେ । ଓମାନ ଏୟାରଫୋର୍ସର ଅବସରପ୍ରାପ୍ତ ସ୍କ୍ୱାଡନ ଲିଡର ଖସିମ ଅଲ ଅଜମୀ ଏହାର ମୁଖ୍ୟ ରହିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଗୁଇନ୍ଦାଗିରି ଅଭିଯୋଗରେ ଏହି ୮ ଭାରତୀୟଙ୍କୁ ୨୦୨୨ ଅଗଷ୍ଟ ୩୦ରେ ଗିରଫ କରାଯାଇଥିଲା । କିନ୍ତୁ ପରେ ନଭେମ୍ବରରେ ଛାଡ଼ି ଦିଆଯାଇଥିଲା । ଏହାପରେ କାତାରର ଏକ କୋର୍ଟ ସମସ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ଶୁଣାଇଥିଲେ ।

### କାତାର ଅମୀରଙ୍କ ସହ ମୋଦୀଙ୍କ ଆଲୋଚନା ବଦଳାଇଦେଲା ସ୍ଥିତି

କତାରରେ ୮ ପୂର୍ବତନ ନୌସୈନିକଙ୍କ ମୃତ୍ୟୁଦଣ୍ଡ ଉପରେ ରୋକ୍ ଲାଗିଥିଲା ବେଳେ ଏହାକୁ ଭାରତର ବଡ଼ କୂଟନୀତିକ ବିଜୟ ବୋଲି କୁହାଯାଉଛି । ଏହି ବିଜୟ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଡ଼ ଭୂମିକା ରହିଛି ବୋଲି କୁହାଯାଉଛି । ଚଳିତ ମାସ ପ୍ରାରମ୍ଭରେ ଦୁବାଇଠାରେ ଆୟୋଜିତ ଜାତିସଂଘ ଜଳବାୟୁ ସମ୍ମିଳନୀ (କୋପ୍-୨୮)ରେ ପ୍ରଧାନମନ୍ତ୍ରୀ ମୋଦୀ କତାରର ଶାସକ ତମୀମ ବିନ୍ ହମଦ ଅଲ୍ ଥାନୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ କତାର ଜେଲରେ ଥିବା ଭାରତୀୟ ଅଧିକାରୀମାନଙ୍କୁ ଦ୍ୱିତୀୟ ଥର ପାଇଁ 'କନସୁଲାର ଆକ୍ସେସ'( ଦୂତାବାସ ସହାୟତା) ମିଳିବା ସମ୍ଭବ ହୋଇଥିଲା । ସେତେବେଳେ କତାର ଏହି ମାମଲାରେ ନରମ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଆଶା କରାଯାଇଥିଲା । ଏହାପରେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ମଧ୍ୟ କାତାର ପ୍ରତିପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗ ରକ୍ଷା କରାଯାଇଥିଲା । ଏହାପରେ ଗୁରୁବାର କତାର କୋର୍ଟ ଏହି ରାୟ ଶୁଣାଇଛନ୍ତି ।



ଇଣ୍ଡିଆ ମେଣ୍ଟ ପାଇଁ ପୁଣି ବଢ଼ିଲା ଅଡୁଆ

# ଉଦ୍ଧବଙ୍କ ୨୩ ଆସନ ଦାବିକୁ କଂଗ୍ରେସର ନା

ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି)



୨୦୨୪ ନିର୍ବାଚନ ଯେତିକି ପାଖେଇ ଆସୁଛି ଇଣ୍ଡିଆ ମେଣ୍ଟର ଅଡୁଆ ସେତିକି ବଢିବାରେ ଲାଗିଛି । ବିଶେଷକରି ଆସନ ବଣ୍ଟା ବୁଝାମଣା ଏବେ ଏହି ମେଣ୍ଟ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହୋଇଛି । ଆସନ ବଣ୍ଟା ବୁଝାମଣାକୁ ନେଇ ପୂର୍ବରୁ ଟିଏମସି, ଆପ୍ ଆଦି ଦଳ ସହ କଂଗ୍ରେସର ବିବାଦ ଦେଖାଯାଇଥିଲା ବେଳେ ଏବେ ଉଦ୍ଧବ ଠାକରେଙ୍କ ଶିବସେନା ଦଳ ସହ ସମାନ ପରିସ୍ଥିତି ଉପୁଜିଛି । ୨୦୨୪ ସାଧାରଣ ନିର୍ବାଚନରେ ଉଦ୍ଧବଙ୍କ ଦଳ ମହାରାଷ୍ଟ୍ରର ୨୩ ଲୋକସଭା ଆସନରେ ପ୍ରାର୍ଥୀ ଦେବାକୁ ଚାହୁଁଛି । ହେଲେ ଦଳର ଏହି ଦାବିକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଦେଇଥିବା କୁହାଯାଉଛି । ନିକଟରେ ମହାଅଘାଡି ମେଣ୍ଟର ବୈଠକ ବସିଥିଲା ବେଳେ ଏଥିରେ ଶିବସେନା(ଉଦ୍ଧବ ଠାକରେ), ଏନସିପି ଓ କଂଗ୍ରେସ ମିଳିତ ଭାବେ ଆସନ ବଣ୍ଟନ ପାଇଁ ଆଲୋଚନା କରିଥିଲେ । ଏହି ସମୟରେ ଉଦ୍ଧବ ଠାକରେ ୨୩ ଆସନ ପାଇଁ ଦାବି କରିଥିଲେ । କିନ୍ତୁ କଂଗ୍ରେସ ଏହି ପ୍ରସ୍ତାବରେ ସହମତ ହୋଇନାହିଁ । ଏତେ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବର୍ତ୍ତମାନ ଉଦ୍ଧବଙ୍କ ନିକଟରେ ଉପଯୁକ୍ତ ପ୍ରାର୍ଥୀ ନାହାନ୍ତି ବୋଲି କଂଗ୍ରେସ କହି ଏହି ପ୍ରସଙ୍ଗକୁ ଏଡାଇ ଦେବାକୁ ଚାହୁଁଛି ବୋଲି କୁହାଯାଉଛି । ଏଭଳି ସ୍ଥଳେ ମହାରାଷ୍ଟ୍ରରେ ଇଣ୍ଡିଆ ମେଣ୍ଟର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି । ଏକନାଥ ସିନ୍ଦେଙ୍କ ବିଦ୍ରୋହ ପରେ ଶିବସେନା ଦୁଇ ଫାଳ ହୋଇଯାଇଥିଲା ବେଳେ ଅଧିକାଂଶ ଶିବସେନା ନେତା ଓ ସାଂସଦ ସିନ୍ଦେ ଗୋଷ୍ଠୀରେ ରହିଛନ୍ତି । ତଥାପି ଉଦ୍ଧବ ଠାକରେଙ୍କ ଗୋଷ୍ଠୀ ମହାରାଷ୍ଟ୍ରର ୪୮ ଲୋକସଭା ଆସନରୁ ୨୩ଟିରେ ପ୍ରାର୍ଥୀ ଦେବାକୁ ଚାହୁଁଛି ।ଶିବସେନା ଦୁଇ ଫାଳ ହୋଇଯିବାରୁ ଉଦ୍ଧବ ଠାକରେଙ୍କ ପାଖରେ ଉପଯୁକ୍ତ ପ୍ରାର୍ଥୀ ନାହାନ୍ତି । ଦଳ ପ୍ରାର୍ଥୀ ଚୟନରେ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ବୋଲି କଂଗ୍ରେସ ନେତା ସଞ୍ଜୟ ନିରୁପମ କହିଛନ୍ତି । ସେ କହିଛନ୍ତି ଯେ, କଂଗ୍ରେସ ହେଉଛି ଏକମାତ୍ର ଦଳ ଯାହାର ଭୋଟ ଭାଗ ମହାରାଷ୍ଟ୍ରରେ ସ୍ଥିର ରହିଛି । ଉଭୟ ଶିବସେନା ଏବଂ ଏନସିପି ଦୁଇ ଭାଗ ହେବା ପରେ ସେମାନଙ୍କ ଭୋଟ ଭାଗ ବିଭାଜିତ ହୋଇଛି । ତେଣୁ ମେଣ୍ଟରେ ଥିବା ସବୁ ଦଳ ବୁଝାମଣା କରିବା ଦରକାର ବୋଲି କଂଗ୍ରେସ କହିଛି । ଶିବସେନା ୨୩ଟି ଆସନ ଦାବି କରିବା ବର୍ତ୍ତମାନ ସ୍ଥିତିରେ ସମୀଚିନ ନୁହେଁ । ଶିବସେନା ଏହା ଉପରେ ବିଚାର କରିବା ଦରକାର ବୋଲି କଂଗ୍ରେସ କହିଛି ।

# ଅର୍ଥ ହେରଫେର ମାମଲାରେ ଇଡି ଚାର୍ଜସିଟ୍‌ରେ ପ୍ରିୟଙ୍କା ଗାନ୍ଧୀଙ୍କ ନାଁ



ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି): ଏକ ମନି ଲଣ୍ଡରିଂ (ପିଏମଏଲଏ) ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଦାଖଲ କରାଯାଇଥିବା ଚାର୍ଜସିଟ୍‌ରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ନାମ ରହିଥିବାରୁ ଏହାକୁ ନେଇ କଂଗ୍ରେସ ଏବଂ ବିଜେପି ମୁହାଁମୁହିଁ ହୋଇଛନ୍ତି । ପ୍ରିୟଙ୍କା ବିରୋଧରେ ଏହା ବିଜେପିର ଷଡ଼ଯନ୍ତ୍ର ବୋଲି ବହୁ କଂଗ୍ରେସ ନେତା ଅଭିଯୋଗ କରିଛନ୍ତି । କିନ୍ତୁ ଅର୍ଥ ହେରଫେର ମାମଲାରେ ପ୍ରିୟଙ୍କା ଜଡ଼ିତ ଥିବା ଇଡି ପକ୍ଷରୁ ଦାବି କରାଯାଇଛି । ପ୍ରିୟଙ୍କା ୨୦୦୬ ମସିହାରେ ଦିଲ୍ଲୀର ଜଣେ ରିଅଲ ଇଷ୍ଟେଟ ବ୍ୟବସାୟୀ ଏଚ ଏଲ ପାୱାଙ୍କ ଠାରୁ ହରିୟାଣାରେ ୫ ଏକର ଜମି କିଣିଥିଲେ । କିନ୍ତୁ ଏହି ଜମିକୁ ସେ ପୁଣିଥରେ ୨୦୧୦ରେ ପାୱାଙ୍କୁ ବିକ୍ରି କରିଦେଇଥିଲେ । ସେହିପରି ପ୍ରିୟଙ୍କାଙ୍କ ସ୍ୱାମୀ ରବର୍ଟ ଭଦ୍ରା ମଧ୍ୟ ପାୱାଙ୍କ ଠାରୁ ୪୦ ଏକର ଜମି କଣିଥିଲେ ହେଁ ଏହାକୁ ବି ସେ ପରବର୍ତ୍ତୀ ସମୟରେ ତାଙ୍କୁ ବିକ୍ରି କରିଦେଇଥିଲେ । ତେବେ ଏହି ଜମି କାରବାରରେ ଅର୍ଥ ହେରଫେର ହୋଇଥିବା ଇଡି କହିଛି ।

# ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଇଲେ ସାମ୍ ପିଟ୍ରୋଡା

● ସମସ୍ୟା ଠିକ୍ ନହେଲେ ବିଜେପି ୪୦୦ରୁ ଅଧିକ ଆସନ ଜିତିବ

**ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି):** କଂଗ୍ରେସ ନେତା ତଥା ପରାମର୍ଶଦାତା ସାମ୍ ପିଟ୍ରୋଡା ଇଭିଏମ୍ ମେସିନକୁ ନେଇ ପୁଣି ପ୍ରଶ୍ନ ଉଠାଇଛନ୍ତି । ଯଦି ଏହି ସମସ୍ୟାର ସମାଧାନ ନ ହୁଏ ତେବେ ୨୦୨୪ ନିର୍ବାଚନରେ ବିଜେପି ୪୦୦ରୁ ଅଧିକ ଭୋଟ୍‌ରେ ବିଜୟ ହେବ ବୋଲି ସେ କଂଗ୍ରେସକୁ ସତର୍କବାଣୀ ଶୁଣାଇଛନ୍ତି । ନିକଟରେ ରାଜସ୍ଥାନ, ମଧ୍ୟପ୍ରଦେଶ ,ଛତିଶଗଡ଼ ଏବଂ ତେଲଙ୍ଗାନା ଆଦି ରାଜ୍ୟର ନିର୍ବାଚନ ଫଳାଫଳ ସାମ୍ନାକୁ ଆସିଥିଲା ବେଳେ ବିଜେପି ତେଲଙ୍ଗାନା ବ୍ୟତୀତ ଅନ୍ୟ ୩ ରାଜ୍ୟରେ ଅପ୍ରତ୍ୟାଶିତ ବିଜୟ ଲାଭ କରିଥିଲା । କିନ୍ତୁ ଏହାପରେ ବିଜେପିର ବିଜୟକୁ ନେଇ କଂଗ୍ରେସ ଇଭିଏମ ଉପରେ ଦୋଷ ଲଦିଥିଲା । ଇଭିଏମ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଦଳୀୟ ନେତାମାନେ କହିଥିଲେ । ଏହି ପ୍ରସଙ୍ଗରେ ଏବେ ପିଟ୍ରୋଡା ପୁଣି ପ୍ରଶ୍ନ ଉଠାଇଥିଲା ବେଳେ ଏହାର ସମାଧାନ ହେବା ଜରୁରୀ ବୋଲି କହିଛନ୍ତି । ନଚେତ୍ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ୪୦୦ ରୁ ଅଧିକ ଆସନରେ ବିଜୟୀ ହେବ ବୋଲି ସେ କହିଛନ୍ତି । ଏକ ସାକ୍ଷାତକାରରେ ପିଟ୍ରୋଡା ପିଟିଆଇକୁ କହିଛନ୍ତି ଯେ , ୨୦୨୪ ନିର୍ବାଚନ ଭାରତ ପାଇଁ ନିର୍ଣ୍ଣୟକାରୀ ହେବ । ତେଣୁ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ମଦନ ଲୋକୁରଙ୍କ ନେତୃତ୍ୱାଧୀନ ଏନଜିଓ ଭିଭିପିଏଟି ବ୍ୟବସ୍ଥାରେ ଯେଉଁ ପରିବର୍ତ୍ତନ କରିବାକୁ ସୁପାରିସ କରିଥିଲେ ତାହା ହେବା ଜରୁରୀ ବୋଲି ସେ କହିଛନ୍ତି ।

# ହାଫିଜ ସୟିଦକୁ ହସ୍ତାନ୍ତର ପାଇଁ ଭାରତର ଦାବି



**ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି):** ୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଏବଂ ଲସ୍କର ସଂଗଠନ ମୁଖ୍ୟ ହାଫିଜ ସୟିଦକୁ ଭାରତକୁ ହସ୍ତାନ୍ତର କରିବାକୁ ଭାରତ ଆନୁଷ୍ଠାନିକ ଭାବେ ଦାବି କରିଛି । ଏନେଇ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟକୁ ପତ୍ର ଲେଖାଯାଇଥିବା ଗୁରୁବାର ସୂଚନା ମିଳିଛି । ହାଫିଜକୁ ହସ୍ତାନ୍ତର କରିବାକୁ ପାକିସ୍ତାନ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି । ଭାରତର ଏହି ଦାବି ପରେ ଏବେ ପାକିସ୍ତାନ ସରକାର ଅଡୁଆରେ ପଡିଛନ୍ତି । ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଭାରତର ଏହି ଦାବିକୁ ନିଶ୍ଚିତ କରିନାହିଁ କି ଏହାକୁ ଅସ୍ୱୀକାର ମଧ୍ୟ କରି ନାହିଁ । ହାଫିଜ ସୟିଦ ବର୍ତ୍ତମାନ ଜେଲରେ ଅଛି । ସେ ଜେଲ୍‌ରେ ଥିଲେ ମଧ୍ୟ ତା' ଦଳ ପାକିସ୍ତାନ ମର୍କଜ ମୁସଲିମ ଲିଗ ଆସନ୍ତା ବର୍ଷ ପାକିସ୍ତାନରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ଭାଗ ନେବ ବୋଲି ଘୋଷଣା କରିଛି । କିନ୍ତୁ ମିଳିତ ଜାତିସଂଘ ହାଫିଜକୁ ଆତଙ୍କବାଦୀ ଘୋଷଣା କରିସାରିଛି । ଏଭଳି ପରିସ୍ଥିତିରେ ଭାରତର ଏହି ଦାବି ପାକିସ୍ତାନ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି ।

ବିହାର ରାଜନୀତିରେ ଭୂକମ୍ପ ; ଭାଙ୍ଗିପାରେ ନୀତୀଶ ସରକାର

# ଏନଡିଏରେ ପୁଣି ନୀତୀଶଙ୍କ ସାମିଲକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି)

● ଆଜି ଇସ୍ତଫା ଦେଇପାରନ୍ତି ଦଳୀୟ ଅଧ୍ୟକ୍ଷ ଲଲନ ସିଂ



୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତିରେ ଭୂକମ୍ପ ସୃଷ୍ଟି ହୋଇଛି । ୨୦୨୪ ନିର୍ବାଚନକୁ ନେଇ ବିହାର ରାଜ୍ୟ ସବୁ ରାଜନୈତିକ ଦଳ ପାଇଁ ବିଶେଷ ମହତ୍ତ୍ୱ ରଖୁଥିବା ବେଳେ ଏଠାକାର ଜେଡିୟୁ କଂଗ୍ରେସ ଏବଂ ଆରଜେଡି ମେଣ୍ଟ ସରକାର ମଧ୍ୟରେ ଏବେ ଯେଭଳି ସ୍ଥିତି ଉପୁନ୍ନ ହୋଇଛି ତଦ୍ୱାରା କୌଣସି ମୁହୂର୍ତ୍ତରେ ଏହାର ପତନ ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ବିରୋଧୀ ବିଜେପି ମଧ୍ୟ ବିହାରକୁ ନେଇ ନିଜର ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଜେଡିୟୁ ମୁଖ୍ୟ ନୀତୀଶ କୁମାର ବିଜେପି ଫାନ୍ଦରେ ପୁଣି ପଡ଼ିପାରନ୍ତି ବୋଲି ଆଲୋଚନା ଜୋର ଧରିଛି । ସାଂପ୍ରତିକ ସ୍ଥିତିରେ ଜେଡିୟୁ ଅଧ୍ୟକ୍ଷ ଲଲନ ସିଂଙ୍କ ସହ ଆରଜେଡିର ଘନିଷ୍ଠତା ନୀତୀଶଙ୍କ ପାଇଁ ସବୁଠାରୁ କାଳ ହୋଇଛି । ଗୁରୁବାର ନୀତୀଶ ଦିଲ୍ଲୀ ଗସ୍ତ କରିବା ସହ ଆସନ୍ତାକାଲି ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଯୋଗ ଦେବେ । ଏହି ସମୟରେ ସେ ଲଲନ ସିଂଙ୍କୁ ଦାୟିତ୍ୱରୁ ହଟାଇ ନିଜ ହାତରେ ରଖିବାକୁ ଯାଉଥିବା କୁହାଯାଉଛି । ଗୋଟିଏ ପକ୍ଷରେ ଇଣ୍ଡିଆ ମେଣ୍ଟକୁ ନେଇ ନୀତାଶ ହତାସ ହୋଇଛନ୍ତି । ନୀତୀଶଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ଏକାଠି ହୋଇଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ମଲିକାର୍ଜ୍ଜୁନ ଖଡ଼ଗେଙ୍କୁ ମେଣ୍ଟ ସଦସ୍ୟମାନେ ବାଛିଥିଲେ । ଅନ୍ୟପକ୍ଷରେ ଆରଜେଡି ସହିତ ଲଲନ ସିଂଙ୍କ ଘନିଷ୍ଠତାକୁ ନେଇ ମଧ୍ୟ ନୀତୀଶ ଅଡୁଆରେ ପଡ଼ିଛନ୍ତି । ଲଲନ ନିଜ ସମର୍ଥନରେ ରହିଥିବା କେତେକ ଜେଡିୟୁ ବିଧାୟକଙ୍କ ସହ ଆରଜେଡିରେ ମିଶିବାକୁ ମସୁଧା କରିବା ସହିତ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଯୋଜନା କରିଛନ୍ତି ବୋଲି ଜଣାପଡ଼ିବା ପରେ ତାଙ୍କ ବିରୋଧରେ ଦଳୀୟ ନେତା ହୁଙ୍କାର ଦେଇଛନ୍ତି । ଏହିକ୍ରମରେ ନୀତୀଶ ଲଲନ ସିଂଙ୍କୁ ଅଧ୍ୟକ୍ଷ ପଦବୀରୁ ହଟାଇବାକୁ ଅଣ୍ଟା ଭିଡିଛନ୍ତି । କିନ୍ତୁ ଲଲନଙ୍କୁ ହଟାଇବା ପରେ ଜେଡିୟୁ ଦୁଇଫାଳ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇପାରୁ ନାହିଁ । ତେଣୁ ନୀତୀଶ ପୁଣିଥରେ ଏନଡିଏରେ ସାମିଲ ହେବାର ସମ୍ଭାବନା ରହିଛି ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିବା ଆରମ୍ଭ କରିଛନ୍ତି । ବିହାରରେ ନୀତୀଶଙ୍କ ଯେତିକି ଭୋଟ ଶେୟାର ରହିଛି ତାହା ମଧ୍ୟ ବିଜେପି ପାଇଁ ଫାଇଦା ହେବ ବୋଲି ବିଜେପି ଅନୁଭବ କରିସାରିଛି । ଯଦିଓ ନୀତୀଶଙ୍କୁ ପୁଣିଥରେ ସାମିଲ କରାଯିବ ନାହିଁ ବୋଲି ଦଳୀୟ ନେତାମାନେ କହୁଛନ୍ତି, କିନ୍ତୁ ଭିତରେ ଭିତରେ ନୀତୀଶଙ୍କୁ ଏନଡିଏରେ ସାମିଲ କରିବାକୁ ପ୍ରସ୍ତୁତି ଚାଲିଛି ବୋଲି କୁହାଯାଉଛି ।

ପ୍ରଭୁ ଶ୍ରୀରାମଙ୍କ ଶ୍ରଦ୍ଧାରେ ମୁସଲମାନ ଯୁବତୀ

# ଅଯୋଧ୍ୟା ଯିବାକୁ ଚାଲୁଛନ୍ତି ୧୪୨୫ କିମି ରାସ୍ତା



**ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି):** ଆସନ୍ତା ମାସରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାକୁ ନେଇ ସାରା ଭାରତରେ ଏବେ ଉତ୍ସାହ, ଉଦ୍ଦୀପନା ଲାଗି ରହିଛି । ଏହି ଭବ୍ୟ ଉତ୍ସବର ଅନୁଭବୀ ହେବାକୁ ସମସ୍ତଙ୍କ ଇଚ୍ଛା ଓ ଆକାଂକ୍ଷା ମଧ୍ୟ ରହିଛି । କିନ୍ତୁ ଏହି ପ୍ରତିଷ୍ଠା ଉତ୍ସବକୁ କେତେକ ମହଲରେ ବିରୋଧ କରାଯାଉଥିଲା ବେଳେ ରାଜନୀତିକ ବିବାଦ ମଧ୍ୟ କିଛି କମ୍ ନଥିବା ଦେଖାଯାଉଛି । ତେବେ ଏହାମଧ୍ୟରେ ଏହି ଉତ୍ସବ ଏବଂ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଜଣେ ମୁସଲମାନ ଯୁବତୀଙ୍କ ଶ୍ରଦ୍ଧା ଯେଭଳି ରହିଛି ତାହା ଏବେ ଚର୍ଚ୍ଚିତ ହେବାରେ ଲାଗିଛି । ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଦେଖିବାକୁ ମୁମ୍ବାଇର ଶବନମ୍ ଗତ ୨୧ ତାରିଖରୁ ମୁମ୍ବାଇରୁ ଅଯୋଧ୍ୟା ଅଭିମୁଖେ ଚାଲି ଚାଲି ଯାତ୍ରା ଆରମ୍ଭ କରିଛନ୍ତି । ତାଙ୍କ ସହକର୍ମୀ ରମଣ ରାଜ ଶର୍ମା ଏବଂ ଭିନେଟ ପାଣ୍ଡେଙ୍କ ସହ ସବନମ୍ ଅଯୋଧ୍ୟା ଅଭିମୁଖେ ଚାଲିଛନ୍ତି । ମୁମ୍ବାଇରୁ ଅଯୋଧ୍ୟା ସଡ଼କ ପଥର ଦୂରତା ୧୪୨୫ କିଲୋମିଟର ରହିଥିବା ବେଳେ ଏହିପଥ ଅତିକ୍ରମ କରିବାକୁ ଶବନମ୍‌ଙ୍କ ମନରେ ଦୃଢତା ଭରି ରହିଛି । ରାମ ନାମ ଜପରେ ତାଙ୍କ ମୁହଁରେ କୌଣସି କ୍ଳାନ୍ତିର ଚିହ୍ନ ଦେଖାଯାଉ ନାହିଁ । ସେ କହିଛନ୍ତି ଯେ, ସେ ଜଣେ ମୁସଲମାନ ହୋଇଥିବାରୁ ଗର୍ବିତ , କିନ୍ତୁ ରାମଙ୍କୁ ପୂଜା କରିବା କିମ୍ବା ବିଶ୍ୱାସ କରିବା ପାଇଁ ହିନ୍ଦୁ ହେବା ଜରୁରୀ ନୁହେଁ । ବର୍ତ୍ତମାନ ସୁଦ୍ଧା ଶବନମ୍ ମଧ୍ୟପ୍ରଦେଶର ବାରୱାନି ଜିଲ୍ଲାର ସେଣ୍ଡୱାରେ ପହଞ୍ଚିଛନ୍ତି । ସେ ତାଙ୍କ ସାଥୀମାନଙ୍କ ସହ ପ୍ରତିଦିନ ୨୫-୩୦ କିଲୋମିଟର ଚାଲି ଯାତ୍ରା ଅତିକ୍ରମ କରୁଥିଲା ବେଳେ ତାଙ୍କୁ ବିଭିନ୍ନ ସ୍ଥାନରେ ଅଭ୍ୟର୍ଥନା ଦିଆଯାଉଛି । ଏହାଛଡ଼ା ଶବନମ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛନ୍ତି ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-184 ◆BHUBANESWAR ◆FRIDAY ◆29 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୮୪ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୯ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦


▶ କେନ୍ଦ୍ରର ଶିକ୍ଷା ପରିସଂଖ୍ୟାନ ରିପୋର୍ଟ ଅର୍ଦ୍ଧସତ୍ୟ, ଭ୍ରମାତ୍ମକ

# ରାଜ୍ୟରେ କମିଛି ଡ୍ରପ୍-ଆଉଟ୍ ହାର

■ **ଭୁବନେଶ୍ୱର, ୨୮ ।୧୨(ସମିସ):** ଓଡ଼ିଶାରେ ମାଟ୍ରିକ୍ ପରେ ପାଠ ଛାଡୁଥିବା ପିଲାଙ୍କ ପରିସଂଖ୍ୟାନ ନେଇ ସଂସଦର ଶୀତ ଅଧିବେଶନରେ ଭ୍ରମାତ୍ମକ ଓ ଅର୍ଦ୍ଧସତ୍ୟ ଉପସ୍ଥାପନ କରାଯାଇଛି। ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେସନ୍ ସିଷ୍ଟମ୍ ଫର୍ ଏଜୁକେସନ୍ (ୟୁଡିଆଇଏସ୍ଇ) ତଥ୍ୟରେ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇ ନାହିଁ। ରାଜ୍ୟର ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ, ବୈଷୟିକ ଅନୁଷ୍ଠାନ ଏବଂ ପତ୍ରବିନିମୟ ପାଠ୍ୟକ୍ରମରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏହି ତଥ୍ୟରେ ସାମିଲ କରାଗଲେ, ଓଡ଼ିଶାର ସାକ୍ଷରତା ହାର ବୃଦ୍ଧି ପାଇବ। ଏସବୁ ବିଦ୍ୟାଳୟରେ ପ୍ରାୟ ୧ ଲକ୍ଷ ୪୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେଣୁ ଡ୍ରପ୍-ଆଉଟ୍ ହାର ୪୯.୯ ପ୍ରତିଶତ ପରିବର୍ତ୍ତେ ୧୫ ପ୍ରତିଶତକୁ ହ୍ରାସ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୁକ୍ତି ବାଢ଼ିଛନ୍ତି। ଏହି ମର୍ମରେ ଶ୍ରୀ ମାର୍ଣ୍ଡି ଏକ ଚିଠି ଲେଖି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଆପତ୍ତି ଜଣାଇଛନ୍ତି।

ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଦର୍ଶାଇଛନ୍ତି, ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କ ରହିବା ପାଇଁ ଛାତ୍ରାବାସ ସୁବିଧା ସହ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଫଳରେ ବିଭିନ୍ନ କାରଣରୁ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀ ପୁଣି ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ି ହେଉଛନ୍ତି। ତାଙ୍କ ସୂଚନାନୁଯାୟୀ, କେବଳ ୨୦୨୨-୨୩ ଶିକ୍ଷାବର୍ଷରେ ୩୩,୮୧୨ଜଣ ଡ୍ରପ୍-ଆଉଟ୍ ଛାତ୍ରଛାତ୍ରୀ ପୁଣି ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ି ହୋଇଛନ୍ତି।

ସୂଚନାନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଦେଶାନ୍ତର ହେଉଥିବା ଛାତ୍ରଛାତ୍ରୀଙ୍କୁ ରଖି ପାଠ ପଢ଼ାଇବାକୁ ଋତୁକାଳୀନ ଆବାସିକ ଓ ଅଣ-ଆବାସିକ ଛାତ୍ରାବାସ ଖୋଲାଯାଇଛି। ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା ଓ ବାଲେଶ୍ୱରରେ ଏହି ଛାତ୍ରାବାସ ଖୋଲାଯାଇ ଶିକ୍ଷାଦାନ କରାଯାଉଛି। ସେଠାରେ ଛାତ୍ରଛାତ୍ରୀଙ୍କ ମାଗଣା ରହିବା ଓ ଖାଇବାର ବ୍ୟବସ୍ଥା

◆ ୨୦୨୨-୨୩ରେ ଯୋଡ଼ି ହୋଇଛନ୍ତି ୩୩,୮୧୨ ଡ୍ରପ୍-ଆଉଟ୍ ଛାତ୍ରଛାତ୍ରୀ
◆ ଆକୃଷ୍ଟ କରୁଛି ସରକାରଙ୍କ ଯୋଜନା

କରାଯାଇଛି। ୨୦୨୨-୨୩ ଶିକ୍ଷାବର୍ଷରେ ସମୁଦାୟ ୧୪୭ଟି ଋତୁକାଳୀନ ଛାତ୍ରାବାସରେ ୬୮୩୫ଜଣ ଛାତ୍ରଛାତ୍ରୀ ରହି ଶିକ୍ଷା ଗ୍ରହଣ କରିଛନ୍ତି। ସେହିପରି ସହରାଞ୍ଚଳ ଶିକ୍ଷାରୁ ବଞ୍ଚିତ ପିଲାଙ୍କ ପାଇଁ ଆବାସିକ ଛାତ୍ରାବାସ ଖୋଲାଯାଇ ପାଠପଢ଼ା ଚାଲୁଛି। ବରଗଡ଼, କଟକ, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେଉଁଝର, ଖୋର୍ଦ୍ଧା, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରେ ଏହି ସମସ୍ତ ଆବାସିକ ଛାତ୍ରାବାସରେ ସରକାର ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି। ୨୦୨୨-୨୩ ଶିକ୍ଷାବର୍ଷରେ ୧୭ଟି ଛାତ୍ରାବାସ ଖୋଲାଯାଇ ସହରାଞ୍ଚଳରେ ଶିକ୍ଷାରୁ ବଞ୍ଚିତ ହେଉଥିବା ୮୯୫ପିଲାଙ୍କୁ ଶିକ୍ଷାଦାନ କରାଯାଇଛି। ଫଳରେ ଏସବୁ ଜିଲ୍ଲାରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି।

ସେହିପରି ନକ୍ସଲ୍ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଆବାସିକ ବିଦ୍ୟାଳୟ ଖୋଲି ଶିକ୍ଷାଦାନ କରାଯାଉଛି। କୋରକଣ୍ଡା ବ୍ଲକ ନୀଳାଦ୍ରିନଗର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଡ଼ିଆ ବ୍ଲକର କଲଡ଼ାପାଲ ୟୁଜିଏଚ୍ଏସ୍, କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ୍ର ନେରିଡିଭାଲସା ପ୍ରାଥମିକ ବିଦ୍ୟାଳୟ ଏବଂ ଦାସମନ୍ତପୁର ବ୍ଲକର ଗିରିଲିଗୁମା ୟୁଜିଏଚ୍ଏସ୍ରେ ୧୦୦ଟି ଲେଖାଏଁ ସିଟ୍ ବିଶିଷ୍ଟ ଆବାସିକ ବିଦ୍ୟାଳୟ ଖୋଲାଯାଇଛି। ୬ରୁ ୧୪ ବର୍ଷର ୪୦୦ ଛାତ୍ରଛାତ୍ରୀଙ୍କୁ ଏଠାରେ ଶିକ୍ଷାଦାନ କରାଯାଉଛି। ୨୦୨୨-୨୩ ଶିକ୍ଷା ବର୍ଷରେ ସମୁଦାୟ ୪୧୯ ପିଲାଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇ ଉଚ୍ଚ ଶ୍ରେଣୀରେ ନାମଲେଖା ଯାଇଛି।

ପରିବହନ ଓ ରକ୍ଷଣ ଅନୁଗାମୀ ବ୍ୟକ୍ତିର ସୁବିଧା ଯୋଜନାରେ ବି ବହୁ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ଘରଠାରୁ ପ୍ରାଥମିକ ବିଦ୍ୟାଳୟର ଦୂରତା ୧.୫କିମି କିମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୂରତା ୩.୫କିମିଠାରୁ ଅଧିକ ଦୂର ହେଉଥିଲେ, ସେହି ପିଲାମାନେ ଏହି ଯୋଜନାରେ ସାମିଲ ହୋଇପାରିବେ। ୨୦୨୨-୨୩ ଶିକ୍ଷାବର୍ଷରେ ସମୁଦାୟ ୨୪,୮୫୨ଜଣ ପିଲା ଏହି ଯୋଜନାରେ ଉପକୃତ ହୋଇଛନ୍ତି। ଏହି ଅବଧି ମଧ୍ୟରେ ମୁକ୍ତାକାଶ ବିଦ୍ୟାଳୟ ଖୋଲି ଅଧାରୁ ପାଠ ଛାଡ଼ିଥିବା ୧୫-୧୮ ବର୍ଷର ୪୧୧ ପିଲାଙ୍କୁ ଶିକ୍ଷାଦାନ କରାଯାଇଛି। ବିଦ୍ୟାଳୟରେ ମାଗଣା ପୁସ୍ତକ ଓ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରି ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପ୍ରତି ରାଜ୍ୟ ସରକାର ଆକୃଷ୍ଟ କରୁଛନ୍ତି।

## ଦେବପୀଠରେ 'ପରିକ୍ରମା' ନିମନ୍ତ୍ରଣ



# ତ୍ର୍ୟମ୍ବକେଶ୍ୱର, ନାଗେଶ୍ୱର ଜ୍ୟୋତିର୍ଲିଙ୍ଗଙ୍କୁ ଚିଟାଉ

■ **ପୁରୀ,୨୮।୧୨(ସମିସ):** ଆଉ ୧୯ ଦିନ ପରେ ଲୋକାର୍ପିତ ହେବ ବହୁପ୍ରତିକ୍ଷୀତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଲୋକାର୍ପଣ ଉତ୍ସବରେ ସାମିଲ ହେବା ପାଇଁ ଦେଶର ପ୍ରମୁଖ ଦେବ ପୀଠକୁ ନିମନ୍ତ୍ରଣ କରାଯାଉଛି। ପଣ୍ଡୁ ପୂର୍ଣ୍ଣିମାଠାରୁ ୩୦ଟି ଟିମ୍ ନିମନ୍ତ୍ରଣପତ୍ର ସହ ରାଜ୍ୟ ଏବଂ ରାଜ୍ୟ ବାହାରର ପ୍ରମୁଖ ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଗୁରୁବାର ତୃତୀୟ ଦିନରେ ଦେଶର ପ୍ରମୁଖ ଦେବପୀଠରେ ପହଞ୍ଚି ଶ୍ରୀକ୍ଷେତ୍ରକୁ ଆମନ୍ତ୍ରଣ କରିଛନ୍ତି ଶ୍ରୀମନ୍ଦିର ସେବାୟତ। ତ୍ରିଚିନ୍ନାପଲ୍ଲୀର ଶ୍ରୀରଙ୍ଗନାଥ ସ୍ୱାମୀ ମନ୍ଦିର, ବିଶାଖାପାଟଣା ସୀମାଞ୍ଚଳମ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ଦିଲ୍ଲୀ ହଜ୍ଖାସର ଜଗନ୍ନାଥ ମନ୍ଦିର, ବିହାର ଗୟାଧାମ ବିଷ୍ଣୁପଦ ମନ୍ଦିର, ନାସିକର ତ୍ର୍ୟମ୍ବକେଶ୍ୱର ମନ୍ଦିର, ଗୁଜରାଟର ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ ମନ୍ଦିର, କେରଳର ଗୁରୁନାରାୟଣ ମନ୍ଦିର, କୋଲକାତା ଦକ୍ଷିଣେଶ୍ୱର କାଳୀ ମନ୍ଦିର, ଶ୍ରୀଶନୈଶ୍ୱର ଦେବସ୍ଥାନ ମହାରାଷ୍ଟ୍ର, ଝାଡ଼ଖଣ୍ଡର ବାବା ବୈଦ୍ୟନାଥ ଧାମରେ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି।

ସେହିପରି ଓଡ଼ିଶା ମଧ୍ୟରେ କୋରାପୁଟ ଓ ନାରାୟଣପାଟଣାର ଜଗନ୍ନାଥ ମନ୍ଦିର, ଝାରସୁଗୁଡ଼ାର ଝାଡ଼େଶ୍ୱରୀ ମନ୍ଦିର, ସୁବର୍ଣ୍ଣପୁରର ପାତାଳୀ ଶ୍ରୀକ୍ଷେତ୍ର, ଦେବଗଡ଼ର ଗୋପାଳ ଜୀଉ ମନ୍ଦିର ଓ ମା' ଝାଡ଼େଶ୍ୱରୀ ମନ୍ଦିର, ନୂଆପଡ଼ାର ଯୋଗେଶ୍ୱର ମନ୍ଦିରରେ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ପ୍ରତ୍ୟେକ ସ୍ଥାନରେ ନିମନ୍ତ୍ରଣପତ୍ର ନେଇ ଯାଇଥିବା ସେବାୟତ ଓ ଅଧିକାରୀମାନଙ୍କୁ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ସ୍ୱାଗତ କରାଯାଇଛି।

▶ ଜଲାପୁଟରେ ଡଙ୍ଗାବୁଡ଼ି

# ଜଣେ ମୃତ, ୪ ନିଖୋଜ

■ **ନନ୍ଦପୁର, ୨୮।୧୨(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ଜଲାପୁଟ ଜଳଭଣ୍ଡାରରେ ଏକ ଦେଶୀ ଡଙ୍ଗା ବୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଜଣ ନିଖୋଜ ହୋଇଯାଇଛନ୍ତି। ପାଡୁଆ ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତ ମହିଳା ହେଲେ ଲାଲମଣି ଶିଶା(୫୦)। ନିଖୋଜମାନେ ହେଲେ ଶଶିରେଖା ଅର୍ଲବ୍ (୩୫), ନବୀନ ଅର୍ଲବ୍ (୧୪), ପୁଷ୍ପାଞ୍ଜଳି ଅର୍ଲବ(୫) ଓ କ୍ରାନ୍ତି ଶିଶା(୮)। ବୁଧବାର ସଂଧ୍ୟାରେ ଏହି ଅଘଟଣ ଘଟିଛି। ଶଶିରେଖା, ନବୀନ ଓ ପୁଷ୍ପାଞ୍ଜଳି ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ନନ୍ଦପୁର ବ୍ଲକ ଅନ୍ତର୍ଗତ କୁଲାରସିଂହ ପଞ୍ଚାୟତ ଅଧୀନ ତାନସିଂ ଗ୍ରାମର ପାଞ୍ଚଜଣ ଗତକାଲି ବଡେଲା ଗ୍ରାମକୁ ଯାଇଥିଲେ। ସଂଧ୍ୟାରେ ସେମାନେ ଏକ ଦେଶୀ ଡଙ୍ଗା ସାହାଯ୍ୟରେ ଜଲାପୁଟ ଜଳଭଣ୍ଡାର ପାର୍ ହେଉଥିବା ବେଳେ ଭାରସାମ୍ୟ ହରାଇ ହଠାତ୍ ଡଙ୍ଗାଟି ବୁଡ଼ି ଯାଇଥିଲା। ଆଜି ସକାଳୁ ଜଣେ ମହିଳାଙ୍କ ଶବ ମିଳିବା ପରେ ଘଟଣା ପଦାକୁ ଆସିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପାଡୁଆ ପୁଲିସ୍ ଓ ନନ୍ଦପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଖବର ପାଇ ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ, ପଟାଙ୍ଗି ବିଧାୟକ ପିତମ କୁମାର ପାଢ଼ି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତକଙ୍କ ପରିବାରକୁ ଭେଟି ବିଧାୟକ ସମବେଦନା ଜଣାଇଛନ୍ତି। କୋରାପୁଟ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନାର୍ସୁଲୁ କାମୁଡି, ବ୍ଲକ୍ ସଭାପତି କାଶୀନାଥ ଗୋଲରି, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତିଲ, ବରିଷ୍ଠ ନେତା ରାମେଶ୍ୱର ଦୋରା ଓ ଯୁବନେତା ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ପୁଲିସ ଓ ଅଗ୍ନିଶମ ବିଭାଗର ଉଦ୍ଧାର କାର୍ଯ୍ୟ ଜାରି**

# ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ହେବେ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି



■ **କଟକ, ୨୮ ।୧୨(ସମିସ):** ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ। ଜଷ୍ଟିସ ଷଡ଼ଙ୍ଗୀଙ୍କ ନାମକୁ ସୁପ୍ରିମକୋର୍ଟ କଲେଜିୟମ ଅନୁମୋଦନ କରିବା ସହ ସୁପାରିସ କରିଛି। ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ନିକଟରେ ଅବସର ଗ୍ରହଣ କରିବେ। ଏଣୁ ଏଠାରେ ମୁଖ୍ୟ ବିଚାରପତି ପଦ ଖାଲି ପଡ଼ିବାକୁ ଦୃଷ୍ଟିରେ ରଖି କଲେଜିୟମ ପକ୍ଷରୁ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଷଡ଼ଙ୍ଗୀଙ୍କ ନାମକୁ ସୁପାରିସ କରାଯାଇଛି। ୧୯୬୨ ଜୁଲାଇ ୨୦ରେ ନୟାଗଡ଼ ଜିଲ୍ଲା ଓଡଗାଁ ପନ୍ତିଖରିଶାସନ ଗ୍ରାମରେ ଜନ୍ମିତ ଜଷ୍ଟିସ୍ ଷଡ଼ଙ୍ଗୀ ଆଇନ ଶିକ୍ଷା ଶେଷ କରି ୧୯୮୫ରେ ଓକିଲାତି ପେସାରେ ଯୋଗ ଦେଇଥିଲେ। ହାଇକୋର୍ଟରେ ସେ ଦୀର୍ଘ ୨୭ବର୍ଷ ଓକିଲାତି ପ୍ରାକ୍ଟିସ କରିଥିଲେ। ୨୦୧୩ ଜୁନ୨୦ରେ ଜଷ୍ଟିସ୍ ଷଡଙ୍ଗୀଙ୍କୁ ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ତେବେ ରାଷ୍ଟ୍ରପତିଙ୍କ ଅନୁମୋଦନ ଓ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ନୂତନ ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସେ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି କାର୍ଯ୍ୟଭାର ଗ୍ରହଣ କରିବେ। ପ୍ରକାଶଥାଉକି ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ପଦ ପାଇଁ ପୂର୍ବରୁ ପାଟନା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କ ନାମ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ କରାଯାଇଥିଲା।

# କାର୍-ବାଇକ୍ ଧକ୍କା; ଦୁଇ ଭାଇ ମୃତ

■ **ବରଗଡ଼,୨୮।୧୨(ସମିସ):** ବରଗଡ଼ ସହରର ଗୁରୁଦ୍ୱାରା ଛକରେ ଏକ କାର୍ ଏବଂ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଅମ୍ବାଭୋନା ଥାନା ବୁଗବୁଗି ଗ୍ରାମର ଚୈତନ୍ୟ ଷଣ୍ଡଙ୍କ ପୁଅ ଡୋଲେଶ୍ୱର (୨୮) ଏବଂ ଘନଶ୍ୟାମ (୧୮)। ବରଗଡ଼ ପୁଲିସ କାର୍ ଚାଳକକୁ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତିରେ ଦୁଇ ଭାଇ ବାଇକ୍ରେ ସମ୍ବଲପୁରରୁ ଗାଁକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଲା। ଗୁରୁଦ୍ୱାରା ଛକ ନିକଟରେ ଏକ କାର୍ ସେମାନଙ୍କ ବାଇକ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣକ ଚିକିତ୍ସିତ ଅବସ୍ଥାରେ ରାତି ୩ଟାରେ ପ୍ରାଣ ହରାଇଛନ୍ତି।

● ନକଲି ଜାତି ସାର୍ଟିଫିକେଟ୍ ଦେଇ ଚାକିରି

# ନିଶ୍ଚେତକ ଡାକ୍ତର ଗିରଫ

■ **ସେମିଲିଗୁଡ଼ା, ୨୮।୧୨(ସମିସ):** ନକଲି ଜାତି ସାର୍ଟିଫିକେଟ୍ ଦେଇ ଚାକିରି କରିବା ଜଣେ ଡାକ୍ତରଙ୍କ ପାଇଁ ମହଙ୍ଗା ପଡ଼ିଛି। ସେମିଲିଗୁଡ଼ା ପୁଲିସ ଆଜି ସଂପୃକ୍ତ ଡାକ୍ତରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ବ୍ରହ୍ମପୁର ଏମ୍କେସିଜି ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର୍ ଦୁର୍ଗାଦତ୍ତ ଶାସନୀ (୪୪) ଓରଫ୍ ଯାନୀ। ତାଙ୍କ ଘର କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ସହରରେ। ସେ ହସ୍ପିଟାଲର ନିଶ୍ଚେତକ ବିଭାଗରେ ଗତ ୨୦୧୭ ମସିହାରୁ କାର୍ଯ୍ୟ କରି ଆସୁଥିଲେ।



ପୁଲିସ୍ ସୂଚନାନୁଯାୟୀ, ସେମିଲିଗୁଡ଼ା ସମବାୟ କଲୋନୀରେ ରହୁଥିବା ଭାଇ ଅମ୍ବିକା ପ୍ରସାଦ ଶାସନୀଙ୍କ ସହ ଦୁର୍ଗାଦତ୍ତଙ୍କ ପାରିବାରିକ କଳହ ଲାଗି ରହିଥିଲା। ତେବେ ବିବାଦ ବଢ଼ିବାରୁ ଦୁର୍ଗାଦତ୍ତଙ୍କ କଳାକାରନାମା ବାବଦରେ ଅମ୍ବିକା ସେମିଲିଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ନକଲି ଜାତିଗତ ପ୍ରମାଣପତ୍ର ଦେଇ ଦୁର୍ଗାଦତ୍ତ ଚାକିରି କରୁଛନ୍ତି ବୋଲି ଗତ ଜୁଲାଇ ୨୦ ତାରିଖରେ ସେ ଅଭିଯୋଗ କରିଥିଲେ। ଅମ୍ବିକାଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ଗାଦତ୍ତ ଜାତିରେ ବ୍ରାହ୍ମଣ। କିନ୍ତୁ ସେ ନକଲି ଜାତିଗତ ପ୍ରମାଣପତ୍ର ଦେଇ ଏମ୍କେସିଜିରେ ଆସିଷ୍ଟାଣ୍ଟ ପ୍ରଫେସର୍ ଭାବେ କାର୍ଯ୍ୟ କରିଆସୁଛନ୍ତି। ଖାଲି ସେତିକି ନୁହେଁ, ଦୁର୍ଗାଦତ୍ତ ଅଷ୍ଟମରୁ ନକଲି ଜାତି ସାର୍ଟିଫିକେଟ୍ ତିଆରି କରାଇଥିଲେ। ବିଭିନ୍ନ ନାମରେ ସେ ଦଶମ ଶ୍ରେଣୀରେ ଡିଷ୍ଟାନ୍ସ ଏଜୁକେସନ୍ରେ ପାଠ ପଢ଼ିବା ସହ ବିଭିନ୍ନ ମହାବିଦ୍ୟାଳୟ, ଭୁବନେଶ୍ୱରର ବେଜେବି କଲେଜ ଏବଂ ବ୍ରହ୍ମପୁର ଏମ୍କେସିଜି ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢ଼ିଥିଲେ ବୋଲି ସେ ଅଭିଯୋଗ କରିଥିଲେ।

## ସଫଳତାର ଅଧ୍ୟାୟରେ ବିଏସ୍କେୱାଇର ଆଉ ଏକ ଫର୍ଦ୍ଦ

# ଚାଲିବାକୁ ସକ୍ଷମ ହେଲେ ଶଯ୍ୟାଶାୟୀ କୁମାରୀ

■ **ବ୍ରହ୍ମପୁର,୨୮ ।୧୨(ସମିସ):** ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଡିପସାହିର କୁମାରୀ ହାତୀ(୪୦)। ପରିବାର କହିଲେ, ମା' ଓ ତାଙ୍କର ୨ ଭଉଣୀ। ପିଲାଟି ବେଳୁ ବାପାଙ୍କ ମୁହଁ ଦେଖିନାହାନ୍ତି। ପର ଘରେ କାମ କଲେ ଚୁଲି ଜଳେ। ବଡ଼ ଭଉଣୀଙ୍କ ବାହାଘର ପରେ ପରିବାରର ସବୁ ବୋଝ ସାନ ଭଉଣୀ ସୁବାସିନୀ ଓ ତାଙ୍କ ଉପରେ ରହିଥିଲା। ପାରିବାରିକ ସ୍ଥିତିକୁ ଦୃଷ୍ଟିରେ ରଖି ଦୁଇ ଭଉଣୀ ବିବାହ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁର୍ଦ୍ଦିନରେ ଯାହିତାହି ଦିନ ଗଡୁଥିଲା। କିନ୍ତୁ ଦୁଇବର୍ଷ ତଳେ ଗୋଟିଏ ଦୁର୍ଘଟଣା ତାଙ୍କ ପରିବାର ଉପରେ କଳାବାଦଲ ଢାଙ୍କିଦେଲା। କୁମାରୀ କୌଣସି କାମରେ ଯାଉଥିବା ବେଳେ ଗାଡିରୁ ପଡ଼ିଯିବାରୁ ତାଙ୍କ ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଡାକ୍ତରଙ୍କ ପରାମର୍ଶରେ ସେ ଔଷଧ ଖାଇଥିଲେ ହେଁ ଯନ୍ତ୍ରଣା କମିବା ବଦଳରେ ଦିନକୁ ଦିନ ବଢ଼ି ଚାଲିଲା ଏବଂ ହଠାତ୍ କୁମାରୀଙ୍କ ଦୁଇ ଗୋଡ଼ ଅଚଳ ହୋଇଗଲା। ସେବେଠାରୁ ସେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଏଭଳି ଅସମୟରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍କେୱାଇ) ସ୍ମାର୍ଟକାର୍ଡ ଏହି ପରିବାରକୁ ସାହା ହୋଇଛି। ସ୍ମାର୍ଟକାର୍ଡ ଜରିଆରେ ବିନା ମୂଲ୍ୟରେ ତାଙ୍କ ମେରୁଦଣ୍ଡରେ ଜଟିଳ ଅସ୍ତ୍ରୋପଚାର କରାଯାଇଛି। ଏ ବାବଦକୁ ଖର୍ଚ୍ଚ ହୋଇଥିବା ଲକ୍ଷାଧିକ ଟଙ୍କା ରାଜ୍ୟ ସରକାର ବହନ କରିଛନ୍ତି।



● ମାଗଣାରେ ମେରୁଦଣ୍ଡରେ ଜଟିଳ ଅସ୍ତ୍ରୋପଚାର
● ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ପରିବାରବର୍ଗ

ସୂଚନାନୁଯାୟୀ, ବିଭିନ୍ନ ଜାଗାରେ ଡାକ୍ତର ଦେଖାଇ ଔଷଧ ଖାଇବା ପରେ ମଧ୍ୟ କୁମାରୀଙ୍କ ଅବସ୍ଥା ଭଲ ହେବା ପରିବର୍ତ୍ତେ ବିଗିଡ଼ି ଚାଲିଥିଲା। ପରୀକ୍ଷାନିରୀକ୍ଷା ପରେ ଅସ୍ତ୍ରୋପଚାର ପାଇଁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବାକୁ ଥିବାରୁ ତାଙ୍କ ପରିବାର ସାହସ ଜୁଟାଇ ପାରୁନଥିଲା। ରାଜ୍ୟ ସରକାରଙ୍କ ବିଏସକେୱାଇ କାର୍ଡରେ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର ଓ ଚିକିତ୍ସା ସମ୍ଭବ ବୋଲି ଡାକ୍ତର କହିବା ପରେ ତାଙ୍କ ପରିବାରକୁ ଆଶାର କିରଣ ଦେଖାଦେଇଥିଲା। ଗତ ୨୫ ତାରିଖରେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ କୁମାରୀଙ୍କର ମେରୁଦଣ୍ଡରେ ସଫଳତାର ସହ ଅସ୍ତ୍ରୋପଚାର ହୋଇଛି। ବର୍ତ୍ତମାନ କୁମାରୀ ସୁସ୍ଥ ଅନୁଭବ କରିବା ସହ ଧୀରେଧୀରେ ଚାଲିବା ଆରମ୍ଭ କରିଛନ୍ତି। ଏଥିପାଇଁ କୁମାରୀଙ୍କ ପରିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସରକାର, ଡାକ୍ତର ଓ ମେଡିକାଲ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି।




ସକାଳ
THE SAKALA
www.sakalaepaper.com



## ପ୍ରାକୃତିକ ବୁଲେଟ୍‌ପ୍ରୁଫ୍ ପିନ୍ଧିଥିବା ଜୀବ

ସାରା ବିଶ୍ୱରେ ଅନେକ ଅଦ୍ଭୁତ ଜୀବ ସବୁ ଅଛନ୍ତି । ଏହିକ୍ରମରେ ଏପରି ଏକ ଜୀବ ଅଛି ଯିଏକି ପ୍ରାକୃତିକ ଭାବେ ବୁଲେଟ ପ୍ରୁଫ୍ ଜ୍ୟାକେଟ ପିନ୍ଧିଛି କହିଲେ ଭୁଲ ହେବନି । ଆର୍ମାଡିଲୋ ନାମକ ଏହି ଜୀବକୁ ତାର ଏହି ସୁରକ୍ଷା କବଚ ଶତ୍ରୁ ଆକ୍ରମଣରୁ ରକ୍ଷା କରିଥାଏ । ଏହା ଏତେ ଶକ୍ତିଶାଳୀ ଯେ, ଗୁଳିର ପ୍ରଭାବ ମଧ୍ୟ ଏହାର ସୁରକ୍ଷା କବଚ ଉପରେ ପଡ଼ି ନ ଥାଏ । ଏହାଛଡ଼ା ଶତ୍ରୁ ଆକ୍ରମଣର ଆଭାସ ପାଇଲେ ସେ ନିଜ ଶରୀରକୁ ଗୋଲାକାର କରି ଦେଇଥାଏ । ଏହି ଜୀବ ମୁଖ୍ୟତଃ ଦକ୍ଷିଣ ଆମେରିକା ଓ ଏହାର ଆଖ ପାଖ ଅଞ୍ଚଳରେ ଦେଖିବାକୁ ମିଳିଥାଏ । ଏହି ଜୀବ ମୂଷାଠାରୁ ବଡ଼ ହୋଇଥାଏ । ଅବିକଳ ଏହା ଗୋଧି ଭଳି ଦେଖାଯାଏ । ପାଣି ଭିତରେ ଏହି ଜୀବ ବେଶ୍ ଦ୍ରୁତ ବେଗରେ ପହଁରିପାରେ । ଆବଶ୍ୟକ ପଡିଲେ ୪ରୁ ୬ ମିନିଟ୍ ପର୍ଯ୍ୟନ୍ତ ବିନା ନିଶ୍ୱାସରେ ଏହା ନିଜକୁ ଜୀବିତ ରଖିପାରେ । ସୂର୍ଯ୍ୟକିରଣ ଏହାର ଖୋଳପା ଉପରେ ପଡିଲେ ଏହା ଚକ୍‌ଚକ୍ ଦେଖାଯାଇଥାଏ । ଏମାନଙ୍କର ଲମ୍ବ ୩୮ ରୁ ୫୮ ସେଣ୍ଟିମିଟର ହୋଇଥିବାବେଳେ ଓସାର ୧୫ରୁ ୨୫ ସେଣ୍ଟିମିଟର । କଇଁଛ ଓ କୁମ୍ଭୀରର ତ୍ୱଚା ମଧ୍ୟ ଶକ୍ତ ହୋଇଥାଏ କିନ୍ତୁ ଆର୍ମାଡିଲୋ ଭଳି ହୋଇ ନ ଥାଏ । ତେବେ ଏହି ଜୀବ ଗରମ ଜଳବାୟୁରେ ରହିଥାଏ, ଥଣ୍ଡା ଏମାନେ ଆଦୌ ସହ୍ୟ କରିପାରନ୍ତି ନାହିଁ ।

## ଆଜିର ଇତିହାସ

- ୧୫୩୦- ମୋଗଲ ଶାସକ ହୁମାୟୁନ୍ ବାବରଙ୍କ ଉତ୍ତରାଧିକାରୀ ହେଲେ ।
- ୧୬୫୦-ଇଂଲଣ୍ଡରେ ପ୍ରଥମ ମ୍ୟାରେଜ୍ ବ୍ୟୁରୋ ଖୋଲିଲା ।
- ୧୮୪୫- ଟେକ୍ସାସ ଆମେରିକାର ୨୮ ତମ ରାଜ୍ୟ ହେଲା ।
- ୧୯୫୯-ଆରତି ଶାହା ଇଂଲିଶ୍ ଚ୍ୟାନେଲ୍ ପାର୍ କଲେ ।
- ୧୯୭୨-କଲିକତାରେ ମେଟ୍ରୋରେଳ କାମ ଆରମ୍ଭ ହେଲା ।
- ୧୯୭୭- ମୁମ୍ବାଇର ସବୁଠୁ ବଡ଼ ଓପନ୍ ଏୟାର ଥିଏଟର୍ 'ଡ୍ରାଇଭ୍ ଇନ୍'କୁ ଖୋଲି ଦିଆଗଲା ।
- ୧୯୮୫- ଶ୍ରୀଲଙ୍କା ୪୩,୦୦୦ ଭାରତୀୟଙ୍କୁ ନାଗରିକତା ପ୍ରଦାନ କଲା ।

## ଫଳବାଲାକୁ ଦାନରେ ୪କୋଟି ସମ୍ପତ୍ତି

ଜଣେ ଜଣେ ବ୍ୟକ୍ତି ତାଙ୍କର ସମସ୍ତ ସମ୍ପତ୍ତି ଅନ୍ୟନାମରେ ଉଇଲ୍ କରିଦେଇଥାନ୍ତି । ଯାହାକି ଚର୍ଚ୍ଚାର ପରିସରକୁ ଆସିଥାଏ । ଅବଶ୍ୟ ଏହାପଛରେ ବିଭିନ୍ନ କାରଣ ଥାଏ । ସେହିଭଳି ଏକ ଘଟଣା ଘଟିଛି ଚୀନ୍‌ରେ । ସାଂଘାଇର ୮୮ ବର୍ଷୀୟ ମା ନାମକ ଜଣେ ବୃଦ୍ଧ ତାଙ୍କର ସମସ୍ତ ସମ୍ପତ୍ତି ଲିୟୁ



ନାମକ ଫଳବାଲା ନାଁରେ କରି ଦେଇଛନ୍ତି । ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ମା ନିଜ ଲୋକଙ୍କ କଥା ଚିନ୍ତା ନ କରି ଲିୟୁଙ୍କ ନାଁରେ ୪ କୋଟିର ସମ୍ପତ୍ତି ଲେଖିଦେଇଛନ୍ତି । ଏଥିରେ ଗୋଟିଏ ଫ୍ଲାଟ୍ ଏବଂ ଟଙ୍କା ସାମିଲ ଅଛି । ତେବେ ମା'ଙ୍କ ଏହି ନିଷ୍ପତ୍ତି ତାଙ୍କ ତିନି ଭଉଣୀଙ୍କୁ ଶକ୍ତ ଝଟ୍‌କା ଦେଇଛି । ଅବଶ୍ୟ ମା'ଙ୍କ ଏଭଳି ନିଷ୍ପତ୍ତି ପଛରେ ଠୋସ୍ କାରଣ ରହିଛି । ତା'ସହ ମା'ଙ୍କ ନିଷ୍ପତ୍ତିକୁ ଅନ୍ୟମାନେ ଠିକ୍ ବୋଲି କହିଛନ୍ତି । ମା ଜୀବନର ଶେଷ ସମୟରେ ଉପନୀତ ଥିଲେ ହେଁ ତାଙ୍କୁ ତାଙ୍କ ନିଜ ଲୋକ କେହି ପଚାରି ନ ଥିଲେ । କିଛି ବର୍ଷ ତଳେ ଲିୟୁ ତାଙ୍କ ପତ୍ନୀ ଓ ତିନି ପିଲାଙ୍କୁ ଧରି ତାଙ୍କ ଘରକୁ ଆସିଥିଲେ । ସେହି ସମୟରେ ଲିୟୁଙ୍କ ପରିବାର ମାଙ୍କ ସେବା ଯତ୍ନ କରିବା ସହ ଉପଯୁକ୍ତ ଦେଖାଶୁଣା ବି କରିଥିଲେ । ଶେଷରେ ସେ ଲିୟୁଙ୍କ ସହିତ ଚୁକ୍ତି କରିଥିଲେ ଯେ, ତାଙ୍କର ସେବା ଯତ୍ନ ଯଦି ସେ କରିବେ ମୃତ୍ୟୁ ପରେ ମାଙ୍କ ସମ୍ପତ୍ତି ଲିୟୁଙ୍କ ନାଁରେ ହୋଇଯିବ । ୨୦୨୧ରେ ମା'ଙ୍କ ମୃତ୍ୟୁ ହେବା ପରେ ଲିୟୁ ତାଙ୍କ ଅଚଳାଚଳ ସମ୍ପତ୍ତିର ମାଲିକ ହୋଇଥିଲେ । ଅନ୍ୟପଟେ ମାଙ୍କ ମୃତ୍ୟୁପରେ ତାଙ୍କର ତିନି ଭଉଣୀ ଯେତେବେଳେ ଲିୟୁଙ୍କୁ ଘର ଛାଡ଼ିବାକୁ କହିଥିଲେ, ସେ ମନା କରିଥିଲେ । ଏହାସହ ମା ତାଙ୍କ ନାଁରେ ସମ୍ପତ୍ତି କରିଥିବା ସେମାନଙ୍କୁ କହିଥିଲେ ବି ସେମାନେ ଏହି କଥାକୁ ମାନି ନ ଥିଲେ । ଶେଷରେ ଏହି ଘଟଣା କୋର୍ଟରେ ପହଞ୍ଚିଲା ଏବଂ ମାମଲା ଲିୟୁଙ୍କ ସପକ୍ଷରେ ଯିବାରୁ ମା'ଙ୍କ ତିନି ଭଉଣୀ ସଂପତ୍ତି ଉତ୍ତରାଧିକାରୀରୁ ବଞ୍ଚିତ ହୋଇଥିଲେ ।



## ଶ୍ରୁତିଙ୍କ ଗୁପ୍ତ ବିବାହକୁ ନେଇ ଚର୍ଚ୍ଚା



ଦକ୍ଷିଣ ଭାରତୀୟ ସିନେମାର ସୁପରଷ୍ଟାର୍ କମଲ ହାସନ୍‌ଙ୍କ ଝିଅ ଶ୍ରୁତି ହାସନ୍ ଏବେ 'ସାଲାର୍' ପାଇଁ ଚର୍ଚ୍ଚାରେ । ଏଥିରେ ସେ ପ୍ରଭାସଙ୍କ ବିପକ୍ଷରେ ଅଭିନୟ କରିଛନ୍ତି । ଏହି ଫିଲ୍ମ ଆୟ ମାମଲାରେ ଏକ ନୂଆ ରେକର୍ଡ କରିବାକୁ ଯାଉଛି । ଇତିମଧ୍ୟରେ ସୋସିଆଲ ମିଡିଆରେ ଶ୍ରୁତିଙ୍କୁ ନେଇ ଏକ ଖବର ଭାଇରାଲ୍ ହେଉଛି । ଶ୍ରୁତି ତାଙ୍କ ଦୀର୍ଘଦିନର ପ୍ରେମିକ ଶାନ୍ତନୁ ହଜାରିକାଙ୍କୁ ଗୁପ୍ତରେ ବିବାହ କରିଥିବା ଚର୍ଚ୍ଚା ହେଉଛି । ବଲିଉଡ୍ ସେଲିବ୍ରିଟିମାନଙ୍କର ପ୍ରିୟ ବନ୍ଧୁ ଓରିଙ୍କର ଏକ କମେଣ୍ଟକୁ ନେଇ ଏହା ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି । ୨୦୨୦ ଠାରୁ ଶ୍ରୁତି ଓ ଶାନ୍ତନୁ ପ୍ରେମ ସମ୍ପର୍କରେ ଅଛନ୍ତି । ଅବଶ୍ୟ ଉଭୟ ସେମାନଙ୍କ ସମ୍ପର୍କକୁ କେବେ ଲୁଚାଇ ନାହାନ୍ତି । ଏହି ପ୍ରେମୀଯୁଗଳଙ୍କୁ ଅନେକ ପାର୍ଟି ଓ ବିମାନବନ୍ଦରରେ ଏକାଠି ଦେଖାଯାଇଛି । ନିକଟରେ ଓରି ରେଡିଟ୍‌ରେ 'ଆସ୍କ ମି ଏନିଥିଙ୍ଗ୍' ସେସନ୍ ରଖିଥିଲେ । ଏହି ସମୟରେ ଜଣେ ୟୁଜର୍ ପଚାରିଥିଲେ- କେହି ସେଲିବ୍ରିଟି ଏପରି ଅଛନ୍ତି କି ଯିଏ ଆପଣଙ୍କ ସହ ଫଟୋ କ୍ଲିକ୍ କରିବାକୁ ମନା କରି ଦେଇଥିବେ କିମ୍ବା ଖରାପ ବ୍ୟବହାର ଦେଖାଇଥିବେ । ଏହାର ଉତ୍ତରରେ ଓରି ଶ୍ରୁତି ହାସନ୍‌ଙ୍କ ନାମ ନେଇଥିଲେ । ଓରି କହିଥିଲେ- 'ଯଦିଓ ଏହା ଫଟୋପୋଜ୍ ନଥିଲା । କିନ୍ତୁ ଗୋଟିଏ କାର୍ଯ୍ୟକ୍ରମରେ ସେ ମୋତେ ବହୁତ ଖରାପ ବ୍ୟବହାର ଦେଖାଇଥିଲେ । ସେତେବେଳେ ମୁଁ ତାଙ୍କୁ ଜାଣି ବି ନ ଥିଲି । ମୋତେ ବହୁତ ଖରାପ ଲାଗିଥିଲା । କିଛି ଭୁଲ୍‌ବୁଝାମଣା ଯୋଗୁଁ ବୋଧେ ଏପରି ହୋଇଥିଲା । କାରଣ ତାଙ୍କ ସ୍ୱାମୀଙ୍କ ସହିତ ମୋର ବହୁତ ଭଲ ସମ୍ପର୍କ ଅଛି । ଭବିଷ୍ୟତରେ ଏହାର ସମାଧାନ ହୋଇଯିବ ବୋଲି ମୁଁ ଆଶା କରୁଛି ।' ତେବେ ଓରି ଶାନ୍ତନୁଙ୍କୁ ଶ୍ରୁତିଙ୍କ ସ୍ୱାମୀ କହିବା ପରେ ଏହି ପ୍ରେମୀଯୁଗଳ ଗୁପ୍ତ ବିବାହ କରିଥିବା ଚର୍ଚ୍ଚା ହେଉଛି । ଓରିଙ୍କର ଏହି କଥା ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଶ୍ରୁତି ଏହା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି- 'ମୁଁ ବିବାହିତା ନୁହେଁ । ମୁଁ ଏକଥାକୁ ଲୁଚାଇବି କାହିଁକି । ସେଥିପାଇଁ ଯେଉଁମାନେ ମୋତେ ଜାଣିନାହାନ୍ତି ଦୟାକରି ଚୁପ୍ ରୁହନ୍ତୁ ।'



## ବେଞ୍ଚ୍‌ରେ ଚାର୍ଜ ହେବ ଫୋନ୍

ବିଜ୍ଞାନ ଓ କାରିଗରୀ କୌଶଳର ଉତ୍କର୍ଷତା କ୍ଷେତ୍ରରେ ବିଶ୍ୱର ଅଳ୍ପକେତୋଟି ଦେଶର ନାଁ ଚର୍ଚ୍ଚାକୁ ଆସେ । ସେମିତିକା ଏକ ଦେଶ ହେଲା ଚୀନ୍ । ଚୀନ୍‌ର ସଡ଼କରେ ମଧ୍ୟ ଏମିତି କିଛି ଟେକ୍ନୋଲୋଜି ଦେଖିବାକୁ ମିଳିଥାଏ, ଯାହା ଦେଖଣାହାରୀଙ୍କୁ ଚକିତ କରିଥାଏ । ଏବେ ଚୀନ୍ ଦ୍ୱାରା କରାଯାଇଥିବା ଏକ ନିଆରା ଉଦ୍ଭାବନ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି । ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହାକୁ ସେୟାର କରାଯାଇଛି । ଭିଡିଓରେ ଚୀନ୍‌ର ରାସ୍ତାକଡ଼ରେ କିଛି ବେଞ୍ଚ୍ ନିର୍ମାଣ କରାଯାଇଥିବାବେଳେ ଏହା ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଥିବାର ଦେଖାଯାଇଛି । ତେବେ ବେଞ୍ଚ୍ ସହିତ ସୌରଶକ୍ତିକୁ ସଂଯୋଗ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ସ୍ମାର୍ଟ ବେଞ୍ଚ୍‌ରେ ବସି ଲୋକେ ଫୋନ୍ ଚାର୍ଜ କରିପାରିବେ । ବାସ୍ତବରେ ଚୀନ୍‌ର ଏପରି ଉଦ୍ଭାବନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ସାଧାରଣ ଫୋନ୍ ଚାର୍ଜ କରିବାକୁ ବିଦ୍ୟୁତ୍ ଓ ତାରର ଆବଶ୍ୟକ ହେଉଥିବାବେଳେ ଏହି ପ୍ରଣାଳୀରେ ବିନା ତାର ଓ ବିଦ୍ୟୁତ୍‌ରେ ଫୋନ୍ ଚାର୍ଜ ହୋଇଥାଏ । ଏମିତିକି ଜଣେ ମହିଳା ଏହି ବେଞ୍ଚ୍‌ରେ ନିଜ ଫୋନ୍‌କୁ ଚାର୍ଜ କରୁଥିବା ଦେଖିବାକୁ ମିଳିଛି । ମହିଳା ଜଣକ ରାସ୍ତା କଡ଼ରେ ତିଆରି ହୋଇଥିବା ଏହି ବେଞ୍ଚ୍‌ରେ ବସିବା ମାତ୍ରେ ବେଞ୍ଚରେ ଲାଇଟ୍ ଜଳିଉଠୁଛି । ମହିଳା ଜଣକ ବେଞ୍ଚ୍ ପାର୍ଶ୍ୱରେ ଏକ ଛିଦ୍ର ଉପରେ ସେ ନିଜର ଫୋନ୍ ରଖୁଛନ୍ତି । ଆଉ ଫୋନ୍‌ଟି ତାର ଓ ବିଦ୍ୟୁତ୍ ବିନା ଚାର୍ଜ ହେବା ଆରମ୍ଭ କରୁଛି । ତେବେ ବିନା ତାରରେ ଚାର୍ଜ ସହଜ ହେଉଥିବାରୁ ଏହି ବେଞ୍ଚ୍‌କୁ ସ୍ମାର୍ଟ ସୋଲାର ପାୱାର ବେଞ୍ଚ୍ ମଧ୍ୟ କୁହାଯାଉଛି ।

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ନିବେଶରୁ ଦୂରେଇ ରହିବେ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ଜୀବନସାଥୀଙ୍କଠାରୁ ଉପହାର ମିଳିବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟା ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ । ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଲେଖାଲେଖି ପ୍ରତି ରୁଚି ବଢ଼ିବ । ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ମଠ ତଥା ମନ୍ଦିରରେ ଦାନ କରିବେ ।



## ବିରିଆନୀ ନଷ୍ଟ କଲେ ଜରିମାନା

ଅନେକ ସମୟରେ ଦେଖାଯାଏ କିଛି ଲୋକ ଯେତିକି ଖାଦ୍ୟ ଖାଇ ନ ଥାନ୍ତି, ତା'ଠୁ ବେଶି ଖାଦ୍ୟ ସେମାନେ ନଷ୍ଟ କରିଥାନ୍ତି । ଏହି ସମାନ ଘଟଣା ସ୍ୱାଦିଷ୍ଟ ବିରିଆନୀ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଥାଏ । ତେବେ ଖାଦ୍ୟ ବା ବିରିଆନୀ ନଷ୍ଟ କରୁଥିବା ଲୋକଙ୍କୁ ଉଚିତ ଶିକ୍ଷା ପ୍ରଦାନ କରୁଛି ହାଇଦ୍ରାବାଦର ମଧୁ ବିରିଆନୀ । ଅମିରପେଟ୍ ସ୍ଥିତ ରାସ୍ତାକଡ଼ର ଏହି ବିରିଆନୀ ଦୋକାନର ମାଲିକାଣୀ ହେଉଛନ୍ତି କେ. ମଧୁ । ତାଙ୍କ ବିରିଆନୀର ବାସ୍ନା ଓ ସ୍ୱାଦ ଗ୍ରାହକଙ୍କୁ ତାଙ୍କ ଦୋକାନ ପ୍ରତି ଆକୃଷ୍ଟ କରିଥାଏ । ଏହି ବିରିଆନୀ ଦୋକାନର ବିଶେଷତ୍ୱ ହେଉଛି, ଏଠାରେ ଗ୍ରାହକଙ୍କୁ ୯୯ ଟଙ୍କାରେ ମନଇଚ୍ଛା ବିରିଆନୀ ଖାଇବାର ସୁବିଧା ମିଳିଥାଏ । ତେବେ ଏହି ଅନଲିମିଟେଡ୍ ବିରିଆନୀ ଅଫର୍‌ରେ ମଧୁ ଏକ ନିଆରା ନିୟମ ଗ୍ରାହକଙ୍କ ପାଇଁ ଯୋଡ଼ିଛନ୍ତି । ତାହାହେଲା ଯେଉଁମାନେ ମଗାଇଥିବା ବିରିଆନୀ ସବୁ ନ ଖାଇ ଛାଡ଼ିଯିବେ ତାଙ୍କୁ ୨୦୦ଟଙ୍କା ଜରିମାନା ଦେବାକୁ ପଡ଼ିବ । ବିରିଆନୀ ଅର୍ଡର ଦେବା ସମୟରେ ଗ୍ରାହକଙ୍କୁ ମଧୁ ଏହି ନିୟମ ସମ୍ପର୍କରେ ଅଗବତ କରାଇଥାନ୍ତି । ତେବେ କେବଳ ଗ୍ରାହକଙ୍କୁ ବିରିଆନୀର ରାଇସ୍ ହିଁ ମନଇଚ୍ଛା ଯେତେ ଖାଇବା ପାଇଁ ମିଳିଥାଏ । ରାଇତା କିମ୍ବା ଅନ୍ୟ କୌଣସି ଜିନିଷ ଦ୍ୱିତୀୟ ଥର ମିଳି ନ ଥାଏ । ମଧୁ ଗ୍ରାହକଙ୍କୁ ୯୯ ଟଙ୍କାରେ ଚିକେନ୍ ବିରିଆନୀ ଦେଉଥିବାବେଳେ ୭୯ ଟଙ୍କାରେ ଏଗ୍ ବିରିଆନି ଦିଅନ୍ତି । ପ୍ରଥମେ ପ୍ରଥମେ ଅନଲିମିଟେଡ୍ ବିରିଆନୀ ଅଫର୍‌ରେ ପ୍ରାୟ ଗ୍ରାହକ ବିରିଆନୀ ନଷ୍ଟ କଲେ । ଏହା ଦେଖି ଏହି ଅଫର୍ ସହିତ ଜରିମାନା ରାଶିକୁ ଯୋଡ଼ିବା ନିଷ୍ପତ୍ତି ନେଇଥିବା ମଧୁ କହିଛନ୍ତି । ଅବଶ୍ୟ ଏହି ଜରିମାନା ନିୟମକୁ ପରିଚିତ କରାଯିବା ପରେ ହାତଗଣତି କିଛି ଗ୍ରାହକ ତଣ୍ଡ ଗଣିଥିବା ମଧୁ କହିଛନ୍ତି ।

## ସ୍ନେକ୍ ଆଇଲ୍ୟାଣ୍ଡ



ବିଶ୍ୱରେ ଏପରି କିଛି ସ୍ଥାନ ରହିଛି, ଯାହା ମଣିଷକୁ ଭୟଭୀତ କରାଇଥାଏ । ଏଭଳି ଏକ ସ୍ଥାନ ବ୍ରାଜିଲରେ ରହିଛି । ଏହାର ନାମ 'ସ୍ନେକ୍ ଆଇଲ୍ୟାଣ୍ଡ' । ୧୦୬ ଏକର ଜମିରେ ଥିବା ଏହି ଦ୍ୱୀପରେ ଜଣେ ହେଲେ ମଣିଷ ରୁହନ୍ତି ନାହିଁ । କାରଣ ଏହି ଦ୍ୱୀପ ବିଷାକ୍ତ ସାପମାନଙ୍କର ଆଶ୍ରୟସ୍ଥଳ । ଗୋଲଡେନ୍ ଲାନ୍ସହେଡ୍ ନାମକ ବିଷାକ୍ତ ସାପ ଏହି ଦ୍ୱୀପରେ ରୁହନ୍ତି । ଏହି ପ୍ରଜାତିର ସାପ ଏତେ ମାରାତ୍ମକ ଯେ ଏହି ଦ୍ୱୀପକୁ ଲୋକଙ୍କ ଯିବା ଆସିବା ବାରଣ କରାଯାଇଛି । ସାପ ଦ୍ୱୀପର ପ୍ରକୃତ ନାମ ହେଉଛି 'ଇଲହା ଡା କ୍ୱିମାଡା ଗ୍ରାଣ୍ଡେ' । ସାଓପାଉଲୋ ଠାରୁ ଏହା ୯୦ ମାଇଲ ଦୂରରେ ଅବସ୍ଥିତ । ବ୍ରାଜିଲର ନୌସେନା ନିଷ୍ପତ୍ତି ନେଇଛି ଯେ ଏହି ଦ୍ୱୀପକୁ କେହି ଯାଇପାରିବେ ନାହିଁ, ଲୋକଙ୍କ ସୁରକ୍ଷା ସହ ସାପଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି । ତେବେ ଏହି ଦ୍ୱୀପକୁ କେବଳ ଅଳ୍ପ କିଛି ବୈଜ୍ଞାନିକ ଏବଂ କିଛି ନୌସେନା ଅଧିକାରୀ ଯିବାପାଇଁ ଅନୁମତି ରହିଛି । ଗୋଲଡେନ୍ ଲାନ୍ସହେଡ୍ ସାପର ବିଷ ଏତେ ମାରାତ୍ମକ ଯେ ତାର ଗୋଟିଏ ଚୋଟରେ ହିଁ ପକ୍ଷୀଟିଏ ମୃତ୍ୟୁବରଣ କରିଥାଏ ଏବଂ ମଣିଷ ମାଂସକୁ ଗୋଟିଏ ମିନିଟ୍‌ରେ ତରଳାଇ ଦେଇଥାଏ । ପୂର୍ବରୁ ଏହି ଦ୍ୱୀପରେ ଚାରିରୁ ପାଞ୍ଚଲକ୍ଷ ସାପ ରହୁଥିଲେ ବୋଲି କୁହାଯାଉଥିଲା । ଏବେ ଏହି ଦ୍ୱୀପରେ ଚାରିରୁ ପାଞ୍ଚ ହଜାର ସାପ ରହୁଛନ୍ତି । ଏଠାରେ ବିଷାକ୍ତ ସାପଙ୍କ ଉପସ୍ଥିତି ଦେଖି ପକ୍ଷୀମାନେ ମଧ୍ୟ ଏହି ଦ୍ୱୀପକୁ ଆସିବାକୁ ଭୟ କରନ୍ତି । ୧୯୦୯ ରୁ ୧୯୨୦ ମଧ୍ୟରେ ଏଠାରେ ଥିବା ଏକ ଲାଇଟ୍‌ହାଉସ୍‌ର ଦେଖାଶୁଣା କରିବାକୁ ଜଣେ ବ୍ୟକ୍ତି ତାଙ୍କ ପରିବାର ସହିତ ରହୁଥିଲେ । କୁହାଯାଏ କି ଏହି ସାପଙ୍କ ଦଂଶନରେ ତାଙ୍କ ପୂରା ପରିବାର ନିଶ୍ଚିହ୍ନ ହୋଇଯାଇଥିଲା ।

## ଖାଲିପେଟରେ ଖାଆନ୍ତୁ ନାହିଁ ଏହି ସବୁ ଜିନିଷ

**ଆମେ ଖାଉଥିବା ଏପରି କିଛି ଖାଦ୍ୟ ରହିଛି ଯାହା ପୋଷକତତ୍ତ୍ୱରେ ଭରପୂର ହେବା ସତ୍ତ୍ୱେ ଏହାକୁ ଖାଲି ପେଟରେ ଖାଇବା ଦ୍ୱାରା ଗ୍ୟାସ୍ ଓ ଏସିଡିଟି ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଏସବୁ ଖାଦ୍ୟକୁ ଖାଲିପେଟରେ ଖାଇବାରୁ ନିବୃତ୍ତ ରହିବା ଭଲ ।**



### କନ୍ଦମୂଳ

କନ୍ଦମୂଳ ସୁପରଫୁଡ୍ ଶ୍ରେଣୀରେ ପରିଗଣିତ, ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ହୋଇଥାଏ । କିନ୍ତୁ ଏହାକୁ ଖାଲି ପେଟରେ ଖାଇବା ଦ୍ୱାରା ଏଥିରେ ଥିବା ପେକ୍ଟିନ୍ ଗ୍ୟାସ୍ ସମସ୍ୟାକୁ ବଢ଼ାଇଦିଏ ।

### ଖଟା ଫଳ

ସେହିଭଳି ଖାଲି ପେଟରେ ଲେମ୍ବୁ ଓ କମଳା ଆଦି ଖଟାଜାତୀୟ ଫଳକୁ ମଧ୍ୟ ସେବନ କରିବା ଅନୁଚିତ । ଏହାକୁ ଖାଲି ପେଟରେ ଖାଇଲେ ଗ୍ୟାସ୍ ଓ ଏସିଡିଟି ସମସ୍ୟା ଦେଖାଯାଇଥାଏ ।



### ଗରମ ମସଲା

ସକାଳେ ଖାଲି ପେଟରେ ଅଧିକ ଗରମ ମସଲା ଯୁକ୍ତ ଖାଦ୍ୟ ଖାଇବାରୁ ଦୂରେଇ ରହିବା ଉଚିତ । ସକାଳେ ଅଧିକ ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଛାତିରେ ଜଳାପୋଡ଼ା ଆରମ୍ଭ ହୋଇଯାଏ ।

### କଦଳୀ

ଶରୀରର ଓଜନ ବଢାଇବା ପାଇଁ କଦଳୀ ବେଶ୍ ଲାଭଦାୟକ ହୋଇଥିଲେ ସୁଦ୍ଧା ଏହାକୁ ଖାଲି ପେଟରେ ଖାଇବା ଅନୁଚିତ । ଏହା ଗ୍ୟାସ୍ ସମସ୍ୟା ସୃଷ୍ଟି କରିଥାଏ ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ; ଜଣେ ଗୁରୁତର

**ସୋର, ୨୮।୧୨(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ବାଲେଶ୍ୱର ଅଞ୍ଚଳର ଏସ୍‌କେ ଆସିକ (୨୫) ଓ ଏସ୍‌କେ କାଲା (୪୦) ଭଦ୍ରକରୁ କାମ ସାରି ବାଇକ୍ ଯୋଗେ ସୋର ଅଭିମୁଖେ ଫେରୁଥିବାବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଏକ ଷଣ୍ଢକୁ ଧକ୍କା ଦେଇ ରାସ୍ତାରେ ଛିଟିକି ପଡ଼ିଥିଲେ। ଫଳରେ ପଛରୁ ଆସୁଥିବା ଏକ ଅଜଣା ଟ୍ରକ୍ ଏସ୍‌କେ କାଲାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଏସ୍‌କେ ଆସିକ୍ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଏସ୍‌କେ ଆସିକଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସ୍ଥାନୀୟ ଲୋକେ ଏସ୍‌କେ କାଲାଙ୍କୁ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ



**ସୋର, ୨୮।୧୨(ସମିସ):** ସୋର ପୌରପାଳିକା ଅନ୍ତର୍ଗତ କମରପୁର ଗ୍ରାମର ଜଣେ ଯୁବକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭୁବନେଶ୍ୱରର ଜୟଦେବ ଭବନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ସୋରର ସାଇ ପାରା ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ରାଜେଶ ଦାସଙ୍କୁ ଇଣ୍ଟରନ୍ୟାସନାଲ ହେଲ୍‌ଥ କେୟାର ଆୱାର୍ଡ ପ୍ରଦାନ କରାଯାଇଛି। ଦିଲ୍ଲୀ ସ୍ଥିତ ୱାର୍ଲଡ ଚାରିଟି ୱେଲ୍‌ଫେୟାର ଫାଉଣ୍ଡେସନ ତରଫରୁ ଭୁବନେଶ୍ୱରର ଜୟଦେବ ଭବନରେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ସମ୍ମାନିତ ଅତିଥିଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଅମର ପଟ୍ଟନାୟକ, ଧାବିକା ଦୁତି ଚାନ୍ଦ ଏବଂ ୱାର୍ଲଡ ଚାରିଟି ୱେଲ୍‌ଫେୟାର ଫାଉଣ୍ଡେସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶ୍ରୀ ଦାସଙ୍କୁ ମାନପତ୍ର, ଉପଢୌକନ, ମେଡାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଦାସଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଉପସ୍ଥିତ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।

## ଶିକ୍ଷକଙ୍କ ସ୍ମୃତିରେ ଶୀତବସ୍ତ୍ର ବଣ୍ଟନ



**ବାଲେଶ୍ୱର, ୨୮।୧୨(ସମିସ):** ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଭୁକ୍ତ ଗଡ଼ିଆମାଳଠାରେ ଥିବା ଉଦାସ ଯମୁନା ଉଚ୍ଚ ବିଦ୍ୟାପୀଠର କାର୍ଯ୍ୟରତ ସଂସ୍କୃତ ଶିକ୍ଷକ ଧନେଶ୍ୱର ପଣ୍ଡାଙ୍କ କିଛିଦିନ ପୂର୍ବେ ଦେହାନ୍ତ ହୋଇଯାଇଛି। ତାଙ୍କ ଅଧୀନରେ ପଢୁଥିବା ପୁରାତନ ଛାତ୍ରମାନେ ଗଢ଼ିଥିବା ସାମାଜିକ ସଂଗଠନ ଫ୍ରିଡମ୍ ଫାଉଣ୍ଡେସନ ତରଫରୁ ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଖଇରବଣି ଗ୍ରାମରେ ପହଞ୍ଚି ଶିକ୍ଷକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଦସ୍ୟ ଭବାନୀ ଶଙ୍କର ବାରିକ୍, ଚିନ୍ମୟ ଜେନା, ସଂଗ୍ରାମ ସ୍ୱାଇଁ, ଆଶିଷ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ମୋବାଇଲ୍ ପାଇଁ ଜୀବନ ହାରିଲେ ଯୁବତୀ

**ସୋର, ୨୮।୧୨(ସମିସ):** ସୋର ବ୍ଲକ ଦହିସଡ଼ା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ମୋବାଇଲ୍ ପାଇଁ ଜଣେ ଯୁବତୀ ଜୀବନ ହାରିଥିବା ଜଣାପଡ଼ିଛି। ଏହି ଗ୍ରାମର କ୍ଷୀରୋଦ ରାଉତଙ୍କ ଝିଅ ସୁନନ୍ଦା ରାଉତ (୨୧) ଭୁବନେଶ୍ୱରରେ ରହି ପାଠ ପଢୁଥିଲେ। କିନ୍ତୁ କିଛି ଦିନ ତଳେ ଘରକୁ ଆସିଥିଲେ। ଗୁରୁବାର ପୂର୍ବାହ୍ଣରେ ମୋବାଇଲ୍‌କୁ ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ସୁନନ୍ଦା ଶୋଇବା ଘରେ ବେକରେ ରଶି ବାନ୍ଧି ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ୧୦୧/୨୩ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୩୦ରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ 'ନବବର୍ଷ ଗଳ୍ପୋତ୍ସବ'

**ବାଲେଶ୍ୱର, ୨୮।୧୨(ସମିସ):** ଫକୀରମୋହନ ସାହିତ୍ୟ ପରିଷଦ ନୂଆବର୍ଷ ଅବକାଶରେ ଆଗାମୀ ୩୦ ତାରିଖ ସନ୍ଧ୍ୟାରେ ଶାନ୍ତିକାନନ ପରିସରରେ ଆୟୋଜନ କରୁଛି 'ନବବର୍ଷ ଗଳ୍ପୋତ୍ସବ'। ଏହି ଗଳ୍ପୋତ୍ସବରେ ବାଲେଶ୍ୱରର ୬ ଜଣ ଅତିଥି ଗାଳ୍ପିକ ଯୋଗଦେଇ ସେମାନଙ୍କ ଗଳ୍ପପାଠ କରିବେ। ପରିଷଦ ପକ୍ଷରୁ ଏଥିପାଇଁ ଯେଉଁ ଗାଳ୍ପିକମାନଙ୍କୁ ଚୟନ କରାଯାଇଛି ସେମାନେ ହେଲେ ଉଦୟ ନାରାୟଣ ଦାସ, ଗଙ୍ଗାଧର ବିଶ୍ୱାଳ, ପ୍ରଶାନ୍ତ ଦାସ, ଅଞ୍ଜନ ଚାନ୍ଦ, କୃଷ୍ଣ କୁମାର ମହାନ୍ତି ଏବଂ ସ୍ମୃତି ଦାସ। ଏହି ଗଳ୍ପୋତ୍ସବରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିବେ। ପଠିତ ଗଳ୍ପଗୁଡ଼ିକୁ ଆଲୋଚନା କରିବେ ଆଲୋଚକ ଶିରିଶ ଚନ୍ଦ୍ର ଜେନା। ଗାଳ୍ପିକ ନିବାରଣ ଜେନାଙ୍କ ସଞ୍ଚାଳନାରେ ହେବାକୁ ଥିବା ଏହି ଆସରରେ ପ୍ରାକ୍ କଥନ ରଖିବେ ପରିଷଦର ସମ୍ପାଦକ ଦୀପକ ବୋଷ। ଏହି ଅବସରରେ ନିମନ୍ତ୍ରିତ ଅତିଥି ଗାଳ୍ପିକମାନଙ୍କୁ ପରିଷଦ ପକ୍ଷରୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ଜଣାଯାଇଛି।

# ତୃଣମୂଳସ୍ତରରେ ଲୋକଙ୍କ ଭରସା ଜିତୁଛି ବିଜେଡି

**ବାଲେଶ୍ୱର/ବାଲିଆପାଳ, ୨୮।୧୨(ସମିସ):**




୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଯାଇଛି ମିଶ୍ରଣ ପର୍ବ। ଅନ୍ୟ ଦଳରୁ ବରିଷ୍ଠ ନେତୃବୃନ୍ଦ ହେଉଛନ୍ତି ବିଜେଡିରେ ସାମିଲ। ଆହୁରି ମଜଭୁତ ହେଉଛି ଦଳୀୟ ସଂଗଠନ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ସ୍ୱଚ୍ଛ ଶାସନ ଏବଂ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ, ନବୀନ ଓଡ଼ିଶା ଗଠନରେ ନିଜକୁ ସାମିଲ କରି ଜନସେବାରେ ବ୍ରତୀ ହେବାର ଲକ୍ଷ୍ୟ ନେଇ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ଗୁରୁବାର ଶଙ୍ଖ ଭବନଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲାର ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଏବଂ ବାଲେଶ୍ୱର ଜିଲ୍ଲାର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ, ପୂର୍ବତନ ତଥା ବର୍ତ୍ତମାନ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ନିର୍ଦ୍ଦେଶକ, ବାଲିଆପାଳ ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ବର୍ତ୍ତମାନ ସରପଞ୍ଚ ଦେବ କୁମାର ଦେଙ୍କ ସମେତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ଝାଡ଼େଶ୍ୱର ବେହେରା, ନିତ୍ୟାନନ୍ଦ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ଦେ, ଗଙ୍ଗାଧର ପାତ୍ର, ଗୌରମୋହନ ଜେନା, ଗଦାଧର ଜେନା, ମିହିର କୁମାର ମିଶ୍ର, ବୈକୁଣ୍ଠ ବିଶ୍ୱାଳ, ରଘୁନାଥ ବିଶ୍ୱାଳ ପ୍ରମୁଖ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଦଳକୁ ସେମାନଙ୍କୁ ସ୍ୱାଗତ କରି ବିଜେଡିରେ ସେମାନଙ୍କ ଯୋଗଦାନ ବସ୍ତା ନିର୍ବାଚନମଣ୍ଡଳୀରେ ଦଳକୁ ଆହୁରି ସଶକ୍ତ ଓ ସଂଗଠିତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀମତୀ ଜେନା ମତବ୍ୟକ୍ତ କରିଥିଲେ। ଏହି ଯୋଗଦାନ କାର୍ଯ୍ୟକ୍ରମରେ ବସ୍ତା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଶଙ୍ଖ ଭବନଠାରେ ଉପସ୍ଥିତ ଥିଲେ।

● ଶାଶୂଘର ଲୋକଙ୍କ ମାଡ଼ରେ ମହିଳା ଗୁରୁତର; ମାମଲା ରୁଜୁ କରୁନି ପୁଲିସ

## ବାଲେଶ୍ୱର ଏସ୍‌ପିଙ୍କୁ ଅଭିଯୋଗ କଲେ ପୀଡ଼ିତା



**ବାଲେଶ୍ୱର, ୨୮।୧୨(ସମିସ):** ସ୍ୱାମୀର ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ୱାମୀଙ୍କ ପରିବାର ଲୋକେ ମହିଳାଙ୍କୁ ମାଡ଼ମାରି ଗୁରୁତର କରିଛନ୍ତି। ଥାନାରେ ମହିଳାଙ୍କ ତରଫରୁ ଅଭିଯୋଗ କରାଯାଇଥିଲେ ବି ପୁଲିସ ସେମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନେଉନାହିଁ। ଅନ୍ୟ ଉପାୟ ନ ପାଇ ପୀଡ଼ିତା ଜଣକ ବୁଧବାର ବାଲେଶ୍ୱର ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କଠାରେ ଗୁହାରୀ କରିଛନ୍ତି।

ବାଲେଶ୍ୱର ଜିଲ୍ଲା ଖଇରା ଥାନା କେନ୍ଦୁଉଦଳି ଗ୍ରାମର ସତ୍ୟବ୍ରତ ପେଡ଼ା ପରକୀୟା ପ୍ରୀତି କରୁଥିବା ଜାଣିପାରି ତାଙ୍କ ପତ୍ନୀ କନକଲତା ପେଡ଼ା ପ୍ରତିବାଦ କରିଥିଲେ। ଏହାକୁ କେନ୍ଦ୍ରକରି ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବାରମ୍ବାର କଳହ ହେଉଥିଲା। କନକଲତାଙ୍କୁ ନିଜଠାରୁ ସବୁଦିନ ପାଇଁ ଦୂରେଇ ଦେବା ଲାଗି ସତ୍ୟବ୍ରତଙ୍କ ପକ୍ଷରୁ ପରିବାର ଅଦାଲତରେ ଛାଡ଼ପତ୍ର ମାମଲା ରୁଜୁ କରାଯାଇଥିଲା। ଏହି ମାମଲା ପରିବାର ଅଦାଲତରେ ବିଚାରାଧୀନ ଥିବାବେଳେ କନକଲତା ସ୍ୱାମୀଙ୍କ ଘର ଛାଡ଼ି ଯାଇ ନାହାନ୍ତି। ତେବେ ୨୦୨୦ ଡିସେମ୍ବର ୨୬ ତାରିଖରେ ସତ୍ୟବ୍ରତଙ୍କ ସମ୍ପର୍କୀୟମାନେ ହଠାତ୍ କନକଲତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କନକଲତାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଦୌଡ଼ି ଆସିବାରୁ ଆକ୍ରମଣକାରୀମାନେ ତାଙ୍କୁ ଛାଡ଼ି ପଳାଇ ଯାଇଥିଲେ। ଗୁରୁତର ଅସୁସ୍ଥ ଅବସ୍ଥାରେ କନକଲତା ନିଜ ବାପ ଘରକୁ ଖବର ଦେଇଥିଲେ। ଖବରପାଇ ଭାଇମାନେ ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇବା ପରେ ଖଇରା ଥାନାରେ ସେମାନଙ୍କ ବିରୋଧରେ ଏତଲା ଦେଇଥିଲେ। ସମ୍ପୃକ୍ତ ଥାନା ପୁଲିସ ଏତଲା ଗ୍ରହଣ କରିଥିଲେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଶାଶୂ ଘର ଲୋକଙ୍କ ବିରୋଧରେ ପଦକ୍ଷେପ ନେବା ପାଇଁ ବାରମ୍ବାର ଥାନାକୁ ଯାଇ ନିବେଦନ କରିଛନ୍ତି କନକଲତା। ହେଲେ ପୁଲିସ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଶେଷରେ ବୁଧବାର ଭାଇମାନଙ୍କ ସହିତ କନକଲତା ବାଲେଶ୍ୱର ଆସି ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ଗୁହାରି କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପିଙ୍କୁ ଲିଖିତ ଜଣାଇଛନ୍ତି।

## ୩୪ ବର୍ଷର ଚନ୍ଦ୍ରଭାଗା ମହୋତ୍ସବ ଉଦ୍‌ଘାଟିତ

**ବାଲେଶ୍ୱର, ୨୮।୧୨(ସମିସ):** ୩୪ ବର୍ଷର ଚନ୍ଦ୍ରଭାଗା ମହୋତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ ପ୍ରଥମେ ମଞ୍ଚ ପୂଜନ ପରେ ନାଟ୍ ଅନୁଷ୍ଠାନର ଅଧ୍ୟକ୍ଷା ରୋନାଲିସା ପଣ୍ଡା, ଅରୁଣାଂଶୁ ପାଣିଗ୍ରାହୀ ଏବଂ ଏସ୍. କେ ରାଜାଙ୍କ ସହଯୋଗରେ ସ୍କୁଲ ଓ କଲେଜ ପିଲାମାନଙ୍କ ମଧ୍ୟରେ ରଙ୍ଗୋଲୀ ଏବଂ ଆଧୁନିକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ୯୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଯୋଗ ଦେଇଥିବା ସମସ୍ତ ବିଚାରକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଦ୍‌ଘାଟନୀ ସନ୍ଧ୍ୟାରେ ଚନ୍ଦ୍ରଭାଗା ପ୍ରତିଷ୍ଠାତା କବି ଶ୍ରୀଦେବ ସ୍ୱାଗତଭାଷଣ ଦେଇଥିଲେ। ୨୯ ବର୍ଷର ପୁସ୍ତକ ମେଳାକୁ ସଦର ବିଧାୟକ ସ୍ୱରୂପ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ମୁଖ୍ୟବକ୍ତା ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ ଏବଂ ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଭାଗାର ଉପଦେଷ୍ଟା ଭାଗବତ ପାଣିଗ୍ରାହୀ ଯୋଗଦେଇଥିଲେ। ଆଇନଜୀବୀ ପର୍ଶୁରାମ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଚନ୍ଦ୍ରଭାଗାର ସଦସ୍ୟ ଅବନୀ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ଶଶୀକାନ୍ତ ମହାନ୍ତି, ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ, କବି ସତ୍ୟ ସାହୁ, କବି ସଞ୍ଜୟ ପଣ୍ଡା, କବି ସତ୍ୟ ସେଠୀ, ବରିଷ୍ଠ ସଦସ୍ୟ କୈଳାସ ଦାସ, ଚିତ୍ରଶିଳ୍ପୀ ମରୁତ ରାଉତ, ରାଜେଶ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଙ୍ଗାମାତା ଗ୍ରାମ୍ୟମେଳା ଉପଲକ୍ଷେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବାଲେଶ୍ୱର, ୨୮।୧୨(ସମିସ):** ଗଙ୍ଗାମାତା ଗ୍ରାମ୍ୟ ମେଳା ପରିପ୍ରେକ୍ଷୀରେ ଗୁରୁବାରଠାରୁ ରେମୁଣା ବ୍ଲକ ଅନ୍ତର୍ଗତ ମହିଷାଳିରେ ଆଇଡିଏଲ୍ କ୍ଲବ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରି ଗ୍ରାମ୍ୟ ଯୁବ ଗୋଷ୍ଠୀର ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ସଂଯୋଜକ ତପନ କୁମାର ବରମନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ଜିଲ୍ଲା ଯୁଗ୍ମ ସମ୍ପାଦକ ଅପୁ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଧାୟକଙ୍କ ଉଦ୍ୟମ ଯୋଗୁଁ ଉପକୂଳବର୍ତ୍ତି ଅଞ୍ଚଳର ସାମଗ୍ରିକ ବିକାଶ ହୋଇପାରିଛି ବୋଲି କହିଥିଲେ। ଏଥିରେ ଶିକ୍ଷାବିତ୍ ଦୀପଙ୍କର ବରମନ, ନାଡୁ ଗୋପାଳ ବରମନ, ଅଭିଜିତ୍ କୁଇଲି, ସୁଜୟ କୁମାର ଲେଙ୍କା, ଗଣେଶ ଦାସ, ସୌମେନ୍ଦ୍ର ଶେଖର ଦାସ, ଜୟ ନାରାୟଣ ଜେନା, ନିଳେନ୍ଦୁ ଦାସ, ସୁନିର୍ମଳ ବରମନ, ପ୍ରଦୀପ ମଣ୍ଡଳ, ମାନିକ ଲାଲ ମଣ୍ଡଳ, ପ୍ରଭାତ ମଣ୍ଡଳ, ଅମଳେନ୍ଦୁ ଭୌମିକ, ନବ ଭୌମିକ ପ୍ରମୁଖ ଯୋଗଦେଇଥିଲେ। ଗୁରୁବାର ପ୍ରଥମ ମ୍ୟାଚ୍ ଆଇଡିଏଲ୍ ଟିମ୍ ଓ ଲକ୍ଷ୍ମୀନାରାୟଣ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ




**ବାଲିଆପାଳ, ୨୮।୧୨(ସମିସ):** ବାଲିଆପାଳ, ଦେଭୋଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗୁରୁବାର ୨୭ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ୍ ମିଶ୍ର ଏବଂ ଅଟାରି କୋଲକାତାର ପ୍ରଧାନ ବୈଜ୍ଞାନିକ କଲ୍ୟାଣ ସୁନ୍ଦର ଦାସ ଆଭାସୀରେ ଯୋଗଦେଇଥିଲେ। ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ହେମନ୍ତ କୁମାର ସାହୁ, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ରାଣୀତାଲ ଏଡିଆର୍ ଡ. ଉମାଶଙ୍କର ନାୟକ, ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ତପନ କୁମାର ମହାନ୍ତି, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଓଡ଼ିଶା ଜୀବିକା ମିଶନ ମୁଖ୍ୟ, ଗ୍ରାମୀଣ ଆତ୍ମନିଯୁକ୍ତି ଅନୁଷ୍ଠାନ ବାଲେଶ୍ୱରର ନିର୍ଦ୍ଦେଶକ, କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜର ବୈଜ୍ଞାନିକ ଓ ବାଲେଶ୍ୱର ଜିଲ୍ଲାର ଆଗୁଆ ଚାଷୀମାନେ ଯୋଗଦେଇଥିଲେ। ଏହି ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସ୍ୱାଗତିକା ସାହୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମର ଫଳାଫଳକୁ ବିଶେଷଣ କରିଥିଲେ ଓ ଆଗାମୀ ବର୍ଷର କାର୍ଯ୍ୟକ୍ରମର ରୂପରେଖକୁ ଆଲୋଚନା କରିଥିଲେ। ଚାଷୀମାନେ ତାଙ୍କର ସମସ୍ୟା ବିଷୟରେ ଉପସ୍ଥିତ ଜିଲ୍ଲା ଅଧିକାରୀଙ୍କୁ ଜଣାଇଥିଲେ। ଏହି ଅବସରରେ ସମାଚାର ପତ୍ର ଶ୍ୟାମଳା ଏବଂ ସମ୍ପ୍ରସାରଣ ପୁସ୍ତିକା, ସଘନ ପଦ୍ଧତିରେ ମାଛଚାଷ ଉନ୍ମୋଚନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଅମିତା ପାତ୍ର, ଡ. କମଳାକାନ୍ତ ବେହେରା, ଡ. ପ୍ରଭାମଞ୍ଜରୀ ଗିରି, ନିରୋଜ କୁମାର ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କ୍ଷେତ୍ର ପରିଚାଳକ ଲକ୍ଷ୍ମୀକାନ୍ତ ମୁର୍ମୁ, କର୍ମଚାରୀ ରଘୁନାଥ ସୋରେନ୍, ପ୍ରଭାତ ସ୍ୱାଇଁ, ପ୍ରଦୀପ୍ତ ବିଶ୍ୱାଳ, ରାଜେଶ୍ ବେହେରା, ଦେବେନ୍ଦ୍ର ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ।

ବରୁଣସିଂ ଶ୍ରୀଜଗନ୍ନାଥ ଏଜୁକେସନାଲ ଫାଉଣ୍ଡେସନ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

# ସଂସ୍କାରୀ ଓ ସମୟାନୁବର୍ତ୍ତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

**ବାଲେଶ୍ୱର, ୨୮।୧୨(ସମିସ):**




ରେମୁଣା ବ୍ଲକ ବରୁଣସିଂ ସ୍ଥିତ ଶ୍ରୀଜଗନ୍ନାଥ ଏଜୁକେସ୍‌ନାଲ ଫାଉଣ୍ଡେସନ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ କଲେଜ ପରିସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଗୁଣାତ୍ମକ ଶିକ୍ଷା ଗ୍ରହଣ ସହ ସଂସ୍କାରଯୁକ୍ତ ଓ ସମୟାନୁବର୍ତ୍ତିତା ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଯଦିଓ ଛାତ୍ର ଜୀବନ ଉପଭୋଗ କରିବାର ସମୟ ତେବେ ସ୍ୱପ୍ନକୁ ସାକାର କରିବା ପାଇଁ ଅଧ୍ୟବସାୟକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସେ ସମସ୍ତଙ୍କୁ କହିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିକ୍ଷାଗ୍ରହଣ ସାଙ୍ଗକୁ ଚରିତ୍ରବାନ ହେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶ୍ରୀଜଗନ୍ନାଥ ଏଜୁକେସନାଲ ଫାଉଣ୍ଡେସନ ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଭାପତି ତଥା ଓମ୍‌ଫେଡର ପୂର୍ବତନ ଚିଫ୍ ଜେନେରାଲ ମ୍ୟାନେଜର ଡ. ଜ୍ଞାନଚାନ୍ଦ ଦାସ ପଟ୍ଟନାୟକ, ପରିଚାଳନା ସମିତିର ସଭାପତି ଭାଗିରଥୀ ଜେନା, ପୂର୍ବତନ ସମ୍ପାଦକ ମାର୍କଣ୍ଡ ସେଠୀ, ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଶ୍ରୀଜଗନ୍ନାଥ ଏଜୁକେସନାଲ ଫାଉଣ୍ଡେସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ମହାନ୍ତି ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଡ. ଶଶୀକାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଶ୍ରେଷ୍ଠ ସ୍ନାତକମାନଙ୍କୁ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ କୈଳାସ ଚନ୍ଦ୍ର ସାମଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରେ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଏଫ୍‌ଏମ୍ କଲେଜ ଗଣିତ ବିଭାଗରେ ଜାତୀୟ ପାଠଚକ୍ର




**ବାଲେଶ୍ୱର, ୨୮।୧୨(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଗଣିତ ବିଭାଗ ଆନୁକୂଲ୍ୟରେ 'ରିସେଣ୍ଟ ଆଡ୍‌ଭାନ୍‌ସେସ୍ ଇନ୍ ପିୟର ଆଣ୍ଡ ଆପ୍ଲାଏଡ୍ ମ୍ୟାଥ୍‌ମେଟିକ୍‌ସ' ବିଷୟବସ୍ତୁ ସମ୍ବନ୍ଧିତ ଏକ ଜାତୀୟ ପାଠଚକ୍ର ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ତଥା ଗଣିତ ଅଧ୍ୟାପକ ପ୍ରଫେସର ଦିଲ୍ଲୀପ କୁମାର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ଆଇଆଇଟି ଇନ୍ଦୋରର ଗଣିତ ପ୍ରଫେସର ଡ. ସ୍ୱଦେଶ କୁମାର ସାହୁ ଏହି ପାଠଚକ୍ରରେ 'ଜ୍ୟାମେଟ୍ରି ଅଫ୍ ଷ୍ଟେରିଓଗ୍ରାଫିକ୍ ପ୍ରଜେକ୍ସନ୍' ଉପରେ ତାଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଭୁବନେଶ୍ୱର ନାଇଜରର ଆସୋସିଏଟ୍ ପ୍ରଫେସର ଡ. ଦୀପକ କୁମାର ଦଳାଇ 'ବୁଲିଆନ ଫଙ୍କସନ୍ ଆଣ୍ଡ ଇଟ୍‌ସ କ୍ୟାଲେଗ୍ରାଫ୍' ବିଷୟରେ ଉପସ୍ଥାପନା କରିଥିଲେ। ଡିଆର୍‌ଡିଓର ପୂର୍ବତନ ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଗଣିତର ପ୍ରୟୋଗ ଓ ଭବିଷ୍ୟତରେ ଗଣିତ ପ୍ରସାରର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗ ଅଧ୍ୟାପକ ପ୍ରଫେସର ସୁବାସ ଚନ୍ଦ୍ର ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ଲକ୍ଷ୍ୟ ସାଧନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଗଣିତ ବିଭାଗର ମୁଖ୍ୟ ଦେବେନ୍ଦ୍ର ନାଥ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏଫ୍‌ଏମ୍ କଲେଜ ସହିତ ରେମୁଣା, କେକେଏସ୍ ଓ ବଳାଙ୍ଗୀ କଲେଜର ଗଣିତ ଅଧ୍ୟାପକଅଧ୍ୟାପିକାମାନେଯୋଗଦେଇଥିଲେ। ପାଠଚକ୍ର ଆୟୋଜନରେ ରୀତାଞ୍ଜଳି ବେହେରା, ରଶ୍ମିରେଖା ସିଓଲ, ପଙ୍କଜ କୁମାର ଦାସ, ଜ୍ୟୋତି ରଞ୍ଜନ ଦାସ, ସଙ୍ଗୀତା ଦାସ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସୁବିର ତୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋରୁ ଗାଡ଼ି ଅଟକାଇବାକୁ ନେଇ ଗଣ୍ଡଗୋଳ; ୫ ଗୁରୁତର

**ବାଲେଶ୍ୱର, ୨୮ ।୧୨(ସମିସ):**

ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥର ଫୁଲାଡିରୁ ନିଧିପଣ୍ଡା ଛକ ମଧ୍ୟସ୍ଥ ଜେନା ଢାବା ସମ୍ମୁଖରେ ବୁଧବାର ରାତି ସାଢ଼େ ୧ଟାରେ ଗୋରୁ ବୋଝେଇ ଗାଡ଼ି ଅଟକାଇବାକୁ ନେଇ ବଜରଙ୍ଗ ଦଳ କର୍ମୀ ଓ ଗୋରୁ ବେପାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ୫ ଜଣ ବଜରଙ୍ଗ ଦଳ କର୍ମୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ତିନିଜଣଙ୍କ ଅବସ୍ଥା ସାଂଘାତିକ ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବଜରଙ୍ଗ ଦଳ କର୍ମୀ ଅସିତ୍ ସ୍ୱାଇଁ (୩୨), ସୁବ୍ରତ ସାହୁ(୩୫), ଜିତେନ୍ଦ୍ର ସାହୁ(୩୩), ରାକେଶ ଓଝା(୨୯) ଓ ଅମିତ ପ୍ରଧାନ(୩୨) ଆହତ ହୋଇଥିଲାବେଳେ ଏମାନଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁବ୍ରତ, ଜିତେନ୍ଦ୍ର ଓ ଅସିତଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍ଗୀନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।



ପ୍ରକାଶ ଯେ, ଗତ ବୁଧବାର ରାତିରେ ୫ଟି ଗାଡ଼ିରେ ୬୦ରୁ ଊର୍ଦ୍ଧ୍ୱ ଗୋରୁ ଜଗତସିଂହପୁରରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। ଏହି ଗୋରୁ ଗାଡ଼ିଗୁଡ଼ିକୁ ସୁରକ୍ଷିତ ନେବା ପାଇଁ ଅନ୍ୟ ୫ଟି ବୋଲେରୋରେ ଗୋରୁ ବେପାରୀଙ୍କ ଲୋକମାନେ ମଧ୍ୟ ସାଥିରେ ଯାଉଥିଲେ। ଏହି ଖବର ଜଗତସିଂହପୁର ଓ କଟକ ଜିଲ୍ଲାର ବଜରଙ୍ଗ ଦଳ କର୍ମୀମାନେ ଜାଣିପାରି ପାଣିକୋଇଲିଠାରୁ ୨୫/୩୦ କର୍ମୀ ଅନ୍ୟ ଗାଡ଼ିରେ ବସି ସମ୍ପୃକ୍ତ ଗୋରୁ ଗାଡ଼ିଗୁଡ଼ିକୁ ପିଛା କରିଥିଲେ। ରାତି ସାଢ଼େ ୧ଟା ସମୟରେ ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଫୁଲାଡି ଓ ନିଧିପଣ୍ଡା ଛକ ମଧ୍ୟସ୍ଥ ଜେନା ଢାବା ସମ୍ମୁଖରେ ପିଛା କରୁଥିବା ବଜରଙ୍ଗ ଦଳ କର୍ମୀମାନେ ଗୋରୁ ଗାଡ଼ିକୁ ଅଟକାଇବାରେ ସକ୍ଷମ ହୋଇଥିଲେ। ଏହାବାଦ୍ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବାକ୍‌ବିତଣ୍ଡା ଲାଗିବା ସହିତ ଗଣ୍ଡଗୋଳ ହୋଇଥିଲା। ଗୋରୁ ବେପାରୀମାନେ ବଜରଙ୍ଗ ଦଳ କର୍ମୀଙ୍କୁ ଆକ୍ରମଣ କରିଥିଲେ। ତେବେ ଗୋରୁ ଗାଡ଼ିଗୁଡ଼ିକୁ ଅଟକାଇବା ପାଇଁ ବଜରଙ୍ଗ ଦଳ କର୍ମୀମାନଙ୍କୁ କିଏ ଅନୁମତି ଦେଇଛି? କେଉଁ ଆଇନ ମୂଳେ ସେମାନେ ରାତି ଅଧରେ କଟକରୁ ଆସି ବାଲେଶ୍ୱରରେ ଅଟାକାଇଲେ। ଯଦି ବେଆଇନ ଭାବେ ଗୋରୁ ଚାଲାଣ କରାଯାଉଥିଲା, ସେ ବାବଦରେ ପୁଲିସକୁ ଜଣାଇଲେନାହିଁ କାହିଁକି? ଯଦି ପୁଲିସକୁ ଜଣାଇବା ପରେ ପୁଲିସ ପକ୍ଷରୁ କିଛି ପଦକ୍ଷେପ ନିଆଯାଇ ନ ଥିଲା, ତାହେଲେ ପୁଲିସ ବିରୋଧରେ ଗଣତାନ୍ତ୍ରିକ ପଦ୍ଧତିରେ ପଦକ୍ଷେପ ନେଇପାରି ଥାଆନ୍ତେ। ମାତ୍ର ତାହା ନ କରି ଆଇନକୁ ହାତକୁ ନେବା ଯୋଗୁଁ ଏଭଳି ଘଟଣା ଘଟିଛି ବୋଲି ବାଲେଶ୍ୱରର ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# କୃଷକ ସାଥୀଙ୍କ ସମସ୍ୟା ନେଇ ଆଲୋଚନା



**ବାଲେଶ୍ୱର, ୨୮ ।୧୨(ସମିସ):** ବସ୍ତା ବ୍ଲକ କୃଷକ ସାଥୀ ସଂଘ ପକ୍ଷରୁ ବାହାର୍ଦ୍ଦା କୃଷି ଫାର୍ମ ହାଉସ ଠାରେ କୃଷକ ସାଥୀଙ୍କ ସମସ୍ୟା ଏବଂ ବସ୍ତା ବ୍ଲକର କୃଷକମାନଙ୍କର ଉନ୍ନତିକରଣ ନିମନ୍ତେ ବିଭିନ୍ନ ସମସ୍ୟାମାନ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି କୃଷକସାଥୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ମାସିକ ଉଚିତ ଦେୟ ପ୍ରଦାନ ଉପରେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଥିଲା। ବ୍ଲକ ସଂଘର ସଭାପତି ସମୀର କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ବ୍ଲକ ସଂଘର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଜେନା କୃଷକସାଥୀଙ୍କ ସମସ୍ୟା ଉପସ୍ଥାପନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁବାସିନି ଜେନା ଯୋଗଦେଇ ତାଙ୍କ ମତ ରଖିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ହିନ୍ଦ ମଜଦୁର ସଂଘର ସଭାପତି ଅରୁଣ ସ୍ୱାଇଁ, ରାଜ୍ୟ ସଂଘର ପୃଥ୍ୱୀରାଜ ମଲ୍ଲିକ, ପ୍ରକାଶଚନ୍ଦ୍ର ବେହେରା, ସମିତିସଭ୍ୟଙ୍କ ସହ ବହୁ କୃଷକ ସାଥୀ ଯୋଗଦେଇଥିଲେ। ଶେଷରେ ଆଦିତ୍ୟ ଦାସ ଧନ୍ୟବାଦ ଦେଇଥିଲେ।

### ଶାରଦୀୟ ଅମୃତ କୁମ୍ଭ ବିଜେତା ଘୋଷଣା କଲା ଟିପିଏନ୍‌ଓଡିଏଲ୍

# ୩୬୦ ଜଣ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଆକର୍ଷଣୀୟ ପୁରସ୍କାର




**ଆରମ୍ଭ ହେଲା ନୂତନ ବର୍ଷ ଅମୃତ କୁମ୍ଭ ଅଫର**

**ବାଲେଶ୍ୱର, ୨୮ ।୧୨(ସମିସ):** 'ଶାରଦୀୟ ଅମୃତ କୁମ୍ଭ' ଅଫରର ଭାଗ୍ୟଶାଳୀ ବିଜେତାଙ୍କ ନାମ ଘୋଷଣା କରିଛି ଟିପିଏନ୍‌ଓଡିଏଲ୍। ଦୁର୍ଗାପୂଜା ଅବସରରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଏହି ଅଫର ଉପଲବ୍ଧ କରାଯାଇଥିବାବେଳେ ଲକି ଡ୍ର ମାଧ୍ୟମରେ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ବାଲେଶ୍ୱର ବାରିଦା, କେନ୍ଦୁଝର, ଭଦ୍ରକ, ଯାଜପୁର ଆଞ୍ଚଳିକ କ୍ଷେତ୍ରରୁ ୪ଟି ବର୍ଗରେ ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଚୟନ କରାଯାଇଛି। ପ୍ରତି ବର୍ଗରେ ୯୦ଜଣ କରି ମୋଟ ୩୬୦ ଜଣ ଉପଭୋକ୍ତା ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଛନ୍ତି। ଟିପିଏନ୍‌ଓଡିଏଲ୍ ପକ୍ଷରୁ ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଏହି ଆକର୍ଷଣୀୟ ଅଫର ଉପଭୋକ୍ତାମାନଙ୍କ ପାଇଁ ଆରମ୍ଭ କରାଯାଇଥିଲା ବୋଲି ବାଲେଶ୍ୱର ସ୍ଥିତ ଟିପିଏନ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଗୁରୁବାର ଟିପିଏନ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି।

ଡିଜିଟାଲ ଦେୟ ତଥା ନିୟମିତ ଦେୟକୁ ପ୍ରୋତ୍ସାହନ ପାଇଁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ଦର୍ଶାଇଥିଲେ। ତେବେ ପାଞ୍ଚ ବୈଦୁତିକ କ୍ଷେତ୍ରରୁ ୨୦ ଜଣ ପ୍ରଥମ ଉପହାରର ଭାଗ୍ୟଶାଳୀ ବିଜେତାଙ୍କୁ ମୋବାଇଲ୍ ଫୋନ୍ ପ୍ରଦାନ କରାଯିବାକୁ ଥିବାବେଳେ ଦ୍ୱିତୀୟ ଉପହାରରେ ୪୦ଜଣଙ୍କୁ ମିକ୍ସର ଗ୍ରାଇଣ୍ଡର, ତୃତୀୟ ସ୍ଥାନ ପାଇଁ ଶହେ ଜଣଙ୍କୁ ଇଣ୍ଡକ୍ସନ ଓଭନ୍ ପ୍ରଦାନ କରାଯିବା ନେଇ ନାମ ଚୟନ କରାଯାଇଛି। ଏହାସହ ସାନ୍ତ୍ୱନାମୂଳକ ବର୍ଗରେ ମଧ୍ୟ ୨୦୦ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବା ପାଇଁ ଲକି ଡ୍ର ମାଧ୍ୟମରେ ନାମ ଚୟନ କରାଯାଇଛି। ସେହିପରି ନୂଆ ବର୍ଷ ଉପଲକ୍ଷେ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ମଧ୍ୟ 'ନୂତନ ବର୍ଷ ଅମୃତ କୁମ୍ଭ'ର ଆରମ୍ଭ କରାଯାଇଥିବା ଟିପିଏନ୍‌ଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। 'ବିଲ୍ ପେ ଏଣ୍ଡ ୱିନ' ଯୋଜନା ଅଧୀନରେ ଉପଭୋକ୍ତାମାନେ ବିଦ୍ୟୁତ୍ ଦେୟ ପୈଠ କରି ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ଓ ସିଏସ୍‌ଆର୍ ମୁଖ୍ୟ ପ୍ରବୀଣ କୁମାର ବର୍ମା, ଚିଫ୍ କମର୍ସିଆଲ ରମେଶ କ୍ୱଲ, ଗ୍ରାହକ ସେବା ବିଭାଗ ମୁଖ୍ୟ ବିନୋଦ କୁମାର, ବିଲିଂ ବିଭାଗ ମୁଖ୍ୟ ବରୁଣ ଶର୍ମା, ବାଣିଜ୍ୟ ବିଭାଗ ମୁଖ୍ୟ ଶୁଭ୍ରଜ୍ୟୋତି ଦାସ, ଲୋକ ସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଶାସନର ଅବହେଳା; ଖଟିଆରେ ବୁହାହେଲେ ରୋଗୀ

**ବାଲେଶ୍ୱର, ୨୮ ।୧୨(ସମିସ):** ତହସିଲ୍ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗାଁ ମଝିରେ ଥିବା ଏକ ନିମ୍ବ ଗଛକୁ କାଟିବାକୁ ତହସିଲ୍‌ଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଗାଁ ଭିତରକୁ ଆମ୍ବୁଲାନ୍ସ ପଶି ପାରି ନ ଥିଲା। ଫଳରେ ଜଣେ ରୋଗୀଙ୍କୁ ପ୍ରାୟ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ରୋଗୀଙ୍କୁ ଖଟିଆରେ ଆଣିବା ପରେ ଆମ୍ବୁଲାନ୍ସରେ ହସ୍ପିଟାଲ୍ ପଠାଯାଇଥିଲା। ଏପରି ଏକ ଘଟଣା ଗୁରୁବାର ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତ ଅନ୍ତର୍ଗତ ବଡ଼ପାଳ ଗ୍ରାମର ଭୂତପୁର ଆଦିବାସୀ ସାହିରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଭୂତପୁର ଆଦିବାସୀ ସାହିର ରାଜେନ୍ଦ୍ର ମାଝୀଙ୍କ ବାପା ବନ ମାଝୀ (୬୫) ଗୁରୁବାର ସକାଳୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ହସ୍ପିଟାଲ୍ ନେବା ପାଇଁ ପ୍ରସ୍ତୁତ ହୋଇଥିଲେ। ଖବର ପାଇ ବଡ଼ପାଳ ପଞ୍ଚାୟତର ସରପଞ୍ଚ କମଳ ଲୋଚନ ପଣ୍ଡାଙ୍କ ଜରିଆରେ ୧୦୮ ସେବାକୁ ଯୋଗାଯୋଗ କରିବା ପରେ ତୁରନ୍ତ ଆସି ଗ୍ରାମ ଆରମ୍ଭରେ ରହିଥିଲା। କିନ୍ତୁ ରୋଗୀଙ୍କ ନିକଟକୁ ଆମ୍ବୁଲାନ୍ସ ଯାଇପାରି ନ ଥିଲା। କାରଣ ଗ୍ରାମ ମଝିରେ ଏକ ବୃହତ୍ ନିମ୍ବ ଗଛ ଥିବା ଯୋଗୁଁ ଆମ୍ବୁଲାନ୍ସ ଯିବା ରାସ୍ତାରେ ବାଧକ ସାଜିଥିଲା। ବାଧ୍ୟ ହୋଇ ଗ୍ରାମର ଲୋକେ ଏକ ଖଟିଆରେ ଅସୁସ୍ଥ ବନ ମାଝୀଙ୍କୁ ଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ପ୍ରକାଶ ଥାଉକି, ଭୂତପୁର ଆଦିବାସୀ ସାହିର ରାସ୍ତାକୁ ଆର୍‌ଡିରେ ସଂଯୋଗ ପାଇଁ ଆର୍‌ଡି ବିଭାଗକୁ ବାରମ୍ବାର ଚିଠି ଲେଖାଯାଇଛି। ଏପର୍ଯ୍ୟନ୍ତ ଏହାର କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହା ବ୍ୟତୀତ ଏହି ଆଦିବାସୀ ସାହିକୁ ଯିବା ରାସ୍ତାରେ ଅର୍ଥାତ୍ ରାସ୍ତା ମଝିରେ ରହିଛି ଏକ ନିମ୍ବ ଗଛ। ଯେଉଁଥିପାଇଁ ସେଠାରେ ଦୁଇ ରାସ୍ତାକୁ ମଧ୍ୟ ସଂଯୋଗ କରିହେଉନାହିଁ। ଏଥିସହିତ ଆମ୍ବୁଲାନ୍ସ ମଧ୍ୟ ଗାଁ ଭିତରକୁ ଯାଇପାରୁନି। ତେବେ ରାସ୍ତା ଅବରୋଧ କରୁଥିବା ନିମ୍ବ ଗଛଟିକୁ କାଟିବା ପାଇଁ ଗ୍ରାମବାସୀ ବାରମ୍ବାର ରେମୁଣା ତହସିଲ୍‌ଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରୁଛନ୍ତି। ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ମଧ୍ୟ ଗ୍ରାମବାସୀ ଅଭିଯୋଗ ଦେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଏ ଦିଗରେ ପଦକ୍ଷେପ ନିଆଯାଇନାହିଁ।



**ବାଧକ ସାଜିଲା ମଝିରେ ଥିବା ନିମ୍ବ ଗଛ; ରାସ୍ତା ସଂଯୋଗୀକରଣ ବି ହୋଇପାରୁନି**

## ଉତ୍କଳ ଶିକ୍ଷା ପରିଷଦ ପକ୍ଷରୁ ସଂକୁଳସ୍ତରୀୟ ଶିଶୁମେଳା



ବାଲେଶ୍ୱର/ବାଲିଆପାଳ, ୨୮ ।୧୨(ସମିସ): ସ୍ଥାନୀୟ ସୀତାନାଥ ସ୍ମାରକୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଉତ୍କଳ ଶିକ୍ଷା ପରିଷଦର କଳା ଓ ସଂସ୍କୃତି ବିଭାଗ ତରଫରୁ ବାଲିଆପାଳ ସଂକୁଳସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶତାଧିକ ପ୍ରତିଯୋଗୀଙ୍କ ଦ୍ୱାରା ଏକ ନଗର ପରିକ୍ରମା କରାଯାଇ ଭାରତ ମାତା, ଜଗତର ନାଥ ଜଗନ୍ନାଥ ଓ ବିବେକାନନ୍ଦଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ ନିରୀକ୍ଷକ ରାମନାଥ କର ଯୋଗଦେଇ ଶିଶୁମାନଙ୍କ ଭିତରେ ରହିଥିବା ସୁପ୍ତ ପ୍ରତିଭାକୁ ସଠିକ୍ ଭାବରେ ବିକାଶ କରିବା ଦାୟିତ୍ୱ ଗୁରୁଜୀ ଗୁରୁମା' ଓ ଅଭିଭାବକମାନଙ୍କ ଉପରେ ରହିଛି। ମୁଖ୍ୟବକ୍ତା ଭାବେ ବଡ଼ତାଳପଡ଼ା ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ଲଙ୍ଗଳେଶ୍ୱର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟା ବୈଜୟନ୍ତି ରାଉଳ, ଦେବ କୁମାର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଅନୁଷ୍ଠାନର ସମ୍ପାଦକ ରଜତ ଗିରି ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ପରିଡ଼ା ଶିଶୁ ମେଳାର ଆଭିମୁଖ୍ୟର ରୂପରେଖ କହିଥିବାବେଳେ ସମ୍ପାଦକ ଜ୍ୟୋତି ପ୍ରକାଶ ଜେନା ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଗୁରୁଜୀ ଦେବବ୍ରତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ପିଲାମାନଙ୍କ ମଧ୍ୟରେ ନାଚ, ଗୀତ, ସୁନ୍ଦର ହସ୍ତାକ୍ଷର, କୁଇଜ, ଏକକ ଅଭିନୟ ଆଦି ପ୍ରତିଯୋଗିତାରେ ପାଖାପାଖି ୧୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା' ପରିଚାଳନା କରିଥିଲେ।

## ସେବା ସମବାୟ ସମିତିର ସାଧାରଣ ସଭା




**ବାଲେଶ୍ୱର, ୨୮ ।୧୨(ସମିସ):** ରଣସାହି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବୁଧବାର ଦିନ ସୋନାପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇଥିଲେ। ଏହି ସଭାରେ ଜିଲ୍ଲା ପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ, ସଭାପତି ଶାନ୍ତିଲତା ବିଶ୍ୱାଳ, ଶ୍ରୀକୋଣା ସରପଞ୍ଚ କମଳ ସାହୁ, ରଣସାହି ସରପଞ୍ଚ ସୂର୍ଯ୍ୟକାନ୍ତ ବେହେରା, ପୂର୍ବତନ ସଭାପତି ପ୍ରଶାନ୍ତ ଦାସ ଓ ଉମେଶ ରାଉତ, କୈଳାଶ ମଳିକ, ପ୍ରଦୀପ ଚଣ୍ଡ, ଦିଲ୍ଲୀପ ବିଶ୍ୱାଳ, ସନ୍ତୋଷ ମଣ୍ଡଳ, ରୂପା ଖିଲାର, ସତ୍ୟ ନାରାୟଣ ବିଶ୍ୱାଳ, ଏଚସି ଜେନା, ଅରୁଣ ମଣ୍ଡଳ, ସୁବ୍ରତ ପଟ୍ଟନାୟକ, ରବୀନ୍ଦ୍ର ସିଟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗଣିତ ଦକ୍ଷତାକୁ ନେଇ ଜାତୀୟସ୍ତରରେ ବାଲେଶ୍ୱରର ଶିକ୍ଷୟିତ୍ରୀ ସମ୍ମାନିତ



**ବାଲେଶ୍ୱର, ୨୮ ।୧୨(ସମିସ):** ଗଣିତରେ ଦକ୍ଷତାକୁ ନେଇ ଜାତୀୟସ୍ତରର ଉତ୍ସବରେ ସମ୍ମାନିତ ହୋଇଛନ୍ତି ବାଲେଶ୍ୱରର ଶିକ୍ଷୟିତ୍ରୀ ସୌଭାଗ୍ୟ ମଞ୍ଜରୀ ମହାନ୍ତି। ଗତ ୨୨ ତାରିଖ ପ୍ରସିଦ୍ଧ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀରେ ଜାତୀୟ ଗଣିତ ଦିବସ ପାଳନ ଅବସରରେ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ଯୋଜନା ଅନୁବନ୍ଧିତ ଓ ଜାତୀୟ ଦକ୍ଷତା ବିକାଶ ପରିଷଦ ସ୍ୱୀକୃତିପ୍ରାପ୍ତ ଆବାକସ୍ ଏଣ୍ଡ ବୈଦିକ ଏରିଥିମେଟିକ୍ ସୋସାଇଟି ଓ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବୈଦିକ ମ୍ୟାଥମେଟିକ୍ସ ଏଣ୍ଡ ଆବାକସ୍ ମିଳିତ ଆନୁକୂଲ୍ୟରେ ନୂଆଦିଲ୍ଲୀ ସ୍ଥିତ ଆଇଆଇଟିଠାରେ ଆୟୋଜିତ ଉତ୍ସବରେ ଶ୍ରୀମତୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଗଣିତରେ ସ୍ନାତକୋତ୍ତର ସହ ଏମ୍‌ଇଡି ଡିଗ୍ରୀ ହାସଲ ପରେ ଶ୍ରୀମତୀ ମହାନ୍ତି ବାଲେଶ୍ୱରର ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ ସହ ଭବାନୀ ସ୍କୁଲରେ ଶିକ୍ଷକତା କରୁଥିଲେ। ବାଲେଶ୍ୱର ସହରର ତେଲେଙ୍ଗାସାହିରେ ସେ ରହୁଥିବାବେଳେ ଘରଠାରୁ ଅନତି ଦୂରରେ ଗଢ଼ିଛନ୍ତି 'ଦି ବ୍ରେନ୍ ବେ ଏଡୁକେୟର' ଅନୁଷ୍ଠାନ। ସେଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀଙ୍କୁ ଗଣିତ ବିଷୟ ପଢ଼ାଇବା ସହ ସେ ବୈଦିକ ଗଣିତ ଓ ଆବାକସ୍ ଉପରେ ଅଧିକ ଗବେଷଣା କରୁଛନ୍ତି। ଏଥିପାଇଁ ସେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବୈଦିକ ମ୍ୟାଥମେଟିକ୍ସ ଏଣ୍ଡ ଆବାକସ୍‌ରୁ ବୈଦିକ ଗଣିତ ଉପରେ ପ୍ରଶିକ୍ଷଣ ନେଇଛନ୍ତି। ବୈଦିକ ଗଣିତକୁ ଲୋକପ୍ରିୟ କରିବା ତଥା ଏଥିରେ ଛାତ୍ରଛାତ୍ରୀଙ୍କୁ ପାରଙ୍ଗମ କରିବା ଲକ୍ଷ୍ୟ ନେଇ ସେ ନିଜେ ପ୍ରଶିକ୍ଷଣ ନେଇ ଏହା ଉପରେ ଗବେଷଣା ଚଳାଇଥିବା ପ୍ରକାଶ କରିଛନ୍ତି। ଏପରିକି ସେ ବାଲେଶ୍ୱର ସହରର ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ଜଡ଼ିତ ଗଣିତ ସହ ବୈଦିକ ଗଣିତରେ ଶିକ୍ଷା ପ୍ରଦାନ କରୁଥିବାବେଳେ ଅନ୍‌ଲାଇନ୍ ଯୋଗେ ଇଂଲଣ୍ଡର ଛାତ୍ରଛାତ୍ରୀଙ୍କୁ ବୈଦିକ ଗଣିତ ପଢ଼ାଉଛନ୍ତି। ଭବିଷ୍ୟତରେ ସେ ବାଲେଶ୍ୱରରେ ଗଣିତ ବିଷୟକୁ ନେଇ ଏକାଡେମୀ ଖୋଲିବା ଲକ୍ଷ୍ୟ ରଖିଥିବା ଶ୍ରୀମତୀ ମହାନ୍ତି ସୂଚନା ଦେଇଛନ୍ତି। ଏଥିରେ ତାଙ୍କ ସ୍ୱାମୀ ପ୍ରଦୀପ କୁମାର ମହାନ୍ତି ବେଶ୍ ସହଯୋଗ କରୁଛନ୍ତି ବୋଲି କହିଛନ୍ତି।

# ବେଆଇନ ଇଟାଭାଟିକୁ ପ୍ରଶାସନର ଅହେତୁକ ଅନୁକମ୍ପା

**ବାଲେଶ୍ୱର, ୨୮ ।୧୨(ସମିସ):**

ବାଲେଶ୍ୱର ରେମୁଣା ତହସିଲ ଅଞ୍ଚଳରେ ଗଢି ଉଠିଥିବା ବେଆଇନ ଇଟାଭାଟି ମାଲିକଙ୍କୁ ସ୍ଥାନୀୟ ତହସିଲଦାରଙ୍କ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି କରାଯିବା, କେବଳ ପ୍ରହସନ ବ୍ୟତିତ ଅନ୍ୟ କିଛି ନୁହଁ। କାରଣ ଗତ ବର୍ଷ ଭଳି ଏଥର

**କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର**

**ଇଟାଭାଟି ଧୂଆଁରେ ପଦୂଷିତ ହେଉଛି ପରିବେଶ**

ତହସିଲଦାରଙ୍କ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ପରେ ମଧ୍ୟ ଏହି ଇଟାଭାଟି ମାଲିକମାନେ ଆଉ କିଛିଦିନ ସମୟ ଦେବା ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। ଫଳରେ ସ୍ଥାନୀୟ ପ୍ରଶାସନ ନରମି ଯାଇ, ବେଆଇନ ଇଟାଭାଟି ମାଲିକଙ୍କୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି। ବାଲେଶ୍ୱର ରେମୁଣା ତହସିଲ ଅଧିନସ୍ଥ ଅଞ୍ଚଳରେ ୪୦ରୁ ଉର୍ଦ୍ଧ୍ୱ ବେଆଇନ ଇଟାଭାଟିରୁ ଇଟା ପ୍ରସ୍ତୁତ ହେଉଛି। ୨୦୨୨ରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ଇଟାଭାଟି ଗୁଡ଼ିକୁ ଭାଙ୍ଗି ଦେବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଇଟାଭାଟି ମାଲିକମାନେ ସରକାରଙ୍କ ବିନା



ଅନୁମତିରେ ଆଉ ଇଟାଭାଟି କରିବେ ନାହିଁ ବୋଲି ସତ୍ୟପାଠରେ ପ୍ରଶାସନକୁ ଦର୍ଶାଇବା ସହିତ ୩/୩/୨୩ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ଇଟାଭାଟିକୁ ନ ଭାଙ୍ଗିବା ପାଇଁ ନିବେଦନ କରିଥିଲେ। ପ୍ରଶାସନ ମଧ୍ୟ ତାଙ୍କ କଥା ମାନି ବେଆଇନ ଇଟାଭାଟି ଭାଙ୍ଗି ନ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ରେମୁଣା ଅଞ୍ଚଳରେ ଛତୁ ଫୁଟିଲା ଭଳି ବେଆଇନ ଇଟାଭାଟି ଗଢି ଉଠିଥିଲାବେଳେ ସ୍ଥାନୀୟ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷ ନିରବ ମୁଦ୍ରାରେ ରହିଥିଲେ। ହେଲେ ଇଟାଭାଟି ଗୁଡିକ ବିରୋଧରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ରେମୁଣା ତହସିଲଦାରଙ୍କ ପକ୍ଷରୁ ଏହି ଇଟାଭାଟି ମାଲିକଙ୍କୁ ଚଳିତ ମାସ ୧୯ ତାରିଖରେ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସରକାରଙ୍କ ଅନୁମତି ନ ନେଇ ଇଟାଭାଟି କରିଥିବା ଯୋଗୁଁ କାହିଁକି ସେମାନଙ୍କ ଠାରୁ ଜରିମାନା ନିଆ ନ ଯିବ, ତାହା ସାତ ଦିନ ମଧ୍ୟରେ ଜଣାଇବା ପାଇଁ ନୋଟିସରେ ତହସିଲଦାର ଦର୍ଶାଇଥିଲେ। ଗତ ମଙ୍ଗଳବାର ସାତଦିନ ପୂରିଯାଇଛି। ମାତ୍ର ଇଟାଭାଟି ମାଲିକମାନଙ୍କ ପକ୍ଷରୁ ସେହି ମଙ୍ଗଳବାର ଦିନ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଛି। ଏହି ସ୍ମାରକପତ୍ରରେ ଇଟାଭାଟି ମାଲିକମାନେ ଆଗାମୀ ଆଉ କିଛିଦିନ ସମୟ ଦେବାଲାଗି ନିବେଦନ କରିଛନ୍ତି।

ଅପରପକ୍ଷରେ ଗତ ୩ ବର୍ଷ ପୂର୍ବରୁ ପ୍ରଦୂଷଣ ବିଭାଗ ସମସ୍ତ ଇଟାଭାଟିକୁ ଭାଙ୍ଗିବା ପାଇଁ ଅନୁମତି ଦେଇଥିବା ବେଳେ କାହିଁକି ଚୁପ ବସିଛି ଜିଲ୍ଲା ପ୍ରଶାସନ। ପ୍ରଦୂଷଣ ବିଭାଗର ନିୟମ ଅନୁସାରେ ଜାତୀୟ ରାଜପଥଠାରୁ ୫ ଶହ ମିଟର ଦୂରରେ ଇଟାଭାଟି କରାଯିବ। ପୁଣି ଶିକ୍ଷାନୁଷ୍ଠାନ ପାଖରେ ଇଟାଭାଟି ହେଇପାରିବ ନାହିଁ। ମାତ୍ର ବେଆଇନ ଇଟାଭାଟି ଖୋଲାଖୋଲି ଏହି ନିୟମକୁ ଉଲ୍ଲଙ୍ଘନ କରୁଥିବା ଦେଖାଯାଉଛି। ସରକାରୀ ନୀତି ନିୟମକୁ ଉଲ୍ଲଙ୍ଘନ କରି ଶିକ୍ଷାନୁଷ୍ଠାନ ଓ ଜାତୀୟ ରାଜପଥ ନିକଟରେ ଇଟାଭାଟି ନିର୍ମାଣ କରାଯାଉ ଥିଲାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରାଯାଉଛି। ସବୁଠାରୁ ବଡ଼କଥା ହେଉଛି ୨୦୧୯ ମସିହାରୁ ଇଟାରେ ମାଟି ବ୍ୟବହାର ଓ କୋଇଲାରେ ଇଟା ପୋଡ଼ିବା ଉପରେ କଟକଣା ଜାରି କରିଛି ପ୍ରଦ୍ୟୁଷଣ ବିଭାଗ। ହେଲେ ପ୍ରଶାସନର ଅହେତୁକ ଅନୁକମ୍ପା ପାଇଁ ଇଟାଭାଟି ମାଲିକମାନେ ଏହି ସବୁ ସରକାରୀ କଟକଣାକୁ ଫୁଁ' କରି ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ମାତ୍ର ରେମୁଣା ତହସିଲ୍‌ଦାର ଅନୁପ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଲେ, ସେମାନଙ୍କ ସହିତ ଆଲୋଚନା କରାଯାଇ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ବେହେରା କହିଛନ୍ତି। ତେବେ ଏହି ସବୁ ବେଆଇନ କାର୍ଯ୍ୟର ସମସ୍ତ ପ୍ରମାଣ ଥାଇ ବି, ଜିଲ୍ଲା ପ୍ରଶାସନ କାହାକୁ ଓ କେଉଁ ନିୟମକୁ ଅପେକ୍ଷା କରି ବସିଛନ୍ତି, ତାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ହେଉଛି।

## କାର୍ ଧକ୍କାରେ ପଥଚାରୀ ମୃତ

**ଘସିପୁରା,୨୮ ।୧୨(ସମିସ):** ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଥାନା ସୁଆଁପଦା ଛକ ନିକଟରେ ଆଜି ସନ୍ଧାରେ କାର ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ସୁଆଁପଦା ଛକରେ ରାସ୍ତା ପାର ହେଉଥିବା ସମୟରେ ଯାତ୍ରୀ ନାଏକ (୫୦) ନାମକ ଜଣେ ମହିଳା ରାସ୍ତା ପାର ହେଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ପଥଚାରୀ ମହିଳା ଗୁରୁତର ଆହାତ ହୋଇ ରାସ୍ତା ଉପରେ ଛିଟିକି ପଡିଥିଲେ । ସ୍ଥାନିୟ ଲୋକଙ୍କ ଦ୍ୱାରା ପୁଲିସ ମହିଳାଙ୍କୁ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ପୁଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବଦ କରି ଘଟଣା ସଂପର୍କରେ ଅଧିକ ତଦନ୍ତ ଜାରି ରଖିଛି ।

## ନିଆଁରେ ପୋଡ଼ିହୋଇ ମହିଳା ମୃତ

**ଯୋଡ଼ା,୨୮ ।୧୨(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ସଞ୍ଜୁଲତା ମହାନ୍ତ ନିଆଁରେ ପୋଡ଼ି ହୋଇଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାକୁ ନିଆ ଯିବା ବେଳେ ବାଟରେ ମୃତ୍ୟୁ ଘଟିଥଲା । ବିଳମ୍ବିତ ସନ୍ଧ୍ୟାରେ ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ପ୍ରାତଃ ସମୟରେ କୌଣସି କାରଣରୁ ଘରେ ନିଆଁ ଲାଗି ଯାଇଥିଲା । ସେଥିରେ ସଞ୍ଜୁ ପୋଡ଼ି ହୋଇ ଅର୍ଦ୍ଧଦଗ୍ଧ ହୋଇ ଥିଲେ । ତାଙ୍କୁ ପ୍ରଥମେ ଚମ୍ପୁଆ ଡାକ୍ତରଖାନା, ପରେ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଜାଳେଣି ଗ୍ୟାସ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଇଛି । ତେବେ ପୁଲିସ ଏହି ଘଟଣାର ଅଧିକ ତଦନ୍ତ କରି ସଠିକ୍ ଯାଞ୍ଚ ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି କହିଛି ।

## ଆନନ୍ଦପୁର ପୌରପାଳିକାରେ ଭଲିବଲ କ୍ରୀଡ଼ା

**ଆନନ୍ଦପୁର, ୨୮।୧୨(ସମିସ):** ସମନ୍ୱିତ ଯୁବ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅବସରରେ ଆନନ୍ଦପୁର ପୌରପାଳିକା ପକ୍ଷରୁ ଆଜି ସ୍ଥାନୀୟ ଫାୟାର ଷ୍ଟେସନ ଖେଳପଡିଆରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ନୂଆ ଓଡ଼ିଶାର କ୍ରୀଡ଼ା ଉତ୍ସବର ଚତୁର୍ଥ ଦିନରେ ୮ ଭଲିବଲ ଦଳଙ୍କ ମଧ୍ୟରେ ଚିତାକର୍ଷକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଫାୟାର ଷ୍ଟେସନ ଖେଳପଡ଼ିଆଠାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳ ଉଦ୍‌ଘାଟନ କରିଥିଲେ । ଆଜିର ଟୁର୍ଣ୍ଣାମେଣ୍ଟରେ ଫକୀରପୁରର ସପ୍ତେଶ୍ୱର କ୍ଲବ, ବୀରବଲ ଭଲି କ୍ଲବ, ଶୈଳଙ୍ଗ ମହାବୀର ଭଲି କ୍ଲବ, ବଜରଙ୍ଗ କ୍ଲବ, ନୀଳମାଧବ ଭଲି କ୍ଲବ, ମା' ଧନେଇ ଭଲି କ୍ଲବ, ଘସିପୁରାର ଲାଇଅନ ଭଲି କ୍ଲବ, ଝାଡେଶ୍ୱର ଭଲି କ୍ଲବ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପୌରପାଳିକା କ୍ରୀଡା ଉତ୍ସବର ନୋଡାଲ ଅଫିସର ଆର୍ଯ୍ୟ ଦେବବ୍ରତ ସାମଲଙ୍କ ତତ୍ତ୍ୱାବଧାନରେ ପୌରାଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ଏହି ଭଲି ଟିମ ମାନଙ୍କ ମଧ୍ୟରେ ଚିତାକର୍ଷକ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡ଼ା ଉତ୍ସବକୁ ଖେଳ ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ସୌଜନ୍ୟ କୁମାର ପଣ୍ଡା, ଜ୍ଞାନେନ୍ଦ୍ର ବାରିକ, ରମେଶ ଚନ୍ଦ୍ର ସାହୁ, କୁଶଧ୍ୱଜ ସାହୁ, ସତ୍ୟବ୍ରତ ସାହୁ, ଗୌରାଙ୍ଗ ଚରଣ ନାୟକ, ସୌମ୍ୟରଞ୍ଜନ ସାହୁ, ସୌମ୍ୟଜିତ ସାହୁ, ଆରତୀ ସିଂ ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଆନନ୍ଦପୁର ପୌରପାଳିକାର କର୍ମଚାରୀ ସୁରେନ୍ଦ୍ର କୁମାର ମିଶ୍ର, ଧନଞ୍ଜୟ ଦାଶ, ଶୁଭକାନ୍ତ ଜେନା ଓ ସୁଦର୍ଶନ ସେଠୀ ସହଯୋଗ କରିଥିଲେ ।

## ପୁରୁଣାବାନ୍ଧଗୋଡ଼ାରେ କ୍ରୀଡ଼ା ମହୋତ୍ସବ

**ଘସିପୁରା,୨୮ ।୧୨(ସମିସ):** ପୁରୁଣାବାନ୍ଧଗୋଡା ପଞ୍ଚାୟତରେ ଯୁବ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆଧାରରେ ବ୍ଲକ ପ୍ରଶାସନ ପକ୍ଷରୁ ଗତକାଲି ଠାରୁ ଆରମ୍ଭ ହୋଇଥିବା କ୍ରୀଡ଼ା ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଛି । ଘସିପୁରା ବିଡିଓ ମାନସ ରଞ୍ଜନ ସାମଲଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ସ୍ଥାନୀୟ ସରପଞ୍ଚ ସୁଧାରାଣୀ ଧୀର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଗଡବାନ୍ଧଗୋଡା, ଗଁପୁର, ଅଳତି, ପୁରୁଣାବାନ୍ଧଗୋଡା ପ୍ରଭୃତି ୪ଟି ପଞ୍ଚାୟତରୁ ୨୦ଟି କ୍ରିକେଟ ଦଳ ଏହି କ୍ରୀଡ଼ା ମହୋତ୍ସବରେ ସାମିଲ ହୋଇଥିଲେ । ଉନ୍ନତ ଦକ୍ଷତା ଭିତ୍ତିରେ ନରଦାଟିମ ଏକମାତ୍ର ଦଳ ଭାବେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲା । କ୍ରୀଡା ଉତ୍ସବ ପରିଚାଳନାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରଶ୍ମୀରଞ୍ଜନ ମହାରଣା, ବିଏସ୍‌ଏସ୍‌ଓ ଶୁଭକାନ୍ତ ଯେନା, ଗ୍ରାମରୋଜଗାର ସେବକ ପ୍ରିୟବ୍ରତ ମହାରଣା, ନିହାରରଞ୍ଜନ ଧୀର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

## ଆର୍‌ସିବି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବେଲବାହାଲି, ୨୮।୧୨ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ବଡ଼ପଡ଼ିଆ ଠାରେ ଆର୍‌ସିବି କ୍ରିକେଟ କ୍ଲବ୍ ପକ୍ଷରୁ ୧୩ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜଳସୁଆଁ ପ୍ରାଥମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ପାଲା କମିଟି ସଭାପତି ବିଷ୍ଣୁଚରଣ ମାଝୀ ଯୋଗ ଦେଇଥିଲେ । ଏଥବରେ ୮ଟି ଦଳ ଯୋଗଦେବାକୁ ଥିବା ବେଳେ ଆନନ୍ଦପୁର ଗୁହାଳିଆର ମା ମଙ୍ଗଳା କ୍ରିକେଟ କ୍ଲବ୍ ଓ ଘଷିପୁରାର କୋଳିପାଳ ବିବିସିସି କ୍ରିକେଟ କ୍ଲବ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା । ଏଥିରେ ମା'ମଙ୍ଗଳା କ୍ରିକେଟ କ୍ଲବ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ସାମ୍ବାଦିକ ଗଣେଶ୍ୱର ସା ଓ ସମାଜସେବୀ ଦୀପକ୍ କୁମାର୍ ରଣା ଖେଳ ପରିଚାଳନା କରିଥିଲେ । ଆର୍‌ସିବି କ୍ଲବ୍‌ର ସଦସ୍ୟ ମିଥୁନ, ବିଚିତ୍ର, ସୋନୁ, ସୁବାସ, ଗୋବି, ରୁଦ୍ର, ଚଗୁଲ, ପପୁ, ଚନ୍ଦୁରୁ, ରାହୁଲ, ରାଜୀବ, ବାପୁନ୍ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## କିଶୋରୀ ବାଳିକା ସଶକ୍ତିକରଣ ଶିବିର

**ଘସିପୁରା,୨୮ ।୧୨(ସମିସ):** ଟାଟା ଅଷ୍ଟାୟର ପକ୍ଷରୁ ଅଳତି ମା'କଲ୍ୟାଣ ମଣ୍ଡପ ପରିସରରେ ଗଡ଼ବାନ୍ଧଗୋଡା, ଗଁପୁର, ଅଳତି ଏବଂ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତରୁ ୫୦ରୁ ଉର୍ଦ୍ଧ୍ୱ ଯୁବତୀମାନଙ୍କୁ ନେଇ ଏକ କିଶୋରୀ ବାଳିକା ସଶକ୍ତି କରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅଙ୍ଗନବାଡ଼ି ସୁପରଭାଇଜର ଛବିରାଣି ଯେନା, ଅଷ୍ଟାୟାର୍ କର୍ମକର୍ତ୍ତା ସୌରଭ ରାଉତ, ଜ୍ୟୋତିରଞ୍ଜନ ଭୂୟାଁ, ଦିଲ୍ଲୀପ ଜେନା, ଦମୟନ୍ତୀ ବିଶ୍ୱାଳ, ତାପସ ନାୟକ, ଶ୍ରଦ୍ଧାଞ୍ଜଳି ମଲ୍ଲିକ, ସନ୍ତୋଷ କୁମାର ମଲ୍ଲିକ, ଦାରୁଣ ଯେନା, ବୁଲବୁଲ ବିରୁଆ, ରବୀନ୍ଦ୍ର ସେଠୀ, ସତ୍ୟବାନ ଜେନା, ଅର୍ପିତା ଜେନା ଓ ସୀମାରାଣୀ ସେନାପତି ସମେତ ୪ଟି ପଞ୍ଚାୟତର ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ସବୁ କିଶୋରୀମାନଙ୍କୁ ସଚେତନ କରେଇଥିଲେ । କିଶୋରୀ ବାଳିକାମାନଙ୍କୁ ସାମୂହିକ ଶପଥ ପାଠ କରାଯାଇଥିଲା ।

### ଆନନ୍ଦପୁର ସହର ତଳିରେ ଦେଶୀମଦର ବନ୍ୟା

# ମଦ ସହିତ ବ୍ୟବସାୟୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ଆନନ୍ଦପୁର, ୨୮ ।୧୨(ସମିସ)**



ଗ୍ରାମାଞ୍ଚଳ କଥା ଦୂରେ ଥାଉ ଖୋଦ ଆନନ୍ଦପୁର ସହରର ବିଭିନ୍ନ ସ୍ଥାନରେ ଦେଶୀ ମଦର ଖୁଲମଖୁଲା କାରବାର ଯୋଗୁ ନୀତି ପ୍ରତିଦିନ ଛୋଟବଡ ଅପ୍ରୀତିକର ଘଟଣା ଘଟୁଛି । ଆଜି ଏକ ମଦ ବ୍ୟବସାୟୀକୁ ଅଞ୍ଚଳବାସୀ ଅଟକ ରଖି ପୁଲିସକୁ ଜିମା ଦେବା ଘଟଣା ଦେଶୀ ମଦ ଚୋରା କାରବାରକୁ ପ୍ରମାଣିତ କରିଛି । ଆନନ୍ଦପୁର ପୌରାଞ୍ଚଳର ୧୨ନଂ ୱାର୍ଡ ଶାଳପଡ଼ା ସାଉନ୍ତି ସାହିରେ ପ୍ରାୟ ୧୦ଟି ସ୍ଥାନରେ ଦେଶୀ ମହୁଲିମଦ ଅବାଧରେ ବିକ୍ରି ଚାଲିଛି । ସନ୍ଧ୍ୟାରେ ନୁହେଁ ଦିନ ତମାମ ଏହି ଚୋରା ମଦ ଆଡ୍ଡାରେ ମହୁଲି ମଦ ଖୋଲାଖୋଲି ଭାବେ ବିକ୍ରି ହେଉଥିଲେ ମଧ୍ୟ ପୁଲିସ କିମ୍ବା ଅବକାରୀ ବିଭାଗର ଦୃଷ୍ଟି ପଡୁନଥିବା ଚିନ୍ତାର କାରଣ ହୋଇଛି । ଶାଳପଡା ଓ ଆଖପାଖ ଅଞ୍ଚଳ ପାଇଁ ନିଯୁକ୍ତି ହୋଇଥିବା ଚୌକିଦାର ସେହି ସାହିର ହୋଇଥିବା ବେଳେ ସାଉଣ୍ଟିସାହିର ପ୍ରାୟ ୧୦ଟି ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବା ଖବର କେବେ ବି ଘସିପୁରା ଥାନାକୁ ଦିଆଯାଉନଥିବା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଛି । ଏହି ମଦ କାରବାର ନେଇ ସାଉଣ୍ଟିସାହିର କେତେକ ମହିଳା ଗତ ବୁଧବାର ଥାନାରେ ଅଭିଯୋଗ କରିବାକୁ ଆସିଥିଲେ । ହେଲେ ପୁଲିସ କୌଣସି ପଦକ୍ଷେପ ନ ନେବାରୁ ଆଜି ଉକ୍ତ ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ଜଣେ ମଦ ବ୍ୟବସାୟୀଙ୍କୁ ଅଟକ ରଖି ୧୧୨ ପୁଲିସ ଜରୁରୀ କାଳୀନ ସେବାକୁ ସୂଚନା ଦେଇଥିଲେ । ୧୧୨ ପୁଲିସ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ମହୁଲି ମଦ ସହିତ ବ୍ୟବସାୟୀଙ୍କୁ ଘସିପୁରା ଥାନାରେ ଜିମା ଦେଇଥିବା ଜଣାଯାଇଛି ।

## ଯୋଡ଼ା ସହର ମଧ୍ୟରେ ପଶିଲା ଗୋଠଛଡ଼ା ଦନ୍ତା



**ଯୋଡା,୨୮ ।୧୨(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ୍ ଖଣି ଅଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ବଢିବାରେ ଲାଗୁଛି । ମାତ୍ରାଧିକ ଖଣି ଖନନ ଦ୍ୱାରା ଜଙ୍ଗଲ ନଷ୍ଟ ଓ ବଡ଼ ବଡ ମେସିନ୍ ଓ ଗାଡି ଗୁଡିକ ଦ୍ୱାରା ହେଉଥିବା ଧ୍ୱନି ପ୍ରଦୂଷଣ ପାଇଁ ହାତୀପଲ ଜଙ୍ଗଲ ଛାଡ଼ି ଖାଦ୍ୟ ଅନ୍ୱେଷଣରେ ସହର ମୁହାଁ ହୋଇ ନିକଟ ଜନବସତିରେ ପଶି ଲୋକଙ୍କ କ୍ଷତି କରିବାରେ ଲାଗିଛନ୍ତି । ସୂଚନାରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତ୍ରିରେ ଯୋଡା ସହର ମଧ୍ୟରେ ଏକ ଗୋଠଛଡ଼ା ଦନ୍ତାହାତୀ ବିଚାକୁଣ୍ଡି ଜଙ୍ଗଲ ଦେଇ ଯୋଡ଼ା ପୌରପାଳିକା ୧୩ ନମ୍ବର ୱାର୍ଡ ବେହେରା ବସ୍ତିରେ ପଶି ଟଙ୍କଧର ମହାନ୍ତଙ୍କ ଘରେ ପଶି ପାଚେରି ଭାଙ୍ଗିବା ସହ ପରିବାର ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଭୟାତୁର ପରିବେଶ ସୃଷ୍ଟି କରିଛି । ବିଳମ୍ବିତ ରାତ୍ରିରେ ଲୋକ ଶୋଇଥିବା ବେଳେ ବସ୍ତି ଭିତରେ ପଶି ଭଙ୍ଗାରୁଜା କରିବା ଦ୍ୱାରା ଲୋକଙ୍କ ମନରେ ଭୟ ସୃଷ୍ଟି ହେଉଛି । ଟଙ୍କଧର ପରିବାର ଜାଣି ପାରି ପଛ ପଟ ରାସ୍ତା ରେ ଘରୁ ବାହାରି ଅନ୍ୟତ୍ର ଚାଲିଯିବା ଦ୍ୱାରା ଜୀବନ ରକ୍ଷା ପାଇଯାଇଥିବା ଜଣାଇଛନ୍ତି । ତେବେ ଏହାର ସମାଧାନ କରିବା ସହ ହାତୀ କେମିତି ସହର ଭିତରକୁ ନ ପଶି ଜଙ୍ଗଲ ମୁହାଁ ହେବେ ସେଥିପ୍ରତି ବନ ବିଭାଗ, ସ୍ଥାନୀୟ ପ୍ରଶାସନ ତତ୍ପର ହେବାକୁ ବସ୍ତି ବାସିନ୍ଦା ଦାବି କରିଛନ୍ତି ।

## ସଡ଼କ ସୁରକ୍ଷା ସଚେତନତା ଯାତ୍ରା



**ଆନନ୍ଦପୁର, ୨୮ ।୧୨(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ଆୟୋଜିତ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପରିଷଦ ସଦସ୍ୟ ଜିତେନ୍ଦ୍ର ସାମଲ ଓ ବିଶିଷ୍ଟ ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ । ପରେ ଆୟୋଜିତ ସଚେତନତା ଆଲୋଚନାଚକ୍ରରେ ଅଧାପକ ରଘୁଦିପ୍ତୀ ନାୟକଙ୍କ ସଂଯୋଜନାରେ ପୌର ଉପାଧକ୍ଷ ଦୁର୍ଗାଚରଣ ଦଳେଇ, ପ୍ରାଧାପକ ଅନନ୍ତ ଚରଣ ମହାନ୍ତି, ନୋଡାଲ ଅଧିକାରୀ ପ୍ରାଧାପକ ନାରାୟଣ ଦାଶ, ସାମାଜିକ କାର୍ଯ୍ୟକ୍ରମ ଉପଦେଷ୍ଟା ଶିବଚରଣ ବେହେରା, କାଉନସିଲର ମଣିଲତା ରାମ, ରଶ୍ମିତା ବାରି, କୋଡପଡ଼ା ସମିତିସଭ୍ୟା ମମତାବାଳା ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଡ. ରବିନ୍ଦ୍ର କୁମାର ସାହୁ, ଶ୍ରୀକାନ୍ତ ପଟେଲ, ରଘୁଦିପ୍ତୀ ନାୟକ, କାହ୍ନୁ ଚରଣ ଜେନା, ପ୍ରକାଶ ସାହୁ, ଭାରତୀ ସାହୁ, ଶ୍ରୀଲେଖା ସାହୁ, ସ୍ଥିତପ୍ରଜ୍ଞା ଜେନା, ଗୀତାଞ୍ଜଳି ନାୟକ, ରଞ୍ଜନ ନାୟକ, ଉପେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ମାରାଥନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରାଧାପକ ଶ୍ରୀକାନ୍ତ ପଟେଲ, ଉପେନ୍ଦ୍ର ମିଶ୍ର, ବିଜୟକୁମାର ସାହୁ, ରଞ୍ଜନ କୁମାର ନାଏକ, ବିଶ୍ୱରଞ୍ଜନ ସାହୁ, ମାୟାଧର ନାୟକ, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆଞ୍ଚଳିକ ସମସ୍ୟାକୁ ନେଇ ସାଂସଦଙ୍କ ସହ ଆଲୋଚନା



**ତେଲକୋଇ, ୨୮।୧୨(ସମିସ):** କେନ୍ଦୁଝର ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ଆଜି ତେଲକୋଇ ଚାରିଗଡ଼ ମହାବିଦ୍ୟାଳୟରେ ଆୟୋଜିତ ନୂଆ- ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ ଅପରାହ୍ନରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସାଂସଦ ତେଲକୋଇ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ସାମ୍ବାଦିକଙ୍କ ସହିତ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଏହି ଆଲୋଚନାରେ ପ୍ରେସ କ୍ଲବ ସଭାପତି ଚିନ୍ମୟ ସାହୁ, ସମ୍ପାଦକ ବିରଞ୍ଚି ବେହେରା, କୋଷାଧ୍ୟକ୍ଷ ଅମରେଶ ପ୍ରଧାନ, ପୂର୍ବତନ ସମ୍ପାଦକ ଅନୁକୂଳ ବିଶ୍ୱାଳ, ସହକାରୀ ସାଧାରଣ ସମ୍ପାଦକ ଡିଲେଶ୍ୱର ସାହୁ, ଉପଦେଷ୍ଟା କୈଳାସ ଚନ୍ଦ୍ର ପ୍ରଧାନ ଓ ବିକ୍ରମ କେଶରୀ ଚୌହାନ ଉପସ୍ଥିତ ଥିଲେ ।

### • ପୀଢ଼ପୋଖରୀ ଗ୍ରାମରେ ଧର୍ମ ପରିବର୍ତ୍ତନ ଘଟଣା

## ଗଠିତହେଲା ଶାନ୍ତି କମିଟି

**ଯୋଡ଼ା,୨୮ ।୧୨(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ପିଢ଼ପୋଖରୀ ଗ୍ରାମରେ ଧର୍ମ ପରିବର୍ତ୍ତନକୁ କେନ୍ଦ୍ର କରି ଉତ୍ତେଜନା ପରିସ୍ଥିତି ଉପୁଜିବା ପରେ ପୁଲିସ ଓ ପ୍ରଶାସନ ପକ୍ଷରୁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବା ପାଇଁ ଗୁରୁବାର ବାମେବାରୀ ଥାନାରେ ଉଭୟ ଗୋଷ୍ଠୀକୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଛି । ହାଣ୍ଡିଭଙ୍ଗା ଗାଁରୁ ୫ ଜଣ ମହିଳା, ୫ ଜଣ ପୁରୁଷ ଏବଂ ପିଢୋପୋଖରୀ ଗାଁରୁ ୧୦ ଜଣ ମହିଳା, ୧୦ ଜଣ ପୁରୁଷକୁ ନେଇ ବାମେବାରୀ ଥାନା ପରିସରରେ ବଡ଼ବିଲ ଏସ୍‌ଡିପିଓ ପ୍ରିୟସରଞ୍ଜନ ଛୋଟରାୟ, ବଡ଼ବିଲ ତହସିଲଦାର ଡିଏସ୍ ଶୁଭଦର୍ଶୀ ଯୋଷୀ ଓ ବାମେବାରୀ ଥାନା ଅଧିକାରୀ ଦିପ୍ତି ରଞ୍ଜନ ସାହୁଙ୍କ ସହିତ ବଡ଼ କାଳିମାଟି ପଞ୍ଚାୟତର ସରପଞ୍ଚ ପାନପତି ମୁଣ୍ଡା ଉପସ୍ଥିତି ରହି ଅନେକ ପ୍ରକାରର ଉଦାହରଣ ମାଧ୍ୟମରେ ଦୁଇ ଗୋଷ୍ଠୀଙ୍କୁ ଶାନ୍ତି କମିଟି ମାଧ୍ୟମରେ ବୁଝାସୁଝା କରିଥିଲେ । ସୂଚନା ଯୋଗ୍ୟ ଯେ, ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନକୁ କେନ୍ଦ୍ରକରି ଦୁଇଜଣ ଯୁବକଙ୍କୁ ଲଣ୍ଡା କରି ଦିଆଯିବା ଘଟଣା ପରେ ପିଢ଼ପୋଖରୀ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା । ପୁଲିସ ଫ୍ଲାଗମାର୍ଚ୍ଚ କରି ପରିସ୍ଥିତିକୁ ଆୟତ୍ତ କରିଥିଲା । ଅଶାନ୍ତି ସୃଷ୍ଟି କରିଥିବା ଅଭିଯୋଗରେ ପୋଲିସ ବୁଧବାର ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଓ ଅନ୍ୟ ମାନଙ୍କୁ ଏବେ ବି ଖୋଜାଚାଲିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଟୁକୁ ମହାକୁଡ, ରାଜୀବଲୋଚନ ବାରିକ, ଯୋଗେନ୍ଦ୍ର ମୁଣ୍ଡା, କାଳିଆ ମୁଣ୍ଡା, ସୁରେଶ ମୁଣ୍ଡା, ଅର୍ଜୁନା ମୁଣ୍ଡା, ସୁରେଶ ମୁଣ୍ଡା, ଆକାଶ ମୁଣ୍ଡା । ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ଗଠନ କରାଯାଇ ପୁନଃ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ପ୍ରୟାସ ଜାରୀ ରହିଛି ।

## ପିଏସ୍ କଲେଜରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର

**ବାଲିବନ୍ଧ,୨୮ ।୧୨(ସମିସ):** ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପକ୍ଷରୁ ଶୀତକାଳିନ ସ୍ୱତନ୍ତ୍ର କ୍ୟାମ୍ପ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଜାରିରହିଛି । ପଞ୍ଚାୟତ ସମିତି ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସେବା ମନୋବୃତ୍ତି ନେଇ ସେହି ଶୀତକାଳିନ ସ୍ୱତନ୍ତ୍ର କ୍ୟାମ୍ପରେ ସାମିଲ ହୋଇ କାର୍ଯ୍ୟ କରୁଛନ୍ତି । ତେବେ ଗୁରୁବାର ପଞ୍ଚାୟତ ସମିତି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିଥିଲେ । ସଫେଇ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ପବିତ୍ର କୁମାର ପତି, ଆୟୁଷ ଡା. କ୍ଷିରୋଦ କୁମାର ମହାନ୍ତ, ବିପିଏମ୍ ଦକ୍ଷା ଚାଉଡା, ଫାମାସିଷ୍ଟ ତୃପ୍ତିରଞ୍ଜନ ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ମଧ୍ୟ ସାମିଲ ହୋଇଥିଲେ । ପରେ ପରେ ଛାତ୍ରଛାତ୍ରୀମାନେ ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସର ସଫେଇ କରିଥିଲେ । ଏହା ବ୍ୟତିତ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଲୋକ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀ ତଥା ରୋଗୀଙ୍କ ସମ୍ପର୍କିୟାଙ୍କୁ ମଧ୍ୟ ଏନ୍‌ଏସଏସ ସମ୍ବନ୍ଧରେ ସଚେତନ କରାଇବା ସହିତ ପ୍ଲାଷ୍ଟିକ ମୁକ୍ତ, ଜନଗହଳିସ୍ଥାନରେ ଧୂମ୍ରପାନ ନିଷେଧ, ପାନ ଓ ଗୁଟ୍‌କା ଛେପ ଏଣେତେଣେ ନ ପକାଇବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ କୁଞ୍ଜବିହାରୀ ପ୍ରଧାନ, ପ୍ରୋଗ୍ରାମ ଅଫିସର ଶଶାଙ୍କ ଶେଖର ନାୟକ, ନମିତା ସାହୁ, ପୂର୍ବତନ ପ୍ରୋଗ୍ରାମ ଅଫିସର ତ୍ରିଲୋଚନ ମହାନ୍ତ, ନନ୍ଦ ଦେହୁରୀ, ଏନ୍‌ଏସ୍‌ଏସ୍ ଅଫିସିଆଲ ଦିପକ କୁମାର ମହାନ୍ତ, ରୋହିତ କୁମାର ପ୍ରଧାନ, ଯଶୋଦା ନାଏକ ପ୍ରମୁଖ ଉପସ୍ଥିତ ରହି ଆୟୋଜିତ କାର୍ଯ୍ୟକ୍ରମକୁ ସଫଳ ରୁପେ ପରିଚାଳନା କରିଥିଲେ ।



## ମା'ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ତେଲକୋଇ, ୨୮।୧୨ (ସମିସ):** ତେଲକୋଇ ବ୍ଲକ ଆକୁଳ ପଞ୍ଚାୟତ ମଲଣ୍ଡା ଗ୍ରାମ ଖେଳପଡିଆ ଠାରେ ଚଳିତ ବର୍ଷ ମା' ମଙ୍ଗଳା ଯୁବକ ସଂଘ ମଲଣ୍ଡା ପକ୍ଷରୁ ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ତେଲକୋଇ କ୍ରିକେଟ କ୍ଲବ ଖୁଣ୍ଟପଡ଼ା କ୍ରିକେଟ କ୍ଲବକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷକ ବିକ୍ରମାଦିତ୍ୟ ବେହେରା ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ, ଥବିର ନାୟକ, କ୍ଷୀରୋଦ କୁମାର ନାୟକ ଯୋଗ ଦେଇଥିଲେ । ଏହି ଖେଳକୁ ଜିତେନ୍ଦ୍ର କୁମାର ସହୁ, ସୁଶୀଲ କୁମାର ନାହାକ, ସୁରେଶ କୁମାର ପାତ୍ର ଓ ତପନ କୁମାର ସାହୁ ଖେଳ ପରିଚାଳନା କରିଥିଲେ । ଉକ୍ତ ଖେଳକୁ ଯୁବକ ସଂଘର ସଭାପତି ସୁଶାନ୍ତ ନାୟକ, ସମ୍ପାଦକ ଗୋପବନ୍ଧୁ ନାୟକ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଆଇଆଇଏଫ୍‌ଏମ୍ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଲେ ଚମ୍ପୁଆ ଏସିଏଫ୍

**ଚମ୍ପୁଆ, ୨୮ ।୧୨(ସମିସ)**

ଭୋପାଳ ସ୍ଥିତ ସର୍ବଭାରତୀୟ ଜଙ୍ଗଲ ପରିଚାଳନା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଚମ୍ପୁଆ ଏସିଏଫ୍ ଅକ୍ଷୟ ଛତ୍ରିୟା ଜଙ୍ଗଲ ପରିଚାଳନା ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହିତ ପାଠ ପଢାଇଛନ୍ତି । ସୂଚନା ଅନୁସାରେ ଚମ୍ପୁଆ ଏସିଏଫ୍ ଅକ୍ଷୟ ଛତ୍ରିୟା ଗତ ୨୩, ୨୪ ଓ ୨୬ ତାରିଖ ଚମ୍ପୁଆ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଆଇଆଇଏଫ୍‌ଏମ୍ ଭୋପାଳ ୨୦୨୩-୨୫ ବ୍ୟାଚର ପିଜି ଛାତ୍ର ଛାତ୍ରୀଙ୍କୁ ବନୀକରଣ, ବନ୍ୟଜନ୍ତୁ ନିବାରଣ ବିରୋଧି କାର୍ଯ୍ୟକଳାପ ସହିତ ଉନ୍ନତି ଓ ଅବନତି, ଅତ୍ୟାଧୁନିକ ଜ୍ଞାନକୌଶଳର ବିନିଯୋଗ ଏସ୍‌ଏମ୍‌ସି ମେନେଜମେଣ୍ଟ, ଫରେଷ୍ଟ ଆକ୍ଟ ୧୯୮୦ ଅନୁଯାୟୀ ଖଣି ପୁନରୁଦ୍ଧାର ଓ କିଶମ ପରିବର୍ତ୍ତନ ଏବଂ ବିବିଧତା ପ୍ରସଙ୍ଗ, କ୍ଷୁଦ୍ର ଜଙ୍ଗଲ ଜାତୀୟ ଦ୍ରବ୍ୟ ଓ ନର୍ସରୀ ମେନେଜମେଣ୍ଟ ଆଦି ଉପରେ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ । ଏହି ତିନିଦିନ ଧରି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଓମ୍ବା ।ଡସି ପରାମର୍ଶଦାତା ଫୁଲେଇ ହେମ୍ବ୍ରମ ସହଯୋଗ କରିଥିବା ଏବଂ ନୋଡାଲ ଅଧିକାରୀ ଭାବେ ଏସିଏଫ୍ ଅଶୋକ ଦାସ ଦାୟିତ୍ୱ ନିର୍ବାହ କରିଥିଲେ ।



## ୩୦ରୁ ଆର୍‌ଭିସିଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ହାଟଡିହି, ୨୮।୧୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକର ଆଞ୍ଚଳିକ ଭେଟନାରି କ୍ରିକେଟ୍ ଅସୋସିଏସନ ତରଫରୁ ୫ମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋସୋ-କାନପୁର ମିନି ଷ୍ଟାଡିୟମରେ ଡିସେମ୍ବର ୩୦ ତାରିଖରେ ଶୁଭାରମ୍ଭ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ୱେଷ୍ଟଜୋନ୍, ଇଷ୍ଟଜୋନ, ସାଉଥ୍ ଜୋନା ଓ ନର୍ଥ ଜୋନ ଆଦି ୪ଟି ଟିମ୍ ମଧ୍ୟରେ କ୍ରିକେଟ୍ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ । ଏଥିରେ ମଧ୍ୟମ ବୟସ ଓ ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ନେଇ କ୍ରିକେଟ୍ ପ୍ରତି ଯୋଗିତା କରାଯାଇ ସ୍ୱାସ୍ଥ୍ୟକୁ ଫିଟ୍ ରଖିବାର ଏକ ପ୍ରୟାସ ବୋଲି ଆରଭିସିଏ ପକ୍ଷରୁ କୁହାଯାଇଛି ।


ନିଜକୁ ଆବିଷ୍କାର କରିବାର ସର୍ବୋତ୍କୃଷ୍ଟ ପନ୍ଥା ହେଉଛି ଅନ୍ୟର ସେବାରେ ନିଜକୁ ହଜାଇ ଦେବା
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଓଡ଼ିଶାରେ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ

# ନୂତନ ପ୍ରୟୋଗ ସ୍ୱାଗତଯୋଗ୍ୟ

ଅବୈଧ ବନ୍ୟଜନ୍ତୁ ଶିକାର ବୃଦ୍ଧି ସମସ୍ୟାର ନିରାକରଣ ଯେକୌଣସି ରାଜ୍ୟ ସରକାରଙ୍କ ପାଇଁ ନିଶ୍ଚିତ ଏକ ଆହ୍ୱାନ। ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ପ୍ରତିବିଧାନ ସତ୍ତ୍ୱେ ଦେଶର ବିଭିନ୍ନ ଅଞ୍ଚଳରେ ବାଘ ଓ ହାତୀଙ୍କ ଶିକାର ତଥା ଅପମୃତ୍ୟୁ ବଢୁଛି। ଚୋର, ଶିକାରୀ ଓ ସେମାନଙ୍କ ଗୁପ୍ତ ଗୋଷ୍ଠୀଙ୍କ ଲୋଲୁପ ଦୃଷ୍ଟିକୁ ଛାଡ଼ିଦେଲେ ମଧ୍ୟ ବାଘ ଓ ହାତୀମାନେ ଅନେକ ସମୟରେ ଜନବସତି ମଧ୍ୟକୁ ପଶି ଆସି ଘଟଣାଚକ୍ରରେ ଲୋକଙ୍କ ଆକ୍ରମଣରେ ପ୍ରାଣ ହରାଉଛନ୍ତି। ପଶୁ-ମଣିଷ ଲଢ଼େଇ ଏକ ପ୍ରାଚୀନ କ୍ରିୟା-ପ୍ରତିକ୍ରିୟା। ସଚେତନତା ସୃଷ୍ଟି ତଥା ଦୃଢ଼ ଆଇନକାନୁନ ସତ୍ତ୍ୱେ ଏହାକୁ ସମ୍ପୂର୍ଣ୍ଣ ରୋକିବା ଏ ଯାଏଁ ସମ୍ଭବ ହୋଇପାରିନାହିଁ। ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ସମାଜ(ଡବ୍ଲ୍ୟୁପିଏସ୍ଆଇ)ର ତଥ୍ୟ ଅନୁସାରେ ଭାରତରେ ୨୦୨୨ରେ ୧୪୩ ବାଘ ମରିଥିବା ବେଳେ ୨୦୨୩ରେ ଏହି ସଂଖ୍ୟା ୨୦୨କୁ ବୃଦ୍ଧି ପାଇଛି। ମରିଥିବା ଏ ସବୁ ବାଘ ମହାବଳ ପ୍ରଜାତିର। ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ର ତଥ୍ୟ ଅନୁସାରେ ଚଳିତ ବର୍ଷର ମହାବଳ ବାଘ ମୃତ୍ୟୁ ସଂଖ୍ୟା ୧୬୮ ବୋଲି କୁହାଯାଉଛି। ତା'ଛଡ଼ା ୨୦୨୩ରେ ଦେଶରେ କଲରାପତରିଆ ବାଘ ମୃତ୍ୟୁ ସଂଖ୍ୟା ୫୪୪ ବୋଲି ଡବ୍ଲୁପିଏସ୍ଆଇ ରିପୋର୍ଟରେ ଉଲ୍ଲେଖ ଅଛି। ସରକାରୀ ଓ ବେସରକାରୀ ରିପୋର୍ଟରେ ତଥ୍ୟଗତ ବିଷମତା ରହିବ ଏବଂ ଏହାର କାରଣ ଅନେକ। ତେବେ ସେ ଯାହା ହେଉ ଦେଶରେ ବାଘ ମୃତ୍ୟୁ ସଂଖ୍ୟା ବଢୁଛି। ଉଲ୍ଲେଖନୀୟ ହେଉଛି ଯେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ଉତ୍ତରପ୍ରଦେଶ ଭଳି ବାଘବହୁଳ ଅଞ୍ଚଳରେ ଏହି ସଂଖ୍ୟା ଅଧିକ।

ଭାରତରେ ମହାବଳ ବାଘଙ୍କ ସଂଖ୍ୟା ଗଣନା ତଥ୍ୟ ଅନୁସାରେ ୩୬୮୨। ଚାରିବର୍ଷ ମଧ୍ୟରେ ଏହି ସଂଖ୍ୟା ପ୍ରାୟ ୨୪ ଶତାଂଶ ବଢ଼ିଛି। ସାରା ବିଶ୍ୱରେ ଯେତେସଂଖ୍ୟକ ମହାବଳ ବାଘ ଅଛନ୍ତି ତାହାର ୭୫ ଭାଗ ଭାରତରେ। ଭାରତ ସରକାରଙ୍କ 'ପ୍ରୋଜେକ୍ଟ ଟାଇଗର'ର ଏହା ଯେ ଏକ ବଡ଼ ସାଫଲ୍ୟ ଏହାକୁ ଅସ୍ୱୀକାର କରିହେବ ନାହିଁ। ତେବେ ବିଗତ ୧୦ ବର୍ଷ ମଧ୍ୟରେ ଦେଶରେ ମହାବଳ ବାଘଙ୍କ ମୃତ୍ୟୁ ସଂଖ୍ୟା ସର୍ବାଧିକ ହେବା ମଧ୍ୟ ନିଶ୍ଚିତ ଏକ ଉଦ୍‌ବେଗର ବିଷୟ। ସେମିତି ହାତୀ-ମଣିଷ ଲଢ଼େଇ ମଧ୍ୟ ଏକ ଚିନ୍ତାଜନକ ପରିସଂଖ୍ୟାନ ଉପସ୍ଥାପନ କରୁଛି। ବିଗତ ତିନିବର୍ଷ ମଧ୍ୟରେ ୩୦୦ ହାତୀଙ୍କୁ ଦେଶରେ ଶିକାର କରାଯାଇଥିବା ବେଳେ ୧୫୦୦ରୁ ଅଧିକ ଲୋକ ହାତୀ ଆକ୍ରମଣରେ ମରିଛନ୍ତି। ଏବେ ଭାରତରେ ପ୍ରାୟ ୩୦ ହଜାର ହାତୀ ଅଛନ୍ତି ଓ ଏହା ବିଶ୍ୱର ମୋଟ ଏସୀୟ ହାତୀ ପ୍ରଜାତିର ୬୦ ଶତାଂଶ।

ଓଡ଼ିଶାରେ ମହାବଳ ବାଘ ସଂଖ୍ୟା ସରକାରୀ ଗଣନା ଅନୁସାରେ ୨୦। ସେଥିମଧ୍ୟରୁ ଅଧିକାଂଶ ଶିମିଳିପାଳରେ ଅଛନ୍ତି। ତେବେ ଏହି ତଥ୍ୟକୁ ନେଇ ଅସହମତି ରହିଛି ଏବଂ ପ୍ରକୃତ ବାଘ ସଂଖ୍ୟା ଅଧିକ ହୋଇପାରେ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେହିଭଳି ଓଡ଼ିଶାରେ ହାତୀଙ୍କ ସଂଖ୍ୟା ଶେଷ ଗଣନା ୨୦୧୭ ଅନୁସାରେ ୧୯୭୬। ଏହି ସଂଖ୍ୟା ଏବେ ବଢ଼ି ଥାଇପାରେ। ତେବେ ଓଡ଼ିଶାରେ ବିଗତ ୮ ବର୍ଷ ମଧ୍ୟରେ ୬୯୮ ହାତୀ ଓ ୭ ଟି ମହାବାଳ ବାଘଙ୍କର ମୃତ୍ୟୁ ଘଟିଛି ବୋଲି ଜଙ୍ଗଲ ମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି। ସରକାରୀ ହେଉ ବା ବେସରକାରୀ ଯେକୌଣସି ପରିସଂଖ୍ୟାନରେ ହାତୀ ଓ ବାଘ ମୃତ୍ୟୁ ସମ୍ପର୍କରେ ଯେଉଁ ସଂଖ୍ୟା ଦିଆଯାଉଛି ତାହା ଶତ ପ୍ରତିଶତ ଠିକ୍ ହେବ ବୋଲି କୁହାଯାଇପାରିବ ନାହିଁ। କାରଣ ଏଥିରେ ଶିକାର ଓ ଅପ୍ରାକୃତିକ ପଶୁ ମୃତ୍ୟୁର ସବିଶେଷ ବିବରଣୀ କ୍ୱଚିତ ଥାଏ। ଖବରକାଗଜ ରିପୋର୍ଟ ଅନୁସାରେ ଓଡ଼ିଶାରେ ଉଭୟ ବାଘ ଓ ହାତୀ ଶିକାର ବଢୁଛି। ତେଣୁ ଜଙ୍ଗଲ ବଭାଗ ବିଶେଷକରି ବନ୍ୟପ୍ରାଣୀ ସୁରକ୍ଷା ବିଭାଗ ଚାପରେ ରହିବା ସ୍ୱାଭାବିକ। କଲରାପତରିଆ ବାଘଙ୍କ ଶିକାର ମଧ୍ୟ ମାତ୍ରାଧିକ ହେଉଛି। କାରଣ ସେମାନଙ୍କ ସଂଖ୍ୟା ରାଜ୍ୟରେ ଅପେକ୍ଷାକୃତ ଅଧିକ।

ଭାରତରେ ଥିବା ମୋଟ କଳାବାଘ(ମେଲାନିଷ୍ଟିକ୍ ଟାଇଗର)ଙ୍କ ସଂଖ୍ୟା ମାତ୍ର ୧୦। ଉଲ୍ଲେଖନୀୟ ହେଉଛି ଏ ସବୁ ମହାବଳ ପ୍ରଜାତିର କଳାବାଘଙ୍କ ନିବାସ ହେଉଛି ଓଡ଼ିଶାର ଶିମିଳିପାଳ ଅଭୟାରଣ୍ୟ। ଏକଥା ରାଜ୍ୟସଭାରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ସୂଚନା ଦେଇଛନ୍ତି। ଶିମିଳିପାଳ ଟାଇଗର ପ୍ରୋଜେକ୍ଟରେ ଥିବା ସବୁ ବାଘ ଓଡ଼ିଶା ଓ ଦେଶର ସମ୍ପଦ ହେଲେ ମଧ୍ୟ ଏମାନେ ଗୁଣସୂତ୍ର ଦୃଷ୍ଟିରୁ ଅଧିକ ବିପଦାପନ୍ନ। ବିଶେଷଜ୍ଞଙ୍କ ମତରେ ଟ୍ରାନ୍ସମେମ୍ବ୍ରାନ୍ସ ଆମିନୋପେପ୍‌ଟିଡେସ୍ କ୍ୟୁ ଜିନ୍‌ର ଏକକ ବିଭାଜନ (ସିଙ୍ଗଲ ମ୍ୟୁଟେସନ୍) ଘଟିଲେ ବାଘଙ୍କ ରଙ୍ଗ କଷରା କିମ୍ବା କଳା ହୋଇଥାଏ ଏବଂ ଏହା ମହାବଳ ପ୍ରଜାତିଙ୍କ ମଧ୍ୟରେ ଦେଖାଯାଏ। ପ୍ରକଳ୍ପ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିବେଶରେ ଥିବା ଶିମିଳିପାଳ ଏହି ବାଘ ଅନ୍ୟ ବାଘଙ୍କ ସଂସ୍ପର୍ଶରେ ଆସୁ ନ ଥିବାରୁ ସେମାନଙ୍କର ମିଳନରେ ଗୁଣସୂତ୍ର ପ୍ରବାହ(ଜିନ୍ ଫ୍ଲୋ) ଅତ୍ୟନ୍ତ ସୀମିତ। ତେଣୁ ଇନବ୍ରିଡିଂ(ଅନ୍ତଃପ୍ରଜନନ) ଯୋଗୁଁ ଜନ୍ମ ନେଉଥିବା ଏହି ପ୍ରଜାତିର ବାଘ ଗୁଣସୂତ୍ର ଦୌର୍ବଲ୍ୟ ଓ ପ୍ରାକୃତିକ କାରଣରୁ ଶୀଘ୍ର ବିଲୁପ୍ତ ହେବାର ଆଶଙ୍କା ଅଧିକ। ତେଣୁ ପ୍ରକଳ୍ପ କର୍ତ୍ତୃପକ୍ଷ ଏଥିପ୍ରତି ସଚେତନ ହୋଇ କାର୍ଯ୍ୟ କରିବା ଜରୁରୀ।

ଶେଷ କଥା ହେଲା ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ଓଡ଼ିଶା ସରକାର କେତେକ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ଶାରେ ଜଙ୍ଗଲର ଅନୁପାତ ରାଜ୍ୟର ମୋଟ କ୍ଷେତ୍ରଫଳର ୩୭.୩୪%। ସେଥିମଧ୍ୟରୁ ଘନଜଙ୍ଗଲର ଅନୁପାତ ପ୍ରାୟ ୫୦ ଭାଗ। ଜାତୀୟ ତାଲିକାରେ ଜଙ୍ଗଲ ଅଞ୍ଚଳରେ ଓଡ଼ିଶା ତୃତୀୟ। ତେଣୁ ଓଡ଼ିଶାର ବନ୍ୟଜନ୍ତୁଙ୍କ ସଂଖ୍ୟା ଅଧିକ ହେବା ସ୍ୱାଭାବିକ। କେଇମାସ ତଳେ ଓଡ଼ିଶା ସରକାର ବନରକ୍ଷୀ ଓ ଜଙ୍ଗଲ କର୍ମଚାରୀଙ୍କୁ ବନ୍ଧୁକ ବା ଅନ୍ୟ ଅଗ୍ନେୟାସ୍ତ୍ର ପ୍ରଦାନ କରିବା ସହିତ ସେମାନଙ୍କୁ ଏହାର ବ୍ୟବହାର ପାଇଁ ଆଇନଗତ ଅଧିକ ପ୍ରଦାନ କରିଥିଲେ। ଏଥିପାଇଁ ସମ୍ପୃକ୍ତ ଆଇନରେ ସଂଶୋଧନ କରାଯାଇଥିଲା। ଗୁଳି ଚଳାଇବା ବା ଆକ୍ରମଣକାରୀଙ୍କୁ ରୋକିବାକୁ ଜଙ୍ଗଲ କର୍ମଚାରୀ ଗୁଳି ଚଳାଇବା ପାଇଁ ପୂର୍ବରୁ ପୁଲିସର ଅନୁମତି ନେବାର ବ୍ୟବସ୍ଥାକୁ ଉଠାଇ ଦିଆଯାଇଥିଲା। ରାଜ୍ୟ ଜଙ୍ଗଲ ବିଭାଗ ୧୫୫୦ଟି ଏଭଳି ଅତ୍ୟାଧୁନିକ ଆଗ୍ନେୟାସ୍ତ୍ର କିଣିବାକୁ ବରାଦ ଦେଇଛି, ଯେଉଁଥିରେ ୯ ଏମଏମ୍ ଅଟୋମେଟିକ୍ ପିସ୍ତଲ୍, ସାଧାରଣ ପିସ୍ତଲ, ୫.୫୬ ଏମଏମ୍ ଏକ୍ସ କାଲିବର ରାଇଫଲ୍ ତଥା ପିଏନଜି ଗନ୍ ରହିଛି। ସେଥିରୁ ସର୍ବାଧିକ ୧୨୮ ବନ୍ଧୁକ ଶିମିଳିପାଳ କର୍ମଚାରୀଙ୍କୁ ଦିଆଯିବ। ବିଭିନ୍ନ ର୍‍ୟାଙ୍କ ବନକର୍ମଚାରୀଙ୍କୁ ମଧ୍ୟ ସେମାନଙ୍କ ପଦବୀ ଅନୁସାରେ ଏହି ଅସ୍ତ୍ର ଯୋଗାଇ ଦିଆଯିବ।

ବିଳମ୍ବରେ ହେଉ ପଛେ ଓଡ଼ିଶା ସରକାରଙ୍କ ଏହା ଏକ ଭଲ ଓ ସମୟୋପଯୋଗୀ ନିଷ୍ପତ୍ତି। ଶିକାରୀ ଓ ଜଙ୍ଗଲ ମାଫିଆମାନେ ଅତ୍ୟାଧୁନିକ ଚୋରା ଅସ୍ତ୍ରରେ ସଜ୍ଜିତ ହୋଇ ପଶୁ ଶିକାର ଓ ବନଜାତ ଦ୍ରବ୍ୟ, କାଠ ଆଦି ଲୁଟ୍ କରୁଥିବା ବେଳେ ବିଭାଗୀୟ କର୍ମଚାରୀମାନେ ଠେଙ୍ଗା ଧରି ସେମାନଙ୍କର ବିଫଳ ମୁକାବିଲା କରିବାକୁ ବାଧ୍ୟ ହେଉଥିଲେ। ଏବେ ଅନ୍ତତଃ ସେମାନେ ଅସ୍ତ୍ରଶସ୍ତ୍ର ଦୃଷ୍ଟିରୁ ଲଢ଼େଇ ପାଇଁ ସମର୍ଥ ହୋଇପାରିବେ। କେବଳ ବନ୍ଧୁକ ବା ଅସ୍ତ୍ରଶସ୍ତ୍ର ନୁହେଁ। ଜଙ୍ଗଲ ତଥା ବନ୍ୟଜନ୍ତୁ ସୁରକ୍ଷା ପାଇଁ ବହୁମୁଖୀ ପଦକ୍ଷେପ ଲୋଡ଼ା। କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି, ସେମାନଙ୍କ ଗମନାଗମନ ସୁବିଧା ବଢ଼ାଇବା, ଜଙ୍ଗଲ ସନ୍ନିକଟ ଲୋକଙ୍କ ସହ ସମ୍ପର୍କ ରଖି ସେମାନଙ୍କୁ ସୁରକ୍ଷା କାଳରେ ବିନିଯୋଗ କରିବା ଏବଂ ଚୋରାବେପାରୀ ଓ ଶିକାରୀଙ୍କ ମୁକାବିଲା ପାଇଁ ଦୃଢ଼ ପଦକ୍ଷେପ ସେଥିମଧ୍ୟରୁ ଅନ୍ୟତମ। ଆମ ସରକାର ଓ ଜଙ୍ଗଲ ବିଭାଗ କ୍ରମଶଃ ଏ କ୍ଷେତ୍ରରେ ଅଧିକ ସକ୍ରିୟ ହେବା ନିଶ୍ଚିତ ସ୍ୱାଗତଯୋଗ୍ୟ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# 'ସର୍ବୋଦୟ' ମାର୍ଗରେ ନବୀନ ଓଡ଼ିଶା



ଡ. ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ଗାନ୍ଧିଜୀଙ୍କ ସର୍ବୋଦୟ ଏକ ସାମଗ୍ରିକ ବିକାଶର ମନ୍ତ୍ର; ଏକ ସୁଗଠିତ ସାମାଜିକ ଶୃଙ୍ଖଳାର ସକାରାତ୍ମକ ପରିଭାଷା। ଗାନ୍ଧୀଙ୍କ ସର୍ବୋଦୟ ଚିନ୍ତାଧାରାର ଜନ୍ମ ୧୯୦୪ ମସିହାରେ ଏକ ଟ୍ରେନ ଯାତ୍ରାରେ ହୋଇଥିଲା। ଜୋହାନ୍ସବର୍ଗରୁ ଡର୍ବାନକୁ ଯାତ୍ରା କରୁଥିବା ବେଳେ ବନ୍ଧୁ ହେନେରି ପୋଲକ ଏକ ବହି ଗାନ୍ଧୀଙ୍କୁ ପଢ଼ିବା ପାଇଁ ଦେଇଥିଲେ। ସେ ବହି ଥିଲା ଜନ ରସ୍କିନଙ୍କ 'ଅନ ଟୁ ଦିସ ଲାଷ୍ଟ'। ଉକ୍ତ ବହିରେ ମୂଳମନ୍ତ୍ର ଥିଲା ଯେ 'ସୁଖୀ ସମାଜ ପାଇଁ ଗୋଟିଏ ନୈତିକତାପୂର୍ଣ୍ଣ ଓ ସାଧୁତାସମ୍ପନ୍ନ ଅର୍ଥନୀତିର ଆବଶ୍ୟକତା ଅଛି। ମାଲିକ ଓ ଭୃତ୍ୟ ଭିତରେ ଥିବା ସମ୍ପର୍କ କେବଳ ଉଭୟଙ୍କ ଭିତରେ ଥିବା ଶ୍ରଦ୍ଧା ଓ ବିଶ୍ୱାସ ଦ୍ୱାରା ହିଁ ପରିଚାଳିତ ହେବା ଆବଶ୍ୟକ।' ଗାନ୍ଧୀଙ୍କୁ ରସ୍କିନଙ୍କ ବହିଟି ଏତେ ପ୍ରଭାବିତ କରିଥିଲା ଯେ ସେଦିନ ସେ ଟ୍ରେନରେ ଶୋଇ ପାରି ନ ଥିଲେ। ରସ୍କିନଙ୍କ 'ଅନ ଟୁ ଦିସ ଲାଷ୍ଟ'ର ଗୁଜୁରାଟୀ ଅନୁବାଦ କରିଥିଲେ ମହାତ୍ମା ଗାନ୍ଧୀ ଓ ନାଁ ଦେଇଥିଲେ 'ସର୍ବୋଦୟ'।

କୁହାଯାଏ ଗାନ୍ଧିଜୀଙ୍କୁ ଓଡ଼ିଶା ଅନେକ କ୍ଷେତ୍ରରେ ପ୍ରଭାବିତ, ଅନୁପ୍ରାଣିତ ଓ ଚିନ୍ତିତ କରିଥିଲା। ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଭିତ୍ତି ଓଡ଼ିଶାରୁ ପଡ଼ିଥିବା ବେଳେ ତାଙ୍କର 'ଟାଲିସ୍‌ମ୍ୟାନ୍' ଦର୍ଶନ ଓଡ଼ିଶା ନିଜ ପ୍ରଶାସନିକ କ୍ଷେତ୍ରରେ ଉପଯୋଗ କରୁଛି। 'ସର୍ବୋଦୟ' ହାସଲ ପାଇଁ ଗାନ୍ଧୀ 'ଟାଲିସ୍‌ମ୍ୟାନ୍'

କଥା କୁହନ୍ତି, ଯାହା ସାଧାରଣ ଜନତା ଓ ଶାସକ ଉଭୟ ପାଇଁ ଆବଶ୍ୟକ। ଗାନ୍ଧୀଙ୍କ 'ଟାଲିସ୍‌ମ୍ୟାନ୍' କାହାଣୀ ଠିକ ଏହିପରି: 'ମୁଁ ଆପଣଙ୍କୁ ଏକ କବଚ ଦେଉଛି। ଯେବେବି ମନରେ ସନ୍ଦେହ ଆସୁଛି କିମ୍ବା ଅହଂକାର ଗ୍ରାସ କରୁଛି, ତେବେ ଏକ ପରୀକ୍ଷା କରନ୍ତୁ। ଏହା ସଙ୍କଟରୁ ମୁକ୍ତି ଦେବ। ନିଜେ ଦେଖିଥିବା କୌଣସି ଏକ ଦରିଦ୍ରତମ ମହିଳା ବା ପୁରୁଷର ମୁହଁ ମନେ ପକାନ୍ତୁ ଏବଂ ନିଜକୁ ନିଜେ ପ୍ରଶ୍ନ କରନ୍ତୁ, ଆପଣ କରୁଥିବା କର୍ମ ଏମାନଙ୍କୁ କେତେଦୂର ସାହାଯ୍ୟ କରିବ? ଆପଣ ଏମାନଙ୍କ ଆତ୍ମମର୍ଯ୍ୟାଦାକୁ କିଭଳି ବୃଦ୍ଧି କରିବେ? ଭୋକିଲା ଥିବା ଲୋକଟିକୁ କେତେଦୂର ସହାୟକ ହୋଇପାରିବେ? ଏସବୁ ପ୍ରଶ୍ନ ଆପଣଙ୍କ ସନ୍ଦେହ ଦୂର କରିବ। ଆପଣ ଅହଂକାରଶୂନ୍ୟ ହୋଇଯିବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ '୫-ଟି'(ରୂପାନ୍ତରଣ ପଦକ୍ଷେପ) ହେଉଛି ଗାନ୍ଧୀଙ୍କ 'ସର୍ବୋଦୟ' ପରିକଳ୍ପନା ଦ୍ୱାରା ଅନୁପ୍ରାଣିତ ହୋଇଥିବା ଏକ ପୋଷ୍ଟ-ମଡର୍ଣ୍ଣ ବା ଉତ୍ତର-ଆଧୁନିକ ଆଭିମୁଖ୍ୟ। ସମାବେଶୀ ବିକାଶ ଏବଂ ସାମାଜିକ ପ୍ରଗତି ସହ ଜଡ଼ିତ ସମସ୍ତ ନୀତିକୁ ଉଭୟ ଗାନ୍ଧିଜୀ ଓ ନବୀନ ପଟ୍ଟନାୟକ ନୈତିକ ପ୍ରଶାସନର ଦର୍ଶନ ଭାବେ ଗ୍ରହଣ କରନ୍ତି। 'ସର୍ବୋଦୟ'ର ସାଧାରଣ ଅର୍ଥ ହେଉଛି 'ସାମଗ୍ରିକ କଲ୍ୟାଣ'। ଏହା ଏକ ଚିନ୍ତାଧାରା, ଏକ ବିଚାର। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଯେ ଏକ ବିକଶିତ ସମାଜରେ ପ୍ରତ୍ୟେକ ବ୍ୟକ୍ତି ମୁଖ୍ୟତଃ ତୃଣମୂଳସ୍ତରରେ ଥିବା ବ୍ୟକ୍ତିକୁ ସାମାଜିକ ସୁରକ୍ଷା ଯୋଗାଇବା ସହ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା। ଏହି ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇ ଓଡ଼ିଶାରେ ଆଧୁନିକ ରୂପାନ୍ତରଣମୂଳକ ପଦକ୍ଷେପଗୁଡ଼ିକର ମୂଳଦୁଆ ପଡ଼ିଥିଲା। ଏହା ସହ ସମାବେଶୀ ଏବଂ ନିରନ୍ତର ବିକାଶରେ କିପରି ନାଗରିକଙ୍କ କଲ୍ୟାଣ ହୋଇପାରିବ ସେଥିପାଇଁ ଲକ୍ଷ୍ୟ ମଧ୍ୟ ସ୍ଥିର କରାଯାଇଥିଲା। ଗାନ୍ଧିଜୀଙ୍କ 'ସର୍ବୋଦୟ' ଏବଂ ଓଡ଼ିଶା ସରକାରଙ୍କ '୫-ଟି' (ରୂପାନ୍ତରଣ ପଦକ୍ଷେପ) ଉଭୟରେ ସାମାଜିକ ସମାନତା, ଧାରଣୀୟ ବିକାଶ, ଗୋଷ୍ଠୀ ସଶକ୍ତୀକରଣ ଓ ଅହିଂସା ଭଳି ସାମାଜିକ ଉପାଦାନକୁ ଗୁରୁତ୍ୱ ଦିଆଯାଇଛି। 'ସମାଜର ଶେଷବର୍ଗରେ ଥିବା ମଣିଷ ପାଖରେ ପହଞ୍ଚିବା, ତା'ର କଲ୍ୟାଣ କଥା ଚିନ୍ତା କରିବା ସହ ବଞ୍ଚିବା ପାଇଁ ସାମାଜିକ ଓ ଅର୍ଥନୈତିକ ସୁଯୋଗ ଖୋଜିବା ହେଉଛି 'ସର୍ବୋଦୟ'। ଏହାକୁ ମଧ୍ୟ ଅନ୍ୟ ଅର୍ଥରେ ଯଥା ଆତ୍ମିକ ବିକାଶ ଓ ଆଧ୍ୟାତ୍ମିକ ବିକାଶର ପ୍ରୟୋଗ ଭାବେ ଗ୍ରହଣ କରାଯାଇପାରେ। ସଂଖ୍ୟାଧିକ୍ୟ ସର୍ବୋତ୍କୃଷ୍ଟ ମଙ୍ଗଳ ନୁହେଁ, ବରଂ ସବୁଲୋକଙ୍କ ସର୍ବୋତ୍କୃଷ୍ଟ ମଙ୍ଗଳ ହେଉଛି 'ସର୍ବୋଦୟ'। ଏହା ହିଁ ଗାନ୍ଧିଜୀଙ୍କ ଅହିଂସ ସାମ୍ୟବାଦ। ଗାନ୍ଧିଜୀଙ୍କ ମତରେ ସ୍ୱରାଜ, ସ୍ୱଦେଶୀ, ସ୍ୱାଧୀନତା, ସହନଶୀଳତା ହେଉଛି 'ସର୍ବୋଦୟ'ର ସଂପୂର୍ଣ୍ଣତା। ଭାରତର ସ୍ୱାଧୀନତା ପରେ 'ସର୍ବୋଦୟ'ର ରୂପରେଖ କିପରି ହେବ ତାହାର ବର୍ଣ୍ଣନା ଗାନ୍ଧିଜୀ କରିଥିଲେ। ଗାନ୍ଧୀଙ୍କ ସର୍ବୋଦୟ ସମାଜ ଠିକ ଏଭଳି - ଯେଉଁଠି ଗଣତନ୍ତ୍ର ଥିବ, ସ୍ୱାଧୀନତା ଥିବ, ସମାନତା ସହ ନିଯୁକ୍ତିର ସୁଯୋଗ ଥିବ, ରାଜା ଓ ପ୍ରଜା ଭିତରେ ପାର୍ଥକ୍ୟ ନଥିବ ଓ ସାମାଜିକ ବିଭେଦ ନଥିବ। ନାରୀ ପ୍ରତି ସମ୍ମାନ ଥିବ, ନିଶା ନ ଥିବ, ବଳିଦାନର ଭାବ ଥିବ, ଦେଶପ୍ରେମ ଓ ଦେଶଭକ୍ତି ଥିବ। ହିଂସା ନ ଥିବ, ପ୍ରେମ, ଅନୁକମ୍ପା ଓ ସହନଶୀଳତା ଥିବ। ଗାନ୍ଧିଜୀଙ୍କ 'ସର୍ବୋଦୟ'ରେ ଗୋଷ୍ଠୀଭାଗିଦାରୀକୁ ଗ୍ରାମ ବିକାଶର ଏକ ମୁଖ୍ୟ ଅଂଶ ବୋଲି ଦର୍ଶାଯାଇଛି। ପରସ୍ପର ମଧ୍ୟରେ ନିର୍ଭରଶୀଳତା ହେଉଛି 'ସର୍ବୋଦୟ' ସମାଜର ଏକ ବଳିଷ୍ଠ ଉପାଦାନ।

ଓଡ଼ିଶାରେ ଉଭୟ ଶାସନ ଓ ପ୍ରଶାସନିକ ସ୍ତରରେ 'ସର୍ବୋଦୟ'ର ଏକ ବ୍ୟାପକ ପ୍ରୟୋଗ ଦେଖିବାକୁ ମିଳୁଛି। ଆଧୁନିକତା ସହ ତାଳ ଦେଇ ରୂପାନ୍ତରଣମୂଳକ ପଦକ୍ଷେପରେ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପ୍ରଯୁକ୍ତିବିଦ୍ୟା, ଦାରିଦ୍ର୍ୟ ଦୂରୀକରଣ, ଗ୍ରାମ୍ୟ ବିକାଶ, ମହିଳା ସଶକ୍ତୀକରଣ ଏବଂ ପରିବେଶର ସ୍ଥିରତାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶାରେ ସମାନତା ଆଧାରିତ ଅନେକ ରୂପାନ୍ତରଣମୂଳକ ପଦକ୍ଷେପ, ଯଥା- 'ମମତା ଯୋଜନା', 'ମିଶନ ଶକ୍ତି', 'କଳିଙ୍ଗ ଶିକ୍ଷା ସାଥୀ ଯୋଜନା', 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଓ 'ମଧୁବାବୁ ପେନସନ ଯୋଜନା' ଇତ୍ୟାଦିର ଏକ ସାଧାରଣ ଲକ୍ଷ୍ୟ ସ୍ଥିର କରାଯାଇଛି। ତାହା ହେଉଛି, ଅବହେଳିତ, ଗରିବ ଓ ତୃଣମୂଳସ୍ତରରେ ଥିବା ଓଡ଼ିଶାବାସୀଙ୍କ ସାମଗ୍ରିକ ସାମାଜିକ କଲ୍ୟାଣ ଏବଂ ସମାବେଶୀ ବିକାଶ। ଗ୍ରାମର ଆତ୍ମନିର୍ଭରଶୀଳତା, ଗ୍ରାମ୍ୟ ସୁରକ୍ଷା, ଗ୍ରାମ ସ୍ୱରାଜ, ଗ୍ରାମ ପରିଚାଳନା ଓ ସ୍ୱାଧୀନତାର ବିକେନ୍ଦ୍ରୀକରଣ ହେଉଛି 'ସର୍ବୋଦୟ'ର ମୂଳପିଣ୍ଡ। ଓଡ଼ିଶା ସରକାରଙ୍କ 'ଆମ ଗାଁ ଆମ ବିକାଶ' ଅନ୍ତର୍ଗତ କାର୍ଯ୍ୟକ୍ରମରେ ସ୍ଥାନୀୟ ସମୁଦାୟଙ୍କୁ ସେମାନଙ୍କ ଗାଁ ପାଇଁ ପ୍ରକଳ୍ପ ସ୍ଥିର କରିବାର ଦାୟିତ୍ୱ ଦେବା ଜରିଆରେ ସଶକ୍ତ କରିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଯୋଜନାର ବିକେନ୍ଦ୍ରୀକରଣ ଏବଂ ବିକାଶ ସହ ସାମୂହିକ ନିଷ୍ପତ୍ତି ନେବାରେ ସକ୍ରିୟ ଗୋଷ୍ଠୀର ଭାଗିଦାରୀ।

ଆମ ରାଜ୍ୟର ଶିକ୍ଷାକ୍ଷେତ୍ରରେ ସର୍ବୋଦୟ ଓ ଶିକ୍ଷାଗତ ସମାନତା ପାଇଁ ବିଭିନ୍ନ ଦିଗ ଯଥା ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମି, ଅଭିଗମ୍ୟତା ଏବଂ ଶିକ୍ଷାର ଗୁଣବତ୍ତା ଉପରେ '୫-ଟି'ରେ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶାରେ 'ମୋ ସ୍କୁଲ' ଓ 'ମୋ କଲେଜ' ଭଳି ଅଭିଯାନରେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ, ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣ ଓ ଶିକ୍ଷକ ପ୍ରଶିକ୍ଷଣ ଭଳି ପଦକ୍ଷପକୁ ତ୍ୱରାନ୍ୱିତ କରାଯାଉଛି। 'ଉତ୍ଥାନ' ଓ 'ଉତ୍କର୍ଷ' ଭଳି ଯୋଜନା ଶିକ୍ଷାନୁଷ୍ଠାନରେ ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରୁଛନ୍ତି। 'ମୁଖ୍ୟମନ୍ତ୍ରୀ ମେଧାବୃତ୍ତି', 'କାଳିଆ' ଓ 'ବାଣୀଶ୍ରୀ' ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛି। 'ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ' ଓ 'ସୁଗମ୍ୟ ପରିବହନ' ମଧ୍ୟ ଓଡ଼ିଶାର ସାମଗ୍ରିକ ଶିକ୍ଷାରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି। ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଉଥିବା ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୃଷ୍ଟି, ଶାସନରେ ସାମାଜିକ ଅନ୍ତର୍ଭୁକ୍ତୀକରଣ, ତୃଣମୂଳ ସଶକ୍ତୀକରଣ, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ସହ ଧର୍ମନିରପେକ୍ଷ ଦୃଷ୍ଟିକୋଣର ବିସ୍ତାର ପଦକ୍ଷେପକୁ 'ସର୍ବୋଦୟ'ର ବ୍ୟାପକ ପ୍ରୟୋଗ ଭାବରେ ଅଭିହିତ କରାଯାଇପାରେ। ଉଭୟ କ୍ରୀଡ଼ା ଏବଂ ଜୀବନ ଆମକୁ ସଫଳତା, ବିଫଳତା ଏବଂ ସହନଶୀଳତା ବିଷୟରେ ଶିଖାଇଥାଏ। କ୍ରୀଡ଼ାର ସାମାଜିକ ଓ ଭାବଗତ ଗୁରୁତ୍ୱକୁ '୫-ଟି' କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଛି। କ୍ରୀଡ଼ାକୁ ପ୍ରତିଭା ଅନ୍ୱେଷଣର ଅନ୍ୟତମ କ୍ଷେତ୍ର ସହ ବ୍ୟକ୍ତିବିଶେଷର ଅଂଶଗ୍ରହଣ ଓ ସାମାଜିକ ଏକୀକରଣର ଉପାଦାନ ଭାବେ ମଧ୍ୟ '୫-ଟି'କୁ ଗ୍ରହଣ କରାଯାଇଛି। ଗାନ୍ଧିଜୀଙ୍କ 'ସର୍ବୋଦୟ' ଭଳି ନବୀନ ପଟ୍ଟନାୟକଙ୍କ '୫-ଟି' (ରୂପାନ୍ତରଣମୂଳକ ପଦକ୍ଷେପ) ବି ଏକ ନୂତନ ସାମାଜିକ ବିକାଶର ଚିନ୍ତାଧାରା, ଯେଉଁଠି ମାଧ୍ୟମ ହିଁ ଲକ୍ଷ୍ୟ। ମାଧ୍ୟମ ଯଦି ପବିତ୍ର ଓ ଶୁଦ୍ଧ ହୁଏ, ଲକ୍ଷ୍ୟ ମଧ୍ୟ ପବିତ୍ର ଓ ଶୁଦ୍ଧ ହେବ। କର୍ତ୍ତବ୍ୟରେ ଓ ବକ୍ତବ୍ୟରେ ସ୍ୱଚ୍ଛତା ଥିଲେ, କାର୍ଯ୍ୟ ପ୍ରକ୍ରିୟାରେ ଘୃଣା ଓ ଲୋଭ ନ ଥିଲେ ଲକ୍ଷ୍ୟ ମଙ୍ଗଳକାରୀ ହେବ।

ଗାନ୍ଧିଜୀଙ୍କ 'ସର୍ବୋଦୟ' ଶ୍ରମଦାନ ଭାବରେ ପରିଚିତ କେବଳ ଏକ ଆନ୍ଦୋଳନ ନଥିଲା, ବରଂ ସାମାଜିକ ପରିବର୍ତ୍ତନର ଏକ ଉଦାହରଣ ଥିଲା। ଭାରତରେ 'ସର୍ବୋଦୟ'ରେ ପ୍ରୟୋଗକୁ ନେଇ ଅନେକ ପ୍ରୟାସ ହୋଇଛି। 'ସର୍ବୋଦୟ -ଟାଲିସମାନ' ଉପକ୍ରମର ବ୍ୟାବହାରିକ ପ୍ରଯୁଜ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକକୈନ୍ଦ୍ରିକ ଦୃଷ୍ଟିକୋଣ ଓ '୫-ଟି'ର ଅଧକ୍ଷ ଭି କେ ପାଣ୍ଡିଆନଙ୍କ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ମୂଲ୍ୟ ଆଧାରିତ କାର୍ଯ୍ୟ ଓଡ଼ିଶାରେ 'ସର୍ବୋଦୟ'ର ଯଥାର୍ଥ ପ୍ରୟୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶାରେ ସାମଗ୍ରିକ ଓ ନିରନ୍ତର ବିକାଶ ପ୍ରକ୍ରିୟାରେ '୫-ଟି'ର ଭବିଷ୍ୟତ ଓ ପ୍ରୟୋଗର ସଫଳତା ନେଇ ନିତି ଆୟୋଗ ଦୃଢ଼ବିଶ୍ୱାସୀ ଅଛନ୍ତି। ଜାତୀୟସ୍ତରରେ ଏହାର ପ୍ରୟୋଗ ପାଇଁ ନକ୍ସା ତିଆରି ହେଉଥିବା ଜାଣିବାକୁ ମିଳିଛି।

# ଆମ ଶାସ୍ତ୍ରୀୟ ତାଳବାଦ୍ୟ ମର୍ଦ୍ଦଳ



ଡ. ଜଗନ୍ନାଥ କୁଅଁର
ଭୁବନେଶ୍ୱର, ମୋ: ୯୪୩୭୨୭୮୧୬୯

ଓଡ଼ିଶୀ ଶାସ୍ତ୍ରୀୟ ଗୀତ ଏବଂ ନୃତ୍ୟରେ ବ୍ୟବହୃତ ତାଳବାଦ୍ୟ 'ମର୍ଦ୍ଦଳ' ନାମରେ ପରିଚିତ। କର୍ଣ୍ଣାଟକୀ ଶାସ୍ତ୍ରୀୟ ସଂଗୀତରେ ମୃଦଙ୍ଗମ୍ ଏବଂ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତରେ ତବଲା ଯେପରି ମୁଖ୍ୟ ତାଳ ବାଦ୍ୟ ରୂପେ ବ୍ୟବହୃତ ହୋଇଥାଏ, ସେହିପରି ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତରେ ମର୍ଦ୍ଦଳ ପ୍ରମୁଖ ତାଳବାଦ୍ୟ ରୂପେ ପରିଚିତ। ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଓଡ଼ିଶୀ ସଂଗୀତର ସୃଷ୍ଟି ସହିତ ମର୍ଦ୍ଦଳର ସୃଷ୍ଟି। ଗବେଷଣା, ଆଲୋଚନା ତଥା ପର୍ଯ୍ୟାଲୋଚନାରୁ ମର୍ଦ୍ଦଳର ଉତ୍ପତ୍ତି ଏବଂ କ୍ରମବିକାଶ ସମ୍ବନ୍ଧୀୟ କେତେକ ତଥ୍ୟ ଏଠାରେ ଉପସ୍ଥାପନା କରାଯିବା ସମୀଚୀନ ମନେହୁଏ।

ଓଡ଼ିଶୀ ସଂଗୀତରେ ବ୍ୟବହୃତ ମୁଖ୍ୟ ଆନଦ୍ଧ(ଚର୍ମାବୃତ୍ତ) ବା ତାଳବାଦ୍ୟର ନାମ ମର୍ଦ୍ଦଳ। ଏ ସମ୍ବନ୍ଧରେ ଭରତଙ୍କ ନାଟ୍ୟଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ଅଛି। ବିଭିନ୍ନ ମନ୍ଦିର ମାନଙ୍କରେ ନୃତ୍ୟର ଭଙ୍ଗୀ ଏବଂ ବହୁ ପ୍ରାଚୀନ ମୂର୍ତ୍ତିମାନଙ୍କର ନିର୍ମାଣ ଶୈଳୀରୁ ଏହି ବାଦ୍ୟ ସମ୍ବନ୍ଧରେ ପ୍ରମାଣ ମିଳିଥାଏ। କିମ୍ବଦନ୍ତୀ ଅନୁସାରେ ଶ୍ରୀଜଗନ୍ନାଥ ସଂସ୍କୃତି ଭାରତ ବର୍ଷର ପ୍ରତ୍ୟେକ ସଂସ୍କୃତି (ଜାତି ଉପଜାତି ନିର୍ବିଶେଷରେ) ସଂଶ୍ଳିଷ୍ଟ। ଉତ୍କଳର ଦେବତା ଶ୍ରୀଜଗନ୍ନାଥ ନୀଳକନ୍ଦରରେ ଅବସ୍ଥାନ କରୁଥିବା ସମୟରେ ଶବର ରାଜା ବିଶ୍ୱାବସୁ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ ତଥା ଶବର ସଂପ୍ରଦାୟର ସମସ୍ତ ଅଧିବାସୀ ଶ୍ରୀଜଗନ୍ନାଥଙ୍କୁ ପୁରୁଷାନୁକ୍ରମେ ପୂଜାର୍ଚ୍ଚନା କରିଆସୁଥିଲେ। କିଛିଦିନ ଅନ୍ତେ କଳିଙ୍ଗାଧିପତି ତଥା ପୁରୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଠାକୁରଙ୍କ ଆଦେଶ ହୁଅନ୍ତେ ସେ ମନ୍ତ୍ରୀ ବିଦ୍ୟାପତିଙ୍କୁ ନୀଳକନ୍ଦରରୁ ଶ୍ରୀଜଗନ୍ନାଥଙ୍କୁ ଅଣାଇବାର ବ୍ୟବସ୍ଥା କରାଇଲେ। ଶେଷରେ ଠାକୁର ଶ୍ରୀଜଗନ୍ନାଥ ପୁରୀସ୍ଥିତ ବଡ଼ଦେଉଳରେ ଅବସ୍ଥାନ କଲେ। ଠାକୁର ନୀଳମାଧବ ଅନ୍ତର୍ଧ୍ୟାନ ହେବାରୁ ଶବର ରାଜା ଭକ୍ତ ବିଶ୍ୱାବସୁ ତଥା ଅନ୍ୟ ଶବର ଅଧିବାସୀ ନିଜର ଆଦିଦେବତାଙ୍କ ଦର୍ଶନ ନିମନ୍ତେ ପୁରୀସ୍ଥିତ ବଡ଼ଦେଉଳକୁ ଗମନା ଗମନ କରିବାରୁ କାଳକ୍ରମେ ଏହି ଅନାର୍ଯ୍ୟ ବା ଶବର ଅଧିବାସୀଙ୍କର ପୁରୀସ୍ଥିତ ଆର୍ଯ୍ୟ ଭକ୍ତଗଣ ତଥା ଲୋକମାନଙ୍କ ସହିତ ଭାବର ଆଦାନ ପ୍ରଦାନ ହେଲା। ସଂସ୍କୃତିକ୍ଷେତ୍ରରେ ମଧ୍ୟ ଏହି ଭାବର ଆଦାନ ପ୍ରଦାନ ନୂତନ ରୂପରେଖ ନେଲା। ଏହି ଆଦିବାସୀ ବା ଶବର ସଂପ୍ରଦାୟର ଲୋକମାନେ ଠାକୁର ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ତଥା ବିଭିନ୍ନ ପର୍ବପର୍ବାଣିମାନଙ୍କରେ ଗୀତନୃତ୍ୟର ଆସର କଲେ। ଏହି ଗୀତନୃତ୍ୟ ସହିତ ଯେଉଁ ତାଳବାଦ୍ୟ ବାଦନ କରାଯାଉଥିଲା ତାହାକୁ ସେମାନେ ମାଦଲ ବା ମାଦଳ ବାଦ୍ୟ ବୋଲି କହୁଥିଲେ। ଶବର ଜାତିର ଏହି ମନୋରଞ୍ଜନ କାର୍ଯ୍ୟକ୍ରମରେ ଯେତେବେଳେ ସଂଗୀତ ଆସର ହୁଏ ସେତେବେଳେ ଗୀତନୃତ୍ୟ ସହିତ ଉଠୁଥିବା ବାଦ୍ୟର ବିତାନ ଶବର ଦର୍ଶକମାନଙ୍କୁ ମାତାଲ କରିଦେଉଥିବା ସେତେବେଳେ କୁହାଯାଉଥିଲା। ମନେହୁଏ ଏହି 'ମାତାଲ' ଶବ୍ଦରୁ 'ମାଦଳ' ଶବ୍ଦ ଆସିଅଛି। ପ୍ରଥମେ ଶବର ଜାତିର ଲୋକମାନେ ମାଦଳ ବାଦ୍ୟକୁ 'ମାତାଲ ବାଦ୍ୟ' କହୁଥିଲେ। ପରେପରେ 'ମାଦଲ', 'ମାଦଳ' ଇତ୍ୟାଦି କହିଆସୁଥିଲେ। କାଳକ୍ରମେ ଏହି ବାଦ୍ୟ 'ମର୍ଦ୍ଦଳ' ନାମରେ ପରିଚିତ ଓ ଖ୍ୟାତ ହେଲା। ଅନ୍ୟ ଏକ ସୂତ୍ରରୁ ସୂଚନା ମିଳେ ଯେ ଆଦିବାସୀମାନେ କାଷ୍ଠ ସ୍ତମ୍ଭ ଦେବତା ମାଦଳାକୁ ଶବର ନାରାୟଣୀ ରୂପେ ପୂଜା କରୁଥିଲେ। ଏହି କାଷ୍ଠ ଦେବତା ମାଦଳା ନାମ ଅନୁଯାୟୀ ଶବ୍ଦବ୍ରହ୍ମ ବା ନାଦବ୍ରହ୍ମକୁ ଅନୁସରଣ କରି ଆନଦ୍ଧ ବାଦ୍ୟ ମାଦଳ କାଳକ୍ରମେ ମର୍ଦ୍ଦଳ ରୂପରେ ଖ୍ୟାତି ଲାଭ କରିଛି। (ମାଦଳା ପାଞ୍ଜି ପୃଷ୍ଠା-୧୦୮ ମୃତ୍ୟୁଞ୍ଜୟ ନାୟକଙ୍କ ଦ୍ୱାରା ଲିଖିତ)।

ଶବର ସଂପ୍ରଦାୟର ଲୋକମାନଙ୍କର ଏହି ମାଦଳ ବାଦନ ଓଡ଼ିଶା ତଥା ପୁରୀର ଭକ୍ତପ୍ରେମୀ ତଥା ସଂଗୀତଜ୍ଞମାନଙ୍କୁ ଆକୃଷ୍ଟ କରିଥିଲା। ଶବରମାନେ ମାଦଳ ବାଦ୍ୟକୁ କାନ୍ଧରେ ପକାଇ ବାଦନ କରୁଥିଲେ। ତାହାର ଆକୃତି ଅନୁଯାୟୀ କ୍ରମଶଃ ଛୋଟ କରି କେତେକ ଓଡ଼ିଶୀପ୍ରେମୀ ଭକ୍ତ ସେହି ବାଦ୍ୟକୁ ନୃତ୍ୟ ଏବଂ ସଙ୍ଗୀତରେ ପ୍ରୟୋଗ କରିବାକୁ ଚାହିଁଲେ ଏବଂ ସେହି ବାଦ୍ୟକୁ କାନ୍ଧରେ ଝୁଲାଇ ବାଦନ କରିବା ପରିବର୍ତ୍ତେ ମୁଡ଼ିଆ (ମଳା) ରେ ରଖି ବାଦନ କଲେ। ମାଦଳ ବାଦ୍ୟର ଆକାର ଯଥା ଲମ୍ବ ଓସାର (ଦୈର୍ଘ୍ୟ, ପ୍ରସ୍ଥ) ବାୟାଁ ଏବଂ ଡାୟାଁର ପ୍ରସ୍ତୁତିକରଣର ନିୟମ ବଦଳାଇ ଓଡ଼ିଶୀ ଗୀତ ଏବଂ ଗୋଟିପୁଅ ଓ ମାହାରୀ ନୃତ୍ୟ ସହିତ ବାଦନ ହେବାରୁ ଏହାର ବାଦନକ୍ରିୟା ଚମତ୍କାର ହେଲା ଏବଂ ଏହା ଓଡ଼ିଶୀ ସଂଗୀତରେ ବିଧିବଦ୍ଧ ତାଳବାଦ୍ୟ ରୂପେ ପ୍ରସିଦ୍ଧିଲାଭ କଲା।

ମୟୂରଭଞ୍ଜ-ବାଲେଶ୍ୱର ସୀମାରେ ସୁର-ମାଦଳ ନାମକ ତାଳବାଦ୍ୟ ଦେଖିବାକୁ ମଳିଥାଏ। ମନୋରଞ୍ଜନଧର୍ମୀ ଏକ ଛୋଟ ଗୀତିନାଟ୍ୟ ଦଳ ଏବଂ କେଳାକେଳୁଣୀ ସେମାନଙ୍କର ନୃତ୍ୟ ବା ନାଟକ ପ୍ରଦର୍ଶନ କଲା ବେଳେ ଯେଉଁ ତାଳବାଦ୍ୟଟିର ପ୍ରୟୋଗ କରିଥା'ନ୍ତି, ତାହାକୁ ସୁର-ମାଦଳ କୁହାଯାଏ। ସୁର-ମାଦଳର ଗଢ଼ଣ ମାଟିରେ। ଢୋଲକ ପରି ଦେଖିବାକୁ କିନ୍ତୁ ତାହାର ଆକୃତି ଢୋଲକଠାରୁ ସରୁ। ତାହାର ବାମ ପାର୍ଶ୍ୱର ବ୍ୟାସ ଦଶ ଇଞ୍ଚ ଓ ଦକ୍ଷିଣ ପାର୍ଶ୍ୱର ବ୍ୟାସ ବା ଚାଇଁଆ ୪ରୁ ୫ଇଞ୍ଚ ବିଶିଷ୍ଟ ହୋଇଥାଏ। ଦୁଇପାର୍ଶ୍ୱ ଚର୍ମକୁ ଧରି ରଖିବା ପାଇଁ ଚମଡ଼ାର ଗଛ ବା ବଧି ଲଗାଯାଇଥାଏ। ଏହାର ଗୋଟି ନ ଥାଏ। ବାୟାଁରେ କିରଣ ପ୍ରଲେପ କରା ଯାଇଥାଏ। ଏହା କାନ୍ଧରେ ପକାଇ ବାଦନ କରାଯାଇଥାଏ। ଆବଶ୍ୟକତା ଅନୁଯାୟୀ ସମୟ ସମୟରେ ଏହା ମୋଡ଼ିଆରେ ରଖି ବାଦନ କରାଯାଏ। ସୁର ମାଦଳ ବାଦ୍ୟରେ ଯେଉଁ ଉକୁଟ (ବୋଲ) ବାଦନ କରାଯାଇଥାଏ ତାହା ପ୍ରାୟତଃ ଏହିପରି 'ଡୁବୁଲୁ ଡୁବୁଲୁ ତାମ୍ ତାମ୍'। ଏହି ଉକୁଟଟିକୁ ଗୀତ ଓ ନୃତ୍ୟ ସହିତ ତାଳର ଛନ୍ଦ ଅନୁଯାୟୀ ପ୍ରୟୋଗ କରାଯାଇଥାଏ।

ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲା ଝୁମର ସଙ୍ଗୀତ ପାଇଁ ପ୍ରସିଦ୍ଧ। ଏଥିନିମିତ୍ତ ଯେଉଁ ତାଳବାଦ୍ୟଟି ବାଦନ କରାଯାଏ ତାହା ମଧ୍ୟ ମାଦଲ ବା ମାଦଳ ବାଦ୍ୟ ନାମରେ ନାମିତ। ଏହା ସମ୍ବଲପୁର, କୋରାପୁଟ, ଫୁଲବାଣୀ ଆଦି ଜିଲ୍ଲାମାନଙ୍କରେ ଦେଖିବାକୁ ମିଳିଥାଏ। କିନ୍ତୁ ଏହି ମାଦଳ ବାଦ୍ୟର ଗଢ଼ଣ ଓ ସ୍ଥାନ ଅନୁଯାୟୀ ସାମାନ୍ୟ ପରିବର୍ତ୍ତନ ହୋଇଥିବାର ଦେଖିବାକୁ ମିଳିଥାଏ। ଉକ୍ତ ଜିଲ୍ଲାମାନଙ୍କରେ ଥିବା ଅଧିବାସୀ ଯଥା ସାନ୍ତାଳ, କନ୍ଧ ଓ କୋହ୍ଲମାନେ ସେମାନଙ୍କର ପୂଜାପାର୍ବଣ ବା ଆମୋଦ ପ୍ରମୋଦ ସମୟରେ ଯେଉଁ ଚର୍ମାବୃତ୍ତ ବାଦ୍ୟଟିକୁ ବାଦନ କରିଥା'ନ୍ତି ତାହା ମାଦଳ ନାମରେ ନାମିତ। ଏହି ମାଦଳର ଆକୃତି ସୁର-ମାଦଳ ଠାରୁ ଭିନ୍ନ। ଏହାର ଲମ୍ବ ୨୪ରୁ ୨୬ଇଞ୍ଚ ଏବଂ ବ୍ୟାସ ୧୨ ରୁ ୧୪ ଇଞ୍ଚ। ଏହାର ଦକ୍ଷିଣ ଏବଂ ବାମପାର୍ଶ୍ୱର (ବାୟାଁ, ଡାୟାଁ) ବ୍ୟାସ ସମାନ ଅଟେ। ବାମ ପାର୍ଶ୍ୱରେ ମୋଟା ଚମଡ଼ା ଦିଆଯାଇ ଛପର କରାଯାଇଥାଏ। ଏହା ଉଭୟ ବାଡ଼ି ଓ ହାତ ଦ୍ୱାରା ବାଦନ କରାଯାଇଥାଏ। ଏହାର ଉଭୟ ପାର୍ଶ୍ୱରେ କିରଣର ପ୍ରଲେପ ନଥାଏ। କିନ୍ତୁ କେତେକ ଅଂଚଳରେ ମାଦଳରେ କିରଣ ମଧ୍ୟ ଥାଏ।

କେତେକଙ୍କ ମତରେ (ପୁରାଣ ଅନୁଯାୟୀ) ମହାଦେବ ଶିବଙ୍କର ସର୍ବପ୍ରଥମ ଆନଦ୍ଧ ବାଦ୍ୟ ଡମ୍ବରୁକୁ ଅନୁସରଣ କରି ମୃଦଙ୍ଗର ଉତ୍ପତ୍ତି ହୋଇଛି। ଏହି ମୃଦଙ୍ଗକୁ ଅନୁସରଣ କରି ମର୍ଦ୍ଦଳର ଉତ୍ପତ୍ତି ହୋଇଛି। ଚାରିବେଦ ମଧ୍ୟରୁ ସାମ ବେଦରେ ସଙ୍ଗୀତ ସମ୍ବନ୍ଧୀୟ ତଥ୍ୟର ପ୍ରମାଣ ମିଳିଥିଲେ ହେଁ ଋକ୍‌ବେଦରୁ ବୀଣା, ମୃଦଙ୍ଗ, ବଂଶୀ ଓ ମର୍ଦ୍ଦଳ ଇତ୍ୟାଦିର ଉତ୍ପତ୍ତି ସମ୍ବନ୍ଧରେ ଆଭାସ ମିଳିଥାଏ। ଭରତ ମୁନୀଙ୍କ ନାଟ୍ୟ ଶାସ୍ତ୍ର ଏବଂ ସଙ୍ଗୀତ ନାରାୟଣରେ ମଧ୍ୟ ଉପରୋକ୍ତ ବାଦ୍ୟମାନଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି। ମୃଦଙ୍ଗର ପୂର୍ବବର୍ତ୍ତୀ ବାଦ୍ୟର ନାମ ପୁଷ୍କର ଥିବା ଅନୁମାନ କରାଯାଏ। ଯେତେବେଳେ ପୁଷ୍କର ବାଦ୍ୟ ସୃଷ୍ଟି ହେଲା ସେତେବେଳେ ଏହି ବାଦ୍ୟଟିର ମୁଖ ଊର୍ଦ୍ଧ୍ୱକୁ ଥିଲା ଏବଂ ଉପରକୁ ପାଂଚୋଟି ମୁଖ ଦୃଷ୍ଟିଗୋଚର ହେଉଥିଲା। ଏଣୁ ଏହାକୁ ପଂଚମୁଖୀ ବାଦ୍ୟ କୁହାଯାଉଥିଲା। ଗୋଟିଏ ଅଙ୍ଗରେ ଊର୍ଦ୍ଧ୍ୱକୁ ପାଂଚୋଟି ମୁଖ ଥିବା ବାଦ୍ୟଟି କାଳକ୍ରମେ ତିନୋଟି ମୁଖ ସୃଷ୍ଟି କରାଯାଇ ବାଦନ କରାଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଟି ମୁଖ ହୋଇ ମୃଦଙ୍ଗ ତୁଲ୍ୟ ତିଆରି କରାଯାଇ ବାଦନ କରାଗଲା।

ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ନାଟମଣ୍ଡପରେ ଯେଉଁ ତାଳବାଦ୍ୟ ବାଦନ କରାଯାଉଛି ତାହା ମର୍ଦ୍ଦଳ ନାମରେ ପ୍ରସିଦ୍ଧ। ଏହି ମାଦଳ ବା ମର୍ଦ୍ଦଳ ଅନୁଯାୟୀ ମାଦଳା ପାଞ୍ଜିର ନାମକରଣ ହୋଇଛି। ମାଦଳା ପାଞ୍ଜିରେ ଓଡ଼ିଶାର ରୀତି-ନୀତି, ପୂଜା-ପାର୍ବଣ ଏବଂ ଲୋକସଂସ୍କୃତି ସମ୍ବନ୍ଧୀୟ ସମ୍ୟକ ସୂଚନା ମିଳିଥାଏ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ସେବାପୂଜା ପାଇଁ ନିଯୁକ୍ତ ଛତିଶି ନିଯୋଗ ମଧ୍ୟରୁ ମାଦେଳି ନିଯୋଗ ବା ମାଦେଳି ସେବା ଅନ୍ୟତମ। ଶ୍ରୀଜଗନ୍ନାଥଙ୍କ ସେବାରେ ଏହି ମର୍ଦ୍ଦଳ ବାଦନ ଏକ ସ୍ୱତନ୍ତ୍ର ନିଯୋଗ ରୂପେ ପ୍ରସିଦ୍ଧ। ଯେଉଁମାନେ ମନ୍ଦିରରେ ମର୍ଦ୍ଦଳ ବାଦନ କରନ୍ତି ସେମାନଙ୍କୁ ମାଦେଳୀ ବା ମାଦଳିଆ କୁହାଯାଏ। କେତେକ ବର୍ଷୀୟାନ ସଙ୍ଗୀତଜ୍ଞଙ୍କ ମତରେ ଅମର କବି ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ରଚନା ପରେ ରାଧାକୃଷ୍ଣଙ୍କର ଅପୂର୍ବ ଲୀଳାର ମାଧୁର୍ଯ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ଜଣେ ଭକ୍ତଙ୍କ ଦ୍ୱାରା କରାଇଥିଲେ। କଥିତ ଅଛି ଭକ୍ତମାନଙ୍କ ସମ୍ମୁଖରେ ପ୍ରଭୁ ପତିତପାବନ ଶ୍ରୀଜଗନ୍ନାଥ ଭକ୍ତ ବେଶ ସାଜି ଓଡ଼ିଶୀ ସଙ୍ଗୀତ ଓ ଗୀତଗୋବିନ୍ଦ ଗାନ କରୁଥିଲେ। ସ୍ୱୟଂଇନ୍ଦ୍ର ଭକ୍ତବେଶ ଧାରଣ କରି (ମର୍ଦ୍ଦଳ) / ମୃଦଙ୍ଗ ବାଦନ କରୁଥିଲେ। ମର୍ଦ୍ଦଳ ଜଗନ୍ନାଥଙ୍କ ନାଟମଣ୍ଡପରେ ବାଦନ କରାଯାଉଥିବାର ଦୃଷ୍ଟାନ୍ତ ଅଛି। ରଥଯାତ୍ରାରେ ଜଗନ୍ନାଥଙ୍କ ପହଣ୍ଡି ବିଜେ ସମୟରେ ଯେଉଁ ଘଣ୍ଟ ଓ ତାଳବାଦ୍ୟ ବାଦନ କରାଯାଏ ତାହା ଘଣ୍ଟ-ମର୍ଦ୍ଦଳ ନାମରେ ସୁଖ୍ୟାତ। ଓଡ଼ିଶାର ସର୍ବପ୍ରାଚୀନ ନୃତ୍ୟ ମାହାରୀ ବା ଦେବଦାସୀ ନୃତ୍ୟରେ ମର୍ଦ୍ଦଳ ବାଦନର ପ୍ରଚଳନ ହୋଇଆସୁଛି। ଗୋଟିପୁଅ ନୃତ୍ୟ ଏବଂ ଦକ୍ଷିଣୀ ନୃତ୍ୟରେ ମଧ୍ୟ ମର୍ଦ୍ଦଳ ବାଦ୍ୟର ପରମ୍ପରା ରହିଆସିଛି। ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ଯଥା ଆଖଡ଼ା ଶାଳ, ଭାଗବତ ଟୁଙ୍ଗୀ ଏବଂ ବିଭିନ୍ନ ମନ୍ଦିରମାନଙ୍କରେ ଓଡ଼ିଶୀ ଗୀତ, ଗୀତଗୋବିନ୍ଦ ଛାନ୍ଦ, ଚମ୍ପୁ ସହିତ ମର୍ଦ୍ଦଳ ବାଦନର ପ୍ରୟୋଗ ଥିବା ଜଣାଯାଏ।

ବୌଦ୍ଧଗାନର ରଚନାରୁ ପଟହ, ମାଦଳ, କଂସାତାଳ, ଦୁନ୍ଦୁଭି ବୀଣା ଆଦି ଓଡ଼ିଶୀ ସଙ୍ଗୀତରେ ବ୍ୟବହୃତ ହେବାରେ ଜଣାଯାଏ। ଆଦିକବି ସାରଳା ଦାସଙ୍କ ରଚିତ ମହାଭାରତରୁ ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ, ମର୍ଦ୍ଦଳ, ବୀଣା ଆଦି ବାଦ୍ୟ ଯନ୍ତ୍ରମାନଙ୍କର ପ୍ରମାଣ ମିଳିଥାଏ। ସାରଳାଙ୍କ ପରବର୍ତ୍ତୀ ପଞ୍ଚସଖା ସାହିତ୍ୟରୁ ମଧ୍ୟ ଅନୁରୂପ ବାଦ୍ୟ ଯନ୍ତ୍ର ସହିତ ଆହୁରି କେତେକ ନୂତନ ବାଦ୍ୟ ଯନ୍ତ୍ର ସମ୍ବନ୍ଧୀୟ ତଥ୍ୟ ଆମେ ପାଇଥାଉ। ସେଗୁଡ଼ିକ ଯଥାକ୍ରମେ - ଢୋଲ, ଡମାଲୁ, ଦୁନ୍ଦୁଭି, ମହୁରୀ, ଉପାଙ୍ଗ, କାହାଳୀ, ତାଳ, ପଟହ, ଟମକ, ମୃଦଙ୍ଗ, ଶିଙ୍ଗା, ମର୍ଦ୍ଦଳ, ରାମତାଳି, କୁଣ୍ଡଳୀ, ନାଗେଶ୍ୱର ଇତ୍ୟାଦି ଅନ୍ୟତମ। ପଞ୍ଚସଖା ସାହିତ୍ୟର ଭାଗବତ, ହରିବଂଶ ଆଦିରେ ଅସଂଖ୍ୟ ବାଦ୍ୟଯନ୍ତ୍ରର ବର୍ଣ୍ଣନା ଅତି ସୁନ୍ଦର ଭାବେ କରାଯାଇଅଛି। ଶିବଙ୍କ ସ୍ତୁତି ପ୍ରସଙ୍ଗରେ ହରିବଂଶରେ କେତେକ ବାଦ୍ୟ ସମ୍ବନ୍ଧରେ ଉଦାହରଣ ଦିଆଯାଇଛି। ଏତଦ୍‌ଭିନ୍ନ ପ୍ରାକ୍ ରୀତି ସାହିତ୍ୟ, ରହସ୍ୟ ମଞ୍ଜରୀ କାବ୍ୟରେ ତତ୍‌କାଳୀନ ତଥ୍ୟମାନଙ୍କରୁ ମର୍ଦ୍ଦଳ ସମ୍ବନ୍ଧରେ ବିଭିନ୍ନ ସୂଚନା ମିଳିଥାଏ।

# ଅବଶିଷ୍ଟାଂଶ...

## ପ୍ରତିଟି ଜୀବନ...

ସେମାନଙ୍କ ମନରେ ଆତ୍ମବିଶ୍ୱାସ ଭରିବା ଆବଶ୍ୟକ। ଆମେ ସମସ୍ତେ ମନେ ରଖିବା ଉଚିତ ଯେ ଆମକୁ ମିଳୁଥିବା ଦରମା ତଥା କାମ ଲାଗି କୋଠା ନିର୍ମାଣ ପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେଉଛି ତାହା ଲୋକଙ୍କ ଟଙ୍କା। ଆମେ ସେହିମାନଙ୍କ ସେବା ପାଇଁ ଅଛୁ ବୋଲି ନବନିଯୁକ୍ତ ଡାକ୍ତରମାନଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

କଳିଙ୍ଗ ଷ୍ଟାଡ଼ିୟମରେ ଆଜି ୨୪୩୭ ଜଣ ମେଡିକାଲ ଅଫିସରଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ପ୍ରତ୍ୟେକ ଜନସାଧାରଣଙ୍କୁ ବିଶ୍ୱସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲାଗି ରାଜ୍ୟ ସରକାର ବଦ୍ଧପରିକର। 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ହେଉଛି ଆମର ଲକ୍ଷ୍ୟ। ସେଥିପାଇଁ ମିଶନ୍ ମୋଡ୍‌ରେ ସରକାରୀ ଡାକ୍ତରଖାନାରେ କ୍ରମାଗତ ଭାବେ ଖାଲି ପଦବୀ ପୂରଣ କରାଯାଉଛି, ଡାକ୍ତରଖାନାର ରୂପରେଖରେ ବ୍ୟାପକ ପରିବର୍ତ୍ତନ କରାଯାଉଛି। ଦୁଇ ଦଶନ୍ଧି ପୂର୍ବରୁ ଓଡ଼ିଶାରେ ପ୍ରତିବର୍ଷ ଯେତେ ସଂଖ୍ୟକ ଡାକ୍ତର ବାହାରୁ ଥିଲେ ଆଜି ତାହାର ୮ ଗୁଣା ଅଧିକ ଡାକ୍ତର ସୃଷ୍ଟି ହେଉଛନ୍ତି। ଗତ ୬ ବର୍ଷ ଭିତରେ ରାଜ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ହସ୍ପିଟାଲ ତଥା ୨ଟି ପିଜି ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯାଇଛି। ପରିଣାମ ସ୍ୱରୂପ ଏବେ ବାର୍ଷିକ ୨୫୨୫ ଏମ୍‌ବିବିଏସ୍ ଡାକ୍ତର, ୮୫୬ ସ୍ପେଶାଲିଷ୍ଟ ଡାକ୍ତର ବାହାରୁଛନ୍ତି । ଓଡ଼ିଶା ଡାକ୍ତର ବଳକା ରାଜ୍ୟରେ ପରିଣତ ହୋଇଛି । ରାଜ୍ୟ ସରକାର କ୍ରମାଗତ ଭାବେ ମେଡିକାଲ ଓ ପାରା ମେଡିକାଲ କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି। କେବଳ ଚଳିତ ବର୍ଷ ୩୬୦୦ ମେଡିକାଲ ଅଫିସରଙ୍କୁ ନିଯୁକ୍ତି ମିଳିଛି। ନଭେମ୍ବର ମାସରେ ପ୍ରାୟ ୪୦୦୦ ନର୍ସିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ସ୍ୱାସ୍ଥ୍ୟ ସେବାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଏବଂ ରୋଗୀଙ୍କ ସନ୍ତୁଷ୍ଟି ବୃଦ୍ଧି ପାଇଁ ଆମର ଡାକ୍ତରଖାନା ଗୁଡିକୁ 'ଆମ ହସ୍ପିଟାଲ'ରେ ରୂପାନ୍ତରିତ କରାଯାଉଛି। ସମସ୍ତ ସରକାରୀ ଡାକ୍ତରଖାନାରେ ପ୍ରତ୍ୟେକ ରୋଗୀଙ୍କୁ ବିନା ମୂଲ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଡାକ୍ତରମାନଙ୍କ ପରିବାରବର୍ଗଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଆପଣମାନେ ନିଜ ସନ୍ତାନଙ୍କୁ ଡାକ୍ତର ଭାବେ ଗଢ଼ି ତୋଳିବା ପାଇଁ ବହୁ ମୂଲ୍ୟ ଦେଇଛନ୍ତି, ଅନେକ ବଳିଦାନ ଦେଇଛନ୍ତି। ଆପଣମାନଙ୍କର ଏହି ତ୍ୟାଗ ଓ କଷ୍ଟ ଆଜି ସଫଳ ହୋଇଛି। ନୂଆ ଡାକ୍ତରମାନଙ୍କ ଯୋଗଦାନ ଫଳରେ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ଆହୁରି ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ନବନିଯୁକ୍ତ ମେଡିକାଲ ଅଫିସରମାନଙ୍କୁ ବିଭିନ୍ନ ଅନୁଷଙ୍ଗିକ ସାମଗ୍ରୀ ଉପହାର ଦେଇଛନ୍ତି ।

କାର୍ଯ୍ୟକ୍ରମରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନବନିଯୁକ୍ତ ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ଜଣେଜଣେ ଅଂଶୀଦାର ବୋଲି ଅଭିହିତ କରି ନିଃସ୍ୱାର୍ଥ ସେବା ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ ବିଗତ ଦଶନ୍ଧି ମଧ୍ୟରେ ଆମ ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, କୃଷି ଏବଂ ଅନ୍ୟ ପ୍ରମୁଖ କ୍ଷେତ୍ରରେ ରୂପାନ୍ତରଣ ହାସଲ କରିଛି। ତେବେ ସ୍ୱାସ୍ଥ୍ୟ ସମସ୍ୟା ସବୁ ପରିବାରର ଆର୍ଥିକ ପ୍ରଗତିରେ ବଡ଼ ଅନ୍ତରାୟ ସୃଷ୍ଟି କରୁଛି। ତେଣୁ ସ୍ୱାସ୍ଥ୍ୟ ସେବା ରୂପାନ୍ତରଣରେ ରାଜ୍ୟ ସରକାର ବିପୁଳ ପୁଞ୍ଜି ବିନିଯୋଗ କରି ଲକ୍ଷ ଲକ୍ଷ ପରିବାରକୁ ଆର୍ଥିକ ବୋଝରୁ ରକ୍ଷା କରୁଛନ୍ତି। ପରିବାରର ଆର୍ଥିକ ସ୍ୱାସ୍ଥ୍ୟରେ ରୂପାନ୍ତରଣ ସୁନିଶ୍ଚିତ କରୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ନବନିଯୁକ୍ତ ଡ଼ାକ୍ତରମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ମୁଖମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ବିଶେଷ ଅଗ୍ରଗତି ଲାଭ କରିଛି ବୋଲି ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଦୁଇ ଜଣ ନବ ନିଯୁକ୍ତ ମେଡିକାଲ ଅଫିସର ଡାକ୍ତର ଅନମୋଲ ମହାପାତ୍ର ଏବଂ ଡାକ୍ତର ଅଜିତ ରଥ ନିଜ ନିଯୁକ୍ତି ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶ୍ନବାଣରେ...

ଧର୍ମେନ୍ଦ୍ରଙ୍କୁ ଶ୍ରୀ ପାଣ୍ଡିଆନ୍ ପରୋକ୍ଷରେ ସତର୍କ ମଧ୍ୟ କରାଇ ଦେଇଛନ୍ତି। ଅନୁଗୁଳ ଜିଲ୍ଲାର ବଣ୍ଡଁରପାଳ ବ୍ଲକ ଅନ୍ତର୍ଗତ ଗଡସନ୍ତ୍ରୀଠାରେ ସାଧାରଣ ସଭାରେ ଶ୍ରୀ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସିଧାସଳଖ ତିନିଟି ପ୍ରଶ୍ନ ପଚାରିଛନ୍ତି । ଅତ୍ୟନ୍ତ ବିନମ୍ରତାର ସହ ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ମାଟିର ସନ୍ତାନ। ଏ ମାଟି ତାଙ୍କୁ ନେଇ ଗର୍ବ କରିବାର କଥା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ସେ ସବୁଠୁ ଅଧିକ ସୁଯୋଗ ପାଇଛନ୍ତି। ଦୀର୍ଘ ଦିନ ଧରି କେନ୍ଦ୍ରରେ ପ୍ରଭାବଶାଳୀ ମନ୍ତ୍ରୀ ଭାବରେ ରହିଛନ୍ତି; କିନ୍ତୁ ଏ ଅଞ୍ଚଳ ପାଇଁ ତାଙ୍କର ଅବଦାନ କ'ଣ ? କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବରେ ସେ ଚାହିଁଥିଲେ ତାଙ୍କ ଅଞ୍ଚଳରେ ଥିବା ୩୦ଟି ଯାକ ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ କମ୍ୟୁନିଟି କଲେଜ ଭଳି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିପାରିଥାନ୍ତେ । ଏ ଅଞ୍ଚଳର ପିଲାମାନେ ସିବିଏସ୍‌ସି ପାଠ ପଢିବାର ସୁଯୋଗ ପାଇଥାନ୍ତେ। ମାତ୍ର ବିଡ଼ମ୍ବନା ହେଲା, ଏତେ ବର୍ଷ ମନ୍ତ୍ରୀ ରହି ମଧ୍ୟ ସେ ନିଜ ଅଞ୍ଚଳ ପାଇଁ କିଛି କଲେ ନାହିଁ । ଗଞ୍ଜାମ ଜିଲ୍ଲାପାଳ ଥିବାବେଳେ ସେ ନିଜେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ସେଠାରେ ତିନିଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ସମର୍ଥ ହୋଇଥିଲେ; କିନ୍ତୁ ସେହି ବିଭାଗର ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଜିଲ୍ଲାରେ ମାତ୍ର ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ରହିବା ଦୁର୍ଭାଗ୍ୟଜନକ। ମାତ୍ର ରାଜ୍ୟ ସରକାର କେନ୍ଦ୍ରମନ୍ତ୍ରୀଙ୍କ ନିଜ ପଞ୍ଚାୟତରେ ଥିବା ସ୍କୁଲକୁ ୫-ଟି ଉପକ୍ରମରେ ରୂପାନ୍ତର କରି ସ୍ମାର୍ଟ ସ୍କୁଲରେ ପରିଣତ କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସେ ପୁଣି କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ସବୁବେଳେ କହୁଛନ୍ତି ଯେ ଏ ଅଞ୍ଚଳର ଲୋକ କାମ ଧନ୍ଦା ପାଇଁ ବାହାରକୁ ଯାଉଛନ୍ତି। ସେ ନିଜେ ଦକ୍ଷତା ବିକାଶ ବିଭାଗର ମନ୍ତ୍ରୀ ଭାବରେ ଏ ଅଞ୍ଚଳର ସବୁ ବ୍ଲକରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିପାରିଥାନ୍ତେ। ଏ ଅଞ୍ଚଳରେ ଏମ୍‌ସିଏଲ, ଏନ୍‌ଟିପିସି, ନାଲ୍‌କୋ ଭଳି ସଂସ୍ଥା ରହିଛି। ଦକ୍ଷତା ବିକାଶ ହୋଇଥିଲେ ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ ଆଦି ଅଞ୍ଚଳର ଯୁବପିଢି ଭଲ ଭଲ ଚାକିରି ପାଇପାରିଥାନ୍ତେ । ମାତ୍ର ସେ କାହିଁକି ଏଠାରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କଲେନାହିଁ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପାଣ୍ଡିଆନ। ସେହିପରି ୫୫ ନମ୍ବର ଜାତୀୟ ରାଜପଥକୁ ନେଇ ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ୩ୟ ପ୍ରଶ୍ନ କରିଛନ୍ତି '୫-ଟି' ଅଧ୍ୟକ୍ଷ। ସେ କହିଛନ୍ତି ଯେ କଟକରୁ ଅନୁଗୁଳ ଦେଇ ସମ୍ବଲପୁର ଯିବା ପାଇଁ ରହିଥିବା ୫୫ ନମ୍ବର ଜାତୀୟ ରାଜପଥ ଏମିତି ବିପଜ୍ଜନକ ହୋଇଛି ଯେ ପ୍ରତିଦିନ ଦୁର୍ଘଟଣାରେ ଲୋକେ ପ୍ରାଣ ହରାଉଛନ୍ତି। ତଥାପି ବର୍ଷ ବର୍ଷ ଧରି ରାସ୍ତା ଠିକ ହୋଇପାରୁନାହିଁ। ଓଡ଼ିଶା ଭିତରେ ସବୁ ରାସ୍ତା ଭଲ, ଏପରିକି ଓଡ଼ିଶା ଭିତରେ ଥିବା ଭାରତ ସରକାରଙ୍କର ସବୁ ରାସ୍ତା ମଧ୍ୟ ଭଲ। କିନ୍ତୁ କେବଳ ଧର୍ମେନ୍ଦ୍ର ବାବୁଙ୍କ ଅଞ୍ଚଳ ଦେଇ ଯାଇଥିବା ଏହି ଗୋଟିଏ ଜାତୀୟ ରାଜପଥ କାହିଁକି ଅବହେଳିତ? ୭-୮ ବର୍ଷ ହେଲା ୫୫ ନମ୍ବର ଜାତୀୟ ରାଜପଥର କାମ ଚାଲିଛି । କେବେ କାମ ସରିବ ତାହା କାହାକୁ ଜଣାନାହିଁ । ଯଦି ଜିଲ୍ଲାପାଳମାନେ ରାସ୍ତା ଠିକ୍ କରିଦେଇ ପାରୁଛନ୍ତି ତାହେଲେ କେନ୍ଦ୍ରମନ୍ତ୍ରୀ କାହିଁକି ଏହା କରିପାରୁନାହାନ୍ତି ବୋଲି ପ୍ରଶ୍ନ କରି ଧର୍ମେନ୍ଦ୍ରଙ୍କୁ ଘାଇଲା କରିଛନ୍ତି ଶ୍ରୀ ପାଣ୍ଡିଆନ।

ଅନୁଗୋଳ ପରେ ଗଡ଼ସନ୍ତ୍ରୀରେ ଅନୁଷ୍ଠିତ ସାଧାରଣ ସଭାରେ ମଧ୍ୟ ଶ୍ରୀ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବାବୁ ବର୍ଷକ ମଧ୍ୟରେ ୪୦ ଥର ଅନୁଗୁଳ ଜିଲ୍ଲା ଆସିଛନ୍ତି । ପ୍ରତିଥର ଟିକିଏ ଟିକିଏ ବିକାଶମୂଳକ କାର୍ଯ୍ୟ ହାତକୁ ନେଇଥିଲେ ଅନୁଗୁଳର ପ୍ରଭୂତ ବିକାଶ ହୋଇପାରିଥାନ୍ତା; କିନ୍ତୁ ସେ ତାହା କରିନାହାନ୍ତି । ଅପରପକ୍ଷରେ ଗତ ଜୁନ୍ ମାସରେ ସେ ଅନୁଗୋଳ ଜିଲ୍ଲାରେ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗତ ୫ ମାସ ମଧ୍ୟରେ କେବଳ ଅନୁଗୋଳ ନିର୍ବାଚନମଣ୍ଡଳୀକୁ ୧୦୦ କୋଟିରୁ ଅଧିକ ଅନୁଦାନ ପ୍ରଦାନ କରାଯାଇଛି। ରାଜନୀତିରେ ତାଙ୍କର ଦୀର୍ଘ ଅନୁଭୂତି ନାହିଁ, କେନ୍ଦ୍ରମନ୍ତ୍ରୀଙ୍କୁ ପରାମର୍ଶ ଦେବାଭଳି ଯୋଗ୍ୟତା ମଧ୍ୟ ତାଙ୍କର ନାହିଁ। କେବଳ ସେ ବିନମ୍ରତାର ସହ ଅନୁରୋଧ କରିପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ଅନୁରୂପ ଭାବରେ ଗତକାଲି ଧାମନଗର ଠାରେ ମଧ୍ୟ କାର୍ତ୍ତିକ ପାଣ୍ଡିଆନ ଦେଇଥିବା ମନ୍ତବ୍ୟକୁ ମଧ୍ୟଆଜି ଗଡ଼ସନ୍ତ୍ରୀଠାରେ ଦୋହରାଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧାମନଗର ଉପନିର୍ବାଚନବେଳେ ୫ ଥର ପ୍ରଚାରରେ ଯାଇଥିଲେ। ସେଠାରେ ତାଙ୍କ ପ୍ରାର୍ଥୀ ବିଜୟୀ ହେବା ପରେ ଥରୁଟିଏ ବି ଧାମନଗର ଗଲେ ନାହିଁ କି ଧାମନଗର ବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କଲେ ନାହିଁ । ଭୋଟ ସର୍ବସ୍ୱ ରାଜନୀତି କେନ୍ଦ୍ରମନ୍ତ୍ରୀଙ୍କର ଅଭ୍ୟାସଗତ ବୋଲି ପରୋକ୍ଷରେ ସୂଚାଇ ଧାମନଗରରେ ଧାମନଗରବାସୀଙ୍କ ପାଇଁ ରାଜ୍ୟ ସରକାର କ'ଣ କ'ଣ କରିଛନ୍ତି ତାହାର ତାଲିକା ଦେଇଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କଟାକ୍ଷ କରିଛନ୍ତି । ଏଠାରେ ସେ ପଚାରିଥିବା ପ୍ରଶ୍ନର ଉତ୍ତର ମଧ୍ୟ ଧର୍ମେନ୍ଦ୍ର ପ୍ରଧାନ ଦେବେନାହିଁ ବୋଲି ସେ ଜାଣିଛନ୍ତି ବୋଲି ଉଲ୍ଲେଖ କରି ପାଣ୍ଡିଆନ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ବିଳମ୍ବରେ ହେଲେ ମଧ୍ୟ ଏ ଅଞ୍ଚଳ ପାଇଁ କିଛି କରିବେ ବୋଲି ତାଙ୍କର ଆଶା ଅଛି । ସ୍ଥାନୀୟ ଲୋକମାନେ ମଧ୍ୟ ଆଶା ରଖିଛନ୍ତି । ଯଦି ଏ ଅଞ୍ଚଳରେ ଲୋକମାନଙ୍କ ପାଇଁ ଠିକ କାମ କରନ୍ତେ, ତାହେଲେ କେବଳ ନାମାଙ୍କନ ପତ୍ର ଦାଖଲ କରି ଘରେ ବସିଲେ ମଧ୍ୟ କେନ୍ଦ୍ରମନ୍ତ୍ରୀ ୨ ଲକ୍ଷ ଭୋଟରେ ବିଜୟୀ ହୋଇପାରନ୍ତେ ବୋଲି କଟାକ୍ଷ କରିଛନ୍ତି ଶ୍ରୀ ପାଣ୍ଡିଆନ। ସେହିପରି ଢେଙ୍କାନାଳ ପରଜଙ୍ଗରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ୍ କରିଥିଲେ ଶ୍ରୀ ପାଣ୍ଡିଆନ। ପୁଣିଥରେ ୩ଟି ପ୍ରସଙ୍ଗକୁ ନେଇ ସିଧାସଳଖ ପ୍ରଶ୍ନ କରିଥିଲେ। ଧର୍ମେନ୍ଦ୍ର ବାବୁଙ୍କୁ ଲକ୍ଷ୍ୟ କରି ପାଣ୍ଡିଆନ କହିଥିଲେ ଯେ ଆପଣ ମାଟି ପାଇଁ ଧ୍ୟାନ ଦିଅନ୍ତୁ । ନିଜ ଘରକୁ କେବେବି ଭୁଲିବେନି। ଆପଣ ଚେଷ୍ଟା କଲେ ମୁଖ୍ୟମନ୍ତ୍ରୀ ସବୁ ସହାୟତା କରିବେ। ଲୋକେ ସବୁ ମନେ ରଖିବେ କାହା ହାତରେ କେତେ କ୍ଷମତା ରହିଛି । ଆପଣ ବଡ଼ କ୍ଷମତାରେ ଅଛନ୍ତି । ଆପଣ ପିଲାଙ୍କ ପାଇଁ କାହିଁକି କିଛି କରୁନାହାନ୍ତି ? ଢେଙ୍କାନାଳବାସୀ କେଉଁ ପାପ କଲେ ବୋଲି ସେ ଧର୍ମେନ୍ଦ୍ରଙ୍କୁ ସିଧାସଳଖ ପ୍ରଶ୍ନ କରିଛନ୍ତି।


**AFFIDAVIT**

I, Aparajita Debnath, W/o Suresh Prasad Dash, resident of Plot No N3/14, IRC Village, Nayapalli, Bhubaneswar, Dist Khurdha, Odisha- 751015 declare by this affidavit No.20072 Dtd: 27/12/2023 that now onwards I shall be known as APARAJITA DEBNATH for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112

**AFFIDAVIT**

I, Saroja Mandala, S/O- Sri Harekrushna Mandal resident of Khatikolada (Dasamatha), Post- Gadabishnupur, Ps- Ersama, Dist- Jagatsinghpur, Pin-754110 Odisha declare by this affidavit No 43 dated 21.11.2023 that now onwards I shall be known as Saroja Mandal for all future purposes.


O-2013 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 13/GJP/2023-24**

1. Name of the work : Building Works
2. Total No. Work : 02 (Two) No. of Building Works
3. Estimated Cost : Rs. 2.10 lakhs to 18.42 lakhs
4. Class of Contractor : 'D' & 'C' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 05.01.2024 at 10.00 AM to 11.01.2024 up to 5.30 PM.
7. Date and Time of Opening of Tender : 12.01.2024 at 11.30 AM
8. Place of Opening : As per Annexure

Further details can be seen from the Website www.tenderorissa.gov.in

SUPERINTENDING ENGINEER
R.W. DIVN.GAJAPATI

OIPR-25158/11/0020/2324

A-1097 GOVERNMENT OF ODISHA
OFFICE OF THE SUPERINTENDING ENGINEER M.I.DIVISION GANJAM NO-I,BERHAMPUR
E-PROCUREMENT NOTICE
Bid Identification No. : Online Tender/05/GMID-1/2023-24

- Name of Work : Civil Construction Works.
- No of Work : 07(Seven)
- Estimated Cost : Varies from Rs 16.62 lakh to Rs 29.92 lakh
- Period of Completion : 06 (Six) Calendar Month
- Date and Time of Sale and receipt of Bid-document online : From 18.01.2024 at 10.00 Hours to 02.02.2024 upto 17:00 Hours
- Date & time of opening of bids : 03.02.2024 At 11.00 Hours
- Name & Address of the Officer inviting Tender. : Superintending Engineer, M.I.Division Ganjam-I, Berhampur.

Further Details can be seen from the website: https://www.tendersodisha.gov.in.Any Addendum / Corrigendum / Cancellation of can also be seen in the said website.

Superintending Engineer,
M.I. Divn. Ganjam-I,
Berhampur

OIPR-32104/11/0019/2324

**DISTRICT PROJECT OFFICE**
**SAMAGRA SHIKSHA, MALKANGIRI**

Letter No. 6135/2023 **NOTIFICATION** Date 28.12.2023

It is brought to the notice of all concerned that the draft list of candidates applied for different post of KGBVs and Residential Schools of Malkangiri District in response to advertisement no. 3385 dt. 26.08.2023 is here by published and the details can be downloaded from the website i.e. www.malkangiri.nic.in for submitting any objection on omission / commission against their name by 10.01.2024 at District Project Office, Samagra Shiksha, Malkangiri through Speed Post / Courier service only. the documents submitted by the candidates at the time of Advertisement / Application shall be treated as final and no documents shall be entertained. Any objection received after due date shall not be entertained.

**By the order of Collector-cum-Chairman**
**District Project Coordinator**
**Samagra Shiksha, Malkangiri**

OIPR-27064/11/0003/2324 n-246

Tel. 06766-258301(O)
email: se_nerwkjr@rediffmail.com O-2010

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
eProcurement Notice for Road Works under OMBADC
Identification No. Road Online NCB No. 411
No. 4877 // Date: 27-12-2023

1. Name of the work :- Construction and Maintenance of roads under OMBADC for Financial Year 2023-24 in the District of Keonjhar.
2. No. of work :- 07 (Seven) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 411 | Dt.03.01.24 at 11.00 A.M. | Dt.17.01.24 up to 5.00 P.M. | Dt.16.01.24 up to 5.00 P.M. | Dt.18.01.24 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in

Sd/- Er. S.K. Mishra
Chief Construction Engineer,
R.W. Circle, Keonjhar.

OIPR-25177/11/0053/2324

O-2008 e-mail: eerwsskld@gmail.com
eerwss_kld@nic.in
Phone No: 06670-230784

GOVERNMENT OF ODISHA
OFFICE OF THE SUPERINTENDING ENGINEER,
KALAHANDI RWS&S DIVISON, BHAWANIPATNA.
* * * * * *

INVITATION OF BID THROUGH e - TENDERING
*Bid Identification No- 77 /SE/RWSS/ 2023-24 /Bpt Dated.27.12.2023*
01.Name of the work :- As per ANNEXURE - A

| Procurement Officer | Bid Identification No | Availability of tender online for bidding on office hour only. | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 77/SE/RWSS/2023-24 /Bpt Dated-27.12.2023 | 04.01.2024 10.00 AM | 19.01.2024 05.30 PM | 20.01.2024 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents should be scanned and uploaded.

Superintending Engineer,
Kalahandi RWS&S Division,
Bhawanipatna

OIPR-25005/11/0014/2324

XXXI-33

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No. RDM-LAA-MBJ-0015-2023-42923/R&DM Date 06.12.2023

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- **ସିଙ୍ଗାରପୁର,** ଥାନା- ବୈଶିଙ୍ଗା ନଂ. ୧୭୦, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୦.୬୫** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବାରିପଦା ।

**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ସିଙ୍ଗାରପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୧୫ | ଏ. ୦.୬୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଶ୍ରୀକାନ୍ତ ତରାଇ)
ସ୍ୱତନ୍ତ୍ର ଶାସନ ସଚିବ

ଭୂମି ଅନୁସୂଚୀ
ଭୂଅର୍ଜନ ମାମଲା ସଂଖ୍ୟା- ୪୦/୨୦୨୨
ଏ.୦.୬୫ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ
ମୌଜା-ସିଙ୍ଗାରପୁର, ଥାନା- ବୈଶିଙ୍ଗା, ନଂ-୧୭୦, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫୬ | ୫୭ | ୦.୨୩ | ୦.୦୮ | ଶାରଦ ଏକ | ଡାତୁ ମାଝୀ ପି: କାର୍ତ୍ତିକ ମାଝୀ, ସାଲଗ ମାଝୀ, ପାନ ମାଝୀ ପି: ରଜ ମାଝୀ, ସାନ ଗୁଲିଆ ମାଝୀ, ଗୁଡୁରା ମାଝୀ, ପାଲୁ ମାଝୀ ପି: ଭୀମ ମାଝୀ, ହିସି ମାଝୀ ସ୍ୱା: ଭୀମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୩୧ | ୨୦ | ୦.୪୮ | ୦.୨୦ | ଶାରଦ ତିନି | ଲକ୍ଷ୍ମଣ ମାଝୀ, ମଟୁ ମାଝୀ ପି: ଧିରେଇ ମାଝୀ, ଦୁଲା ମାଝୀ ପି: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୬୪ | ୫୮ | ୦.୧୮ | ୦.୦୮ | ଶାରଦ ଏକ | ସୁବୁଲାଲ ମାଝୀ, ବାୟା ମାଝୀ ପି: କାଲା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | ୨୧ | ୧.୨୬ | ୦.୨୯ | ଶାରଦ ଦୁଇ | |
| ମୋଟ | ୪ ପ୍ଲଟରୁ | ଏ.୨.୧୫ ଡେ.ମି | ଏ.୦.୬୫ ଡେ.ମି. | | |

OIPR-24001/14/0100/2324

Amin, Deuli Zone — Revenue Inspector, Deuli Zone — Zone Officer-cum-L.A. Collector, S.I.P., Deuli Zone — Spl. Land Acquisition Officer, S.I.P. Baripada


**AFFIDAVIT**

I, Pitambar Jiban Jena, S/o- Jiban Jena, resident of AT-Baghamari, PO -Rayanramchandrapur, PS- Jaleswar, Dist- Balasore, Pin-756032, Odisha declared by this affidavit No.2266, dated- 28/12/2023, that now onwards I shall be known as PITAMBAR JENA for all future purposes.


GOVERNMENT OF ODISHA XXIV-32
REVENUE AND DISASTER MANAGEMENT DEPARTMENT
WITHDRAWAL NOTIFICATION

No. RDM-LAA-JAJ-0006-2022-32946/R&DM, dated 14.09.2023

In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw land measuring to an area of **Ac.0.048** out of an total notified area of Ac.3.046 in respect of **Village-Dhamanagadia (4th Addl),** P.S.- Kalinganagar No. 100, Tahasil-Danagadi, District- Jajpur covered by Revenue & D.M. Department Notification No. 33709/R&DM dated 01.10.2022 published in the extraordinary issue of the Odisha Gazette No. 149 dated 13.01.2023 acquired for construction of Main Canal of LBC-II under Rengali Irrigation Project (Left) of which possession has not been taken.

The land schedule is attached herewith.

By order of the Governor
(Srikant Tarai)
Special Secretary to Government

ପ୍ରତ୍ୟାହାର ଜମି ଅନୁସୂଚୀ

ଗ୍ରାମର ନାମ: ଧାମଣାଗାଡିଆ (ଚତୁର୍ଥ ଅତିରିକ୍ତ) — ତହସିଲ: ଦାନଗଦି
ଥାନାର ନାମ: କଳିଙ୍ଗ ନଗର ନଂ.: ୧୦୦
ଜିଲ୍ଲା: ଯାଜପୁର
ଜମି ଅଧିଗ୍ରହଣ କେସ୍ ନଂ.: ୨୦/୨୦୨୧

| କ୍ର.ନଂ. | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ପ୍ରତ୍ୟାହାର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ୨୩ | ୩୭୨ | ଶାରଦ ଏକ | ୧.୦୦୦ | ୦.୦୪୮ | ୦.୦୪୮ | ଜଗବନ୍ଧୁ ମହାନ୍ତ, ପିତା- ଆଶୀର୍ବାଦ ମହାନ୍ତ, ଜାତି- କୁଡୁମି, ବା: ନିଜଗାଁ | |
| | | | | | ମୋଟ | ୦.୦୪୮ | | |

ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୧ (ଏକ), ମୋଟ ପ୍ରତ୍ୟାହାର ରକବା : ୦.୦୪୮ ଏକର
୧. ପ୍ରସ୍ତୁତକର୍ତ୍ତା: ............................
୨. ତୁଳନାକାରୀ : ............................
୩. ଯାଞ୍ଚକାରୀ : ............................
୪. ଜମି ଅଧିଗ୍ରହଣ ସଂଗ୍ରହକାରୀଙ୍କ ଦସ୍ତଖତ ଏବଂ ମୋହର : ............................

ସ୍ୱତନ୍ତ୍ର ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା — ମଣ୍ଡଳ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା

OIPR-24001/14/0101/2324

## ପୂର୍ବ ତଟ ରେଳପଥ

ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

**ନିଲାମ କାଟଲଗ୍ ସଂ.:** Prkng-KUR-23-54, ଷ୍ଟେସନ ଏବଂ ସ୍ଥାନ : (1) ଭୁବନେଶ୍ୱର-4 ଚକିଆ (ପରିଚଳନ କ୍ଷେତ୍ରରେ) । (2) ପୁରୀ-2 ଚକିଆ (ପରିଚଳନ କ୍ଷେତ୍ରରେ) ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** ତା.03.01.2024ରିଖ 1100 ଘଟିକା (କ୍ରମ ସଂ.1 ଓ 2 ପାଇଁ) ।

**ନିଲାମ ଶେଷ ହେବା ତାରିଖ :** ତା.03.01.2024ରିଖ (କ୍ରମ ସଂ.1 ଓ 2 ପାଇଁ), ଏବଂ ବନ୍ଦ ହେବା ସମୟ : 1130 ଘଟିକା (କ୍ରମ ସଂ.1 ପାଇଁ), 1140 ଘଟିକା (କ୍ରମ ସଂ.2 ପାଇଁ) ।

ପେ ଆଣ୍ଡ ୟୁଜ୍ ଶୌଚାଳୟ ଏବଂ ସାମାନ ପ୍ରକୋଷ୍ଠର ଇ-ନିଲାମ

**ନିଲାମ କାଟଲଗ୍ ସଂ.:** PnU-T-KUR-23-28, ଷ୍ଟେସନ ଏବଂ ସ୍ଥାନ : (1) ମାଳତୀପାଟପୁର (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (2) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ(ପ୍ଲାଟଫର୍ମ ନଂ.1 ଏବଂ 2 ମଧ୍ୟରେ), (3) ପୁରୀ(ଆଉଟ୍‌ୱାର୍ଡ ପାର୍ସଲ କାର୍ଯ୍ୟାଳୟ ନିକଟରେ), (4) ଖଲିକୋଟ(ପରିଚଳନ କ୍ଷେତ୍ରରେ), (5) ଭୁବନେଶ୍ୱର (ପ୍ଲାଟଫର୍ମ ନଂ.1 ପାର୍ଶ୍ୱର ପରିଚଳନ କ୍ଷେତ୍ରରେ), (6) ଖୋର୍ଦ୍ଧା ରୋଡ୍-ସାମାନ ପ୍ରକୋଷ୍ଠ (ନୂଆ ଷ୍ଟେସନ ବିଲ୍ଡିଂରେ) ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** ତା.03.01.2024ରିଖ 1300 ଘଟିକା(କ୍ରମ ସଂ.1 ରୁ 6 ପାଇଁ) ।

**ନିଲାମ ବନ୍ଦ ହେବା ତାରିଖ :** ତା.03.01.2024ରିଖ (କ୍ରମ ସଂ. 1 ରୁ 6 ପାଇଁ) ଏବଂ ବନ୍ଦ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ), 1340 ଘଟିକା (କ୍ରମ ସଂ.2 ପାଇଁ), 1350 ଘଟିକା (କ୍ରମ ସଂ.3 ପାଇଁ), 1400 ଘଟିକା (କ୍ରମ ସଂ.4 ପାଇଁ), 1410 ଘଟିକା (କ୍ରମ ସଂ.5 ପାଇଁ) ଏବଂ 1420 ଘଟିକା (କ୍ରମ ସଂ.6 ପାଇଁ) ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ www.ireps.gov.inର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-930/O/23-24

# ଜଙ୍ଗଲ ଅଧିକାର ପାଇଁ ଯୁଗ୍ମ ତଦନ୍ତ ଆରମ୍ଭ



**ମହୁଲଡିହା, ୨୮।୧୨(ସମିସ)**

ଠାକୁରମୁଣ୍ଡା ତହସିଲର ସାଳଚୁଆ ଗ୍ରାମ ପଞ୍ଚାୟତ ଅଧୀନ ମଶାଘାଟିରେ ବନ ଓ ରାଜସ୍ୱ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଯୁଗ୍ମ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୨୭ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୱାର୍ଡ ମେମ୍ବର ବାସନ୍ତୀ ଶୁଳିଆଙ୍କ ସଭାପତିତ୍ୱରେ ସରପଞ୍ଚ କବିତା ନାୟକ, ରାଜସ୍ୱ ନିରୀକ୍ଷକ ସୁରେଶ କୁମାର ବେହେରା, ଅତିରିକ୍ତ ରାଜସ୍ୱ ନୀରିକ୍ଷକ ସୁବ୍ରତ କୁମାର ସାହୁ, ବନପାଳ ଭାସ୍କର ଚନ୍ଦ୍ର ଘଣା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଉପସ୍ଥିତ ଥିଲେ। ଯୁଗ୍ମ ତଦନ୍ତ ପ୍ରକ୍ରିୟା ଗୁଡ଼ିକୁ ପ୍ରଥମେ ଆର୍‌ସିଡ଼ିସି ଅନୁଷ୍ଠାନର କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଯୁଗ୍ମ ତଦନ୍ତ ପକ୍ରିୟାରେ ପ୍ରଭାତୀ ନାଏକ ସହଯୋଗ କରିବା ସହ ଗ୍ରାମର ସମସ୍ତ ପୁରୁଷ ଓ ମହିଳା ବେଶ୍ ଉତ୍ସାହିତ ଥିଲେ। ୩୭ଟି ପରିବାରର ଦାବିଗୁଡିକ ଉପରେ ତଦନ୍ତ କରାଯାଇ କ୍ଷେତ୍ର ପରିଦର୍ଶନ କରି ବନବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀ ସମ୍ମତି ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟ ଏହି ଗ୍ରାମଟି ଜଙ୍ଗଲ ଗ୍ରାମରୁ ରାଜସ୍ୱ ଗ୍ରାମରେ ପରିଣତ ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ପକ୍ରିୟାକୁ ଶୀଘ୍ର ଶେଷ କରି ରାଜସ୍ୱ ଗ୍ରାମ ପାଇଁ ଯଥାଶୀଘ୍ର କାମ ପାଇଁ ବାଟ ପରିଷ୍କାର ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଓ ମୋବାଇଲ ନେଟୱର୍କ ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ଉପରିସ୍ଥ ଅଧିକାରୀଙ୍କୁ ଦୃଷ୍ଟିଆକର୍ଷଣ କରିଥିଲେ। ବହୁ ପ୍ରତୀକ୍ଷିତ ଯୁଗ୍ମ ତଦନ୍ତ ପ୍ରକ୍ରିୟା ଶେଷ ହୋଇଥିବାରୁ ଆର୍‌ସିଡ଼ିସି ଅନୁଷ୍ଠାନ ତରଫରୁ ସମସ୍ତ ବିଭାଗ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଭୀମଭୋଇ ସାମର୍ଥ୍ୟ ଶିବିର ଉଦ୍‌ଘାଟିତ; ୪୧୮ ଦିବ୍ୟାଙ୍ଗ ପଞ୍ଜୀକୃତ



**ଉଦଳା, ୨୮।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର ଗୁରୁବାର ଉଚ୍ଚବିଦ୍ୟାଳୟ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ଶିବିରରେ ୪୧୮ ଜଣ ଦିବ୍ୟାଙ୍ଗ ନିଜର ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଯୋଗଦେଇଥିବାବେଳେ ବିଡିଓ ତୃପ୍ତି ବରାଇ ସଭାରେ ସଭାପତିତ୍ୱ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ବାରିକ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ଦେବା ସହିତ ସେମାନଙ୍କ ସମସ୍ତ ଆନୁଷଙ୍ଗିକ ଆବଶ୍ୟକତା ନିର୍ଦ୍ଧାରିତ ସମୟରେ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ମୁଖ୍ୟ ବକ୍ତା ଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚାନ୍ଦ, ମୁଖ୍ୟ ଅତିଥି ରୂପେ ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ ପ୍ରମୁଖ ଉଦଘାଟନ କରିଥିଲେ। ସମସ୍ତ ଦିବ୍ୟାଙ୍ଗ ପ୍ରତ୍ୟକ୍ଷ ଭାବରେ ସମସ୍ତ ଆବଶ୍ୟକତା ଏବଂ ସେମାନଙ୍କ ସାମର୍ଥ୍ୟର ବିକାଶ କରାଇବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରିଣୀ ଭାଗ୍ୟଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପି.ଇ.ଓ ବୃନ୍ଦାବନ ବେହେରା, ଡାକ ସିଂ, ନିରଞ୍ଜନ ନାୟକ, ପୁଷ୍ପିତା ଶତପଥୀ ଏବଂ ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅକ୍ଷତ କଳସକୁ ଭବ୍ୟ ସ୍ୱାଗତ



ଶୁକ୍ଳି, ୨୮।୧୨(ସମିସ): ଅଯୋଧ୍ୟାରେ ଭବ୍ୟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ରାଜ୍ୟ ବିଶ୍ୱହିନ୍ଦୁ ସତସଙ୍ଗ ପ୍ରମୁଖ ହରିହର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପଶ୍ଚିମ ମୟୂରଭଞ୍ଜ ପାଇଁ ଯଶିପୁର ସ୍ଥିତ ତାରକେଶ୍ୱର ମହାଦେବ ମନ୍ଦିରରେ ନିମନ୍ତ୍ରଣ ଅକ୍ଷତ ପହଞ୍ଚିଥିଲା। ସେଠାରୁ ଶୁକ୍ଳି ଶାଖାର ମୁଖ୍ୟ ଡ. ଚନ୍ଦ୍ରଶେଖର ଦାସଙ୍କ ନେତୃତ୍ୱରେ ଅକ୍ଷତ କଳସ ଗତ ୨୪ ତାରିଖରେ ଗ୍ରହଣ କରାଯାଇଥିଲା। ଉକ୍ତ କଳସକୁ ଶୁକ୍ଳିର ମୁଖ୍ୟ ବଜାର ମାଣିକ ଛକରୁ ଏକ ଶୋଭାଯାତ୍ରାରେ ନିଆଯାଇ ଜଗନ୍ନାଥ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ତ୍ରିଲୋଚନ ଦାଶ ଯଥାବିଧି ପୂଜନ କାର୍ଯ୍ୟ କରିଥିଲେ। କଳସକୁ ଆଣିବାରେ ଜମ୍ବୁବତୀ ନାୟକ, କାଦମ୍ବିନୀ ପାତ୍ର, ସୁବାସିନୀ ଦେଓ, ତୁଳସୀ ତିଉ, ମନୋଜ ମହାନ୍ତ, ମୋହନ ଘଣ୍ଟିଆଳି, ସାରଥୀ ତୁଙ୍ଗ, ଶିବାନୀ ଦାସ ପ୍ରମୁଖ ସହାୟତା କରିଥିଲେ। ଅକ୍ଷତ କଳସ ବ୍ଲକର ୧୦ଟି ପଞ୍ଚାୟତରେ କିପରି ପହଞ୍ଚିବ ସେ ନେଇ କାହ୍ନୁ ଚରଣ ଗିରିଙ୍କ ସଭାପତିତ୍ୱରେ ଜଗନ୍ନାଥ ମନ୍ଦିରର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁୟାରୀ ୨ ତାରିଖରେ ହୋମଯଜ୍ଞ କରାଯାଇ ୧୦ଟି କଳସକୁ ବିଭିନ୍ନ ପଞ୍ଚାୟତକୁ ପଠାଯିବ। ଆସନ୍ତା ୨୨ ତାରିଖରେ ଘରେ ଘରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ବୈଠକରେ ଉପସ୍ଥିତ ଥିବା ମହିଳାଙ୍କୁ କୁହାଯାଇଛି। ଶେଷରେ ସୁଶାନ୍ତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

**କରଞ୍ଜିଆ:** ପ୍ରଭୁ ଶ୍ରୀରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାରେ ଭବ୍ୟ ଶ୍ରୀ ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଥିବା ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆରେ ପବିତ୍ର ଅକ୍ଷତ ନିମନ୍ତ୍ରଣ ଓ କରପତ୍ର ବିତରଣ ଉତ୍ସବ ସତ୍ୟନାରଣ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦୋଳପଡ଼ିଆଠାରୁ ଅକ୍ଷତ କଳସକୁ ସ୍ୱାଗତ କରାଯିବା ପରେ ମନ୍ଦିର ପରିସରରେ ସୂର୍ଯ୍ୟପୂଜା, ଗୋ ପୂଜା, ଘୃତ ଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଶେଷରେ ଅକ୍ଷତ କଳସକୁ ଶୋଭାଯାତ୍ରା ନିଆଯାଇ କରଞ୍ଜିଆ ସହର ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ କୃପାସିନ୍ଧୁ ମହାନ୍ତ, ଦିଲ୍ଲୀପ ମହାନ୍ତ, ଆଶିଷ ମହାନ୍ତ, ଲୁନା ମିଶ୍ର, ଯୁଗଳ ନାଏକ, ମଦନ ମୋହନ ମହାନ୍ତ, ସ୍ମୃତିରଞ୍ଜନ ମହାନ୍ତ, ସୁନାମଣୀ ହୋ ପ୍ରମୁଖ ଉପସ୍ଥିତ ଥିଲେ।



# ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ଉଦଳା, ୨୮।୧୨(ସମିସ):** ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା ଆରମ୍ଭ ହୋଇଥିଲା। ବରିଷ୍ଠ କରର୍ମଚାରୀ କ୍ଷିରୋଦ ରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ଅଧ୍ୟାପିକା ମଞ୍ଜୁଲା କଲିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତାଭାବେ ଉଦଳା ତହସିଲଦାର ସତ୍ୟଜିତ ମହାନ୍ତି ଛାତ୍ରୀମାନେ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ଉଦାହରଣ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ପିଏ ଆଇଟିଡିଏ ନରେନ୍ଦ୍ର ଖମାରୀ ମହାବିଦ୍ୟାଳୟ ଉନ୍ନତି ଏବଂ ଛାତ୍ରୀମାନଙ୍କ ଶିକ୍ଷା ଓ ସାସ୍ଥ୍ୟର ବିକାଶ ସରକାରଙ୍କ ଯୋଜନା ଅନୁଯାୟୀ କିପରି ହୋଇପାରିବ ସେ ନେଇ ଅବଗତ କରାଇଥିଲେ। ପରିଚାଳନା କମିଟିର ସଭାପତି ରବୀନ୍ଦ୍ରନାଥ କଟୁଆଳ ବିଭିନ୍ନ ପ୍ରେରଣା ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ହେମନ୍ତ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବସନ୍ତ କୁମାର ପରିଡ଼ା, ପ୍ରଭାତ ପରିଡ଼ା, ଡ. ଦିଲ୍ଲୀପ କୁମାର ଦୀକ୍ଷୀତ, ଯଜ୍ଞନାରାୟଣ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଶ୍ୱିନୀ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ; ଏ.କେ ଫାଇଟର୍ସ ଚାମ୍ପିଅନ



**ବଡ଼ସାହି, ୨୮।୧(ସମିସ):** ବଡସାହି ବ୍ଲକ ଦେଉଳିଆ ପଞ୍ଚାୟତ ଗଦଗଦି ଗ୍ରାମର ତ୍ରିଶକ୍ତି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଗୁରୁବାର ୩୧ତମ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଉନ୍ନତ ଖେଳ ପ୍ରଦର୍ଶନ କରି ଏ.କେ ଫାଇଟର୍ସ ଓ ପାଳସା ଫୁଟବଲ ଦଳ ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇବ୍ରେକରର ସହାୟତା ନିଆଯାଇଛି। ଏଥିରେ ଏ.କେ ଫାଇଟର୍ସ ଦଳ ୫-୪ଗୋଲରେ ପାଳସା ଦଳକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଏହି ଅବସରରେ ଚମ୍ପିଆନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିବା ପାଇଁ ଏକ ପୁରସ୍କାର ବିତରଣୀ ଉତ୍ସବ ସଭାପତି ମଦନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବଡସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ବଡସାହି ବ୍ଲକ ଯୁବ ବିଜୁ ଜନତା ଦଳର ନିହାର ରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ କରମଚାନ୍ଦ କାଳନ୍ଦୀ ପ୍ରମୁଖ ଯୋଗ ଦେଇ ଚମ୍ପିଆନ ଦଳକୁ ୧୨ହଜାର ଓ ରନର୍ସ ଅପ୍ ଦଳକୁ ୮ହଜାର ଟଙ୍କା ରାଶି ପ୍ରଦାନ କରିଛନ୍ତି। ପ୍ରାରମ୍ଭରେ ସାକିଲା ମାରାଣ୍ଡି ଖେଳକୁ ଉଦଘାଟନ କରିଥିଲେ।

# ୩ କବି ଓ ଲେଖକଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ

**ବଡଡାଲିମା/ତିରିଙ୍ଗ, ୨୮।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଏବଂ ବହଳଦା ବ୍ଲକର ୩ ଜଣ ସାହିତ୍ୟିକଙ୍କୁ କଟକର କର୍ମବୀର ଗୌରୀଶଙ୍କର ଟାଉନହଲରେ ୪୭ତମ ରାଜ୍ୟସ୍ତରୀୟ କବି ଲେଖକ ସମ୍ମିଳନୀରେ ସମ୍ମାନିତ କରାଯାଇଛି। ତିରିଙ୍ଗ ବ୍ଲକର ବିଶିଷ୍ଟ ଗାଳ୍ପିକ ତଥା କବି ସୁବ୍ରତ କୁମାର ସାହୁଙ୍କୁ ପ୍ରଜ୍ଞାପ୍ରାଣ ସାରସ୍ୱତ ସମ୍ମାନ, ଶିଶୁ ସାହିତ୍ୟିକ ଅଶୋକ ଚକ୍ର ସାହୁଙ୍କୁ ଶିକ୍ଷା ଜ୍ୟୋତି ସାରସ୍ୱତ ସମ୍ମାନ ଏବଂ କବି ସୁଧୀର କୁମାର ବସାଙ୍କୁ ପୂଜ୍ୟପୂଜା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। ଏହାର ଆୟୋଜକ ଭାବେ କଟକ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ ଏହା ଆୟୋଜନ କରିଥିଲା। ସେହିପରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁର କବି, ଲେଖକ, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକଙ୍କୁ ସାହିତ୍ୟ ପ୍ରତି ଅବଦାନ ଏବଂ ସୃଜନା ପାଇଁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆର୍ଯ୍ୟ କବି ପଣ୍ଡିତ ଡକ୍ଟର ପ୍ରମୋଦ କୁମାର ମିଶ୍ର, ପଣ୍ଡିତ ନାରାୟଣ ଶତପଥୀ, କବି ସାରଥୀ ଡ. ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର, ଆଶୁ କବି ହେମନ୍ତ କୁମାର ଦାସ, ଗୋପୀନାଥ ପଟ୍ଟନାୟକ, ବ୍ୟଙ୍ଗ କବି ଲକ୍ଷ୍ମୀଛଡ଼ା ଦେବେନ୍ଦ୍ର ମହାଳିକ, ଡ. ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଯୋଗଦେଇ ଏହି ୩ ଜଣ କବିଙ୍କୁ ମାନପତ୍ର ସହିତ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।

# ମିଲେଟ୍ସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଖୁଣ୍ଟା/କୁଆମରା, ୨୮।୧୨(ସମିସ):** ଗୋପବନ୍ଧୁନଗର ବ୍ଲକ ପରିସରରେ ଶକ୍ତି ଶିଖା ଆନୁକୂଲ୍ୟର ମିଲେଟ୍ସ ମିଶନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ କରୁଣାକର ଧିନ୍ଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ କୃଷି ଅଧିକାରୀ ତ୍ରିଲୋଚନ ରାଉତ, ସଂଗଠନର ବ୍ଲକ ସଂଯୋଜକ ଦିଲ୍ଲୀପ କୁମାର ରାଉତ, ଅତିରିକ୍ତ ବ୍ଲକ ସଂଯୋଜକ ପିୟୁଷକୁମାର ସାଠୁଆ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାର ମିଲେଟ୍ସର ଉତ୍ପାଦନ ବୃଦ୍ଧି ଏବଂ ଏହାକୁ ଲୋକଙ୍କ ଖାଦ୍ୟଥାଳି ପର୍ଯ୍ୟନ୍ତ ପହଞ୍ଚାଇବା ଦୃଷ୍ଟିକୁ ରଖି ମିଲେଟସ୍ ମିଶନ ମାଧ୍ୟମରେ ପ୍ରୟାସ ଆରମ୍ଭ କରିଛନ୍ତି। ଏହାର ଉତ୍ପାଦନ ବୃଦ୍ଧି ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ବିଡିଓ ଶ୍ରୀ ଧିନ୍ଦା ପ୍ରକାଶ କରିଥିଲେ। ସେହିପରି କୁଇଣ୍ଟାଲ ପ୍ରତି ୩, ୮୪୬ ଟଙ୍କା ଦରରେ ଲ୍ୟାମ୍ପ୍ସ ମାଧ୍ୟମରେ ଟିଡିସିସି କ୍ରୟ କରୁଥିବା ବେଳେ ଚାଷ ନିମନ୍ତେ ୫ ବର୍ଷ ଲାଗି ମିଳୁଥିବା ସରକାରୀ ଆର୍ଥିକ ସହାୟତା ସମ୍ପର୍କରେ ଅବଗତ କରାଯାଇଥିଲା। ବ୍ଲକ ଅଧୀନରେ ୨୮୦ଜଣ ଚାଷୀ ମୋଟ ୨୭୫ ହେକ୍ଟର ମାଣ୍ଡିଆ ଚାଷ କରିଥିବା କୃଷି ଅଧିକାରି ପ୍ରକାଶ କରିଥିଲେ। ଏହି ଅବସରରେ ମାଣ୍ଡିଆ ଚାଷରେ ସଫଳତା ପାଇଥିବା ନହରା ଗ୍ରାମର ଗୌରମହନ ନାୟକ ଓ ବଣକାଟି ଗ୍ରାମର ଗଣେଶ୍ୱର ସୋରେନଙ୍କୁ ବିଡିଓ ପୁରସ୍କୃତ କରିଥିଲେ।

# ଆଜାଦ ଚ୍ୟାଲେଞ୍ଜ କ୍ରିକେଟ୍; ସେମିରେ ରାଉରକେଲା



**କରଞ୍ଜିଆ, ୨୮।୧୨(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଢେଇଭଳ ଦି ଆଜାଦ ସ୍ପୋର୍ଟସ ଏଣ୍ଡ କଲଚରାଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କ୍ରିକେଟ କପର ଦ୍ୱିତୀୟ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ କଟକ ବନାମ ରାଉରକେଲା କ୍ରିକେଟ ଆସୋସିଏସନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ରାଉରକେଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୬ଉଇକେଟ ହରାଇ ଏକ ୧୬୨ ରନ କରିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ କଟକ ୨୦ ଓଭରରେ ୪ ଉଇକେଟ ହରାଇ ୧୬୦ ରନ କରିଥିଲା। ଫଳରେ ରାଉରକେଲା ସେମିରେ ପ୍ରବେଶ କରିଛି। ଅମ୍ପାୟର ଭାବେ ଖଗେଶ୍ୱର ମଲ୍ଲିକ, ଲଲାଟ ନନ୍ଦ ଓ ଗୌରୀଶଙ୍କର ସିହ୍ନା କାର୍ଯ୍ୟ ତୁଲାଇଥିଲେ। ସମ୍ପାଦକ ଏମଡି ସବୀର ଅଲ୍ଲୀ, ସରଫୋତ, ନୁରୁଲ ଇସଲାମ ପ୍ରମୁଖ ପରିଚାଳନା କରିଥିଲେ। ଅତିଥିଭାବେ ରରୁଆ ଥାନା ଭରୋପ୍ରାପ୍ତ ଅଧିକାରୀ ସୁମନ୍ତ ସେଠୀ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ରାଉରକେଲାର ଅଭିଷେକ ଗିରିଙ୍କୁ ପୁରସ୍କୃତ କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ଖେଳ ରାଉରକେଲା ବନାମ ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହେବ।

# ଲକ୍ଷ୍ମୀବସ୍ ପାଇଁ ୩୨ଟି ଯାତ୍ରୀ ପ୍ରତୀକ୍ଷାଳୟ

**କଳାବାଡିଆ, ୨୮।୧୨(ସମିସ):** ବାଙ୍ଗିରିପୋଷି ବ୍ଲକରେ ବହୁଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ବସ ଗଡ଼ିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିପାଇଁ ବ୍ଲକର ୧୯ଟି ପଞ୍ଚାୟତରେ ୩୨ ଯାତ୍ରୀ ପ୍ରତିକ୍ଷାଳୟ ଯୁଦ୍ଧକାଳୀନଭିତ୍ତିରେ ନିର୍ମାଣ ପାଇଁ ବିଡ଼ିଓଙ୍କୁ ଚିଠି କରାଯାଇଛି। ଏହି ବସ୍‌ରେ ୫ ଟଙ୍କା ଦେଇ କଲେଜ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ବ୍ଲକରେ ପହଞ୍ଚିପାରିବେ। ଚାକିଡି, ବ୍ରାହ୍ମଣ ଗାଁ, ଭୂଆଶୁଣୀ, ସୋରିଷପାଳ, ବଡ଼ଗାଁ, କଳାବାଡିଆ, କୁମ୍ଭାର ମୁଣ୍ଡାକଟା, ପଥୁରି, ଗୋଲାମୁଣ୍ଡା କଟା, ବଣକାଟୀ, ଚନ୍ଦନପୁର, କୁସୁମବନ୍ଧ, ବଡ଼ଗାଁ, ଶ୍ୟାମସୁନ୍ଦରପୁର, ନାଫ୍ରି, ଧୋବଣୀଶୋଳ, ନିଶ୍ଚିନ୍ତା, ବୁଢ଼ୀଖମାର, ଦିଘି ପଞ୍ଚାୟତବାସୀ ଏହି ସୁବିଧା ପାଇପାରିବେ। ଏହି ବସ୍ ସେବା ଆସନ୍ତା ଫେବୃୟାରୀରୁ ଆରମ୍ଭ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

# ଓଡ଼ିଆ ବିରୋଧୀ ମନ୍ତବ୍ୟ ପାଇଁ ବିବାଦରେ ଉଦଳା ବିଧାୟକ

**ଉଦଳା, ୨୮।୧୨(ସମିସ):** ଓଡ଼ିଆ ବିରୋଧୀ ମନ୍ତବ୍ୟ ଦେଇ ପୁଣି ବିବାଦରେ ଉଦଳାର ବିଜେପି ବିଧାୟକ ଭାସ୍କର ମଢେଇ। ନିଜ ପଦବୀର ମର୍ଯ୍ୟାଦାକୁ ଭୁଲି ଓଡିଆଙ୍କ ବିରୋଧୀ ମନ୍ତବ୍ୟ ଦେଇ ଏବେ ସେ ହରଡଗଣାରେ। ବାଥୁଡି ସମାଜର ଏକ ସଚେତନତା ବୈଠକରେ ଶ୍ରୀ ମଢେଇ ଓଡିଆ ସମାଜକୁ ତାଚ୍ଛଲ୍ୟ କରିଥିବା ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେବା ପରେ ସେ ଏବେ ବିବାଦକୁ ଟାଣି ହୋଇଛନ୍ତି। ବାଥୁଡି ସମାଜକୁ ଭାଗ କରିବା ସହିତ ବାଥୁଡି ଲୋକଙ୍କୁ ଓଡିଆମାନେ ନିଶାଗ୍ରସ୍ତ କରାଉଛନ୍ତି ବୋଲି ସେ ଭାଷଣରେ କହିଥିବା ଭାଇରାଲ ହୋଇଛି। 'ବନ ଭାଙ୍ଗେ, ବୁଡିଆ ଗାଁ ଭାଙ୍ଗେ' ଢଗ କହି ଓଡିଆମାନେ ବାଥୁଡି ସମାଜକୁ ନଷ୍ଟ କରିଥିବା ସେ ନିଜ ଭାଷଣରେ ଅଭିଯୋଗ କରିଛନ୍ତି। ଓଡିଆମାନେ ବାଥୁଡି ସମାଜ ଭିତରେ ପଶି ଭାଗ ଭାଗ କରିଛନ୍ତି। ତେଣୁ ସମସ୍ତଙ୍କୁ ସେ ହୁସିଆର ରହିବାକୁ ମଧ କହିଛନ୍ତି। ନିଜ ଭାଷଣରେ ସେ ବାରମ୍ବାର ଓଡିଆମାନଙ୍କୁ ବାଥୁଡି ସମାଜ ବିରୋଧୀ ବୋଲି କହିଛନ୍ତି; ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ବିଧାୟକଙ୍କ ଏପରି ମନ୍ତବ୍ୟ ଓଡିଆ ବିରୋଧୀ ବୋଲି କୁହାଯାଇଛି। ବିଧାୟକଙ୍କ ଏପରି ଓଡିଆ ବିରୋଧୀ ମନ୍ତବ୍ୟକୁ ନେଇ ବିବାଦ ତେଜିବାରେ ଲାଗିଛି। ବିଭିନ୍ନ ମହଲରୁ ତାଙ୍କର ଏଭଳି ମନ୍ତବ୍ୟକୁ କଡା ନିନ୍ଦା କରାଯାଇଛି। ତେବେ ଏଭଳି ଭିଡିଓ ବାବଦରେ ବିଧାୟକ ଶ୍ରୀ ମଢେଇଙ୍କୁ ପଚାରିବାରୁ ସେ ଓଲଟା ଗଣମାଧ୍ୟମ ଉପରେ ଦୋଷ ଲଦିଛନ୍ତି। ମୁଁ ସେପରି କିଛି ଓଡିଆ ବିରୋଧୀ କଥା କହିନାହିଁ, ଗଣମାଧ୍ୟମ ଜାଣିଶୁଣି ତାଙ୍କୁ ବିବାଦକୁ ଟାଣୁଥିବା ସେ କହିଛନ୍ତି। ସେପଟେ ଏହି ଘଟଣାକୁ ନିନ୍ଦା କରି ବିଜୁ ମହିଳା ଜନତା ଦଳ ମୟୂରଭଞ୍ଜ-୧ ର ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ସବିତା ହାଁସଦା କହିଛନ୍ତି ଯେ, ଏଭଳି ମନ୍ତବ୍ୟ ଜଣେ ବିଧାୟକ ଦେବା ନିଶ୍ଚିତ ଭାବେ ନିନ୍ଦନୀୟ। ବିଧାୟକଙ୍କ ଏପରି ମନ୍ତବ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ଏହି ଘଟଣାକୁ ନିନ୍ଦା କରି ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ କହିଛନ୍ତି ଯେ, ତାଙ୍କର ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ବିଧାୟକ ଆଗାମୀ ଦିନରେ ଏଭଳି ନ କହିବାକୁ ଯତ୍ନବାନ ହେବା ଦରକାର। ଜଣେ ନିର୍ବାଚିତ ଜନ ପ୍ରତିନିଧି ହୋଇ ଓଡ଼ିଶାରେ ରହି ଓଡିଆଙ୍କ ବିରୋଧୀ ମନ୍ତବ୍ୟ ଦେବା ବିଧାୟକଙ୍କ ପକ୍ଷେ ଶୋଭନୀୟ ନୁହେଁ ଏବଂ ବିଧାୟକ ନିଜର ଭୁଲ ପାଇଁ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି ଆଇନଜୀବୀ ରବିନ୍ ପଟ୍ଟନାୟକ। ଅପରପକ୍ଷରେ ବିଧାୟକ ଶ୍ରୀ ମଢେଇ କହିଛନ୍ତି ଯେ, ସେ ଜଣେ ଓଡ଼ିଆ। ତାଙ୍କର ମନ୍ତବ୍ୟକୁ କଦର୍ଥ କରାଯାଇଛି। ଓଡ଼ିଶା ଏବଂ ଓଡ଼ିଆଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଛି ବୋଲି ସେ କହିଛନ୍ତି।

# ମହିଳାଙ୍କୁ ରୋଜଗାର ଯୋଗାଉଛି ଶାଳପତ୍ର ଖଲିଦନା

**ବିଶୋଇ, ୨୮।୧୨ (ସମିସ)**



ମଣଦା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ଦ୍ୱାରା ଚଳିତବର୍ଷ ପ୍ରଥମ ଖଲିଦନା ସ୍ୱୟଂ ସହାୟିକାଙ୍କ ଦ୍ୱାରା ବିକ୍ରୟ ଆରମ୍ଭ ହୋଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥଙ୍କ ମାର୍ଗଦର୍ଶନ ଏବଂ ଏସିଏଫ ଧରିତ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ସଂଯୋଜକ ବିଜୟ କେତନ ବିଶ୍ୱାଳ ଉପସ୍ଥିତିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପ୍ରୋସାହିତ କରି ପରିବେଶ ଉପଯୋଗୀ କାର୍ଯ୍ୟ ଆରମ୍ଭ କରିଥିଲେ। ବଡ଼ଶିଆଳିନଇ ବନ ସୁରକ୍ଷା ସମିତିର ମା' ଯଶୋଦା ସ୍ୱୟଂ ସହାୟକ ଗୋଷ୍ଠୀ ଆବର୍ତ୍ତନ ପାଣ୍ଠିର ଋଣ ନେଇ ଶାଳପତ୍ର କିଣି ନିଜ ବଳକା ସମୟରେ ଦନା ତିଆରି କରିବାକୁ ଆରମ୍ଭ କରିଥିଲେ। ଆଜି ମହିଳାଙ୍କ ଦ୍ୱାରା ୧୨ ହଜାର ୬ ଶହ ଶାଳପତ୍ର ତିଆରି ଖଲିଦନା ବିକ୍ରି ଆରମ୍ଭ ହୋଇଛି। ଗ୍ରାମ ପାଖର ଚାହିଦା ପୂରଣ ନିମିତ୍ତ ସାନଶିଆଳିନଇ ଲୋକଙ୍କୁ ୬ ହଜାର ୩୦୦ଟି ଏବଂ ରାଇରଙ୍ଗପୁରରେ ୬ ହଜାର ୩୦୦ଟି ଦନା ବିକ୍ରି ହୋଇଛି ବୋଲି ଏସ.ଏମ୍.ଏସ୍ ତ୍ରିଲୋଚନ ରାଏ ଓ ରାମକୃଷ୍ଣ ଦାସ ସୂଚନା ଦେଇଛନ୍ତି। ଶାଳପତ୍ର ମୂଲ୍ୟଯୁକ୍ତ ଖଲିଦନା ପ୍ରସ୍ତୁତି ଓ ବିକ୍ରୟ କରଣରେ ଆଦିବାସୀ ମହିଳା ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି ମା' ଯଶୋଦା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ରାଇମାତ ମାଝୀ ପ୍ରକାଶ କରିଛନ୍ତି। ଏହି ଖଲିଦନା ସହିତ ଆଗାମୀ ଦିନରେ ଜିଆଖତ ଚାଷ କରି ସ୍ୱାବଲମ୍ବୀ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସମ୍ପାଦକ ସୁକାନ୍ତି ମାଝୀ କହିଛନ୍ତି। ସଂଯୋଜକ ଶ୍ରୀ ବିଶ୍ୱାଳ ସମେତ ଅଭିଷେକ ପରୀକ୍ଷା, ମନୋରଞ୍ଜନ ମହାନ୍ତ, ରାଜାକୁମାର ସାହୁ ପ୍ରମୁଖ ମହିଳାଙ୍କୁ ଏଥିରେ ସହଯୋଗ କରିଥିଲେ। ପ୍ଲାଷ୍ଟିକ ମୁକ୍ତ ଭାରତ ଅଭିଯାନରେ ଏହା ଏକ ଛୋଟ ପ୍ରୟାସ ବୋଲି ଏସିଏଫ ତଥା ମଣଦା ବନାଞ୍ଚଳର ଭାରପ୍ରାପ୍ତ ଅଧିକାରୀ ଧରିତ୍ରୀ ମୁର୍ମୁ ଓ ଏସ୍.ଏମ୍.ଏସ ଲୋକନାଥ ସାହୁ ମତ ରଖିଛନ୍ତି।

## ଅଭିନନ୍ଦନ ବ୍ୟାନର ଚିରାକୁ ନେଇ ଥାନାରେ ଏତଲା

**ଚୌକି,୨୮ ।୧୨(ସମିସ):** ଭୋଗରାଇ ବ୍ଲକ୍ ଅନ୍ତର୍ଗତ କୁମ୍ଭାରମୁଳି ପଞ୍ଚାୟତର ଏକ ସାହି ନିକଟରେ ଅଭିନନ୍ଦନ ବ୍ୟାନର୍ ଚିରିବାକୁ ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସଙ୍କର ନୂତନ ବର୍ଷର ଅଭିନନ୍ଦନ ବ୍ୟାନରକୁ ସେହି ଗ୍ରାମର ରାଜକୁମାର ଘଡ଼ାଇ ତାଙ୍କ ଗାଁ ଛକରେ ଟଙ୍ଗାଇ ଥିଲେ । ମାତ୍ର ଗୁରୁବାର ଅପରାହ୍ଣରେ ସେହି ଗ୍ରାମର ହେମନ୍ତ ଘଡ଼ାଇ ଉକ୍ତ ବ୍ୟାନରକୁ ଫାଡ଼ି ଦେଉଥିଲାବେଳେ ରାଜକୁମାର ତାଙ୍କୁ ପ୍ରତିବାଦ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିବା ରାଜକୁମାର ଭୋଗରାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି ।

## ରୋଲର ଚାଳକଙ୍କୁ ମରଣାନ୍ତକ ଆକ୍ରମଣ

**ସୋର,୨୮ ।୧୨(ସମିସ):** ସୋର ଥାନା ଦହିସଡ଼ା ନିକଟରେ ଥିବା ବ୍ରିଜ୍ ଗୋପାଲ କମ୍ପାନୀର ଜଣେ ରୋଲର ଚାଳକଙ୍କୁ ମୋବାଇଲ୍ ଚୋରି ସନ୍ଦେହରେ ଜଣେ ଟ୍ରକ୍ ଡ୍ରାଇଭର ମରଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ଭାବେ ଆହତ ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁସାରେ, ଦୀର୍ଘ ଚାରିବର୍ଷ ଧରି ଏହି କମ୍ପାନୀରେ ବିହାର ସମସ୍ତିପୁର ଅଞ୍ଚଳର ସାଗିନା ରାୟ(୪୬) ରୋଲର ଡ୍ରାଇଭର ଭାବେ କାମ କରନ୍ତି । ଗୁରୁବାର ସନ୍ଧ୍ୟାରେ ମୁନା କୁମାର ନାମକ ଜଣେ ଟ୍ରକ୍ ଡ୍ରାଇଭର ତାଙ୍କ ମୋବାଇଲକୁ ସାଗିନା ଚୋରି କରିଥିବା ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଫଳରେ ଏଥିରେ ଉତ୍‌କ୍ଷିପ୍ତ ହୋଇ ମୁନା ସାଗିନାକୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ସଗିନାଙ୍କ ହାତ ଓ ଆଖିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଅନ୍ୟ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଖବର ଲେଖାଯିବା ପର୍ଯ୍ୟନ୍ତ ଏ ବାବଦରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି ।

## ସିଙ୍ଗାପୁର ଗସ୍ତରେ ଯିବେ ବାଲେଶ୍ୱର ଜିଲ୍ଲାର ପ୍ରଥମ ଆଶା ସ୍ୱର୍ଣ୍ଣଲତା



**ବାଲିଆପାଳ,୨୮ ।୧୨(ସମିସ):** ନିଜ କର୍ମ କ୍ଷେତ୍ରରେ ସଦାସର୍ବଦା ନିଷ୍ଠାର ସହ କାର୍ଯ୍ୟ କରି ଚର୍ଚ୍ଚାରେ ରହି ଆସିଥିବା ଆଶାକର୍ମୀ ସ୍ୱର୍ଣ୍ଣଲତା ସାହୁ ରାଜ୍ୟ ସରକାରଙ୍କ ପକ୍ଷରୁ ସିଙ୍ଗାପୁର ଗସ୍ତ ପାଇଁ ମନୋନୀତ ହୋଇଛନ୍ତି । ସିଙ୍ଗାପୁରଠାରେ ଅନୁଷ୍ଠିତ ହେବାକୁ ଥିବା କର୍ମଶାଳାରେ ଯୋଗଦେବାପାଇଁ ମନୋନୀତ ହୋଇଥିବା ରାଜ୍ୟର ୧୦ ଜଣ ଆଶାଙ୍କ ମଧ୍ୟରୁ ସ୍ୱର୍ଣ୍ଣଲତା ସାହୁ ବାଲେଶ୍ୱର ଜିଲ୍ଲାର ପ୍ରଥମ ଆଶାକର୍ମୀ । ସ୍ୱର୍ଣ୍ଣଲତା ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଗ୍ରାମର ଆଶାକର୍ମୀ । ସେ ସଦାସର୍ବଦା ଜନସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିନେଇଥିବାବେଳେ ୨୦୨୨ରେ ସୁବର୍ଣ୍ଣରେଖା ନଦୀରେ ପ୍ରଳୟଙ୍କରୀ ବନ୍ୟା ସମୟରେ ଜଣେ ସର୍ପାଘାତ ରୋଗୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ଏବଂ ରାତି ସମୟରେ ପେଟ ଯନ୍ତ୍ରଣାରେ ଛଟପଟ ହେଉଥିବା ଛୋଟ ପିଲା ଏବଂ ଝାଡ଼ାବାନ୍ତିରେ ଆକ୍ରାନ୍ତ ଜଣେ ମହିଳାଙ୍କୁ ନିଜ ଉଦ୍ୟମରେ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରି ଚର୍ଚ୍ଚାରେ ରହିଥିଲେ । ଆଶାକର୍ମୀଙ୍କ ଏହି ସଫଳତା ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

## ପ୍ରକଳ୍ପର ଫଳକକୁ ନେଇ ବିଧାୟକ-ସରପଞ୍ଚ ମୁହାଁମୁହିଁ

**ନୀଳଗିରି,୨୮ ।୧୨(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କଳାକାଦରୁ ଆମ୍ବଝରପର୍ଯ୍ୟନ୍ତ ଯାଇଥିବା ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୪ କୋଟି ୭୮ ଲକ୍ଷ ମଞ୍ଜୁର ହୋଇଛି । ଏନେଇ କଳାକାଦରେ ଗୁରୁବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଥିଲା । ଏକ ଫଳକରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ସୁକାନ୍ତ ନାୟକଙ୍କ ନାମ ରହିଥିବା ଯୋଗୁଁ ଗରଡିହି ସରପଞ୍ଚ ଶିବାଜୀ ସିଂ ବିରୋଧ କରିଥିଲେ । ଉକ୍ତ



ଫଳକ ଉପରେ ସେ ବସିଯିବା ସହ ଫଳକକୁ ଭାଙ୍ଗି ଦେଇଥିଲେ । ଏହି ଘଟଣାରେ ଉତ୍ତେଜନା ପ୍ରକାଶ ପାଇଛି । ବିଧାୟକଙ୍କ ସମର୍ଥକମାନେ ରାସ୍ତାରୋକ କରିଛନ୍ତି । ଏତେ ଉତ୍ତେଜନା ଭିତରେ ବି ବିଧାୟକ ନଡ଼ିଆ ଭାଙ୍ଗି ଶିଳାନ୍ୟାସ କରିଥିଲେ । ଉତ୍ତେଜନା ବୃଦ୍ଧି ପାଇବାରୁ ପୁଲିସ ମୁତୟନ ହୋଇଛି । ବରହମ୍‌ପୁର ଥାନାରେ ୨ ପକ୍ଷରୁ ୩ଟି ଏତଲା ଦାୟର ହୋଇଛି । ସେପଟେ ସରପଞ୍ଚ ଶିବାଜୀ କହିଛନ୍ତି ଯେ ସେ '୫-ଟି' ଅଧ୍ୟକ୍ଷଙ୍କୁ ଉକ୍ତ ପ୍ରକଳ୍ପ ସମ୍ପର୍କରେ ଦାବି ଜଣାଇବା ପରେ ଏହି ରାସ୍ତା ନିର୍ମାଣ ଅର୍ଥ ମଞ୍ଜୁର ହୋଇଛି । ବିଧାୟକ ସୁକାନ୍ତ କହିଛନ୍ତି ଯେ ଏହି ପ୍ରକଳ୍ପ ତାଙ୍କର ସ୍ୱପ୍ନର ପ୍ରକଳ୍ପ ଥିଲା ଏବଂ ରାଜ୍ୟ ସରକାର ତାଙ୍କ ଲେଖା ଉପରେ ଦୃଷ୍ଟି ଦେଇ ଅର୍ଥ ମଞ୍ଜୁର କରିଛନ୍ତି । ସୂଚନା ଯେ, ନୀଳଗିରି ବିଧାୟକ ବିଜେପି ଦଳର ହୋଇଥିବାବେଳେ ଗରଡିହି ସରପଞ୍ଚ ବିଜେଡି ସମର୍ଥନରେ ବିଜୟୀ ହୋଇଥିଲେ ।

# 'ଯୁବ ଓଡ଼ିଶା, ନବୀନ ଓଡ଼ିଶା'ରେ ସାଂସ୍କୃତିକ ପ୍ରତିଯୋଗିତା

**ରୂପସା,୨୮ ।୧୨(ସମିସ)**




ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ ପ୍ରଯୋଜନାରେ ଏବଂ 'ନୂଆ-ଓ, ଯୁବ ଓଡିଶା ନବୀନ ଓଡିଶା' ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ଜାମଶୁଳୀ ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଗୁରୁବାର ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ମହାବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ଓ ସେବା କାର୍ଯ୍ୟର ଭାବଧାରା ଉଦ୍ରେଗ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୃଷ୍ଟିଧର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ଇଂରାଜୀ ବିଭାଗର ଅଧ୍ୟାପକ ଦେବବ୍ରତ ଦାସ, ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରଫେସର ଦିବ୍ୟେନ୍ଦୁ କୁମାର ଗିରି, ପଦାର୍ଥ ବିଜ୍ଞାନର ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ବଟାନି ବିଭାଗର ଅଧ୍ୟାପକ ଡ. ଶିବ ନାରାୟଣ ମହାପାତ୍ର ଯୋଗଦେଇ ଯୁବ ପ୍ରତିଭାର ବିକାଶ ତଥା ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ଏବଂ ବିଭିନ୍ନ ସେବା କାର୍ଯ୍ୟ ସମେତ ସବୁ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିବା ପାଇଁ ଓଡ଼ିଶା ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନୁଷ୍ଠିତ ସାଂସ୍କୃତିକ ପ୍ରତିଯୋଗିତାରେ ବସ୍ତା ବ୍ଲକ୍‌ର ୮ଟି ମହାବିଦ୍ୟାଳୟର ମୋଟ ୧୪୧ ଜଣ ଛାତ୍ରଛାତ୍ରୀ ନୃତ୍ୟ, ଓଡ଼ିଆ ତର୍କ ପ୍ରତିଯୋଗିତା, ଚିତ୍ରାଙ୍କନ, କବିତା ଆବୃତ୍ତି, ସଙ୍ଗୀତ ଓ ଏକକ ଅଭିନୟ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟର ଯୁବଶକ୍ତିକୁ ଗୁରୁତ୍ୱ ଦେଇ ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶେଷରେ 'ନୂଆ-ଓ, ଯୁବ ଓଡ଼ିଶା'ର ନୋଡାଲ ଅଫିସର ତଥା ଜୁଲୋଜି ବିଭାଗର ଅଧ୍ୟାପିକା ଲିପିକା ଜାନା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଅଧ୍ୟାପକ ପରମାନନ୍ଦ ମହାନ୍ତି, ତାପସ ନୟନ ନନ୍ଦୀ, ନଗେନ୍ଦ୍ର ନାଥ ପାତ୍ର, ଅଜିତ ଭୂୟାଁ, ବଙ୍କିମ ଚନ୍ଦ୍ର ମୈକାପ, ଶ୍ରୀକାନ୍ତ ମହାପାତ୍ର, ସଞ୍ଜୟ କୁମାର ଦେ, ଦିଲ୍ଲୀପ ହାଜିରା, ମିତାରାଣୀ ଜେନା, ଲିଜା ସାହୁ, ଫ୍ଲୋରେସ ଗିରି, ବଂଶୀଧର ନାୟକ, ଲିପିକା ଜାନା, ସନ୍ତୋଷ ସାହୁ, ଶଶିକାନ୍ତ ଜେନା, ଶମ୍ଭୁନାଥ ଜେନା ପ୍ରମୁଖ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା ସହଯୋଗ କରିଥିଲେ ।

## ୫୯ ୟୁନିଟ୍ ରକ୍ତ ସଂଗ୍ରହ

**ଜଳେଶ୍ୱର,୨୮ ।୧୨(ସମିସ):** ରାଜ୍ୟ ସରକାରଙ୍କ 'ଓଡ଼ିଶା-ମୋ ପରିବାର' 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଅନୁଯାୟୀ, ଜଳେଶ୍ୱର ସହର ନନ୍ଦିକା ସ୍ଥିତ ଜ୍ଞାନବିକାଶ ଆଇଟିଆଇ ପରିସରରେ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା ଉଦ୍‌ଘାଟନ କରିଥିଲେ । ଏହି ଶିବିର ମୋଟ୍ ୫୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଜଳେଶ୍ୱର ନିର୍ବାଚନମଣ୍ଡଳୀ ଜୀବନ ବିନ୍ଦୁର ସଂଯୋଜକ ମଧୁସୂଦନ ସେନାପତି ଓ ଆଇଟିଆଇ ଅଧ୍ୟକ୍ଷ ଲେଲିନ୍ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଶିବିରରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷ ମାନସ ଜେନା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତପନ ଦାସ, ଜିଲ୍ଲା ରକ୍ତଭଣ୍ଡାର ଡା. ସଞ୍ଜୀବ ପ୍ରଧାନ, ମଧୁସୂଦନ ଦତ୍ତ, ଗୌରବ ଦାସ, ଜଗଦୀଶ ଜେନା, ପ୍ରଶାନ୍ତ ବେହେରା, ଗୌତମ ପାତ୍ର, ମହେଶ୍ୱର ବଡୁ, ଚିନ୍ମୟ ପ୍ରମାଣିକ, ଅଶୋକ ପରିଡ଼ା, ସଞ୍ଜୟ ମହାନ୍ତି, ସପନ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## କନିଷ୍କ ବୋଧିସତ୍ୱ ଓଡ଼ିଶା ରାଜସ୍ୱ ସେବା ସଂଘର ରାଜ୍ୟ ସଭାପତି

**ରାଇବଣିଆ,୨୮ ।୧୨(ସମିସ)**



ଓଡ଼ିଶା ରାଜ୍ୟ ରାଜସ୍ୱ ସେବା ସଂଘ (ଓଆର୍‌ଏସ୍‌ଏ) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ୟୁନିଟ-୮ ରେ ଅନୁଷ୍ଠିତ ହୋଇଛି । ବୈଠକରେ ୩୦ଟି ଜିଲ୍ଲାରୁ ଓଆର୍‌ଏସ୍‌ଏ ଅଧିକାରୀ ଯୋଗଦେଇ ଆସନ୍ତା ମାସରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିମନ୍ତେ ଖସଡ଼ା ପ୍ରସ୍ତୁତି ପାଇଁ ଯୋଜନା ପ୍ରସ୍ତାବ ଆଗତ କରାଯାଇଥିଲା । ଏଥିରେ ବରିଷ୍ଠ ସଦସ୍ୟ ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଆବାହକତ୍ୱରେ ତଥା କମଳା ବିହାରୀ ଦାସ ଓ ନୀଳମାଧବ ମହାନ୍ତିଙ୍କ ମଞ୍ଚ ପରିଚାଳନାକରିଥିଲେ । ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ରାଜସ୍ୱ ସେବା ସଂଘର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି କନିଷ୍କ ବୋଧିସତ୍ୱ ଦାସ ଯୋଗଦେଇଥିଲେ । ବାର୍ଷିକ ଉତ୍ସବରେ ରାଜସ୍ୱ ମନ୍ତ୍ରୀ, ଅର୍ଥ ମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷ ତଥା ଅନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗଦେବେ ବୋଲି ପ୍ରସ୍ତାବ ଆଗତ କରାଯାଇଥିଲା । ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ପୁଣି ଥରେ କନିଷ୍କ ବୋଧିସତ୍ୱଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ କାର୍ଯ୍ୟକାରୀ ସଭାପତି କମଳ ବିହାରୀ ଦାସ, ସାଧାରଣ ସମ୍ପାଦକ ନୀଳମାଧବ ମହାନ୍ତି, ଉପସଭାପତି ପୁରୁଷୋତ୍ତମ ମିଶ୍ର ମନୋନୀତ ହୋଇଛନ୍ତି । ସେହିପରି ଅମିତ୍ ସେଠୀ, (ସେଣ୍ଟ୍ରାଲ ଜୋନ୍) ଅନୁପ ପରମଗୁରୁ, ସୋନାଲି ଦଳାଇ (ନର୍ଥ ଜୋନ୍), ମୁରଲୀକୃଷ୍ଣ ପଣ୍ଡା (ସାଉଥ୍ ଜୋନ୍) ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ତିୱାରୀ, ରାଜେଶ ପ୍ରିୟଦର୍ଶୀ(ସେଣ୍ଟ୍ରାଲ ଜୋନ), ଜ୍ୟୋତି ରଞ୍ଜନ ବାଗ, ସୁଧାଂଶୁ ମୋହନ ସ୍ୱାଇଁ (ନର୍ଥ ଜୋନ୍), ପ୍ରସନ୍ନ ପାଢ଼ୀ, ଅଂଶୁମାନ ପରିଡ଼ା (ସାଉଥ୍ ଜୋନ୍), କୋଷାଧ୍ୟକ୍ଷ ସତ୍ୟାନନ୍ଦ ପାତ୍ର, ଯୁଗ୍ମ କୋଷାଧ୍ୟକ୍ଷ ନୀହାର ରଞ୍ଜନ ସାମଲ, ମିଡିଆ ସଂଯୋଜକ ମୃତ୍ୟୁଞ୍ଜୟ ବରାଳ, ପ୍ରବୋଧ ମହାନ୍ତି, ତନ୍ମୟ ରଞ୍ଜନ ଦାସ, ରାଜେଶ ସାମଲ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା ।

## କଂଗ୍ରେସର ୧୩୮ ତମ ପ୍ରତିଷ୍ଠା ଦିବସ

**ଭୋଗରାଇ/ଚୌକି,୨୮ ।୧୨(ସମିସ):** ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ କଂଗ୍ରେସ ପକ୍ଷରୁ ଦଳର ୧୩୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ଡାକ୍ତର ସପନ କୁମାର ନାୟକଙ୍କ ସମେତ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ । ପରେ ଜଳେଶ୍ୱରପୁର ସ୍ଥିତ ଭୋଗରାଇ କଂଗ୍ରେସ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, ଜିଲ୍ଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ବ୍ଲକ୍ କଂଗ୍ରେସ ସାଧାରଣ ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ, ଜୋନ୍ ସଭାପତି ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

**ବସ୍ତା:** ସେହିପରି ବସ୍ତା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଗାନ୍ଧୀଛକଠାରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସକାଳେ ବାଲିଆପାଳଠାରୁ ବସ୍ତା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକଙ୍କ ନେତୃତ୍ୱରେ ଓ ସଂସଦୀୟ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ସହଯୋଗରେ ଏକ ଶୋଭାଯାତ୍ରା କରାଯାଇଥିଲା । ବ୍ଲକ୍ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ଓ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନାଙ୍କ ପରିଚାଳନାରେ ଗାନ୍ଧୀଛକରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।

## ବସ୍ତା ବ୍ଲକ୍‌ର ଉନ୍ନୟନ କାର୍ଯ୍ୟରେ ମନ୍ତ୍ରୀଙ୍କ ସମୀକ୍ଷା



**ବସ୍ତା/ରୂପସା,୨୮ ।୧୨(ସମିସ):** ଗୁରୁବାର ଅବକାରୀ, ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବସ୍ତା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ବିଶେଷ କରି ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୂମିହୀନଙ୍କୁ ଜାଗା, ଉନ୍ନତିମୂଳକ କାର୍ଯ୍ୟ ପ୍ରଭୃତି ସମ୍ପର୍କରେ ବିଡିଓ ମୋହିନୀ କୁମାର ନାୟକ ଓ ତହସିଲ୍‌ଦାର ରାଧା ରଞ୍ଜନ ଦାସଙ୍କ ସହ ଆଲୋଚନା କରିଥିଲେ । ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ସମିତିସଭ୍ୟ ଅନାଦି ଦାସ, ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର, ଜୟନ୍ତ ରଣା, ପ୍ରାକ୍ତନ ସରପଞ୍ଚ ପ୍ରଦୀପ ବେହେରା, ବିଜୟ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶମ୍ଭୁନାଥ ସେଠୀ, ପ୍ରାକ୍ତନ ସମିତିସଭ୍ୟ ଭଜହରି ପରିଡ଼ା, ଦୀପ କୁମାର ସାହୁ, ଗିରିଜା ଶଙ୍କର ମହାନ୍ତି, ଦିଲ୍ଲୀପ କୁମାର ଦତ୍ତ, ଜୟକୃଷ୍ଣ ସେନାପତି, ଦେବଯାନୀ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

**ପ୍ରକାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଉଜୁଡ଼ା ଓ ଦରଡ଼ା ଚାମ୍ପିଅନ

**ବସ୍ତା,୨୮ ।୧୨(ସମିସ)**

ବସ୍ତା ବ୍ଲକ୍ ମୁକୁଳିସି ପଞ୍ଚାୟତ ସୀତାପୁରଠାରେ ତ୍ରିଶକ୍ତି କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ପ୍ରକାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଟି-୨୦ ଏବଂ ଟି-୧୦ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଟି-୨୦ ଫାଇନାଲରେ କୋଠିଆ ଦଳକୁ ହରାଇ ଉଜୁଡ଼ା ଦଳ ଚାମ୍ପିଅନ୍ ହୋଇଥିଲା । ସେହିପରି ଟି-୧୦ ଫାଇନାଲରେ ଇଲେଭେନ୍ ଷ୍ଟାର୍ ଦଳକୁ ହରାଇ ଦରଡ଼ା ଦଳ ଚାମ୍ପିଅନ୍ ହୋଇଥିଲା । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଟି-୨୦ ଏବଂ ଟି-୧୦ ଚାମ୍ପିଅନ୍ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ସୁବ୍ରତ କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ବିଶ୍ୱାଳ, ବସ୍ତା ବ୍ଲକ୍ 'ଜୀବନ ବିନ୍ଦୁ' ସଂଯୋଜକ ରଞ୍ଜନ କୁମାର ଧଳ, ବ୍ଲକ୍ ଯୁବ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ଦଳେଇ, ପୂର୍ବତନ ସାମରିକ କର୍ମଚାରୀ ଜଳଧର ନାୟକ ପ୍ରମୁଖ ଯୋଗଦେଇଥିଲେ । ଅରୁଣ ଜେନା, ରାଜୀବ ମଲ୍ଲିକ, ଅଶୋକ ମଲ୍ଲିକ, ରମେଶ ଜେନା, ସୁରେଶ ଜେନା, ସ୍ୱରୂପ ମଲ୍ଲିକ, ମାନସ ଜେନା, ଉଦୟ ମଲ୍ଲିକ ପ୍ରମୁଖ ତ୍ରିଶକ୍ତି କ୍ରିକେଟ କ୍ଲବ୍‌ର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



# ବ୍ଲକ୍‌ସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ବାହାନଗା/ଖନ୍ତାପଡ଼ା,୨୮ ।୧୨(ସମିସ)**




ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ପରିସରରେ ଗୁରୁବାର ସକାଳ ୧୦ଟା ସମୟରେ ବ୍ଲକ୍‌ସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ବାହାନଗା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏହି ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଓଡ଼ିଶା ବିକାଶ ଦକ୍ଷତା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ବାଲେଶ୍ୱର ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ଏହି କାର୍ଯ୍ୟ ଆୟୋଜନ କରାଯାଇଥିଲା । ଏହି କର୍ମନିଯୁକ୍ତି ସଭାରେ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ରଞ୍ଜନ କୁମାର ମିଶ୍ର, ବାହାନଗା ବ୍ଲକ୍ ଶିଶୁ ସୁରକ୍ଷା ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରିତିଲତା ପାଢ଼ୀ, ବିପିଏମ୍ ଓ ଓଏଲ୍‌ଏମ୍‌ର ଅଧିକାରୀ ମିହିର କୁମାର ରାଉତ ଯୋଗଦେଇ ଦକ୍ଷତା ଓ କର୍ମ ନିଯୁକ୍ତି ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ । ସେହିପରି ଏହି ଶିବିରକୁ ଓଡ଼ିଶା ସରକାରଙ୍କ ଦ୍ୱାରା ଛଅଟି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ସିଟିଟିସିରୁ ଆସିଥିବା ଅଧିକାରୀ ସରୋଜ କୁମାର ଜେନା, ସିପେଟ୍‌ରୁ ଆସିଥିବା ଅଧିକାରୀ ସ୍ୱାଗତ ମହାନ୍ତି ଓ ବିଭୁପ୍ରଦ ଦାସ, ଏଲ୍‌ଏଣ୍ଡଟିରୁ ଆସିଥିବା ଅଧିକାରୀ ଲକ୍ଷ୍ମୀଧର ମହାନ୍ତି, ଗ୍ରାମ ତରଙ୍ଗ ଦାୟିତ୍ୱରେ ଆସିଥିବା ଅଧିକାରୀ ଜିତେନ୍ଦ୍ର ଶତପଥୀ, ସାହି ଏକ୍ସପୋର୍ଟ ଦାୟିତ୍ୱରେ ଆସିଥିବା ଅଧିକାରୀ ସୁଶାନ୍ତ କୁମାର ପାତ୍ର ଓ ବିଭୁଦତ୍ତ ମିଶ୍ର ଏବଂ ୱାର୍ଲଡ ସ୍କିଲ୍ ସେଣ୍ଟରରୁ ଆସିଥିବା ଅଧିକାରୀ ରଞ୍ଜନ କୁମାର ମିଶ୍ର ଉପସ୍ଥିତ ରହି ଆବେଦନ କରିବା ପାଇଁ ଆସିଥିବା ମୋଟ ୨୧୨ ଜଣଙ୍କଠାରୁ ଆବଶ୍ୟକ ପ୍ରମାଣପତ୍ର ନେଇ ନାମ ପଞ୍ଜୀକରଣ କରିଥିଲେ । ବ୍ଲକ୍‌ସ୍ତରରେ ଏହି ନିଯୁକ୍ତିଭିତ୍ତିକ ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହେଉଥିବାରୁ ଆବେଦନ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ବିପିଏମ୍ ଏବଂ ଓଏଲ୍‌ଏମ୍‌ର ଅଧିକାରୀ ମିହିର କୁମାର ରାଉତ ମଞ୍ଚ ସଂଯୋଜନା କରିଥିଲେ ।

## ଖଇରା ବିକାଶ ମାନଚିତ୍ରରେ ଯୋଡ଼ିହେଲା ୨ ଆର୍‌ଡି ରାସ୍ତା

**ଖଇରା,୨୮ ।୧୨(ସମିସ)**



ଖଇରା ବିକାଶରେ ୨ ପ୍ରମୁଖ ଆର୍‌ଡି ରାସ୍ତା ଯୋଡ଼ି ହୋଇଯାଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ନଟାପଡ଼ା-ଔପଦା ରାସ୍ତା ପାଇଁ ୯ କୋଟି ଓ ସାରୁଗାଁ-ସମସରପୁର ଭାୟା ଦହିପୁର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨ କୋଟି ୫୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ଗୁରୁବାର ୨ ରାସ୍ତାର ନିର୍ମାଣ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି । ଯୁବନେତା ଗୌତମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ପାଣିଗ୍ରାହୀ ବକ୍ତବ୍ୟରେ ଖଇରା ସିମୁଳିଆକୁ ବିକଶିତ କରି ଗଢ଼ିତୋଳିବାକୁ ସେ ୯ ବର୍ଷ ହେଲା ଆପ୍ରାଣ ଉଦ୍ୟମ କରୁଛନ୍ତି । ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ । କେବଳ ଏହି ଦୁଇ ବ୍ଲକ୍‌ବାସୀଙ୍କ ଆଶୀର୍ବାଦ ଲୋଡ଼ା ବୋଲି କହିଥିଲେ । ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ପ୍ରାକ୍ତନ ଶିକ୍ଷକ ନେତା ଜିତେନ୍ଦ୍ର ବେହେରା, ସମାଜସେବୀ ଜୟନାରାୟଣ ପଣ୍ଡା, ରବିନ୍ଦ୍ର ବେହେରା, ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଯୋଗଦେଇ ଉକ୍ତ ରାସ୍ତା ଶେଷ ହେବା ପରେ ଏହା ଦହିପୁର ଓ ସମସରପୁର ୨ ଗ୍ରାମବାସୀଙ୍କ ଅର୍ଥନୈତିକ ସାମାଜିକ ପରିବର୍ତ୍ତନ ଘଟିବ । ଆର୍‌ଡି ସହକାରୀ ଯନ୍ତ୍ରୀ କେ.ଏମ୍. ସିଂ ଓ କନିଷ୍ଠ ଯନ୍ତ୍ରୀ ମନୋଜ ଉପସ୍ଥିତ ଥିଲେ । ସେହିଭଳି ୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନଟାପଡ଼ା ଔପଦା ରାସ୍ତାର ଭୂମିପୂଜନ କାର୍ଯ୍ୟ ବିଧାୟକ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି ।

### ବାରମ୍ବାର ଫାଟୁଛି ପେଜଗଲା ସେତୁ ସୁରକ୍ଷା ଢାଙ୍କୁଣି

# ପ୍ୟାଚ୍ ପକାଇ ଦୋଷ ଲୁଚାଉଛି ପୂର୍ତ୍ତ ବିଭାଗ





- ୩.୫୦ କିମିକୁ ୪୦ କୋଟି ଖର୍ଚ୍ଚ
- ୩ଟି ସେତୁରେ ୫୦ରୁ ଊର୍ଦ୍ଧ୍ୱ ଜାଗାରେ ଉଠିଗଲାଣି କଂକ୍ରିଟ
- ୩ ବର୍ଷରେ ୪ଥର ହେଲାଣି ପ୍ୟାଚ୍ ପକାକାମ

**ବସ୍ତା, ୨୮।୧୨(ସମିସ):**

ବାଲେଶ୍ୱର ଜିଲ୍ଲା ବସ୍ତା ପେଜଗଲା ସେତୁରେ ପ୍ୟାଚ୍ ପକାଇ ଦୋଷ ଲୁଚାଉଛି ପୂର୍ତ୍ତ ବିଭାଗ। ବାରମ୍ବାର ଏହି ସେତୁରେ ଉଠୁଛି କଂକ୍ରିଟ ଛାତ ଏବଂ ବାରମ୍ବାର ପ୍ୟାଚ୍ ପକାଇ କାମ ଚଳାଉଛି ପୂର୍ତ୍ତ ବିଭାଗ। ୩.୫୦ କି.ମି ରାସ୍ତାର ନିର୍ମାଣ ପାଇଁ ୪୦ କୋଟି ଖର୍ଚ୍ଚ ହୋଇ ମଧ୍ୟ ସେତୁରେ ପ୍ୟାଚ୍ ମରାଯାଉଛି। ଥରେ ପ୍ୟାଚ୍ କାମ ପାଇଁ ଖର୍ଚ୍ଚ ହେଉଛି ୫୦ ହଜାର ଟଙ୍କା। ସ୍ଥାୟୀ ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉନାହିଁ ପୂର୍ତ୍ତ ବିଭାଗ। ତିନି ବର୍ଷରେ ୪ ଥର ହେଲାଣି ପ୍ୟାଚ୍ କାମ। ବାରମ୍ବାର ଏହି ସେତୁର ସୁରକ୍ଷା ଢାଙ୍କୁଣି ଭାଙ୍ଗିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି ହଜାର ହଜାର ଲୋକ।
ଘଟଣାରୁ ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲା ବସ୍ତା ପୂର୍ତ୍ତ ବିଭାଗ ଅନ୍ତର୍ଗତ ଗାନ୍ଧୀ ଛକରୁ ବାଲିଆପାଳ ଯିବା ମୁଖ୍ୟରାସ୍ତା ପେଜଗଲା ଚଟାଣର ପାର୍ଶ୍ୱରେ ଜଳକା ନଦୀର ଶାଖା ନଦୀ ରହିଥିବାରୁ ପ୍ରତିବର୍ଷ ବନ୍ୟା ଆସିଲେ ଦୀର୍ଘ ୪ କି.ମି ଏହି ଚଟାଣଟି ବୁଡ଼ି ଜଳମଗ୍ନ ହୋଇ ପାଣିର ପ୍ରଖର ସୁଅ ଚାଲିଥାଏ। ଯାହା ଫଳରେ ଯାତାୟାତ ପାଇଁ ୮ରୁ ୧୦ ଦିନ ଧରି ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ ଲୋକେ। ତେବେ ଏହି ଚଟାଣରେ ସେତୁ ନିର୍ମାଣ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବି ହୋଇଆସୁଥିଲା। ଆର୍ଥିକ ବର୍ଷ ୨୦୧୭-୧୮ରେ ୪୦ କୋଟି ଟଙ୍କା ୱାର୍ଲ୍ଡ ବ୍ୟାଙ୍କ ପ୍ରୋଜେକ୍ଟ ଦ୍ୱାରା ଟେଣ୍ଡର ହୋଇ ଏହାର ନିର୍ମାଣ କାର୍ଯ୍ୟକୁ ୧ ବର୍ଷ ଅବଧି ଅର୍ଥାତ୍ ୨୦୧୯ରେ ସାରିବା ପାଇଁ ଆଶୀର୍ବାଦ କନ୍ଷ୍ଟ୍ରକ୍ସନ ନାମକ କମ୍ପାନୀ ସହ ଚୁକ୍ତି ହୋଇଥିଲା। ହେଲେ ଏହି ସେତୁର କାମ ୧୧.୦୫.୨୦୧୭ରେ ଆରମ୍ଭ ହୋଇ ଦୁଇ ବର୍ଷ ବିଳମ୍ବ ଅର୍ଥାତ୍ ୨୫.୦୨.୨୦୨୧ରେ ଶେଷ ହୋଇଥିଲା। କାମ ସରିବା ପରେ ଏହାର ରକ୍ଷଣାବେକ୍ଷଣ ପାଇଁ ୧ ବର୍ଷ ପର୍ଯ୍ୟନ୍ତ ଅବଧି ରହିଥିଲା। ଏହାରି ଭିତରେ ଦୀର୍ଘ ୩.୫୦ କି.ମି ରାସ୍ତାରେ ୫ଟି ସେତୁ ରହିଥିବାବେଳେ ୩ଟି ସେତୁରେ ୫୦ରୁ ଊର୍ଦ୍ଧ୍ୱ ଜାଗାରେ ଢାଙ୍କୁଣି ଉଳେଇ କଂକ୍ରିଟ ଉଠିଥିବା ଦେଖିବାକୁ ମିଳିଛି। ଏହି ସେତୁଗୁଡ଼ିକର ଜାଗା ଜାଗାରେ ସେତୁ ସୁରକ୍ଷା କଂକ୍ରିଟ ଉଳେଇ (ଢାଙ୍କୁଣି) ଭାଙ୍ଗି ଉଠିଥିବାବେଳେ ଟେଣ୍ଡର ନେଇଥିବା କମ୍ପାନୀ ୧ ବର୍ଷରେ ତିନି ଥର ପ୍ୟାଚ୍ କାମ କରିଥିବା ଦେଖିବାକୁ ମିଳିଛି।
ବର୍ତ୍ତମାନ ଟେଣ୍ଡର ନେଇଥିବା କମ୍ପାନୀର ରକ୍ଷଣାବେକ୍ଷଣ ଦାୟିତ୍ୱର ଅବଧି ସରିଥିବାବେଳେ ଚଳିତ ମାସ ପୂର୍ତ୍ତ ବିଭାଗ ପକ୍ଷରୁ ଥରେ ପ୍ୟାଚ୍ କାମ କରାଯାଇଛି। ଥରେ ଏହି ପ୍ୟାଚ୍ କାମ ପାଇଁ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଉଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି। କାହିଁକି ବାରମ୍ବାର ସେତୁ ଉପରେ କୃତ୍ରିମ ଖାଲ ହେଉଛି ବୋଲି ବିଭାଗୀୟ ଯନ୍ତ୍ରୀ ସୀତାରାମ ଟିଓଙ୍କୁ ପଚାରିବାରୁ ସେତୁ ଉପରେ ଥିବା ୩ ଇଞ୍ଚର ସୁରକ୍ଷା ଢାଙ୍କୁଣି ଓ ପୋଲ ଛାତ ମଧ୍ୟଅଂଶରେ ଫାଙ୍କା ରହିଯାଇଥିବାରୁ ଏହା ବାରମ୍ବାର ଫାଟୁଛି ବୋଲି ପ୍ରକାଶ କରିଥିଲେ। ଏହି ରାସ୍ତାଟି ବସ୍ତାରୁ ବାଲିଆପାଳ ଯିବା ପାଇଁ ମୁଖ୍ୟ ମେରୁଦଣ୍ଡ ହୋଇଥିବାବେଳେ ପ୍ରତ୍ୟେକ ଦିନ ସାଇକଲଠାରୁ ଆରମ୍ଭ କରି ବସ୍ ଓ ଟ୍ରକ୍ ସହ ହଜାର ହଜାର ଲୋକ ଯିବାଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ବାରମ୍ବାର ଏହି ସେତୁରେ ଜାଗା ଜାଗାରେ ଖାଲ ହେବା ଫଳରେ ରାତିରେ ଅନେକ ଥର ଦୁର୍ଘଟଣା ଘଟିଥିବା ନଜିର ରହିଛି। ଆଗାମୀ ଦିନରେ ବାଲେଶ୍ୱର ବିଭାଜନ ପୂର୍ତ୍ତ ବିଭାଗ-୨ ଏଥିପ୍ରତି ଗୁରୁତ୍ୱ ଦୃଷ୍ଟି ଦେବା ସହ ଏହି ସେତୁର ସ୍ଥାୟୀ ପ୍ରତିକାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ତୁଳସୀ ପୂଜନ ଦିବସ

**ଖଇରା, ୨୮।୧୨(ସମିସ):** ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ସଂଗଠନର ଖଇରା ଆଞ୍ଚଳିକ କାର୍ଯ୍ୟାଳୟରେ ତୁଳସୀ ପୂଜନ ଦିବସ ସଂସ୍ଥାର ମୁଖ୍ୟ ସତ୍ୟବ୍ରତ ନାରାୟଣ ବେହେରାଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ପୂର୍ବାହ୍ଣରେ ତୁଳସୀ ଚଉରାରେ ଜଳପ୍ରଦାନ ସହ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବାବା ପ୍ରହ୍ଲାଦ ଦାସ ତୁଳସୀ ପୂଜାବିଧି ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁକାନ୍ତି ନାୟକ, ଆରତୀ ବେହେରା, କୁଳମଣି ଦେଇ, ତୁଳସୀ ଶତପଥୀ ପ୍ରମୁଖଙ୍କ ଦ୍ୱାରା ତୁଳସୀ ପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବୈକୁଣ୍ଠ ପ୍ରସାଦ ବେହେରା, ନୃସିଂହ ସେନାପତି, ମନୋରଞ୍ଜନ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟି -୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରୂପସା, ୨୮।୧୨(ସମିସ):** ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦରଖୁଳି ପ୍ରିମିୟର ଲିଗ ବାବୁ ଭାଇଜାନ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ କ୍ଲବ ସଭାପତି ରବିରାମ ସିଂ ପୌରାହିତ୍ୟ କରିଥିଲେ। ମୁଖ୍ୟ ଅତିଥି ବାବୁ ଭାଇଜାନଙ୍କ ପ୍ରତିନିଧି ମୋଦାସିର ଖାନ, ମୁଖ୍ୟବକ୍ତା ସାମ୍ବାଦିକ ବାଞ୍ଛାନିଧି ଦେ ଓ ସମ୍ମାନିତ ଅତିଥି ନାଏବ ସରପଞ୍ଚ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ନଦିମ ରୟାଲ ଦଳକୁ ପରାସ୍ତ କରି କିଙ୍ଗସ ଇଲେଭେନ ଦଳ ବିଜୟ ହାସଲ କରିଥିଲା। ଅମ୍ପାୟର ଲାଲବାହାଦୁର ସିଂ ଓ ବଇଦି ସିଂ ମ୍ୟାଚ ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ରାଜା ସିଂ, ଜିତୁ ସିଂ, ଅଜୁ ସିଂ ଓ ଝଡିଆ ସିଂ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ● ଜଳେଶ୍ୱରଅଞ୍ଚଳରେଫେଲ୍ମାରିଛିପ୍ରସୂତିଙ୍କସ୍ୱାସ୍ଥ୍ୟସେବା

## ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ କରାଉଛନ୍ତି ଡାକ୍ତର

**ରାଇବଣିଆ, ୨୮।୧୨(ସମିସ):** ସରକାରଙ୍କ ସ୍ୱାସ୍ଥ୍ୟଭିତ୍ତିକ ଯୋଜନାକୁ ଖୋଦ୍ ସରକାରୀ ଡାକ୍ତରମାନେ ରୋଗୀଙ୍କ ନିକଟରେ ନ ପହଞ୍ଚାଇ ରୋଗୀଙ୍କୁ ଶୋଷଣ କରୁଥିବା ଦେଖିବାକୁ ମିଳିଛି। ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କୋଟି କୋଟି ଟଙ୍କା ବିନିଯୋଗ କରୁଥିବାବେଳେ ରୋଗୀମାନେ ଏହାର ଫାଇଦା ନ ପାଇ ବେସରକାରୀ କ୍ଲିନିକ୍‌ରେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏହାର ବିକଳ ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଜଳେଶ୍ୱର ଗୋପୀକିଶନ ଭଇଁର ହସ୍ପିଟାଲ ଓ ରାଇବଣିଆ ଅଞ୍ଚଳର ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଗର୍ଭବତୀ ମାଆମାନଙ୍କ ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟେକ ମାସର ୯ ତାରିଖରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାନିରୀକ୍ଷା ସହିତ ଅଲଟ୍ରାସାଉଣ୍ଡ କରାଯିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ଯେମିତି ଜଳେଶ୍ୱରରେ ଅଲୋଡ଼ା ହୋଇଯାଇଛି। ଏଠାରେ ଗରିବ ଆଦିବାସୀ ଅଧ୍ୟୁଷିତ ମହିଳାମାନଙ୍କୁ ଅର୍ଥ ଶୋଷଣ କରାଯାଉଥିବାର ଦେଖିବାକୁ ମିଳିଛି। ସରକାରୀସ୍ତରରେ ଅଲଟ୍ରାସାଉଣ୍ଡ କରାଯାଉନାହିଁ। ଏହାର ପ୍ରତିବଦଳରେ ବେସରକାରୀ ନର୍ସିଂହୋମ୍ ଓ କ୍ଲିନିକ୍‌କୁ ଯିବାକୁ ପଡୁଛି। ସେଠାରେ ସରକାରୀ ଡାକ୍ତରମାନେ ଚିକିତ୍ସା କରୁଛନ୍ତି, କିନ୍ତୁ ସରକାରୀ ଡାକ୍ତରଖାନରେ ଏହି ସୁବିଧା ଉପଲବ୍ଧ ହେଉନାହିଁ। ଏ ନେଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲ୍ ସେନ୍ ଜଗଦ୍ଦେବଙ୍କୁ ପଚାରିବାରୁ ସେ ବାରମ୍ବାର ତାଙ୍କର ପ୍ରତିକ୍ରିୟା ବଦଳାଇବା ସହିତ ସନ୍ତୋଷଜନକ ଉତ୍ତର ନ ଦେବା ଏହି ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜଳେଶ୍ୱର ବଣିକ ସଂଘ ପୁନର୍ଗଠିତ



**ଜଳେଶ୍ୱର, ୨୮।୧୨(ସମିସ):** ଜଳେଶ୍ୱର ସହରର ପ୍ରମୁଖ ବଜାର ଗୁଡ଼ିକରେ ଥିବା ଶହ ଶହ ଦୋକାନକୁ ନେଇ ଗଠିତ ସର୍ବପୁରାତନ ଜଳେଶ୍ୱର ବଣିକ ସଂଘର ପଦାଧିକାରୀ ଓ କର୍ମକର୍ତ୍ତା ନିର୍ବାଚନ ଇତିମଧ୍ୟରେ ବଡବଜାର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନୂତନ ଟିମ ଆସନ୍ତା ୨୦୨୪ରୁ ୨୦୨୫ ପର୍ଯ୍ୟନ୍ତ ଦୁଇବର୍ଷ ପାଇଁ ଦାୟିତ୍ୱ ତୁଲାଇବେ। ସଂଘର ବରିଷ୍ଠ ସଦସ୍ୟ ସୁଧୀର ମହାନ୍ତି ପୁଣିଥରେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ସ୍ଥଳେ କାର୍ଯ୍ୟକାରୀ ସଭାପତି ଭାବେ ଆଦିକନ୍ଦ ହୁଇ, ସାଧାରଣ ସମ୍ପାଦକ ଭାବେ ବିଜୟ କାମିଲା, କୋଷାଧ୍ୟକ୍ଷ ଭାବେ ରାମ ଭରୋଷ ସାହୁ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଶେଖ ସୈଫୁଦ୍ଦିନ, ସୁରଜ ଚୌରାଶିଆ, ରବୀନ୍ଦ୍ର ଦାସ, ନିଶିକାନ୍ତ କର, ସୁନୀଲ ପରିଡ଼ା, ଜୟନ୍ତ ଦେ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ସମୟରେ ସଂଘର ପୂର୍ବତନ ସଭାପତି ବିଷ୍ଣୁପଦ ମହାନ୍ତି, ଉପଦେଷ୍ଟା ଆଇନଜୀବୀ ଚିନ୍ମୟ ଦାସ, ରମାକାନ୍ତ ଭଞ୍ଜ, କ୍ଷେତ୍ରମୋହନ ଗିରି ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ପରିଚାଳନା କରିଥିଲେ।

## ଗଜସାଥୀଙ୍କ ପ୍ରଶିକ୍ଷଣ ଶିବିର

**ନୀଳଗିରି, ୨୮।୧୨(ସମିସ):** ଗଜଙ୍କୁ ମିଳିବ ସୁରକ୍ଷା ସଜାଗ ହେଲେଣି ଗଜସାଥୀ। ମଣିଷ ହାତୀ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ମିଳିଲା ତାଲିମ। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶକ୍ରମେ ଆଜି ନୀଳଗିରି ବନବିଭାଗ କାର୍ଯ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବା ସହ ଗଜସାଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନୀଳଗିରି ରେଞ୍ଜର ଆଇସା ଅକ୍ତାର ନିସା ଯେହେତୁ ଧାନ ଅମଳ ପକ୍ରିୟା ଜାରି ରହିଛି ସେଥିପାଇଁ ଯେମିତି ହାତୀମାନେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରନ୍ତି, ଜଙ୍ଗଲକୁ ନିଆଁ ଲାଗିବାରୁ ରୋକିବା, କିପରି ଲୋକମାନଙ୍କୁ ସଚେତନ କରିବା, ବନ୍ୟଜନ୍ତୁ ଓ ମଣିଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସେ ଦିଗରେ ଗଜସାଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଶେଷରେ ଉପସ୍ଥିତ ଥିବା ୨୭ଟି ଭିଏସର ୧୪୫ ଜଣ ଗଜସାଥୀଙ୍କୁ ପାଣି ବୋତଲ, ପୋଷାକ ପ୍ରଦାନ କରାଯାଇଥିଲା। ନୀଳଗିରି ଫରେଷ୍ଟର ରାମଚନ୍ଦ୍ର ଲେଙ୍କା, ଏସିଏଫ ମାନସ ରଞ୍ଜନ ବେହେରା, ଭିଏସ କୋଡିନେଟର ଜ୍ଞାନେନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।




## ‘ବିଶ୍ୱାସ’ ପକ୍ଷରୁ କମ୍ବଳ ବଣ୍ଟନ




**ବଳରାମପୁର, ୨୮।୧୨(ସମିସ):** ଚାଇଲ୍ଡ ରାଇଟ ନାଉ ଇଣ୍ଟର ନେସନାଲ ସଂସ୍ଥା ସହାୟତାରେ ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ବିଶ୍ୱାସ’ ସହଯୋଗରେ ବୁଧବାର ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମର ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ବିଶ୍ୱାସର ସମ୍ପାଦକ ଅଜୟ ସାହୁ, ସଭାପତି ବସନ୍ତ ସାହୁ, ସମାଜସେବୀ ସୁଧାଂଶୁ ଆଚାର୍ଯ୍ୟ, ଲାଇଫ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ତ୍ରିଲୋଚନ ଗିରି ପ୍ରମୁଖ ଶତାଧିକ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ। ବାଲିଆପାଳ ଗ୍ରାମର ବିଭିନ୍ନ ସାହି ବସ୍ତିରେ ଥିବା ଆର୍ଥିକ ସୀମାରେଖା ତଳେ ଥିବା ଗରିବ ଲୋକଙ୍କୁ ଏହି କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱାସର ସ୍ୱେଚ୍ଛାସେବୀ ସୁବାସ ସି, ସୁଦାମ ଚରଣ ଦାସ, ନୀଳକଣ୍ଠ ଜେନା, ପ୍ରଦୀପ ସି ପ୍ରମୁଖ ଯୋଗଦେଇ ପୂର୍ଣ୍ଣ ସହଯୋଗ କରିଥିଲେ।

## ଏନ୍‌ଏସ୍‌ଏସ୍ ସେବା ଶିବିର ଉଦ୍‌ଘାଟିତ

**ରୂପସା, ୨୮।୧୨(ସମିସ):** ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିରର ଉଦଘାଟନ ଉତ୍ସବ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଶମ୍ଭୁନାଥ ଗିରି, ସତ୍ୟେନ୍ଦ୍ର କୁମାର ପାଲ ପ୍ରମୁଖ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯଜ୍ଞେଶ୍ୱର ଗିରି, ମନ୍ମଥ ଦଳେଇ, ଜ୍ୟୋତିରଞ୍ଜନ ବର, ଆଶୋକ ମଲ୍ଲିଆଲ, ଇନ୍ଦ୍ରଜିତ ଦାସ ଓ ବିକାଶ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଦ୍ମାବତୀ ଜେନା, କାଜଲ ରାଣୀ ଜେନା, ଯଶୋମୟୀ ନାୟକ, ଅନୁପମା ରାଉତ, ସାବିତ୍ରୀ ସେନାପତି ଓ ବନ୍ଦିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଇନ୍ଦ୍ରଜିତ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।






## ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଦେବଙ୍କ ଜନ୍ମୋତ୍ସବ

**ବାଲେଶ୍ୱର(ଉତ୍ତର), ୨୮।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୋପୀନାଥପୁର ପଞ୍ଚାୟତ ନାରାୟଣପୁର ସ୍ଥିତ ‘ଆଯାଚକ’ ଆଶ୍ରମରେ ଗତ ମଙ୍ଗଳବାର ଶ୍ରୀ ଶ୍ରୀମଦ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଦେବଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଚରିତ୍ର ଗଠନ ସମ୍ପର୍କିତ ସଭାରେ ଶିକ୍ଷାବିତ ପରିମଳ ମହାନ୍ତି ପୌରୋହିତ୍ୟ କରିଥିଲେ। ଆଶିଷ ପଣ୍ଡା, କାର୍ତ୍ତିକ ଚାନ୍ଦ, ଦୟାମୟ ପ୍ରଧାନ, ଗୀତିମାଧୁରୀ ପଣ୍ଡା, ସମୀର ଜେନା, ପ୍ରବିର କୁମାର ତୋଲା ପ୍ରମୁଖ ଚରିତ୍ର ଗଠନ ସମ୍ପର୍କରେ ସାରଗର୍ଭକ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଅସିତ ପରିଡ଼ା, ମୌସୁମୀ ଜେନା, ତନ୍ମୟ କର ଗୁରୁ ସ୍ୱରୂପାନନ୍ଦଙ୍କ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ରବୀନ୍ଦ୍ର ଘୋଷ, ସମ୍ପାଦକ ବାମାପଦ ସାହୁ, ବିମ୍ବାଧର ପ୍ରଧାନଙ୍କ ସହ ଗୁରୁ ଭାଇଭଉଣୀମାନେ ପରିଚାଳନା କରିଥିଲେ।

# ‘ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା’ ଉଦ୍‌ଯାପିତ



**ନୀଳଗିରି, ୨୮।୧୨(ସମିସ):**

ନୀଳଗିରି ବ୍ଲକ ଅନ୍ତର୍ଗତ ବରହମ୍ପୁର ଡିଗ୍ରୀ ମହାବିଦ୍ୟାଳୟରେ ‘ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଅନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ ଓ ସହ ନୋଡାଲ ଅଫିସର ଶୁଭକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ଅଜିତ୍ କୁମାର ସ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି)ର ଅଧ୍ୟକ୍ଷ ମଦନ ମୋହନ ମାଝୀ ଆନୁଷ୍ଠାନିକ ଭାବେ ଯୋଗଦେଇ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ, ତାଙ୍କ ସହିତ ନିମନ୍ତ୍ରିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ କଲେଜର ଅଧ୍ୟୟନରତ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ନୀଳଗିରି ନିର୍ବାଚନମଣ୍ଡଳୀ ୧୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଫ୍ରାନ୍‌ସିସ୍ ବେକନ ସ ମଞ୍ଚାସିନ ଥିଲେ। କ୍ରୀଡ଼ା ବିଭାଗର ନୋଡାଲ ଅଫିସର ଡ. ରଞ୍ଜନ କୁମାର ପାଣି, ସାମାଜିକ ସଚେତନତା ବିଭାଗର ନୋଡାଲ ଅଫିସର ରବୀନ୍ଦ୍ର କୁମାର ପଶା ଏବଂ ଅନ୍ୟତମ ଅଧ୍ୟାପକଅଧ୍ୟାପିକାଙ୍କ ମଧ୍ୟରେ ସୁଭାଷ ଚନ୍ଦ୍ର ପାତ୍ର, କାର୍ତ୍ତିକ ଜେନା, ନମିତା ରାଣୀ ଆଚାର୍ଯ୍ୟ, ଜ୍ୟୋତ୍ସ୍ନା ନନ୍ଦ, ଅଞ୍ଜନା ମହାନ୍ତି, ହିମାଂଶୁ ଶେଖର ପତି, ସତ୍ୟପ୍ରକାଶ ପରିଡ଼ା, ଅଣଶିକ୍ଷକମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ବେହେରା, ରତିନ୍ଦ୍ର ନାୟକ, ପ୍ରଭଞ୍ଜନ ରାଉତ, ଜୟନ୍ତ କୁମାର ବାଗ, ମହେନ୍ଦ୍ର ସାହୁ, ପ୍ରଶାନ୍ତ ମଣ୍ଡଳ, ରବୀନ୍ଦ୍ର ବେହେରା, ଶ୍ରୀକାନ୍ତ ଦାସ, ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ୩ଶହ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୧୨୦ ଛାତ୍ର ଛାତ୍ରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରିବା ସହିତ ଖେଳରେ ଭାଗ ନେଇଥିବା ଅନ୍ୟ ୧୮୦ ଛାତ୍ରଛାତ୍ରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସୁଭାଷ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ରୂପସା :**ବସ୍ତା ଥାନା ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଉଇଟିକିରିସ୍ଥିତ ଶାନ୍ତିଲତା କଲେଜରେ ରାଜ୍ୟ ସରକାରଙ୍କ ‘ନୂଆ-ଓ’ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ମନୋରଞ୍ଜନ ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମାଝୀ ଏବଂ ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ପୁହାଣ ଯୋଗଦେଇ ନୂଆ ଓଡ଼ିଶା ଗଠନ ସହ ଛାତ୍ରଛାତ୍ରୀ ନିଜର ପ୍ରତିଭା ବଳରେ ସମଗ୍ର ବିଶ୍ୱକୁ ଜିଣିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ପରିଚାଳନା ସମିତି ସଭାପତି ନବକାନ୍ତ ବିଶ୍ୱାଳ, ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା ଓ ସମିତିସଭ୍ୟା ଅନିତା ଜେନା ପ୍ରମୁଖ ମଞ୍ଚାସିନ ଥିଲେ। ନୋଡାଲ ଅଫିସର ଅଧ୍ୟାପକ ମାନସ କୁମାର ଦତ୍ତ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନୋଡାଲ ଅଫିସର ଅଧ୍ୟାପିକା ଜେମାମଣୀ ସାହୁ ଓ ଅଧ୍ୟାପକ ଜୀବନ କୃଷ୍ଣ ଗିରି କ୍ରୀଡ଼ା, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅଧ୍ୟାପକ ସପନ କୁମାର ମହାପାତ୍ର ଓ ଡ. ମମତା ସାହୁଙ୍କ ମଞ୍ଚ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପକ ଦୁର୍ଗା ଚରଣ ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଉମାଶଙ୍କର ପାଣି, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଭୋଳ, ଅଧ୍ୟାପିକା ପ୍ରଣତି ବେହେରା, ଅଧ୍ୟାପିକା ଭାରତୀ ଭୋଇ, ଲାଇବ୍ରେରୀଆନ କାହ୍ନୁଚରଣ ପତି ଓ ଜନ୍ମେଞ୍ଜୟ ଗିରି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।










## ନୂଆ ବର୍ଷରୁ ନୂଆ ସଂକଳ୍ପ

# ଫିଟ୍ ରହିବାକୁ ବଦଳାନ୍ତୁ କୁଅଭ୍ୟାସ

**ବ୍ୟସ୍ତବହୁଳ ଜୀବନଶୈଳୀ ଆଉ ଖାଦ୍ୟରେ ଅନିୟମିତତା କାରଣରୁ ସମ୍ପ୍ରତି ଲୋକେ ନାନା ରୋଗର ଶିକାର ହେଉଛନ୍ତି । ତେଣୁ ୨୦୨୪ ରୁ କିପରି ସୁସ୍ଥ ଓ ନୀରୋଗ ରହିପାରିବେ, ସେନେଇ ସକାରାତ୍ମକ ଯୋଜନା ପ୍ରସ୍ତୁତ କରନ୍ତୁ ।**



ରକ୍ତ ସଞ୍ଚାଳନରେ ବାଧା, ମେଦବହୁଳତା ଏପରିକି ରକ୍ତରେ ଶର୍କରା ପରିମାଣ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲେ ହୃଦ୍‌ଜନିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ଯଦି ଜଣେ ବ୍ୟକ୍ତିଙ୍କର ଶୋଇବାରେ ଅନିୟମିତତା ଲାଗି ରହେ ଏବଂ ସେ ନିଦ୍ରାହୀନତାର ସମ୍ମୁଖୀନ ହୁଅନ୍ତି ତେବେ ତାଙ୍କଠାରେ ହୃଦ୍‌ରୋଗର ଲକ୍ଷଣ ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି । ତେବେ ୨୦୨୩ରେ ହୃଦ୍‌ଘାତଜନିତ ସମସ୍ୟା ଅଧିକ ଦେଖିବାକୁ ମିଳିଥିଲାବେଳେ ଖୁବ୍ କମ୍ ବୟସର ଲୋକେ ମୃତ୍ୟୁମୁଖରେ ପଡ଼ିଥିଲେ । ଏହି ସମସ୍ୟାର ନିୟନ୍ତ୍ରଣ ପାଇଁ ନିୟମିତ ବ୍ୟାୟାମ, ଜିମ୍, ୧୫ରୁ ୨୦ ମିନିଟ୍ ସାଇକଲ ଚାଳନା କିମ୍ବା ଚାଲି ପାରିବେ । ନିୟମିତ ହାର୍ଟ, କୋଲେଷ୍ଟ୍ରଲ ଆଦିର ଚେକ୍‌ଅପ୍ କରିପାରିବେ । ଏହା ଦ୍ୱାରା କେବଳ ହୃଦୟ ସୁସ୍ଥ ରୁହେ ତାହା ନୁହେଁ, ବରଂ ଜଣେ ବ୍ୟକ୍ତିଙ୍କୁ ସୁସ୍ଥ ଓ ନୀରୋଗ ରଖିବାରେ ସହାୟକ ହୁଏ ।

**ନିଶା କୁ ନା:** ଅଧିକାଂଶ ନିୟମିତ ନିଶା ସେବନ କରିଥାନ୍ତି । ଏହା ସ୍ୱାସ୍ଥ୍ୟ ଉପରେ ନାନା ପ୍ରଭାବ ପକାଇବା ସହ ଫୁସ୍‌ଫୁସ୍‌ଜନିତ ରୋଗ ସୃଷ୍ଟି କରେ । ତେଣୁ ଚଳିତବର୍ଷ ଆରମ୍ଭରୁ ନିଶା ସେବନ ନ କରିବାକୁ ସଂକଳ୍ପ ନିଅନ୍ତୁ ।

**ତେଲ ମସଲା ଖାଦ୍ୟ ଅହିତକର:** ବାହାରର ଜଙ୍କ୍‌ଫୁଡ ତଥା ଅଧିକ ତେଲମସଲା ଯୁକ୍ତ ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ । ତେଲ ମସଲାଯୁକ୍ତ ଖାଦ୍ୟ ସ୍ୱାଦିଷ୍ଟ ଲାଗିଲେ ବି ଏହା ପେଟଜନିତ ସମସ୍ୟା ସୃଷ୍ଟି କରେ । ସ୍ୱାସ୍ଥ୍ୟପକ୍ଷେ ହାନିକାରକ ହୋଇଥିବାରୁ ଏହା ବିଭିନ୍ନ ରୋଗ ସୃଷ୍ଟି କରଥାଏ । ଓଜନ ବୃଦ୍ଧି ହୁଏ । ମୋଟାପାରୁ ଅନେକ ଜଟିଳ ରୋଗ ସୃଷ୍ଟି ହେଉଥିବାରୁ ନୂଆ ବର୍ଷରୁ ଏହି ଅଭ୍ୟାସରେ ପରିବର୍ତ୍ତନ ଆଣିବା ଜରୁରି । ପୋଷକତତ୍ତ୍ୱ ଓ ଭିଟାମିନ୍ ଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇପାରିବେ । ସେହିପରି ଗୋଟିଏ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ବସି ରହୁଥଲେ, ଶାରୀରିକ କ୍ରିୟା କରୁନଥିଲେ, ଏହି ଅଭ୍ୟାସ ତୁରନ୍ତ ବଦଳାଇ ନିୟମିତ ୩୦ ମିନିଟ୍ ବ୍ୟାୟାମ କରିପାରିବେ ।

**୭ରୁ ୮ ଘଣ୍ଟା ଶୁଅନ୍ତୁ:** ସମ୍ପ୍ରତି ବିଳମ୍ବିତ ରାତି ଯାଏଁ ଫୋନ୍ ଚଳାଇବା ସାଧାରଣ ଅଭ୍ୟାସ ହୋଇଥିବାବେଳେ ଏହା ସ୍ୱାସ୍ଥ୍ୟ ଉପରେ କୁ-ପ୍ରଭାବ ପକାଏ । ସୁସ୍ଥ ରହିବାକୁ ନିୟମିତ ୭ରୁ ୮ ଘଣ୍ଟା ଶୋଇବା ଜରୁରି । ଏହା ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଭଲ ପ୍ରଭାବ ପକାଏ । ବ୍ୟକ୍ତି ସକ୍ରିୟ ରହିପାରନ୍ତି । ଶୋଇବା ଠିକ୍ ରହିଲେ, ଅନ୍ୟାନ୍ୟ ରୋଗ ଦୂର କରିଥାଏ । ମାନସିକ ଚିନ୍ତା ମଧ୍ୟ ରୁହେ ନାହିଁ ।

**ନିଜ ପାଇଁ ସମୟ କାଢ଼ନ୍ତୁ:** ଅନେକ ବ୍ୟସ୍ତବହୁଳ ଜୀବନ ଯୋଗୁଁ ପ୍ରାୟତଃ ନିଜ ପାଇଁ ସମୟ ବାହାର କରିପାରନ୍ତି ନାହିଁ । ତେଣୁ ମନକୁ ଶାନ୍ତ ଓ ଖୁସି ରଖିବାକୁ ନିଜ ସହିତ ସମୟ ବିତାଇବା ଜରୁରି । ଏହାଦ୍ୱାରା ସ୍ୱାସ୍ଥ୍ୟ ଫିଟ୍ ରୁହେ ।

**ଟେକ୍ନୋଲୋଜିରୁ ଦୂରେଇ ରୁହନ୍ତୁ:** ସୋସିଆଲ ମିଡିଆରେ ପ୍ରତ୍ୟେକ ଲୋକେ ଅଧିକ ସମୟ ବିତାଉଛନ୍ତି । ତେଣୁ ସମୟ ସମୟେ ଟେକ୍ନୋଲୋଜି ଏବଂ ମୋବାଇଲ୍‌ରୁ ଦୂରେଇ ରହି ପରିବାର ସହିତ ସମୟ ବିତାଇପାରିବେ ।




# ଓମିକ୍ରନ୍

## ସବ୍ ଭାରିଆଣ୍ଟ ଜେଏନ୍.୧

**ମହାମାରୀ କରୋନାର ପ୍ରକୋପ କିଛିଦିନ ହେବ କମି ଯାଇଥିଲା । ଏବେ ଏହାର ଉପ ପ୍ରଜାତି ଲୋକଙ୍କ ମନରେ ଭୟ ସଂଚାର କରିଛି । ଏହି ନୂତନ ପ୍ରଜାତିକୁ ଚିକିତ୍ସା ବିଜ୍ଞାନ ଭାଷାରେ ଜେଏନ୍.୧ ଉପ ପ୍ରଜାତି କୁହାଯାଉଛି । ଜେଏନ୍.୧ ଗତବର୍ଷ ଦେଖାଯାଇଥିବା ଓମିକ୍ରନ୍ ଭୂତାଣୁର ସବ୍ ଭେରିଆଣ୍ଟ ବା ଉପ ପ୍ରଜାତି । ଭାରତରେ କିଛି ରୋଗୀ ଏହି ଜେଏନ୍. ୧ ଉପ ପ୍ରଜାତି ଦ୍ୱାରା ସଂକ୍ରମିତ ହୋଇଛନ୍ତି । ବିଶେଷ କରି କର୍ଣ୍ଣାଟକ ଓ କେରଳରେ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି । ଓଡ଼ିଶାରେ ମଧ୍ୟ କେତେଜଣ ଲୋକ କରୋନାର ଏହି ନୂଆ ପ୍ରଜାତିରେ ଆକ୍ରାନ୍ତ ହୋଇଛନ୍ତି । ଜେଏନ୍.୧ ଉପ ପ୍ରଜାତି କ୍ଷିପ୍ର ଗତିରେ ସଂକ୍ରମଣ କରୁଥିଲେ ମଧ୍ୟ ଏହା ଏତେ ବିପଦଜନକ ନୁହେଁ । ସାମାନ୍ୟ ସତର୍କତା ଅବଲମ୍ବନ କରି ଏହି ନୂତନ ଉପପ୍ରଜାତି ଭୂତାଣୁ ସଂକ୍ରମଣରୁ ବର୍ତ୍ତିପାରିବା ।**

୨୦୨୧ରେ କୋଭିଡ୍‌ର ଡେଲ୍‌ଟା ଉପପ୍ରଜାତି ଭୟାନକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିଲା ଫୁସ୍‌ଫୁସ୍ ସଂକ୍ରମଣ ହେବା, ରକ୍ତରେ ଅମ୍ଳଜାନ ସ୍ତର କମି ମୃତ୍ୟୁର କାରଣ ସାଜିବା, ରୋଗୀଙ୍କୁ ଚିକିତ୍ସାଳୟରେ ଭର୍ତ୍ତି ହେବା ଦରକାର ପଡୁଥିଲା । ହୃଦ୍‌ସମସ୍ୟା, ଶ୍ୱାସଜନିତ ସମସ୍ୟା, ଭେଣ୍ଟିଲେଟର ଦରକାର ହେଉଥିଲା, ଉଚ୍ଚ ପରିମାଣରେ ଷ୍ଟେରଏଡ଼ ତଥା ଜୀବନରକ୍ଷାକାରୀ ଉଚ୍ଚ ମୂଲ୍ୟର ଔଷଧର ଆବଶ୍ୟକତା ରହୁଥିଲା । ତେବେ ସେଭଳି ଔଷଧ ଏହି ଜେଏନ୍.୧ ଉପ ପ୍ରଜାତି ପାଇଁ ଦରକାର ପଡୁନାହିଁ ।

**ଲକ୍ଷଣ:** ଭୂତାଣୁ ଶରୀରରେ ପ୍ରବେଶ କରିବାର ହାରାହାରି ୫ରୁ ୭ଦିନ ମଧ୍ୟରେ ଲକ୍ଷଣ ଦେଖାଯାଉଛି । ଲକ୍ଷଣ ଦେଖାଯିବା ମାତ୍ରେ, ଖାଇବାରେ ଯନ୍ତ୍ରଣା ହେବା, ନିଶ୍ୱାସ ନେବାରେ ସମସ୍ୟା ହେବା, ଅଳ୍ପମାତ୍ରାରେ ଜ୍ୱର ହେବା ସହ ଥକ୍କାପଣ, ମୁଣ୍ଡ ତଥା ପିଠିରେ ଯନ୍ତ୍ରଣା ହେବା, ନାକରୁ ପାଣି ଗଡ଼ିବା, କାଶ, ଗଳା ଦରଜ, ପେଟ ଦରଜ, ଭୋକ ନ ଲାଗିବା ଆଦି ସାଧାରଣ ଲକ୍ଷଣ ଦେଖାଯାଇଥାଏ । ମାତ୍ର ୨୦ରୁ ୩୦ ପ୍ରତିଶତ ବ୍ୟକ୍ତିଙ୍କ ଠାରେ ପେଟ ଦରଜ ହେବା, ତରଳ ଝାଡ଼ା ବାନ୍ତି ହେବା ଓ ଖାଦ୍ୟହଜମ ନ ହେବା ଆଦି ଲକ୍ଷଣ ଦେଖାଯାଇଥାଏ । କୌଣସି ବ୍ୟକ୍ତିଙ୍କ ଠାରେ ଏହି ଲକ୍ଷଣ ଦେଖିବାକୁ ମିଳୁଥିଲେ, ଡାକ୍ତରଙ୍କ ଠାରୁ ପରାମର୍ଶ ନେଇ କୋଭିଡ୍ ପରୀକ୍ଷା କରାଇ ନେବା ଜରୁରି ।



**ଜ୍ୱରର ଲକ୍ଷଣ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା ଜରୁରି । ଏହାସହ ଲେମ୍ବୁ, ଅଁଳା ଭଳି ଭିଟାମିନ୍-ସି ଯୁକ୍ତ ଖାଦ୍ୟ ସମେତ ଭିଜା ବାଦାମ ଓ ଅଖରୋଟ୍, ସବୁଜ ପନିପରିବା, ଗଜାମୁଗ, ସାଲାଡ, ପାଳଙ୍ଗ, ସଜନା ତଥା ଅନ୍ୟାନ୍ୟ ବିଭିନ୍ନ ପ୍ରକାର ଶାଗ ଖାଇବା ଉଚିତ । ଏପରିକି ଡାଳିମ୍ବ ଜୁସ୍ ପିଇପାରିବେ । ନିୟମିତ ସକାଳୁ ଖାଲି ପେଟରେ ପଇଡ଼ ପାଣି ପିଇବା ସ୍ୱାସ୍ଥ୍ୟପ୍ରଦ । ସକାଳ ଏବଂ ସନ୍ଧ୍ୟାରେ କାଢ଼ା ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ ।**



ଡା.ଚିରରଞ୍ଜନ ଖାଡ଼ଙ୍ଗା

ଉପରୋକ୍ତ ରୋଗର ଲକ୍ଷଣ ଦେଖିବା ମାତ୍ରେ ରୋଗ କେତେ ମାତ୍ରାରେ ହୋଇଛି, ସେହି ଲକ୍ଷଣ ଅନୁଯାୟୀ ଔଷଧ ସେବନ କରିବା ଦ୍ୱାରା ଆରୋଗ୍ୟ ଲାଭ ହୁଏ । ସେହିପରି ବୟସ୍କ ନାଗରିକ ଯେଉଁମାନଙ୍କ ଠାରେ ରୋଗପ୍ରତିରୋଧକ ଶକ୍ତି କମ୍, ଅଣନିୟନ୍ତ୍ରିତ ଉଚ୍ଚ ରକ୍ତଚାପ, ଅଣନିୟନ୍ତ୍ରିତ ମଧୁମେହ, ବୃକ୍କ କିମ୍ବା ଯକୃତ୍ ଜନିତ ସମସ୍ୟା ଥିଲେ, ଗମ୍ଭୀର ଶ୍ୱସନ ସଂକ୍ରମଣ ବା ନିମୋନିଆରେ ପୀଡ଼ିତଙ୍କୁ କୋଭିଡ୍ ହେବା ଦ୍ୱାରା ରୋଗର ଭୟାବହତା ବୃଦ୍ଧି ପାଏ । ଏହି ରୋଗ ଥିଲେ ଅଧିକ ସତର୍କ ରହିବା ଜରୁରି ।

**ସତର୍କତା ହିଁ ସୁରକ୍ଷାର ମୂଳମନ୍ତ୍ର:** ପୂଜାପାର୍ବଣ ସମୟରେ ସତର୍କତା ପାଳନ କରିବା ଜରୁରି । ସାମାଜିକ ଦୂରତା ତଥା ବ୍ୟକ୍ତି ବ୍ୟକ୍ତିଙ୍କ ମଧ୍ୟରେ ଦୂରତା ୩ରୁ ୬ଫୁଟ ରଖିବା, ମାସ୍କ ପିନ୍ଧିବା, ହାତକୁ ବାରମ୍ବାର ସାବୁନରେ ଧୋଇବା, ବାହାର ଖାଦ୍ୟ ବା ପାଣି ପିଉଥିଲେ ସତର୍କ ରହିବା, ବାହାରକୁ ଯାଉଥିଲେ ବାରମ୍ବାର ଆଖି, ମୁହଁ, ନାକରେ ହାତ ନ ମାରିବା ଆବଶ୍ୟକ ।

ଏହବାଦ୍ ଯେଉଁମାନେ କୋଭିଡ୍‌ର ପ୍ରଥମ ବା ଦ୍ୱିତୀୟ ଡୋଜ୍ ନେଇ ନାହାନ୍ତି ସେମାନେ ତୁରନ୍ତ ଟିକା ନେବା ଆବଶ୍ୟକ । ସତର୍କତା ବା ସାବଧାନ ଅବଲମ୍ବନ କଲେ ନୂତନ କୋଭିଡ୍ ଲହରୀରୁ ସୁରକ୍ଷିତ ରହିବା ସମ୍ଭବ । ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି ଅଧିକ ରହିଛି; ସେମାନେ ମଧ୍ୟ ଏହି ସଂକ୍ରମଣର ଶିକାର ହେଉଛନ୍ତି । ତେଣୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ ଓ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଗ୍ରହଣ କରିପାରିବା ସହ ବ୍ୟାୟାମ, ଯୋଗ ଓ ପ୍ରାଣାୟମ କରିବା ସ୍ୱାସ୍ଥ୍ୟପ୍ରଦ ।

ଏହି ରୋଗରୁ ବର୍ତ୍ତିବା ପାଇଁ ଜନଗହଳିପୂର୍ଣ୍ଣ ସ୍ଥାନକୁ ମାସ୍କ ପିନ୍ଧି ଯିବା ଜରୁରି । ଅଧିକ ବୟସ୍କ ବ୍ୟକ୍ତି କିମ୍ବା ଗର୍ଭବତୀ ମହିଳା, କମ୍ ରୋଗପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି ମଧ୍ୟ ଭିଡ଼ ଭିତରକୁ ଯିବା ଅନୁଚିତ । ଏହି ଭାରିଆଣ୍ଟ ଭାରତ ସମେତ ଆମେରିକା, ବ୍ରିଟେନ୍, ଆଇସଲ୍ୟାଣ୍ଡ, ସ୍ପେନ୍ ସମେତ ସମଗ୍ର ବିଶ୍ୱର ୪୦ଟି ଦେଶକୁ ବ୍ୟାପିଛି । ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିବାକୁ ପୋଷକତତ୍ତ୍ୱ ଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବା ସହ ବ୍ୟାୟା । ଭିଟାମିନ୍ ସି- ଏ, ଡି ଏବଂ ଇ ସେବନ କରିବା ଜରୁରି । ସେହିପରି ନିୟମିତ ନିଜ ଶରୀରକୁ ଆବଶ୍ୟକତା ଅନୁଯାୟୀ ପାଣି ପିଇବା ଆବଶ୍ୟକତା ରହିଛି ।

କର୍କଟ ବିଶେଷଜ୍ଞ, ସମ୍ ଅଲଟିମେଟ୍, ଭୁବନେଶ୍ୱର,

# ମଧୁମେହ ରୋଗୀଙ୍କ ଡାଏଟ୍ ଚାର୍ଟ

**ସମ୍ପ୍ରତି ଘରେ ଘରେ ମଧୁମେହ ରୋଗୀ । ଶରୀରର ରକ୍ତ ଶର୍କରା ବୃଦ୍ଧି ଯୋଗୁଁ ବାରମ୍ବାର ପରିସ୍ରା ହେବା, ଶୋଷ ଲାଗିବା, ଭୋକ ଲାଗିବା ଆଦି ଲକ୍ଷଣ ଦେଖାଯାଏ । ସମୟ ପୂର୍ବରୁ ଏହି ରୋଗର ଚିକିତ୍ସା ନ କରାଇଲେ, ଏହା ଶରୀରର ବିଭିନ୍ନ ରୋଗ ସୃଷ୍ଟି କରେ । ତେଣୁ ମଧୁମେହପୀଡ଼ିତ ବ୍ୟକ୍ତି ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ନ ରଖିଲେ ଖାଦ୍ୟପେୟରେ ଅଧିକ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ।**

ମାଟି ତଳେ ଫଳୁଥିବା ପରିବା ଖାଇବା ଅନୁଚିତ । ଏହାସହ ବାହାରର ଜଙ୍କଫୁଡ୍ ଠାରୁ ଦୂରେଇ ରହିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ମିଠା, ଆଇସକ୍ରିମ୍, ପେଷ୍ଟ୍ରି, କେକ୍ ଇତ୍ୟାଦି ଜିନିଷ ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ ।

- ମଧୁମେହ ରୋଗୀଙ୍କ ପାଇଁ ଡ୍ରାଏ ଫ୍ରୁଟ୍‌ସ ଆଦୌ ହିତକର ନୁହେଁ । ଡ୍ରାଏଫୁଡ୍ ଖାଇବାକୁ ଇଚ୍ଛା ହେଲେ ପାଣିରେ ମିଶାଇ ଖାଇପାରିବେ ।
- ମଧୁମେହ ରୋଗୀଙ୍କୁ କଦଳୀ, ଆମ୍ବ, ଲିଚୁ ଇତ୍ୟାଦି ଫଳଠାରୁ ନିଜକୁ ଦୂରେଇ ରଖିବା ଦରକାର । ଏଥିରେ ଶର୍କରାର ପରିମାଣ ଅଧିକ ଥିବାରୁ ଏହାକୁ ଖାଇବା ମଧୁମେହ ରୋଗୀଙ୍କ ପାଇଁ ହାନିକାରକ ସାବ୍ୟସ୍ତ ହୋଇପାରେ । ଖାଦ୍ୟରେ ପୋଷକତତ୍ତ୍ୱ ଯୁକ୍ତ ଖାଦ୍ୟ ସାମିଲ କରିବା ସହ ରକ୍ତ ଶର୍କରା ଏବଂ କୋଲେଷ୍ଟ୍ରଲକୁ ଏହା ନିୟନ୍ତ୍ରିତ କରିଥାଏ । ସେଥିପାଇଁ ସେଓ, କଦଳୀ, ଗଜାମୁଗ, ଆଭାକାଡ଼ୋ ଆଦି ଖାଇପାରିବେ । କଦଳୀରେ ଅଧିକ ମାତ୍ରାରେ କାର୍ବୋହାଇଡ୍ରେଟ୍ ଥିବାରୁ ଏହାକୁ ଥରକରେ ନ ଖାଇ ଅଳ୍ପ ଅଳ୍ପ କରି ଖାଇବା ଭଲ ।
- ସେଓରେ ଆଣ୍ଟିଅକ୍ସିଡେଣ୍ଟ ଅଧିକ ଥିବାରୁ ନିୟମିତ ଫାଳେ ସେଓ ଖାଇପାରିବେ । ଲାଲ୍ ବାଇଗଣ, ନୀଳ ରଙ୍ଗ ଫଳ ଆଣ୍ଟିଅକ୍ସିଡାଣ୍ଟର ସ୍ରୋତ । ବ୍ଲୁବେରୀ, ଜାମୁକୋଳିରେ ପ୍ରଚୁର ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହାକୁ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭକାରୀ ।
- ପିଜୁଳିରେ ଭିଟାମିନ୍ ଏ, ଭିଟାମିନ୍ ସି ପ୍ରଚୁର ମାତ୍ରା ଥିବାରୁ ଏହାକୁ ଡାଏଟ୍‌ରେ ସାମିଲ କରିପାରିବେ । ଅଙ୍ଗୁର ପରି ଅଧିକ ମାତ୍ରାର ଚେରି ଖାଇବା ଅନୁଚିତ । ବରଂ ସକାଳୁ ଉଠିବା ପରେ ଏକ ଗ୍ଲାସ୍ ପାଣିରେ ଅଧ ଚାମଚ ମେଥିଗୁଣ୍ଡ ମିଶାଇ ପିଇବା ଦ୍ୱାରା ଶରୀର ଫୂର୍ତ୍ତି ରହେ । ଦ୍ୱିପ୍ରହରର ଭୋଜନ ପୂର୍ବରୁ ପିଜୁଳି, ସେଓ, କମଳା, ଅମୃତଭଣ୍ଡା ଖାଇପାରିବେ ।



# ଆଲାର୍ମ ବନ୍ଦ କରି ଶୋଇଲେ ଚିନ୍ତା ହ୍ରାସ ପାଏ



ସକାଳୁ ଉଠିବା ଏକ ଉତ୍ତମ ଅଭ୍ୟାସ । ନିୟମିତ ଏହି ଅଭ୍ୟାସ ଦ୍ୱାରା ମନୁଷ୍ୟ ନାନା ରୋଗରୁ ନିଜକୁ ସୁରକ୍ଷିତ ରଖିପାରେ । କିନ୍ତୁ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସକାଳୁ ଉଠିବା ପାଇଁ ଆଲାର୍ମ ବ୍ୟବହାର କରନ୍ତି, କିନ୍ତୁ ଉଠିବା ପୂର୍ବରୁ ସ୍ନୁଜ୍‌କୁ ଦବାଇବାକୁ ପସନ୍ଦ କରନ୍ତି । ଯଦିଓ ଆଲାର୍ମ ସେଟ୍ କରି ପୁଣି ଶୋଇବା ଅଭ୍ୟାସ ଅନେକଙ୍କ ପାଖେ ରହିଛି, କିନ୍ତୁ ନିକଟରେ ଏକ ସର୍ବେକ୍ଷଣରୁ ଏହା ସ୍ପଷ୍ଟ ହୋଇଛି ଯେ,ପାଖାପାଖି ୫୦%ରୁ ୬୦% ଲୋକ ଆଲାର୍ମ ବାଜିବାପରେ ଉଠି କରି ଏହାରି ମଧ୍ୟରେ ଅନେକ ଥର ଶୋଇପଡ଼ିଥାନ୍ତି । ଏହି ଅଭ୍ୟାସ ଅନେକଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ । ନୂତନ ଅଧ୍ୟୟନ ମୁତାବକ ଯେଉଁମାନେ ସକାଳୁ ସକାଳୁ ଥକ୍କାପଣ ଅନୁଭବ କରନ୍ତି ଏବଂ ଆଲାର୍ମକୁ ବନ୍ଦ କରି ବାରମ୍ବାର କିଛି ସମୟ ଶୋଇ ରୁହନ୍ତି ଏହା ଦ୍ୱାରା ଉଠିବା ପରେ ସେମାନଙ୍କୁ ସତେଜ ଓ ଫୂର୍ତ୍ତି ଲାଗିଥାଏ । ଦିନସାରା କାମ କରିବାକୁ ଶକ୍ତି ମିଳେ । ଅଧିକାଂଶ ଲୋକଙ୍କର ସକାଳୁ ଉଠିବା ଦ୍ୱାରା ମୁଣ୍ଡବିନ୍ଧା ସମସ୍ୟା ଥିବାରୁ ଏହି ଅଭ୍ୟାସ ଦ୍ୱାରା ଧୀରେ ଧୀରେ ନିଦ ଛାଡ଼ିଥାଏ ବୋଲି ଅଧ୍ୟୟନରୁ ପ୍ରକାଶ । ଗଭୀର ନିଦରୁ ଉଠିବା ବଦଳରେ ଏମାନେ ନିଦ ପୂରା କରି ଉଠିଥାନ୍ତି । ମାନସିକ ସ୍ତରରେ ଲୋକେ ଅନିଦ୍ରା ଅନୁଭବ କରନ୍ତି ନାହିଁ ।

# ୱାଟର୍ ମେଡିଟେସନ୍

**ମେଡିଟେସନ ବା ପ୍ରାଣାୟମ କରିବା ଦ୍ୱାରା ମନ ଶାନ୍ତ ରହିବା ସହ ସକାରାତ୍ମକ ଚିନ୍ତାଧାରା ବୃଦ୍ଧି ପାଏ । ଯଦିଓ ଚିନ୍ତାଧାରାର ବିକାଶ ଉଦ୍ଦେଶ୍ୟରେ ଅନେକ ପ୍ରକାର କୌଶଳ ରହିଛି, କିନ୍ତୁ ତନ୍ମଧ୍ୟରୁ ପାରମ୍ପରିକ ୱାଟର୍ ମେଡିଟେସନ୍ ବା ଜଳଧ୍ୟାନ ବେଶ୍ ଲାଭପ୍ରଦ ।**

ଜଳଧ୍ୟାନରେ ବ୍ୟକ୍ତିଙ୍କୁ ପ୍ରାୟ ଏକରୁ ଦେଢ଼ ଘଣ୍ଟା ପାଣିରେ ଧ୍ୟାନ କରିବାକୁ ହୋଇଥାଏ । ଏଥିପାଇଁ ନାଭିକୁ ପାଣିରେ ବୁଡ଼ାଇ ରଖିବାକୁ ହୁଏ । ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ହୋଇଥାଏ । ସେହିପରି ଜଳରେ ଧ୍ୟାନ କରିବା ଦ୍ୱାରା ପ୍ରକୃତି ସହିତ ଗଭୀର ସମ୍ପର୍କ ସ୍ଥାପନା ହୋଇଥାଏ । ଏକାଗ୍ରତା ବୃଦ୍ଧି ପାଏ । ମନ ଆନନ୍ଦିତ ରହିଥାଏ । ଆଧୁନିକ ଜୀବନରେ ନିରନ୍ତର ଗତିରୁ ମୁକ୍ତି ମିଳିଥାଏ । ୱାଟର ମେଡିଟେସନ ଦ୍ୱାରା ମାଂସପେଶୀ ଯନ୍ତ୍ରଣା କମ୍ ହୁଏ । ଶରୀର ସମ୍ପ୍ରସାରଣ ହୋଇଥାଏ । ରକ୍ତଚାପ ହ୍ରାସ ହୁଏ । ହୃଦୟକୁ ସୁସ୍ଥ ଓ ଫିଟ୍ ରଖିବାରେ ୱାଟର ମେଡିଟେସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରକ୍ତସଞ୍ଚାଳନ ଭଲ ହୋଇଥାଏ । ୱାଟର ମେଡିଟେସନ ଦ୍ୱାରା ଶରୀରରେ ଅମ୍ଳଜାନ ବୃଦ୍ଧି ପାଏ । ଶାରୀରିକ ଯନ୍ତ୍ରଣାରୁ ଉପଶମ ହୁଏ । କେବଳ ସେତିକି ନୁହେଁ, ୱାଟର ମେଡିଟେସନ ଦ୍ୱାରା ଶ୍ୱସନ ଜନିତ ସମସ୍ୟା ରୁହେ ନାହିଁ । ଧ୍ୟାନକେନ୍ଦ୍ରିତ କରିବା ସହ ଲକ୍ଷ୍ୟ ପୂରା କରିବାକୁ ଶକ୍ତି ଯୋଗାଏ ୱାଟର ମେଡିଟେସନ୍ ।



## ସୁସ୍ଥ ମନ ସୁସ୍ଥ ଶରୀର



# ବର୍ଣ୍ଣଆଉଟ୍ ସିଣ୍ଡ୍ରୋମ୍

ଅଫିସ୍‌ରେ ଥକ୍କା ଅନୁଭବ କରିବା, ଦୁର୍ବଳ ଲାଗିବା କିମ୍ବା ଅଫିସରୁ ଘରକୁ ଯିବା ମାତ୍ରେ ବିଛଣାରେ ଶୋଇବାକୁ ମନ ହେବା ଆଦି 'ବର୍ଣ୍ଣଆଉଟ୍ ସିଣ୍ଡ୍ରୋମ୍'ର ଲକ୍ଷଣ । ଏହି ସମସ୍ୟା ଅଧିକ ଅଫିସ ଯାଉଥିବା ଲୋକଙ୍କ ଠାରେ ଦେଖିବାକୁ ମିଳେ । ଏହି ରୋଗର ଲକ୍ଷଣ ଯଥା, ଜଣେ ବ୍ୟକ୍ତି ଶାରୀରିକ ଓ ମାନସିକ ସ୍ତରରେ ଅଧିକ ଚିନ୍ତିତ ରୁହନ୍ତି । ବିଶ୍ୱର ଅନ୍ୟ ଦେଶ ତୁଳନାରେ ଭାରତରେ 'ବର୍ଣ୍ଣ ଆଉଟ୍ ସିଣ୍ଡ୍ରୋମ' ମାମଲା ଅଧିକ ରହିଛି । ଏହାର ମୂଳ କାରଣ ହେଉଛି କାମର ଚାପ, ନିଜକୁ କମ୍‌ଜୋର ଭାବିବା, ପ୍ରତିଯୋଗିତା ମନୋଭାବ ଇତ୍ୟାଦି । ଭାରତରେ ଏହି ସମସ୍ୟାରେ ପ୍ରାୟ ୫୯% ଲୋକ ପୀଡ଼ିତ । ତେଣୁ ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଥଣ୍ଡା ଦିନ ଅଧିକ ଚିନ୍ତା ବଢ଼ାଏ । ଅଧିକ ଥଣ୍ଡା ବଢ଼ିବା ସାଙ୍ଗକୁ ରକ୍ତ ସଞ୍ଚାଳନ ପ୍ରଭାବ ପଡ଼ିଥାଏ । ଏହାଦ୍ୱାରା ଲୋକେ ୱାର୍କଆଉଟ୍ କରିପାରନ୍ତିନି । ଫଳରେ ନାନା ରୋଗକୁ ଆମନ୍ତ୍ରଣ କରିଥାନ୍ତି । ତେଣୁ ସମୟ ପୂର୍ବରୁ ଏହାକୁ ଚିହ୍ନଟ କରି ଚିକିତ୍ସା ନ କରାଇଲେ, ଉଚ୍ଚ ରକ୍ତଚାପ, ମସ୍ତିଷ୍କାଘାତ, ବାରମ୍ବାର ମୁଣ୍ଡବିନ୍ଧା, ମାନସିକ ଚିନ୍ତା, ମୁଣ୍ଡ ବୁଲାଇବା ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ଏଥିରୁ ବର୍ତ୍ତିବା ପାଇଁ ଘରେ ଅଫିସ୍ ଚିନ୍ତା ନ କରି ପ୍ରତିଦିନ ଶାରୀରିକ ବ୍ୟାୟାମ, ଯୋଗ ଓ ପ୍ରାଣାୟାମ କରିବା ଆବଶ୍ୟକ । ଓଜନ ନିୟନ୍ତ୍ରଣରେ ରଖିବା ସହ ସନ୍ତୁଳିତ ଡାଏଟ୍ ଦିଗରେ ଯତ୍ନବାନ ହେବା ଦରକାର । ନିଶା ସେବନ ଠାରୁ ଦୂରେଇ ରହିପାରିବେ । ଥଣ୍ଡାଦିନେ ଶରୀରର ଆବଶ୍ୟକତା ଅନୁଯାୟୀ ପାଣି ପିଇବା ଜରୁରି । ଉପବାସ ନ କରି ସନ୍ତୁଳିତ ଖାଦ୍ୟ ଗ୍ରହଣ କରିପାରିବେ, ରକ୍ତଚାପ କମାଇବା ପାଇଁ ଖଜୁରି, ଡାଲଚିନି, କିସ୍‌ମିସ୍, ଗାଜର, ଅଦା, ଟମାଟର ଆଦି ଖାଇପାରିବେ ।

# ଶିମିଳିପାଳ ସୁରକ୍ଷା ପାଇଁ ୧୪ ସ୍ୱତନ୍ତ୍ର ଗାଡ଼ି



**ଭୁବନେଶ୍ୱର, ୨୮ ।୧୨(ସମିସ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୧୪ ଟି ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରିଛନ୍ତି। ଏହି ଗାଡ଼ିଗୁଡ଼ିକୁ ଅଭୟାରଣ୍ୟର ବ୍ୟାଘ ସଂରକ୍ଷଣ ପ୍ରକଳ୍ପରେ ନିୟୋଜିତ କରାଯିବ। ଅଭୟାରଣ୍ୟରେ ପାଟ୍ରୋଲିଂ ସମୟରେ ଏହି ଗାଡ଼ି କାମରେ ଲାଗିବ। ବିଶେଷକରି ବର୍ଷାଦିନେ ଜଙ୍ଗଲର କାଦୁଅ ଓ ପାହାଡ଼ିଆ ରାସ୍ତାରେ ଏହି ଗାଡ଼ିଗୁଡ଼ିକ ଅତି ଆରାମରେ ଚଢ଼ି ପାରିବ। ତେଣୁ ପାଟ୍ରୋଲିଂକୁ ଏଣିକି ଜୋରଦାର କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଶିମିଳିପାଳ ଅଭୟାରଣ୍ୟରେ ବର୍ତ୍ତମାନ ରାଜ୍ୟର ୯୦ ପ୍ରତିଶତ ମହାବଳ ବାଘ, ୧୬ ପ୍ରତିଶତ କଲରାପତରିଆ ବାଘ ଓ ୨୫ପ୍ରତିଶତ ହାତୀ ରହୁଛନ୍ତି। ଦେଶରେ ଦେଖାଯାଉଥିବା ସମସ୍ତ ବିରଳ କଳାବାଘ କେବଳ ଶିମିଳିପାଳରେ ହିଁ ଅଛନ୍ତି। ଏହାବ୍ୟତୀତ ଏକାଧିକ ପ୍ରଜାତିର ପ୍ରାଣୀ ଓ ଉଭିଦରେ ଏହି ଅଭୟାରଣ୍ୟ ପରିପୂର୍ଣ୍ଣ। ଭୌଗୋଳିକ ଦୃଷ୍ଟିକୋଣରୁ ଶିମିଳିପାଳ ଦେଶର ଷଷ୍ଠ ବୃହତ୍ତମ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଭାବେ ଖ୍ୟାତି ଅର୍ଜନ କରିଥିବା ବେଳେ ମେଘାସନୀ ଓ ଖଇରୀବିରୁ ଭଳି ପର୍ବତ ଏଠାରେ ଅବସ୍ଥିତ ରହିଛି। ଶିମିଳିପାଳ ମଧ୍ୟରେ ୧୦୧୧.୫କିମି ପର୍ଯ୍ୟନ୍ତ ରାସ୍ତା ବ୍ୟାପ୍ତ ରହିଛି। ଏଠାରେ ୨୧୪ଟି ଆଣ୍ଟି ପୋଚିଂ କ୍ୟାମ୍ପ ଓ ୧୬ଟି ୱାଚ୍‌ଟାୱାର ଏବଂ ୧୯ ଟି ଚେକ୍‌ପୋଷ୍ଟ ଦ୍ୱାରା ଅଭୟାରଣ୍ୟ ସୁରକ୍ଷା କରାଯାଉଛି। ତେବେ ଏହି ସମସ୍ତ ସ୍ଥାନକୁ ଯିବା ପାଇଁ ପାହାଡ଼ିଆ ରାସ୍ତା ଅତିକ୍ରମ କରିବାକୁ ପଡ଼ୁଛି। ଏହାଦ୍ୱାରା କ୍ଷେତ୍ରସ୍ତରୀୟ ବନ କର୍ମଚାରୀଙ୍କୁ ଅନେକ ସମସ୍ୟା ଭୋଗିବାକୁ ପଡ଼ୁଛି। କ୍ୟାମ୍ପ ପାଇଁ ଆବଶ୍ୟକ ସାରଞ୍ଜାମ ନେବା ଆଣିବା ପାଇଁ ମଧ୍ୟ ପାହାଡ଼ିଆ ରାସ୍ତା ଆହ୍ୱାନ ସୃଷ୍ଟି କରୁଛି। ପାହାଡ଼ିଆ ରାସ୍ତାର ଫାଇଦା ନେଇ ଶିକାରୀମାନେ ବନ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ନିକଟ ଅତୀତରେ ଦୁଇଜଣ ବନ କର୍ମଚାରୀ ଶିକାରୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ଏଭଳି ଅଘଟଣକୁ ଏଡ଼ାଇବା ଓ ବନ କର୍ମଚାରୀଙ୍କୁ ଅଧିକ ସଶକ୍ତ କରିବା ପାଇଁ ଏହି ୧୪ ଟି ସ୍ୱତନ୍ତ୍ର ଗାଡ଼ି ସେଠାରେ ନିୟୋଜିତ କରାଯାଇଛି। ରାଜ୍ୟ ଖଣି ନିଗମ ସହାୟତାରେ କିଣାଯାଇଥିବା ୪ଚକିଆ ବୋଲେର କ୍ୟାମ୍ପରକୁ ସବୁଜ ରଙ୍ଗ ଦିଆଯାଇଥିବା ବେଳେ ଆଲୋକ ଓ ଅନ୍ୟ ଭିତ୍ତିଭୂମି ସଂଯୋଗ କରାଯାଇଛି। ସବୁ ସମୟରେ ଯେପରି ଏଥିରେ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଯିବା ଆସିବା କରିବେ, ତା' ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ବିଭାଗୀୟ ମନ୍ତ୍ରୀ ଏହି ଗାଡ଼ିକୁ ପତାକା ଦେଖାଇ ଉଦ୍‌ଘାଟନ କରିବେ।

## ବରିଷ୍ଠ ନାଗରିକଙ୍କ ପାଇଁ ସମର୍ପିତ ସରକାର

# ନୂଆବର୍ଷରୁ ହୋଇପାରେ ନୂଆ ଯୋଜନା

- ଯୋଜନା କାର୍ଯ୍ୟାନ୍ୱୟନର ହେବ ସମୀକ୍ଷା
- ୮ରେ ଏକାଧିକ ବିଭାଗକୁ ନେଇ ବୈଠକ

**ଭୁବନେଶ୍ୱର, ୨୮ ।୧୨(ସମିସ):** ବରିଷ୍ଠ ନାଗରିକଙ୍କୁ ଯେପରି ସମସ୍ତ କ୍ଷେତ୍ରରେ ଉପଯୁକ୍ତ ସମ୍ମାନ ମିଳିବ, ସେଥିପ୍ରତି ରାଜ୍ୟ ସରକାର ପ୍ରାଥମିକତା ଦେଇ ଆସୁଛନ୍ତି। ସିନିୟର ସିଟିଜେନ୍ କାର୍ଡଠାରୁ ଆରମ୍ଭ କରି ମାଗଣା ସ୍ୱାସ୍ଥ୍ୟସେବା, ଥାନାମାନଙ୍କରେ ସ୍ୱତନ୍ତ୍ର ବ୍ୟବସ୍ଥା, ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା, ବୟୋଜ୍ୟେଷ୍ଠ ସମ୍ମାନ, ଦିବା ଯତ୍ନ କେନ୍ଦ୍ର, ଫିଜିଓଥେରାପିଷ୍ଟ କ୍ଲିନିକ୍ ସହ ବିଭିନ୍ନ ଯୋଜନାରେ ସବ୍‌ସିଡି ଆଦି ପ୍ରଦାନ କରାଯାଉଛି।

ତେବେ ବରିଷ୍ଠ ନାଗରିକମାନେ କିପରି ଅଧିକରୁ ଅଧିକ ସରକାରୀ ଯୋଜନାର ଲାଭ ଉଠାଇବେ ସେନେଇ ରାଜ୍ୟ ସାମାଜିକ ସଶକ୍ତିକରଣ ବିଭାଗ ଯୋଜନା କରୁଛି। ନୂଆବର୍ଷରୁ ବରିଷ୍ଠ ନାଗରିକଙ୍କ ହିତରେ ରାଜ୍ୟ ସରକାର ଆଉ କିଛି ନୂଆ ଯୋଜନା ପ୍ରଣୟନ କରିପାରନ୍ତି। ଏଥିପାଇଁ ଆସନ୍ତା ୮ ତାରିଖରେ ଏକାଧିକ ବିଭାଗକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଉଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ସାମାଜିକ ସଶକ୍ତିକରଣ ବିଭାଗର ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗୃହ, ପର୍ଯ୍ୟଟନ, ନଗର ଉନ୍ନୟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ସମବାୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏନେଇ ସାମାଜିକ ସଶକ୍ତିକରଣ ବିଭାଗ ପକ୍ଷରୁ ଉପରୋକ୍ତ ବିଭାଗଗୁଡ଼ିକୁ ଚିଠି ଲେଖାଯାଇ ଅବଗତ କରାଯାଇଛି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟରେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରୁଛି। ବରିଷ୍ଠ ନାଗରିକମାନଙ୍କୁ ସମାଜର ସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ। ସମାଜର ଅଗ୍ରଗତି କ୍ଷେତ୍ରରେ ବରିଷ୍ଠ ନାଗରିକମାନଙ୍କ ବହୁ ଅବଦାନ ରହିଛି। ବିଶେଷକରି ସେମାନଙ୍କର ଦୀର୍ଘବର୍ଷର ଅଭିଜ୍ଞତା ବର୍ତ୍ତମାନର ଯୁବ ସମାଜ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେବା ସହ ସେମାନଙ୍କୁ ସଠିକ୍ ପଥରେ କଢ଼େଇ ନେଇପାରିବ। ଏହିକ୍ରମରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପୁନଃ ସମୀକ୍ଷା କରାଯିବ। ଏହାସହ ଏହି ଯୋଜନାଗୁଡ଼ିକର ଶତ ପ୍ରତିଶତ କାର୍ଯ୍ୟାନ୍ୱୟନ ଉପରେ ମଧ୍ୟ ବୈଠକରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ନୂଆବର୍ଷ ଯାଏଁ କୁହୁଡ଼ିରୁ ନିସ୍ତାର ନାହିଁ

**ଭୁବନେଶ୍ୱର, ୨୮ ।୧୨(ସମିସ):** ରାଜ୍ୟରେ ଘନ କୁହୁଡ଼ି ଜାରି ରହିବ। ଆସନ୍ତା ୩ ଦିନ ପର୍ଯ୍ୟନ୍ତ କୁହୁଡ଼ି ପ୍ରକୋପ ଜାରି ରହିବା ସହ ଅଧିକାଂଶ ସ୍ଥାନରେ ସ୍ଥିତି ଅଣାୟତ୍ତ ହେବ। କୁହୁଡ଼ିର ମାତ୍ରା ଯଥେଷ୍ଟ ଅଧିକ ରହିବାକୁ ଥିବାରୁ ଯାନବାହନ ଚଳାଚଳରେ ଗୁରୁତର ବାଧା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏବେ ବଣଭୋଜି ପାଇଁ ଲୋକେ ପର୍ଯ୍ୟଟନସ୍ଥଳୀମୁହାଁ ହେଉଛନ୍ତି। ଏପରି ସ୍ଥିତିରେ କୁହୁଡ଼ି ପାଇଁ ଅଘଟଣ ଘଟିବାର ଆଶଙ୍କା ଥିବାରୁ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର୍ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ରାଜପଥରେ ଯାନବାହନ ଚଳାଚଳ ସମୟରେ ଦୁର୍ଘଟଣା ଏଡ଼ାଇବା ପାଇଁ ପୁଲିସ ପ୍ରଶାସନ ଓ ସ୍ଥାନୀୟ ପରିବହନ ବିଭାଗର କର୍ମଚାରୀ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ଶୁକ୍ରବାର ସକାଳ ସୁଦ୍ଧା ରାଜ୍ୟର ୧୫ ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଆଦି ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

# 'କୋକେନ୍' ଜାହାଜ ମୁକୁଳାଇବାକୁ ପାରାଦୀପରେ ଭିଏତ୍‌ନାମ ଅଧିକାରୀ



**ପାରାଦୀପ, ୨୮ ।୧୨(ସମିସ):** ୨୨୦ କୋଟି ଟଙ୍କାର କୋକେନ୍ ଜବତ ହୋଇଥିବା ଜାହାଜକୁ ମୁକୁଳାଇବା ପାଇଁ ସଂପୃକ୍ତ ଜାହାଜ କମ୍ପାନୀର କର୍ତ୍ତୃପକ୍ଷ ଆଜି ପାରାଦୀପ ବନ୍ଦରରେ ପହଞ୍ଚିଛନ୍ତି। ଭିଏତ୍‌ନାମ ହୋନେଲ ସହରର ଏସିଆ ସିଫିଂ କମ୍ପାନୀ ଲିମିଟେଡ୍‌ର ଅଧିକାରୀ ଜୁୟେନ କ୍ୟୁଓକ୍ ଜଣେ ଅନୁବାଦକଙ୍କ ସହ ଆଜି ପାରାଦୀପରେ ପହଞ୍ଚିଛନ୍ତି। ସେ କୁଜଙ୍ଗ କୋର୍ଟରେ ଦାଖଲ ହୋଇଥିବା କେସ୍‌ର ଅବିକଳ ନକଲ ପାଇଁ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ ଜାହାଜର ସମସ୍ତ ୨୧ ସଦସ୍ୟ ସ୍ୱଦେଶ ଫେରିବା ପାଇଁ ମଧ୍ୟ ପକ୍ରିୟା ଆରମ୍ଭ ହୋଇଛି। ମାତ୍ର ଘଟଣାକୁ ୨୯ ଦିନ ବିତିଥିଲେ ମଧ୍ୟ କୋକେନ ଜବତ ଘଟଣାର ତଦନ୍ତ କରୁଥିବା ସୀମାଶୁଳ୍କ ବିଭାଗ କୌଣସି ପ୍ରମାଣ ପାଇବାରେ ସଫଳ ହୋଇପାରିନାହିଁ।

■ ଯବାନଙ୍କ ପାଇଁ ମାଟିତଳେ ଖଞ୍ଜା ଯାଇଥିଲା ଟିଫିନ୍ ବୋମା

# ବିସ୍ଫୋରଣ ପୂର୍ବରୁ ଉଦ୍ଧାରକଲେ ଏସ୍‌ଓଜି

- ବଡ଼ଧରଣର କାଣ୍ଡ ଘଟାଇବା ପାଇଁ ରଖାଯାଇଥିଲା
- ବିସ୍ଫୋରକ ସାମଗ୍ରୀ ଠାବ ପାଇଁ ବ୍ୟବହାର ହେବ ଅତ୍ୟାଧୁନିକ ଯନ୍ତ୍ର

**ଭୁବନେଶ୍ୱର/କୋରାପୁଟ,୨୮ ।୧୨(ସମିସ):** ବଡ଼ ଧରଣର ବିସ୍ଫୋରଣକୁ ଟାଳି ଦେଲେ ଯବାନ। ସାଧାରଣ ଲୋକ ଏବଂ ଯବାନଙ୍କ ପାଇଁ ମାଟି ତଳେ ଖଞ୍ଜା ଯାଇଥିଲା ଟିଫିନ୍ ବୋମା। ବିସ୍ଫୋରଣ ପୂର୍ବରୁ ଉଦ୍ଧାର କଲେ ଏସ୍‌ଓଜି। ପ୍ରାୟ ବର୍ଷେ ପରେ କୋରାପୁଟ୍‌ରୁ ଏଭଳି ଭାବେ ମାଓବାଦୀ ଖଞ୍ଜିଥିବା ଟିଫିନ୍ ବୋମା ଉଦ୍ଧାର କରାଯାଇଛି। ମାଛକୁଣ୍ଡ ଥାନା କୋଡ଼ାପୁଟ ଓ ଗୁମୁଡ଼ାପୁଟ ଗାଁ ନିକଟସ୍ଥ ଜଙ୍ଗଲରେ ନକ୍ସଲଙ୍କ ଗତିବିଧି ଥିଲା। ବିଶେଷ ସୂତ୍ରରୁ ଖବର ପାଇ କୋରାପୁଟ୍ ଏସ୍‌ପି ଅଭିନବ ସୋନକରଙ୍କ ନିର୍ଦ୍ଦେଶରେ ଏସ୍‌ଓଜି ଯବାନମାନେ ବୁଧବାର ଅପରାହ୍ନରେ କମ୍ବିଂ ଅପରେସନରେ ଯାଇଥିଲେ। ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଚାଲିଥିବା ବେଳେ ମିଳିଥିଲା ବିସ୍ଫୋରକ ସାମଗ୍ରୀ। ମାଟି ତଳୁ ୭ କେଜି ବିଶିଷ୍ଟ ୮ଟି ଟିଫିନ ବୋମା, ୩ କେଜି ବିଶିଷ୍ଟ ୯ଟି ଟିଫିନ ବୋମା, କୋଡେକ୍ସ ୱେର ୫୦ ମିଟର, ୨ଟି ଡିଟୋନେଟର, ଗୋଟାଏ ପିସ୍ତଲ ଓ ୧୪ଟି ଗୁଳି ଉଦ୍ଧାର କରିଥିଲେ। ସାଧାରଣ ଜନତା ଓ ଯବାନମାନଙ୍କୁ ଟାର୍ଗେଟ କରାଯାଇ ଏହି ବୋମା ଖଞ୍ଜା ଯାଇଥିବା ଏସ୍ପି କହିଛନ୍ତି। ଦୀର୍ଘ ବର୍ଷେ ହେବ କୋରାପୁଟ ଜିଲ୍ଲାରେ ନକ୍ସଲଙ୍କ ଗତିବିଧି ନେଇ କୌଣସି ସୂଚନା ମିଳିନଥିଲା। ଯେଉଁଥିପାଇଁ ଆଗ ଅପେକ୍ଷା ସେମିତି ସତର୍କ ନଥିଲେ ପୁଲିସ୍ ଓ ଯବାନ। ଏହାର ସୁଯୋଗ ନେଇ ନକ୍ସଲମାନେ କାୟା ବିସ୍ତାର କରିଥିଲେ। ଆଉ ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ ମାଟି ତଳେ ପୋତିଥିଲେ ବିସ୍ଫୋରକ ସାମଗ୍ରୀ। ଏବେ ହଠାତ୍ ବିସ୍ଫୋରକ ସାମଗ୍ରୀ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ସ୍ଥାନୀୟ ଲୋକଙ୍କ ଭିତରେ ଛନକା ପଶିଛି। ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିବା ପାଇଁ କୋରାପୁଟ ଜିଲ୍ଲାରେ ବଡ଼ ଧରଣର ଅଘଟଣ ଘଟାବାକୁ ଯୋଜନା କରିଛନ୍ତି। ତେଣୁ ପୁଲିସ ତାର ଗୁଇନ୍ଦା ଖବରୀଙ୍କୁ ଅଧିକ ସକ୍ରିୟ କରି ଦେଇଛି। ଏପରିକି ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ହାତ କରାଯାଇଛି। ସେମାନଙ୍କ ମାଧ୍ୟମରେ ମାଓବାଦୀଙ୍କ ଗତିବିଧି ଏବଂ ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ଠାବ କରାଯାଉଛି। ତେଣୁ ମାଓବାଦୀ ଜଙ୍ଗଲରେ ମାଟି ତଳେ ଖଞ୍ଜା ଯାଉଥିବା ବୋମା ଯବନାଙ୍କ ପାଇଁ ବିପଦ ଆଣୁଛି। ତେଣୁ ମାଟି ତଳେ ପୋତାଯାଇଥିବା ବୋମାକୁ ଠାବ କରିବା ପାଇଁ ପୁଲିସ ଏବଂ ଯବାନ ଅତ୍ୟାଧୁନିକ ଟେକ୍ନୋଲୋଜି ଆପଣାଇବେ। ଏହି ଟେକ୍ନୋଲୋଜି ମାଧ୍ୟମରେ ପୋତା ଯାଉଥିବା ବୋମା ଏବଂ ବିସ୍ଫୋରକକୁ ଠାବ କରାଯାଇ ପାରିବ।

# CBSE BOARD EXAMINATION (2023-24)
## PROBABLE QUESTION PAPER
## SUB: SANSKRIT

**क – खण्डः अपठितावबोधनम्**

1. **अधोलिखितं गद्यांशं पठित्वा प्रदत्तप्रश्नानाम् उत्तराणि संस्कृतेन लिखत ।**

विश्वस्य सर्वासु भाषासु संस्कृतभाषा प्राचीनभाषा अस्ति। अस्याः साहित्यिकप्रवाहः वैदिकयुगात् आरभ्य अद्यपर्यन्तं निर्विघ्नं प्रचलति । जनाः इमां भाषां श्रद्धापूर्वकं देववाणी सुरभारती च इति वदन्ति स्म । संस्कृत भाषा गीर्वाणभारती भाषा अस्ति । एषा भाषा भारतीयभाषाणां जननी पोषकश्च इति अपि मन्यते। राष्ट्रीयएकतायाः विकाशः पुनः विश्वबन्धुत्वस्य आवश्यकता इति विषये अत्रैव उल्लिखितं जातम् । सत्य-अहिंसा-देशभक्ति-दान-त्यागस्य सत्कर्मणां प्रसारणे अस्याः भाषायाः महत्त्वपूर्णं योगदानं समग्रविश्वे आसीत् । संस्कृतशिक्षा न केवलं मानवकल्याणाय अपेक्षितम् अपितु राष्ट्रनिर्माणे इयं महत्त्वपूर्णं योगदानं दत्तवती । संस्कृतभाषा समग्रस्य जगतः कृते वरदानम् अस्ति । यदि एषा भाषा न स्यात् तर्हि जगतः परिचये समस्या भवितुम् अर्हति स्म । अतएव संस्कृतभाषां गम्भीरतापूर्वकम् अध्ययनं कृत्वा संसारं ज्ञानं दातव्यम् ।

अ. एकपदेन उत्तरत - (केवलं प्रश्नद्वयम्) [1x2=2]
(i) भारतीयभाषाणां जननी का आसीत् ?
(ii) कस्याः भाषायाः साहित्यिकप्रवाहः अद्यपर्यन्तं निर्विघ्नं प्रचलति ?
(iii) संस्कृतभाषा कीदृशी भाषा अस्ति ?

आ. पूर्णवाक्येन उत्तरत - (केवलं प्रश्नद्वयम्) [2x2=4]
(i) जनाः संस्कृतभाषां श्रद्धापूर्वकं किं वदन्ति स्म ?
(ii) संस्कृते किम् उल्लिखितं जातम् ?
(iii) जगति कथं ज्ञानं दातव्यम् ?

इ. अस्य अनुच्छेदस्य कृते उपयुक्तं शीर्षकं संस्कृतेन लिखत। [1]

ई. निर्देशानुसारम् उत्तरत - (केवलं प्रश्नत्रयम्) [1x3=3]
(i) "मन्यते" इति क्रियापदस्य कर्तृपदं किम् ?
(क) एषा (ख) संस्कृतभाषा (ग) भारतीयभाषा (घ) भाषा
(ii) " लौकिकयुगम् " इति पदस्य किं विपरीतम् अनुच्छेदे अस्ति ?
(क) साहित्यिकप्रवाहम् (ख) वैदिकयुगम् (ग) महत्त्वपूर्णम् (घ) अध्ययनम्
(iii) "महत्त्वपूर्णं योगदानं" इत्यनयोः किं विशेषणपदम् ?
(क) इयं (ख) योगदानं (ग) महत्त्वपूर्णं (घ) अस्ति
(iv) "संसारस्य" इति पदस्य किं पर्यायपदं गद्यांशे प्रयुक्तम् ?
(क) संस्कृतस्य (ख) समग्रस्य (ग) विश्वबन्धुत्वस्य (घ) जगतः

**ख – खण्डः रचनात्मककार्यम्**

2. भवान् श्रीबल्लुवरः । भवान् आर्यवर्त प्राचीन शैक्षिक विद्यालये पठति । गतमासे भवतः सहपाठिभिः एकस्य संस्कृतनाटकस्य मञ्चनं कृतम् । स्वमित्रं सुशान्तं प्रति लिखिते अस्मिन् पत्रे मञ्जूषातः रिक्तस्थानानि पूरयित्वा पत्रं पुनः उत्तरपुस्तिकायां लिखतु । [1/2x10=5]
(i) ---------------- ,
तिथिः ---------------
प्रिय मित्र (ii) --------------- !
सप्रेम नमोनमः
अत्र (iii) ----------------- तत्रास्तु । भवान् एतत् (iv) ---------------- प्रसन्नः भविष्यति यत् संस्कृत अकादम्या हिन्दी-भवनम् इति सभागारे आयोजित-विद्यालयस्तरीय-नाट्यमञ्चन-समारोहे वयं सर्वे मिलित्वा (v) ------------ नाम इति नाटकस्य मञ्चनम् कृतम् । तस्मिन् (vi) --------------- मया सेवानिवृत्तस्य अध्यापकस्य अभिनयं कृतम् । अस्मिन् अभिनये मया प्रथमः (vii) ---------------- प्राप्तः । सर्वैः छात्रैः दत्तचित्तेन (viii) --------------- पूर्णानन्देन स्वाभिनयं कृतम् । शेषं कुशलम् । स्वपितरौ प्रति मम (ix) --------------- निवेदनीयाः । भवदीयः अभिन्नहृदयः (x) ---------------- ।
मञ्जूषा- (कुशलं, ज्ञात्वा, गुरुदक्षिणा, आर्यवर्तविद्यालयात्, नाटके, सुशान्त, प्रणामाः, नाटकमञ्चनं, स्थानः, श्रीबल्लुवरः)

3. **प्रदत्तं चित्रं दृष्ट्वा मञ्जूषायां प्रदत्तशब्दानां सहायतया पञ्च वाक्यानि संस्कृतेन लिखत ।**
"विद्यालये स्वच्छता" इति विषयम् अधिकृत्य मञ्जूषापदसाहाय्येन अनुच्छेदमेकं लिखत। [1x5=5]
(वाक्यपञ्चकम् अनिवार्यम्)



मञ्जूषा -
कार्यक्रमं , स्वच्छता ,विद्यालये , करणीयम् ,अनिवार्यम्, स्वच्छता हि सेवा, पर्यावरणम्, सौन्दर्यम् , वृक्षारोपणं, जलसुरक्षा ,छात्राणां, कृते, कार्यक्रम, सम्भाषण-प्रतियोगिता, प्रस्तुति ,अवश्यम्

**ग – खण्डः अनुप्रयुक्तव्याकरणम्**

4. **अधोलिखितवाक्येषु रेखाङ्कितपदेषु सन्धिं सन्धिच्छेदं वा कुरुत- (केवलं प्रश्नचतुष्टयम्)** [1x4=4]
(क) <u>नैतदस्त्रं</u> मनुष्येषु तैः प्रयुक्तम् ।
(ख) युधिष्ठिरः श्रीकृष्णं <u>प्रति +अवदत्</u> ।
(ग) <u>दुष्टबुद्धिः + तु</u> तस्य सद्वचनानि तिरस्कृत्य प्राचलत् ।
(घ) <u>पिताऽस्य</u> किं तपः तेपे इति उक्तिः तस्य कृतज्ञता ।
(ङ) तेन अश्वत्थामा अपि <u>तच्छिक्षया</u> वञ्चितः न कृतः ।

5. **अधोलिखितवाक्येषु रेखाङ्कितपदानां समासं विग्रहं वा प्रदत्तविकल्पेभ्यः चित्वा लिखत-** [1x4=4]
(केवलं प्रश्नचतुष्टयम्)
(i) बाल्ये वयसि <u>विद्यापराङ्मुखः</u> सः चौर्यकर्मणि निरतः सञ्जातः ।
(क) विद्यां पराङ्मुखः (ख) विद्यायाः पराङ्मुखः (ग) विद्यायै पराङ्मुखः (घ) विद्यायां पराङ्मुखः
(ii) एषः कामः एषः क्रोधः <u>रजोगुणसमुद्भवः</u> भवति ।
(क) रजोगुणस्य समुद्भवः (ख) रजोगुणेन समुद्भवः (ग) रजोगुणात् समुद्भवः (घ) रजोगुणाय समुद्भवः
(iii) <u>व्यासः च नारदः च</u> भो वीरौ संहरतम् संहरतम् निजास्त्रे ।
(क) व्यासनारदः (ख) व्यासनारदम् (ग) व्यासनारदौ (घ) व्यासनारदाः
(iv) यः <u>तत्वार्थनिर्णयः</u> कर्तुं शक्यः सः एव विद्वान् भवति।
(क) तत्वार्थस्य निर्णयः (ख) तत्त्वार्थेण निर्णयः (ग) तत्वार्थः निर्णयः (घ) तत्वार्थाय निर्णयः
(v) सः अपि तत् नेत्रं <u>स्थानम् अनतिक्रम्य</u> अस्थापयत् ।
(क) यथास्थानः (ख) यथास्थानम् (ग) यथास्थाने (घ) यथास्थान

6. **प्रदत्तवाक्येषु रेखाङ्कितपदानां प्रत्ययं संयोजनं विभाजनं च कृत्वा प्रदतेभ्यः विकल्पेभ्यः उचित उत्तरं चिनुत । (केवलं प्रश्नचतुष्टयम्)** [1x4=4]
(i) एषा सृष्टिः <u>रमणीय + टाप्</u> भवति ।
(क) रमणीयाम् (ख) रमणीयता (ग) रमणीया (घ) रमणीय
(ii) इयं सृष्टिः अति <u>सौन्दर्यमयी</u> अस्ति ।
(क) सौन्दर्यमय + ङीप् (ख) सौन्दर्य + ङीप् (ग) सौन्दर्य + ङीप् (घ) सौन्दर्यमा + ङीप्
(iii) छात्राणां <u>बुद्धि + ठक्</u> विकासः अपरिहार्यं भवति ।
(क) बौद्धिकी (ख) बौद्धिकं (ग) बौद्धिकः (घ) बौद्धिक
(iv) कथं माम् अपि अधिक्षिपसि । किं ते <u>महत्त्वम्</u> ?
(क) महत् + त्वम् (ख) महत्व +त्व (ग) महत् + त्व (घ) महत् +तल्
(v) प्रच्छन्नभाग्यस्य पन्ती <u>बुद्धि + मतुप्</u> + ङीप् उवाच।
(क) बुद्धिमती (ख) बुद्धिवती (ग) बुद्धिमान् (घ) बुद्धिवती

7. **वाच्यानुसारम् उचितपदैः रिक्तस्थानानि पूरयत ।(केवलं प्रश्नत्रयम्)** [1x3=3]
(i) ________ शनैः शनैः चल्यते।
(क) गजाः (ख) गजैः (ग) गजेभ्यः (घ) गजः
(ii) चिकित्सकः ________ करोति।
(क) उपचारः (ख) उपचारैः (ग) उपचारेण (घ) उपचारं
(iii) अस्माभिः ग्रामः ________ ।
(क) गम्यते (ख) गच्छन्ति (ग) गच्छामः (घ) गच्छति
(iv) ________ चित्राणि दृश्यन्ते।
(क) अहम् (ख) त्वया (ग) त्वम् (घ) तेभ्यः

8. **कालबोधकशद्बैः अधोलिखितं-दिनचर्या पूरयत ।(केवलं प्रश्नचतुष्टयम्)** [1x4=4]
(i) मम मित्रम् ------------(11:00) वादने आगच्छति ।
(ii) छात्रः प्रातः ------------ वादने (8:30) प्रातराशं करोति ।
(iii) दिल्लीरेलयानं ---------- वादने (10:15) जयपुरं प्राप्नोति ।
(iv) वयं ---------------- वादने (9:45) पर्यन्तं गणितविषयं पठामः ।
(v) अनन्या -------------- वादने (5:45) क्रीडति ।

9. **वाक्यानुगुणम् उचितम् अव्ययपदं चिनुत । (केवलं प्रश्नत्रयम्)** [1x3=3]
(i) ------------ दानशालासु विचरन् राजा अचिन्तयत् ।
(ii) त्वम् कक्षायाः ------------ मा गच्छ, रामायणं पठः ।
(iii) सः ------------ गृहं आगमिष्यति ?
(iv) परमापद्गतेन ------------ नैव इदमस्त्रं प्रयोक्तव्यम् ।
(v) कलशपातेन गृहे ----------- शब्दः अभवत् ।
मञ्जूषा- अपि, अधुना, बहिः, एकदा, उच्चैः

10. **प्रदत्तवाक्येषु रेखाङ्कितपदानां स्थाने अशुद्धपदानि सन्ति । शुद्धं पदं कृत्वा पदतेभ्य विकल्पेभ्यः उचित उत्तरं चिनुत।** (केवलं प्रश्नत्रयम्) [1x3=3]
(i) सः सुन्दराणि <u>चित्रं</u> रचयति।
(क) चित्राणि (ख) चित्रः (ग) चित्राः (घ) चित्रेण
(ii) <u>त्वं</u> लेखः लिख्यते ।
(क) सः (ख) त्वया (ग) तेभ्यः (घ) सा
(iii) युवां भोजनं <u>खादताम्</u> ।
(क) खादतः (ख) खादावः (ग) खादति (घ) खादतम
(iv) सीता <u>रामस्य</u> सह वनम् अगच्छत्।
(क) रामं (ख) रामे (ग) रामेण (घ) रामः

**घ – खण्डः पठितावबोधनम्**

11. **अधोलिखितं श्लोकं पठित्वा मञ्जूषापद सहायतया च अन्वयपूर्तिः कुरुत।** [1x4=4]
आयुषः क्षणमेकोऽपिन लभ्यः स्वर्णकोटिकैः ।,
स चेन्निरर्थकं नीतः का नु हानिस्ततो ,ऽधिका ।।
**अन्वयः आयुषः एकः -** (i) अपि स्वर्ण --------------(ii) न लभ्यः ------------
(iii)------------ चेत् निरर्थकं नीतः ततः (iv) नु हानिः का ------------- ?
**मञ्जूषा-** सः क्षणम् , अधिका , कोटिकैः ,

12. अधोलिखितवाक्येषु रेखाङ्कितपदानां प्रसङ्गानुकुलम् उचितार्थं प्रदत्तविकल्पेभ्यः चिनुत । [1x3=3]
(i) शिष्यः <u>सब्रह्मचारिभिः</u> पादम् आदत्ते ।
(क) शिष्यैः (ख) अध्यापकैः (ग) सहपाठिभिः (घ) मेधया
(ii) अस्माभिः गुरुजनोपदेशाः <u>अवधीरिताः</u>।
(क) धारिताः (ख) तिरस्कृताः (ग) पालिताः (घ)सम्मानिताः
(iii) परद्रव्ये <u>अनासक्ता</u> सा न्यवेदयत् ।
(क) रञ्जिता (ख) सिक्ता (ग) विरक्ता (घ) अनुरक्ता

***** *All the Best...*

**ANSWER KEY**

| | | | | | | | | |
|---|---|---|---|---|---|---|---|---|
| **1.** ई. i(घ) | ii(ख) | iii(ग) | iv(घ) | **5.** (i)घ | (ii)ग | (iii)(ग) | iv(क) | v (ख) |
| **6.** i(ग) ii(क) | iii(ग) | iv(घ) | v (क) | **7.** (I)(घ) | | (ii)(घ) | iii(क) | iv(ख) |
| **10.** i(क) | ii (ख) | iii(क) | iv(ग) | **12.** i(ख) | | ii(घ) | iii(ग) | |

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ଲିଫ୍ଟରେ ଫସିଲେ ତୃତୀୟ ଅମ୍ପାୟାର

**ମେଲବୋର୍ଣ୍ଣ,୨୮ ।୧୨(ଏଜେନ୍ସି):** ଚଳିତ ଅଷ୍ଟ୍ରେଲିଆ- ପାକିସ୍ତାନ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଗୁରୁବାର ତୃତୀୟ ଦିବସରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଲଞ୍ଚପରେ ତୃତୀୟ ଅମ୍ପାୟାର ରିଚାର୍ଡ ଇଲିଂୱର୍ଥ ନିଜ ଆସନରେ ନ ପହଞ୍ଚିବା କାରଣରୁ ମ୍ୟାଚ୍ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଦୁଇ ଦଳର ଖେଳାଳି ଓ ଦୁଇ ଫିଲ୍ଡ ଅମ୍ପାୟାରଙ୍କୁ ତୃତୀୟ ଅମ୍ପାୟାର ସିଟ୍‌ରେ ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା। ଇଲିଂୱର୍ଥଙ୍କୁ ଖୋଜା ଯାଇଥିଲା। ପରେ ସେ ଲିଫ୍ଟରେ ଫସିଥିବାର ଜଣାପଡିଥିଲା। ଫଳରେ ମ୍ୟାଚ୍ ୭ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ବିଳମ୍ବ ହେବାରୁ ବାଉଣ୍ଡରୀ ପାଖରେ ଥିବା ଚତୁର୍ଥ ଅମ୍ପାୟାର ଉପରକୁ ଯାଇ ଇଲିଂୱର୍ଥଙ୍କ ଆସନରେ ବସି ଦାୟିତ୍ୱ ନେଇଥିଲେ। ଏତିକି ବେଳେ ଲିଫ୍ଟରୁ ଇଲିଂୱର୍ଥଙ୍କ ପାଟି ଶୁଭିଥିଲା। ଫଳରେ ବୈଷୟିକ ଅଧିକାରୀମାନେ ତାଙ୍କୁ ଲିଫ୍ଟରୁ ଉଦ୍ଧାର କରିଥିଲେ। ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛି। ଏ ଘଟଣା ନେଇ ବେଶ୍ ଚର୍ଚ୍ଚା ଓ କୌତୁହଳ ସୃଷ୍ଟି ହୋଇଥିଲା।

■ ଜାତୀୟ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ

## ହର୍ଡଲ୍ସରେ ପ୍ରଜ୍ଞା ସାହୁଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର,୨୮ ।୧୨(ସମିସ):** ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଜାତୀୟ ବିଶ୍ୱ ବିଦ୍ୟାଳୟ ଦୌଡ଼କୁଦ ପୁରୁଷ ଓ ମହିଳା ପ୍ରତିଯୋଗିତା ଗୁରୁବାର ତୃତୀୟ ଦିବସରେ ପହଞ୍ଚିଛି। ପ୍ରତିଯୋଗିତାର ୧୦୦ମିଟର ବାଧାଦୌଡ଼ରେ କିଟ୍ ଛାତ୍ରୀ ପ୍ରଜ୍ଞା ସାହୁ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ମହିଳା ୧୦୦ମି ଦୌଡ଼ରେ କୋହ୍ଲାପୁର ଶିବାଜୀ ବିଶ୍ୱବିଦ୍ୟାଳୟର ସୁଦେଶନା ହନମାନ ଶିବଙ୍କର, ୪୦୦ମି.ରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ରାଶଦୀପ କୌର, ୧୫୦୦ ମି.ରେ ଚଣ୍ଡିଗଡ଼ର ନିକିତା ଶର୍ମା, ୩୦୦୦ମି. ଷ୍ଟିପଲ ଚେଜ୍‌ରେ ଶ୍ରୀ ଗୋବିନ୍ଦ ଗୁରୁ ବିଶ୍ୱବିଦ୍ୟାଳୟର ନାଭାଲେ ଲାହାନୁ, ହାମର ଥ୍ରୋରେ ଚଣ୍ଡିଗଡ଼ର ତନୟା ଚୌଧୁରୀ, ୨୦କିମି ରେସ୍‌ୱାକ୍‌ରେ ଚଣ୍ଡିଗଡ଼ର ମାନସୀ ନେଗି ଓ ହାଫ୍ ମାରାଥନ୍‌ରେ ଶିବାଜୀର ରେଶ୍ମା ଦତ୍ତୁ କେଗାଟେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଉପ- ସଭାପତି ତଥା ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡର ଅଧ୍ୟକ୍ଷ ତଥା ଏମ୍‌ଡି ପଙ୍କଜ ଲୋଚନ ମହାନ୍ତି ଅତିଥି ଭାବେ ଯୋଗଦେଇ ବିଭିନ୍ନ ଇଭେଣ୍ଟରେ କୃତୀ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରିଥିଲେ।

■ ଡବ୍ଲ୍ୟୁଏଫ୍‌ଆଇ ବିବାଦ

## ଆଇନର ଆଶ୍ରୟ ନେବେ ସଞ୍ଜୟ

**ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି):** ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)କୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନିଲମ୍ବନ କରିବା ପରେ ଏହି ବିବାଦ ନୂଆ ମୋଡ ନେଇଛି। ନିଲମ୍ବିତ ନବନିର୍ବାଚିତ ଅଧ୍ୟକ୍ଷ ସଞ୍ଜୟ ସିଂ ଏହାକୁ ବିରୋଧ କରିବା ସହ ଆଇନ୍‌ର ଆଶ୍ରୟ ନେବେ ବୋଲି କହିଛନ୍ତି। ଡବ୍ଲ୍ୟୁଏଫ୍‌ଆଇକୁ ନିଲମ୍ବିତ କରିବା ପ୍ରକ୍ରିୟାରେ ନିୟମର ଉଲ୍ଲଂଘନ କରାଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। କର୍ମକର୍ତ୍ତା ନିର୍ବାଚିତ ହେବାର ୩ ଦିନ ପରେ ରବିବାର ମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍‌ଆଇକୁ ନିଲମ୍ବିତ କରିଥିଲା। ଏହି ନିଲମ୍ବନକୁ ଆମେ ସ୍ୱିକାର କରୁନାହୁଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଧାରଣାରେ ବସିଥିବା ଓ ଆମକୁ ବିରୋଧ କରୁଥିବା କୁସ୍ତି ଯୋଦ୍ଧାମାନେ ରାଜନୀତି କରୁଛନ୍ତି ବୋଲି ସେ କହିଛନ୍ତି। ଇତିମଧ୍ୟରେ ଡବ୍ଲ୍ୟୁଏଫ୍‌ଆଇର ପରିଚାଳନା ପାଇଁ ମନ୍ତ୍ରଣାଳୟ ନିର୍ଦ୍ଦେଶରେ ମନ୍ତ୍ରଣାଳୟ ଏକ ଆଡହକ୍ କମିଟି ଗଠନ କରିଛି।

# ମାର୍ଶ ଶତକରୁ ବଞ୍ଚିତ; ଅଷ୍ଟ୍ରେଲିଆ ଅଗ୍ରଣୀ

**ମେଲବୋର୍ଣ୍ଣ,୨୮ ।୧୨(ଏଜେନ୍ସି)**

ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୯୬.୫ ଓଭରରେ ୩୧୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ପାଳି

**ଦ୍ୱିତୀୟ ଟେଷ୍ଟ**

ଆରମ୍ଭ କରି ପାକିସ୍ତାନ ୭୩.୫ ଓଭରରେ ୨୬୪ ରନକରି ଅଲଆଉଟ ହୋଇଛି। ଫଳରେ ଅଷ୍ଟ୍ରେଲିଆ ୫୪ ରନରେ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ଗୁରୁବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬୨.୩ ଓଭରରେ ୬ ୱିକେଟ ହରାଇ ୧୮୭ ରନ ସଂଗ୍ରହ କରିଛି। ଫଳରେ ଅଷ୍ଟ୍ରେଲିଆ ୪ ୱିକେଟ ବାକିଥାଇ ମୋଟ ଉପରେ ୨୪୧ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ୱିକେଟରକ୍ଷକ ବ୍ୟାଟର ଆଲେକ୍ସ କାରେ ୧୬ ରନକରି ଅପରାଜିତ ରହିଛନ୍ତି।




**ସଂକ୍ଷିପ୍ତ ସ୍କୋର:**

**ଅଷ୍ଟ୍ରେଲିଆ ପ୍ରଥମ ପାଳି-** ୩୧୮/୧୦, ୯୬.୫ ଓଭର
**ପାକିସ୍ତାନ ପ୍ରଥମ ପାଳି-** ୨୬୪/୧୦, ୭୩.୫ ଓଭର (ସାଫିକ୍- ୬୨, ମାସୁଦ- ୫୪, ରିଜୱାନ- ୪୨, ଜମାଲ- ୩୩*, କମିନ୍ସ-୫/୪୮, ଲିୟନ- ୪/୭୩)।
**ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳି-** ୧୮୭/୬, ୬୨.୩ ଓଭର
(ମାର୍ଶ- ୯୬, ସ୍ମିଥ୍- ୫୦, କାରେ- ୧୬*, ଆଫ୍ରିଦି- ୩/୫୮, ହମଜା- ୩/୨୭)।

### କମିନ୍ସଙ୍କୁ ୫, ଲିୟନଙ୍କୁ ୪ ୱିକେଟ

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୮୭/୬ରୁ ଖେଳ ଆରମ୍ଭ କରି ପାକିସ୍ତାନ ତୃତୀୟ ଦିବସରେ ଅଲଆଉଟ ହୋଇଥିଲା। ଅପରାଜିତ ଥିବା ୱିକେଟରକ୍ଷକ ବ୍ୟାଟର ମହମ୍ମଦ ରିଜୱାନ ୨୯ରୁ ଖେଳ ଆରମ୍ଭ କରି ୪୨ ରନ କରି ପ୍ୟାଟ କମିନ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ୨ରୁ ଖେଳ ଆରମ୍ଭ କରି ଅମୀର ଜମାଲ ଲଢୁଆ ୩୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଆଫ୍ରିଦି ୨୧, ହାସନ ଅଲି ୨ ଓ ହମଜା ୨ ରନକରି ଆଉଟ ହୋଇଥିଲେ। ବୋଲିଂ ଅଷ୍ଟ୍ରେଲିଆ ପାଇଁ କମିନ୍ସ ସର୍ବାଧିକ ୫ ଓ ସ୍ପିନର ନାଥନ ଲିୟନ ୪, ଜୋଶ ହାଜଲେଉଡ ଗୋଟିଏ ୱିକେଟ ନେଇଥିଲେ। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟରେ ୩୬୦ ରନରେ ବିଜୟୀ ହୋଇ ୧-୦ରେ ଅଗ୍ରଣୀ ରହିଛି।

ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ୧୬ ରନରେ ୪ ୱିକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟପ୍ ଅର୍ଡର ୪ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ। ଓପନର ଉସ୍‌ମାନ ଖୱାଜା ଓ ମଧ୍ୟକ୍ରମ ବ୍ୟାଟର ଟ୍ରାଭିସ୍ ହେଡ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଅଭିଜ୍ଞ ଡେଭିଡ୍ ୱାର୍ଣ୍ଣର ୬, ମାର୍ନସ ଲାବୁସେନ୍ ୪ ରନକରି ପ୍ୟାଭିଲିୟନ ଫେରିଥିଲେ। ୫ମ ୱିକେଟରେ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ଓ ମିଚେଲ ମାର୍ଶ ୧୫୩ରନର ଭାଗୀଦାରି ସ୍ଥାପନ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। କିନ୍ତୁ ମାର୍ଶଙ୍କୁ ଆଉଟ କରି ମୀର ହମ୍‌ଜା ପାକିସ୍ତାନକୁ ବହୁମୂଲ୍ୟ ବ୍ରେକ୍ ଥ୍ରୁ ଦେଇଥିଲେ। ମାର୍ଶ ୯୬ ରନ କରିଥିବା ବେଳେ ସ୍ଲିପ୍‌ରେ ଆଘା ସଲମାନଙ୍କୁ କ୍ୟାଚ୍ ଦେଇ ମାତ୍ର ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ଏଥିସହ ୭ମ ଅର୍ଦ୍ଧଶତକ ହାସଲ କରିଥିଲେ। ଏହାପରେ ସ୍ମିଥ୍ ୫୦ ରନ କରିଥିବା ବେଳେ ଶାହିନ ଶାହା ଆଫ୍ରିଦିଙ୍କ ବଲ୍‌ରେ ଗଲିରେ ସଲମାନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ ଓ କ୍ୟାରିୟରର ୪୦ତମ ଅର୍ଦ୍ଧଶତକ ହାସଲ କରିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଆଫ୍ରିଦି ଓ ମୀର ହମଜା ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

**ବାମଣ୍ଡା କପ୍ କ୍ରିକେଟ୍**

## ଫାଇନାଲରେ ରାଞ୍ଚି-ରାଉରକେଲା




**ଦେବଗଡ଼,୨୮ ।୧୨ (ସମିସ)**

ରାଉରକେଲାର ଜିମ୍‌ଖାନା ଓ ରାଞ୍ଚି ସେଲ୍ ମଧ୍ୟରେ ୩୩ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ରାଞ୍ଚିର ସେଲ୍ ଏକାଦଶ ୮ ୱିକେଟରେ ଝାରସୁଗୁଡ଼ାର ପ୍ରୋଗ୍ରେସିଭ୍ ଏକାଦଶକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରାଉରକେଲା ଜିମ୍‌ଖାନା ୫ ୱିକେଟରେ ଅନୁଗୋଳ କ୍ରିକେଟ କ୍ଲବ୍‌କୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଝାରସୁଗୁଡା ମାତ୍ର ୯୬ ରନ୍ କରିଥିଲା। ଜବାବରେ ରାଞ୍ଚି ୧୧.୨ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ୫୮ ରନ୍ କରି ଅପରାଜିତ ଥିବା ଇସ୍ୟୁ ଆର୍ଯ୍ୟନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଝାରସୁଗୁଡା ପାଳିରେ ଉମେଶ ଗୌତମ ୨୧ ଓ ବିକାଶ ଚୌଧୁରୀଙ୍କ ୨୦ ରନ୍ କିଛି କାମରେ ଆସି ନଥିଲା। ଶୁକ୍ରବାର ଏହି ପ୍ରତିଯୋଗିତାର ଫାଇନାଲ ମୁକାବିଲା ଖେଳାଯିବ।

ଆଜିର ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଏବଂ ବେଣୁଧର ଗଡନାଏକ, ମେରିଅ ଫ୍ରାନ୍‌ସିସ୍, ସଂକୀର୍ତ୍ତନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ସୁଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ ଓ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ୍ କୁମାର୍ ଭୋଜ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ସନ୍ତୋଷ ସ୍ମାରକୀ କ୍ରିକେଟ:**

## ସେମିରେ ୱିଣ୍ଡୋଜ୍ ୨୦୦୦



**ଭୁବନେଶ୍ୱର, ୨୮ ।୧୨(ସମିସ):** କଟକର ୱିଣ୍ଡୋଜ୍ ୨୦୦୦ ୫୪ ରନ୍‌ରେ ଭୁବନେଶ୍ୱରର ଏମ୍‌ବିଏସ୍ ଏକାଦଶକୁ ପରାସ୍ତ କରି ରସୁଲଗଡ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୱିଣ୍ଡୋଜ୍ ୮ ୱିକେଟରେ ୧୫୫ ରନ୍ କରିଥିଲା। ଜବାବରେ ଏମ୍‌ବିଏସ୍ ୧୦୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ୨୮ ବଲ୍‌ରେ ୮୦ ରନ୍ କରିଥିବା ଜ୍ୟୋତିରଞ୍ଜନ ଦଳେଇଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ମ୍ୟାଚ୍‌କୁ ସମ୍ବିତ ପାଇକରାୟ ଓ ମନୀଷା ଦାସ ପରିଚାଳନା କରିଥିଲେ। ବାଦଲ ପରିଡ଼ା ମ୍ୟାଚ୍ ରେଫରୀ ରହିଥିଲେ।

## ରାଜନୀତିର ପିଚ୍‌ରେ ରାୟୁଡୁ

**ନୂଆଦିଲ୍ଲୀ,୨୮ ।୧୨(ଏଜେନ୍ସି)**

ଭାରତୀୟ ପୂର୍ବତନ କ୍ରିକେଟର ଅମ୍ବାତି ରାୟୁଡୁ ସନ୍ନ୍ୟାସ ନେବା ପରେ ଏବେ ରାଜନୀତି ପିଚ୍‌ରେ ଭାଗ୍ୟ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ୱାଇଏସ୍‌ଆର କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡୀଙ୍କୁ ବାସଭବନରେ ଗୁରୁବାର ତାଙ୍କ ପାର୍ଟିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ୩୭ ବର୍ଷୀୟ ରାୟୁଡୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଜିତିବା ସହିତ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଆଇପିଏଲ୍‌ର ଗତ ସଂସ୍କରଣରେ ସେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ସୁପରକିଙ୍ଗ୍‌ସ ତରଫରୁ ପ୍ରତିନିଧିତ୍ୱ କରି ଟାଇଟଲ ଜିତିଥିଲେ।

ଗତ ଜୁନ୍‌ରେ ସେ ମୁଖ୍ୟମନ୍ତ୍ରୀ ଜଗନଙ୍କୁ ଭେଟିଥିଲେ। ସେ ଆଗାମୀ ଲୋକସଭା ନିର୍ବାଚନରେ ଅବତୀର୍ଣ୍ଣ ହେବେ। ତେବେ ସେ କେଉଁ ନିର୍ବାଚନ ମଣ୍ଡଳୀରୁ ଲଢିବେ ସେ ନେଇ ପାର୍ଟି ତରଫରୁ କିଛି କୁହାଯାଇନାହିଁ। ମଛଲିପଟନମ୍ ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚନ ଲଢିବେ ବୋଲି ଅନୁମାନ କରାଯାଉଛି। ରାୟୁଡୁ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୪୭.୦୫ ହାରରେ ୫୫ଟି ଦିନିକିଆରୁ ୧,୬୯୪ ରନ ସଂଗ୍ରହ କରିଥିଲେ। ୧୨୪ ହେଉଛି ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଏଥିରେ ୩ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ସେ ୬ଟି ଟି-୨୦ ମ୍ୟାଚ୍ ଖେଳି ୧୦.୫୦ ହାରରେ ୪୨ ରନ ସଂଗ୍ରହ କରିଥିଲେ। ସେ ୯୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୬,୧୫୧ ରନ ସଂହଗ୍ରହ କରିଥିଲେ।



## ସତ୍ୟପ୍ରଜ୍ଞ, ଜବାର୍‌ଙ୍କୁ ‘ଦୂରଦର୍ଶୀ କ୍ରୀଡ଼ା ସମ୍ମାନ’

**ଭୁବନେଶ୍ୱର, ୨୮ ।୧୨ (ସମିସ):** ସମ୍ବାଦଭିତ୍ତିକ ପତ୍ରିକା ଦୂରଦର୍ଶୀ ପକ୍ଷରୁ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଗୁରୁବାର ତ୍ରୟୋଦଶ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ଓ ଓଡ଼ିଶାରେ ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ, କ୍ରୀଡ଼ା ସଂଗଠକ, କ୍ରୀଡ଼ା ସାମ୍ବାଦିକମାନଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ଯୋଗାଇବା ପାଇଁ ବିଗତ ୧୩ ବର୍ଷ ହେବ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ଦୂରଦର୍ଶୀର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଂସଦ ଅଚ୍ୟୁତ ସାମନ୍ତ, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାଶ, ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ବାଳମୁକୁନ୍ଦ ଭୂୟାଁ, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଉତ୍କଳ କରାଟେ ସ୍କୁଲ ସମ୍ପାଦକ ହରି ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ଚେସ୍ ଇଣ୍ଟରନ୍ୟାସନାଲ ମାଷ୍ଟର ସଂୟଶୁ ସତ୍ୟପ୍ରଜ୍ଞ, ଫୁଟ୍‌ବଲ୍ ପ୍ରଶିକ୍ଷକ ମହମ୍ମଦ ସହିଦ ଜବାର, କ୍ରିକେଟର୍ ସୌଭାଗ୍ୟ ଓଝା, କ୍ରିକେଟ୍ ପ୍ରଶିକ୍ଷକ ମନୋଜ ବିଶ୍ୱାଳ, ମହିଳା ଫୁଟ୍‌ବଲ ଖେଳାଳି ଯଶୋଦା, କରାଟେରେ କୃଷ୍ଣଚନ୍ଦ୍ର ନାୟକ, ସୁମନ ଶେଖର ଦାଶ, ଉଷୁ ଖେଳାଳି ରମେଶ ମୁଣ୍ଡା, ଶକ୍ତିଉତ୍ତୋଳିକା ତନୟା ପଣ୍ଡା, ଓଡ଼ିଶା ମହିଳା ରଗ୍‌ବୀ ଟିମ୍, ଦୃଷ୍ଟିହୀନ କ୍ରିକେଟ୍ ସଂଘ, ଉତ୍କଳ କରାଟେ ସଂଘ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, କ୍ରୀଡ଼ା ସାମ୍ବାଦିକ ତୁଷାର ସେନାପତି, ରୟାଲ ଫିଜିକାଲ ଆସୋସିଏସନ ପ୍ରମୁଖଙ୍କୁ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦୂରଦର୍ଶୀର ବ୍ୟୁରୋ ମୁଖ୍ୟ ପ୍ରସନ୍ନ ବିଶୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



**ନିଖିଳ ଓଡ଼ିଶା ଫୁଟବଲ**

## ସନ୍‌ରାଇଜ୍-ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲ ଆଜି



**ଭୁବନେଶ୍ୱର, ୨୮ ।୧୨(ସମିସ)**

କଟକର ସନ୍‌ରାଇଜ୍ କ୍ଲବ୍ ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସନ୍‌ରାଇଜ୍ କ୍ଲବ୍ ୩-୦ ଗୋଲରେ ଭୁବନେଶ୍ୱରର କିଶୋର କ୍ଲବ୍‌କୁ ପରାସ୍ତ କରିଛି। ଶୁକ୍ରବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚରେ ସନ୍‌ରାଇଜ୍ ସହ କଟକର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍ ମଧ୍ୟରେ ଖେଳାଯିବ। ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍ ୧-୦ ଗୋଲରେ ନିଜ ସହରର ଇଣ୍ଡିପେଣ୍ଡେଣ୍ଟ କ୍ଲବ୍‌କୁ ହରାଇଥିଲା।

କ୍ଲବ୍-୭୩ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆୟୋଜିତ ହେଉଥିବା ଏହି ଫୁଟବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ସନ୍‌ରାଇଜ୍ କ୍ଲବ୍ ଆରମ୍ଭରୁ ଶେଷଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ପ୍ରଥମାର୍ଦ୍ଧର ୬ଷ୍ଠ ମିନିଟ୍‌ରେ ଦୀନବନ୍ଧୁ ଦାସ ଓ ୨୨ତମ ମିନିଟ୍‌ରେ ବାପୁନି ବିନ୍ଧାଣି ଗୋଲ ଦେଇ ୨-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଆଫ୍ରିକୀୟ ଖେଳାଳି ଆର୍ଣ୍ଣୋଲ୍ଡ ଆଉ ଏକ ଗୋଲ ଦେଇଥିଲେ। ଫଳରେ ସନ୍‌ରାଇଜ୍ କ୍ଲବ୍ ୩-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳର ଦୀନବନ୍ଧୁ ଦାସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ବିଶିଷ୍ଟ ଦୌଡ଼କୁଦ ପ୍ରଶିକ୍ଷକ ନୀଳମାଧବ ଦେଓ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତରାୟ ଅତିଥିଭାବେ ଯୋଗ ଦେଇ ଖେଳାଳିଙ୍କ ସହ ପରିଚିତ ହେବା ସହ ମ୍ୟାଚ୍‌କୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ଆୟୋଜକ କ୍ଲବ୍-୭୩ର ସଭାପତି ତଥା ବ୍ରହ୍ମଗିରି ବିଧାୟକ ଲଳାଟେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଦ୍ୱିତୀୟ ସେମିରେ ବିଜୟୀ ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଭଗବାନ ପଢ଼ିଆରୀ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ତାଙ୍କୁ ମଧ୍ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଟିଏଫ୍‌ଏ ପ୍ରଶିକ୍ଷକ ଅକ୍ଷୟ ଦାସ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଅପରାହ୍ଣ ୫ଟା ୩୦ ମିନିଟ୍‌ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

### ବଣ୍ଟାଯିବ ୫୦ ବଲ୍ ଓ ରଙ୍ଗୀନ ଟିଭି

ଶୁକ୍ରବାର ଏହି ମ୍ୟାଚ୍‌ର ଫାଇନାଲ ଖେଳାଯିବ। ଏହି ଦିନ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଖେଳ ଦେଖୁଥିବା ଦର୍ଶକମାନଙ୍କୁ ୫୦ଟି ଫୁଟବଲ ଓ ଲଟେରୀ ମାଧ୍ୟମରେ ଗୋଟିଏ ରଙ୍ଗୀନ ଟିଭି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଖେଳ ଆରମ୍ଭ ଓ ମଧ୍ୟାନ୍ତରରେ ଫୁଟବଲ ଗୁଡିକ ଗ୍ୟାଲେରୀକୁ ଫିଙ୍ଗାଯିବ। ବଲ ଯିଏ ପାଇବେ, ତାହା ସେମାନଙ୍କର ହେବ। ସେହିପରି ଗ୍ୟାଲେରୀରେ ଥିବା ବାକ୍ସରେ ଦର୍ଶକମାନେ ସେମାନଙ୍କ ନାଁ ଓ ଫୋନ ନମ୍ବର ପକାଇବେ। ଏଥିରୁ ଲଟେରୀ ମାଧ୍ୟମରେ ବିଜେତାଙ୍କ ନାମ ଘୋଷଣା କରାଯିବ।

**ଇଣ୍ଡିଆନ୍ ସୁପର୍ ଲିଗ୍-୧୦**

## କଳିଙ୍ଗରେ ଆଜି ଓଏଫ୍‌ସି-ଜାମସେଦପୁର ମୁକାବିଲା

**ଭୁବନେଶ୍ୱର, ୨୮ ।୧୨ (ସମିସ):** ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଚଳିତ ୧୦ମ ସଂସ୍କରଣରେ ଚମତ୍କାର ଫର୍ମରେ ଥିବା ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ଜାମସେଦପୁର ଏଫ୍‌ସିକୁ ଭେଟିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟା ୫ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ଭୁବନେଶ୍ୱରଭିତ୍ତିକ କ୍ଲବ ଓଡ଼ିଶା ଏଫ୍‌ସି ଚଳିତ ସଂସ୍କରଣରେ ଚମତ୍କାର ଫର୍ମ ବଜାୟ ରଖି ଶେଷ ୧୦ଟି ମ୍ୟାଚରେ ଅପରାଜେୟ ରହିଛି। ତେଣୁ ଏହି ମ୍ୟାଚରେ ମଧ୍ୟ ଘରୋଇ ଦଳ ସମ୍ପୂର୍ଣ୍ଣ ୩ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି।

ସ୍ପାନିଶ ପ୍ରଶିକ୍ଷକ ସର୍ଜିଓ ଲୋବେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୧ ମ୍ୟାଚ୍ ଖେଳି ୬ ବିଜୟ, ୨ ପରାଜୟ ଓ ୩ ଡ୍ର’ ସହ ୨୧ ପଏଣ୍ଟ ପାଇ ଟେବଲ୍ ତାଲିକାରେ ୩ୟ ସ୍ଥାନରେ ରହିଛି। ଓଏଫ୍‌ସି ଏହାର ଶେଷ ମ୍ୟାଚରେ ୧-୦ ଗୋଲରେ ପଞ୍ଜାବ ଏଫ୍‌ସିକୁ ହରାଇ ହ୍ୟାଟ୍ରିକ ବିଜୟ ଲାଭ କରିଥିଲା। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ବେଶ୍ ସନ୍ତୁଳିତ ରହିଛି। ଦୁଇ ଅଗ୍ରଭାଗ ଖେଳାଳି ରୟ କ୍ରିଷ୍ଣା ଓ ଡିଏଗୋ ମୌରିସିଓଙ୍କ ସମେତ ରକ୍ଷଣଭାଗରେ ମୋର୍ଟାଡା ଫଲ୍ ଓଡ଼ିଶା ଏଫ୍‌ସି ପାଇଁ ଚଳିତ ସଂସ୍କରଣରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଜାମସେଦପୁର ଏଫ୍‌ସି ବିପକ୍ଷରେ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଏହି ୩ ଖେଳାଳିଙ୍କ ନିକଟରୁ ଭଲ ପ୍ରଦର୍ଶନ ଆଶା ରଖିଛି। ଅପରପକ୍ଷରେ ଜାମସେଦପୁର ଏଫ୍‌ସିର ପ୍ରଦର୍ଶନ ଚଳିତ ଋତୁରେ ନୈରାଶ୍ୟଜନକ ରହିଛି। ବର୍ତ୍ତମାନ ସୁଦ୍ଧା ଦଳ ୧୧ ମ୍ୟାଚ୍ ଖେଳି ୨ ବିଜୟ, ୬ ପରାଜୟ ଓ ୩ ଡ୍ର’ ସହ ୯ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛି। ଏହି ମ୍ୟାଚରେ ପୂର୍ଣ୍ଣ ପଏଣ୍ଟ ହାସଲ କରିବା ଜାମସେଦପୁର ପାଇଁ କଷ୍ଟକର ହେବ।

### ସେଞ୍ଚୁରିଆନରେ ଦ. ଆଫ୍ରିକୀୟ ବୋଲରଙ୍କ ପ୍ରାଧାନ୍ୟ: ଏଲ୍‌ଗାର୍ ଶ୍ରେଷ୍ଠ ଖେଳାଳି

# ଲଜ୍ଜା; ୩ ଦିନରେ ଭାରତର ଇନିଂସ ପରାଜୟ

**ସେଞ୍ଚୁରିଆନ୍, ୨୮।୧୨(ଏଜେନ୍ସି)**

ଫାଷ୍ଟ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଘରୋଇ ଦକ୍ଷିଣ ଆଫ୍ରିକା ଏକ ଇନିଂସ ଓ ୩୨ ରନ୍‌ରେ ଭ୍ରମଣକାରୀ ଭାରତକୁ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ପରାସ୍ତ କରିଛି। ୫ ଦିନ ବ୍ୟାପୀ ଖେଳାଯିବାକୁ ଥିବା ଏହି ଟେଷ୍ଟ ମାତ୍ର ୩ ଦିନରେ ଶେଷ ହୋଇଥିଲାବେଳେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଲଜ୍ଜାଜନକ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୨୪୫ ରନ୍ କରିଥିଲା। ଜବାବରେ ଡିନ୍ ଏଲ୍‌ଗାରଙ୍କ ୧୮୫ ରନ୍ ବଳରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୦୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ପ୍ରଥମ ଇନିଂସରେ ୧୬୩ ରନ୍‌ରେ ପଛୁଆ ଥିବା ଭାରତ ଗୁରୁବାର ତୃତୀୟ ଦିନ ଖେଳରେ ମାତ୍ର ୧୩୧ ରନ୍‌ରେ ଆଉଟ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ବାମହାତୀ ଓପନର ଏଲଗାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମ୍ୟାଚ୍ କେପ୍‌ଟାଉନ୍‌ରେ ଜାନୁଆରୀ ୩ରୁ ଖେଳାଯିବ।



ଏହି ମ୍ୟାଚ୍‌ର ତୃତୀୟ ଦିନରେ ଘରୋଇ ଦଳର ଦୁଇ ଅପରାଜିତ ବ୍ୟାଟର ଏଲ୍‌ଗାର ଓ ମାର୍କୋ ଜାନ୍‌ସେନ୍ ୬ଷ୍ଠ ୱିକେଟରୁ ୧୩୧ ରନ୍ ଉଠାଇ ଭାରତ ନିକଟରୁ ଏକପ୍ରକାର ମ୍ୟାଚ୍ ଛଡ଼ାଇନେଇଥିଲେ। ଏଲ୍‌ଗାର ୨୮୭ ବଲ୍‌ର ସମ୍ମୁଖୀନ ହୋଇ ୨୮ ଚୌକା ସହ ୧୮୫ ରନ୍ କରି ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ଜାନ୍‌ସେନ୍ ୧୪୭ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ଛକା ସହ ୮୪ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରାଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା।

୧୬୩ ରନ୍‌ରେ ପଛୁଆ ରହି ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ପକ୍ଷରୁ କିଛିଟା ଭଲ ବ୍ୟାଟିଂ କରାଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମାନେ ଏପରି ବ୍ୟାଟିଂ କରିଥିଲେ ଯେ, ଶୀଘ୍ର ହୋଟେଲକୁ ଫେରିଯିବା ଭଳି ଲାଗିଥିଲା। ତେବେ ଦଳ ପକ୍ଷରୁ ବିରାଟ କୋହଲି କିଛି ଆକର୍ଷଣୀୟ ସଟ୍ ଖେଳି ୭୬ ଓ ଶୁବମାନ ଗିଲ୍ ୨୬ ରନ୍ କରିଥିଲେ। ରୋହିତ ଶର୍ମା (୦) ଓ ଲୋକେଶ ରାହୁଲ (୪)ଙ୍କ ସମେତ ଅନ୍ୟ ୯ଜଣ ଦୁଇ ଅଙ୍କରେ ପହଞ୍ଚିପାରି ନଥିଲେ। ଘରୋଇ ଦଳ ପକ୍ଷରୁ ଏଠାରେ ପ୍ରଥମ ଟେଷ୍ଟ ଖେଳିଥିବା ନାନ୍ଦ୍ରେ ବର୍ଗର ସର୍ବାଧିକ ୪ଟି, ଜାନ୍‌ସେନ ୩ଟି ଓ ରାବାଡ଼ା ୨ଟି ୱିକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୨୪୫/୧୦, ୬୭.୪ ଓଭର (ଲୋକେଶ ରାହୁଲ- ୧୦୧, ବିରାଟ କୋହଲି-୩୮, ଶ୍ରେୟସ ଆୟର-୩୧, କାଗିସୋ ରାବାଡା-୫/୫୯, ନାନ୍ଦ୍ରେ ବର୍ଗର-୩/୫୦)।
**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ :** ୪୦୮/୧୦, ୧୦୮.୪ ଓଭର (ଡିନ୍ ଏଲଗାର-୧୮୫, ଜାନ୍‌ସେନ୍-୮୪, ଡେଭିଡ ବେଡିଙ୍ଗହାମ୍-୫୬, ଯଶପ୍ରୀତ୍ ବୁମ୍‌ରା-୪/୬୯, ସିରାଜ-୨/୯୧)।
**ଭାରତ ଦ୍ୱିତୀୟ ଇନିଂସ :** ୧୩୧/୧୦, ୩୪.୧ ଓଭର (ବିରାଟ କୋହଲି-୭୬, ଶୁବମାନ ଗିଲ୍-୨୬, ନାନ୍ଦ୍ରେ ବର୍ଗର-୪/୩୩, ଜାନ୍‌ସେନ-୩/୩୬, କାଗିସୋ ରାବାଡା-୨/୩୨)।

## ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ



**ଭୁବନେଶ୍ୱର, ୨୮।୧୨(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଅତ୍ୟାଧୁନିକ ଜିମ୍ନାଷ୍ଟିକ୍ସ ସେଣ୍ଟରରେ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କ ଦ୍ୱାରା ଗୁରୁବାର ଉଦ୍‌ଘାଟିତ ହୋଇଛି ଜାତୀୟ କନିଷ୍ଠ ଓ ବରିଷ୍ଠ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ। କନିଷ୍ଠ ବିଭାଗରେ ପ୍ରଥମ ଦିନ ପ୍ରତିଯୋଗିତା ଆୟୋଜିତ ହୋଇଥିଲାବେଳେ ପୁରୁଷ ଦଳଗତ ବିଭାଗରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନ ଅଧିକାର କରିଛି। ମହାରାଷ୍ଟ୍ରକୁ ରୌପ୍ୟ ଓ ପଶ୍ଚିମବଙ୍ଗକୁ କାଂସ୍ୟ ପଦକ ମିଳିଛି। ଆୟୋଜକ ଓଡ଼ିଶା ଦଳ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ବ୍ୟକ୍ତିଗତ ବିଭାଗରେ ଉତ୍ତରପ୍ରଦେଶର ପ୍ରଣବ ମିଶ୍ର ପ୍ରଥମ, ମହାରାଷ୍ଟ୍ରର ଆର୍ଯ୍ୟନ ଦେବାଣ୍ଡେ ଦ୍ୱିତୀୟ ଏବଂ ଓଡ଼ିଶାର ଆଲୋକ କୁମାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶାର ବୀରୁ ସାହୁ ୭ମ ସ୍ଥାନରେ ରହିଛନ୍ତି। କନିଷ୍ଠ ବିଭାଗର ଦ୍ୱିତୀୟ ଦିନ ଶୁକ୍ରବାର ବାଳିକା ବିଭାଗର ଦଳଗତ ଓ ବ୍ୟକ୍ତିଗତ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରଥମଥର କଳିଙ୍ଗ ଷ୍ଟାଡିୟମ୍‌ର ଅତ୍ୟାଧୁନିକ ଜିମ୍ନାଷ୍ଟିକ୍ ସେଣ୍ଟରରେ ଜାତୀୟ ପ୍ରତିଯୋଗିତା ଆୟୋଜିତ ହେଉଛି। ପୂର୍ବରୁ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ସମ୍ପାଦକ ଅଶୋକ ସାହୁ, ବିଶିଷ୍ଟ ପ୍ରଶିକ୍ଷକ ଅଶୋକ ମିଶ୍ରଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଜାନୁଆରୀ ୪ ତାରିଖଯାଏ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

**ମହିଳା ଦିନିକିଆ**

## ଅଷ୍ଟ୍ରେଲିଆର ସହଜ ବିଜୟ

**ମୁମ୍ବାଇ,୨୮।୧୨(ଏଜେନ୍ସି):** ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ପ୍ରଥମ ମହିଳା ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨୧ ବଲ ବାକିଥାଇ ୬ ୱିକେଟରେ ଭାରତକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୮୨ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୪୬.୩ ଓଭରରେ ୪ ୱିକେଟ ହରାଇ ୨୮୫ ରନକରି ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ୭୮ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ଅଷ୍ଟ୍ରେଲୀୟ ଓପନର ଫୋଏବେ ଲିଚ୍‌ଫିଲ୍ଡ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ସକାଳ THE SAKALA
www.thesakala.in
We require the following posts for various locations urgently.
1. District Correspondent
For Various District
Qualification: MJMC with 5 yrs. experience.
2. Sub-Editor
For Bhubaneswar / Sambalpur
Qualification: MJMC with 5 yrs. experience
3. Layout Designer
For Bhubaneswar
Qualification: Minimum 3 yrs experience in respective field.
4. Reporter
For Bhubaneswar / Cuttack / Sambalpur
Qualification: MJMC with Minimum 3 yrs. experience.
Send your CV within 7 days to
DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର